# ସଂଚାର
THE SANCHAR
Website: sanchar.live mail Id: sanchar odisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 34 | ISSUE 95 ଭାଗ ୩୪ | ସଂଖ୍ୟା ୯୫
Friday 26 June 2026 | Page 8 Rs. 5.00
ଭୁବନେଶ୍ୱର ଶୁକ୍ରବାର, ୨୬ ଜୁନ୍ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ଏମର୍ଜେନ୍ସି ଏକ ଗମ୍ଭୀର ପାପ

ପୃଷ୍ଠା ୫

# ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବଡ଼ ଯୋଜନା



**ଇକୋନୋମିକ ରିଜିଅନରେ ହେବ 'ମେଡି-ସିଟି'**

**ଗୋଟିଏ ଛାତ ତଳେ ଚିକିତ୍ସା ସହ ଡାକ୍ତରୀ ପାଠପଢ଼ା ଓ ଗବେଷଣା**

**ଓଡିଶାକୁ ହେଲ୍‌ଥ କେୟାର ହବ କରିବାକୁ ପ୍ରସ୍ତୁତ ହୋଇଛି ବ୍ଲୁ-ପ୍ରିଣ୍ଟ**

**ଲୋକଙ୍କ ସ୍ୱାସ୍ଥ୍ୟ ସେବା ଅଧିକାରର ସୁରକ୍ଷା ସରକାରଙ୍କ ଦାୟିତ୍ୱ**

**ସ୍ୱାସ୍ଥ୍ୟ ସେବା ଭିତ୍ତିଭୂମିକୁ ଦକ୍ଷ ଓ ବିଶ୍ୱସନୀୟ କରିବା ଲକ୍ଷ୍ୟ**

**ଭୁବନେଶ୍ୱର,୨୫।୬(ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟ ସେବାରେ ପବ୍ଲିକ୍ ପ୍ରାଇଭେଟ୍ ପାର୍ଟନର୍ସିପ୍ ଜରିଆରେ ଓଡ଼ିଶାକୁ ସ୍ୱାସ୍ଥ୍ୟସେବାର ଏକ ହବ ଭାବେ ବିକଶିତ କରିବାକୁ ରାଜ୍ୟ ସରକାର ଅଭିଯାନ ଆରମ୍ଭ କରିଛନ୍ତି। ଏହି ଭିଜନ କାର୍ଯ୍ୟକାରୀ କରିବା ଦିଗରେ ଏକ ବଡ଼ ପଦକ୍ଷେପ ସ୍ୱରୁପ ସରକାର ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଇକୋନୋମିକ ରିଜିଅନ୍‌ରେ ଏକ ବିଶ୍ୱସ୍ତରୀୟ ମେଡି-ସିଟି ସ୍ଥାପନ କରିବା ପା'ଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘୋଷଣା କରିଛନ୍ତି। ଏହି ମେଡି-ସିଟି କେବଳ ଏକ ଚେନ ଅଫ ହସ୍ପିଟାଲ ହେବନି। ଏହା ସ୍ୱାସ୍ଥ୍ୟ ସେବାରେ ଏକ ପୂର୍ଣ୍ଣ ଇକୋସିଷ୍ଟମ ସୃଷ୍ଟି କରିବ, ଯେଉଁଠି ଗୋଟିଏ ଛାତ ତଳେ ଆଧୁନିକ ଚିକିତ୍ସା ସୁବିଧା ସହ ଡାକ୍ତରୀ ପାଠପଢ଼ା ଓ ଗବେଷଣା ମଧ୍ୟ ହୋଇପାରିବ। ଟାଇମ୍ସ ହେଲଥ ଆଇକନ ଓଡିଶା କାର୍ଯ୍ୟକ୍ରମରେ ଯୋଗଦେଇ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ।

ସେ କହିଛନ୍ତି ଯେ, ଏହି ଲକ୍ଷ୍ୟ ହାସଲ କରିବାକୁ ରାଜ୍ୟ ସରକାର ହେଲ୍ଥ ଇକୋସିଷ୍ଟମକୁ ଉନ୍ନତ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ସରକାର ଏପରି ଏକ ପରିବେଶ ସୃଷ୍ଟି କରୁଛନ୍ତି, ଯେଉଁଥିରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକ ପୁଞ୍ଜି ନିବେଶ ହେବ। ଗତବର୍ଷ ଡିସେମ୍ବର ମାସରେ ରାଜ୍ୟ ସରକାର ଫାର୍ମା ସମିଟ ଆୟୋଜନ କରିଥିଲେ। ସେଥିରେ 'ଓଡ଼ିଶା ଫାର୍ମାସ୍ୟୁଟିକାଲ ଆଣ୍ଡ ମେଡିକାଲ ଡିଭାଇସେସ୍ ପଲିସି-୨୦୨୫'ର ଶୁଭାରମ୍ଭ ହୋଇଥିଲା। ପ୍ରାୟ ୬୨୦୦ କୋଟିରୁ ଅଧିକ ଟଙ୍କାର ୪୫ଟି ପ୍ରସ୍ତାବ ଆସିଥିଲା। ଏହିସବୁ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ପ୍ରାୟ ୩୮ ହଜାର ନିଯୁକ୍ତି ସୃଷ୍ଟି ହେବ। ଏଭିତରେ ସରକାର ଖୋର୍ଦ୍ଧାଠାରେ ଏକ ଫାର୍ମା ପାର୍କ ଓ ମେଡିକାଲ ଡିଭାଇସେସ୍ ପାର୍କର ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ କହିଛନ୍ତି ଯେ, ରାଜ୍ୟ ସରକାର ସମୃଦ୍ଧ ଓଡିଶା ଗଠନ କରିବା ପାଇଁ ଉଦ୍ୟମ କରୁଛନ୍ତି। ସାରା ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ବିକଶିତ ଭାରତ ଗଠନର ପ୍ରକ୍ରିୟା ମଧ୍ୟ ଚାଲିଛି। ଏହାର ମୂଳଭିତ୍ତି ହେଉଛି, ଏକ ସୁସ୍ଥ ଓଡିଶା ଓ ଏକ ସୁସ୍ଥ ଭାରତ। ଓଡିଶା ସୁସ୍ଥ ନହେଲେ ସମୃଦ୍ଧ ହେବ ନାହିଁ। ଭାରତ ସୁସ୍ଥ ନହେଲେ, ବିକଶିତ ହେବ ନାହିଁ। ଯେଉଁଥିପାଇଁ କେନ୍ଦ୍ର ସରକାର ସ୍ୱାସ୍ଥ୍ୟର ବିକାଶକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ନରେନ୍ଦ୍ର ମୋଦି ଦାୟିତ୍ୱ ନେବା ପରଠାରୁ ବିଭିନ୍ନ କ୍ଷେତ୍ରରେ ଆମୂଳଚୂଳ ପରିବର୍ତ୍ତନ ହେଉଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଏହି ପରିବର୍ତ୍ତନ ➪ପୃଷ୍ଠା-୬

## ଆଇସିସି ମହିଳା ଟି-୨୦ ବିଶ୍ୱକପ୍

# ବାଂଲା ବିପକ୍ଷରେ ଭାରତ ବିଜୟୀ




**ମାଞ୍ଚେଷ୍ଟର୍,୨୫।୬:** ଚଳିତ ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ରେ ଆଜି ଗ୍ରୁପ୍-ଏ'ର ଏକ ମ୍ୟାଚ୍‌ରେ ଭାରତ ତା'ର ତୃତୀୟ ବିଜୟ ହାସଲ କରିଛି। ଦଳ ଆଜି ତା'ର ଚତୁର୍ଥ ମୁକାବିଲାରେ ବାଂଲାଦେଶକୁ ଭେଟିଥିବା ବେଳେ ଏଥିରେ ବାଂଲାଦେଶକୁ ୫ ୱିକେଟ୍‌ରେ ପରାସ୍ତ କରି ପଏଣ୍ଟ୍ ଟେବଲ୍‌ର ଦ୍ୱିତୀୟ ସ୍ଥାନରେ କାଏମ ରହିଛି। ଦଳର ଏହି ବିଜୟରେ ଓପନର ଶେଫାଳୀ ବର୍ମା ଏକ ଦ୍ରୁତ ଅର୍ଦ୍ଧଶତକ ସହ ମୁଖ୍ୟ ଭୂମିକା ନିର୍ବାହ କରିଥିବାରୁ ତାଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ଧାର୍ଯ୍ୟ ୨୦ ଓଭର୍‌ରେ ୮ ୱିକେଟ୍ ହରାଇ ୧୩୬ ରନ୍ କରିଥିଲା। ଦଳ ପକ୍ଷରୁ ଓପନର ଜେ. ଫିରଦୋସ୍ ସର୍ବାଧିକ ୩୩ ରନ୍ (୫ ଚୌକା) କରିଥିବା ବେଳେ ଅଧିନାୟିକା ନିଗାର୍ ସୁଲତାନା ୪ଟି ଚୌକା ସହ ୩୨ ଓ ଶୋଭାନା ମୋସ୍ତାରୀ ୨ଟି ଚୌକା ସହ ୨୨ ରନ୍ କରିଥିଲେ। ଭାରତ ପକ୍ଷରୁ ସଫଳ ବୋଲର୍ ଭାବେ ରାଧା ଯାଦବ ୩ଟି, ଶ୍ରୀ ଚରଣୀ ୨ଟି ଏବଂ ରେଣୁକା ସିଂହ ଠାକୁର ଓ ନନ୍ଦନୀ ଶର୍ମା ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ବ୍ୟାଟିଂରେ ଭାରତ ଯଦିଓ ପ୍ରାରମ୍ଭରୁ ଓପନର ତଥା ଉପଅଧିନାୟିକା ସ୍ମୃତି ମନ୍ଧାନା (୮)ଙ୍କ ୱିକେଟ୍ ଶସ୍ତାରେ ହରାଇଥିଲା, କିନ୍ତୁ ତାଙ୍କ ଯୋଡ଼ିଦାର ଶେଫାଳୀ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଚାଲିଥିଲେ। ସେ ➪ପୃଷ୍ଠା-୬

## ଚଣ୍ଡୀଗଡ଼ରେ 'ସମ୍ବିଧାନ ହତ୍ୟା ଦିବସ' କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ

# 'ଏମର୍ଜେନ୍ସି' ଥିଲା ସମ୍ବିଧାନକୁ କ୍ଷୁଣ୍ଣ କରିବାର କଳା ଅଧ୍ୟାୟ



**ଜରୁରୀକାଳୀନ ପରିସ୍ଥିତିର ୫୧ ବର୍ଷ ପୂର୍ତ୍ତି**

**ଚଣ୍ଡୀଗଡ଼,୨୫।୬(ସଂଚାର ବ୍ୟୁରୋ):** 'ଏମର୍ଜେନ୍ସି' ଥିଲା ସମ୍ବିଧାନକୁ କ୍ଷୁଣ୍ଣ କରିବାର କଳା ଅଧ୍ୟାୟ। କେବଳ କ୍ଷମତା ଓ ପରିବାର ମୋହରେ ଅନ୍ଧ ହୋଇ କଂଗ୍ରେସ ସମ୍ବିଧାନକୁ କ୍ଷତିଗ୍ରସ୍ତ କରିବା ସହ ସମଗ୍ର ଦେଶକୁ ଏକ କାରାଗାରରେ ପରିଣତ କରିଥିଲା ବୋଲି ଆଜି ଏଠାରେ ଆୟୋଜିତ 'ସମ୍ବିଧାନ ହତ୍ୟା ଦିବସ' କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତ ବ୍ୟକ୍ତ କରିଛନ୍ତି।

୧୯୭୫ ଜରୁରୀକାଳୀନ ସ୍ଥିତିର ସେହି ଅନ୍ଧକାରମୟ କାଳଖଣ୍ଡକୁ ମନେ ପକାଇବା ସହ କଂଗ୍ରେସର ଏକଛତ୍ରବାଦୀ ମାନସିକତା ଉପରେ ସମାଲୋଚନା କରିଛନ୍ତି ଶ୍ରୀ ପ୍ରଧାନ। ଜରୁରୀକାଳୀନ ପରିସ୍ଥିତିର ୫୧ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଜରୁରୀକାଳୀନ ସମୟରେ ଅମାନୁଷିକ ନିର୍ଯାତନା ସହି ମଧ୍ୟ ଦେଶର ଗଣତନ୍ତ୍ରକୁ ଜୀବିତ ରଖିବା ପାଇଁ ସଂଗ୍ରାମ କରିଥିବା ଗଣତନ୍ତ୍ରର ପ୍ରହରୀମାନଙ୍କୁ ସମ୍ମାନିତ କରିଥିଲେ। ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ସମ୍ବିଧାନର ମର୍ଯ୍ୟାଦାକୁ କ୍ଷୁଣ୍ଣ କରିବା, ନାଗରିକ ଅଧିକାରକୁ ବନ୍ଧକ ରଖିବା ଏବଂ କିଶୋର କୁମାର ଓ ଲତା ମଙ୍ଗେସକରଙ୍କ ଭଳି ମହାନ କଳାକାରଙ୍କ ସ୍ୱର ଉପରେ ପ୍ରତିବନ୍ଧକ ଲଗାଇବାର ନାମ ଥିଲା 'ଏମର୍ଜେନ୍ସି'। ଏହି ସମ୍ବିଧାନବିରୋଧୀ ଲୋକଙ୍କର ନିର୍ବାଚନ ପ୍ରକ୍ରିୟାଠାରୁ ଆରମ୍ଭ କରି ନ୍ୟାୟପାଳିକା ପର୍ଯ୍ୟନ୍ତ କୌଣସି ସାମ୍ବିଧାନିକ ବ୍ୟବସ୍ଥା ଉପରେ କେବେ ବି ବିଶ୍ୱାସ ନ ଥିଲା। କେବଳ ➪ପୃଷ୍ଠା-୬

## ଭେନେଜୁଏଲାରେ ଦୁଇଟି ଶକ୍ତିଶାଳୀ ଭୂକମ୍ପ

# ୧୬୪ ମୃତ, ହଜାରେରୁ ଉର୍ଦ୍ଧ୍ୱ ଆହତ



**୧୧ ହଜାର ନିଖୋଜ**

**ଲା ଗୁଆଇରା ରାଜ୍ୟ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ**

**ବିଭିନ୍ନ ରାଷ୍ଟ୍ର ବଢ଼ାଇଲେ ସହାୟତା ହାତ**

**ପ୍ରସ୍ତୁତ ହୋଇ ରହିଛି ଭାରତ: ମୋଦି**

**କାରାକାସ,୨୫।୬:** ଭେନେଜୁଏଲାରେ ଲଗାତାର ଦୁଇଟି ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହେବା ଫଳରେ ସମଗ୍ର ଦେଶ ଦୋହଲିଯାଇଛି। ପ୍ରଥମ ଭୂକମ୍ପର ତୀବ୍ରତା ୭.୨ ଥିବା ବେଳେ ଦ୍ୱିତୀୟଟି ଏହାଠାରୁ ଅଧିକ ଅର୍ଥାତ୍ ୭.୫ ତୀବ୍ରତାର ଥିଲା। ଫଳରେ ବ୍ୟାପକ କ୍ଷୟକ୍ଷତି ହେବା ସହ ଅତି କମ୍‌ରେ ୧୬୪ ଜଣଙ୍କର ମୃତ୍ୟୁ ହୋଇଛି। ରିପୋର୍ଟ ଲେଖା ହେବା ବେଳକୁ ଏହି ବିଧ୍ୱଂସୀ ଭୂକମ୍ପରେ ହଜାରେରୁ ଅଧିକ ଆହତ ହୋଇଥିବା ଅଲ୍‌ଜଜିରା ରିପୋର୍ଟ କରିଛି। ଏହାଛଡ଼ା ୧୧ ହଜାରରୁ ଉର୍ଦ୍ଧ୍ୱ ଲୋକ ନିଖୋଜ ଥିବା ଜଣାପଡ଼ିଛି। ଆବାସିକ ଗୃହ, ଦାପ୍ତରିକ କାର୍ଯ୍ୟାଳୟ କୋଠାସବୁ ଭୁଶୁଡ଼ି ମାଟିରେ ମିଶିଯାଇଛି। ବୁଧବାର ସନ୍ଧ୍ୟାରେ ସଂଘଟିତ ଏହି ଦୁଇଟି ଭୂକମ୍ପକୁ ଭେନେଜୁଏଲା-ଭୂକମ୍ପ-ଇତିହାସର ସବୁଠାରୁ ଶକ୍ତିଶାଳୀ ଓ ବିନାଶକାରୀ ବୋଲି କୁହାଯାଉଛି।

ଭେନେଜୁଏଲାର କାର୍ଯ୍ୟକାରୀ ରାଷ୍ଟ୍ରପତି ଡେଲସି ରୁଡ୍ରିଗ୍ୱେଜ୍ ଦେଶରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି। ଭୂକମ୍ପରେ ମୃତାହତଙ୍କ ସଂଖ୍ୟା ଖୁବ୍ ବ୍ୟାପକ ହେବ ବୋଲି ଆମେରିକା ଭୌଗୋଳିକ ସର୍ବେକ୍ଷଣ ସଂସ୍ଥା ଅନୁମାନ କରିଛି। ଭୂକମ୍ପର ପ୍ରାଥମିକ ଆକଳନରୁ ମୃତ୍ୟୁସଂଖ୍ୟା ଅତିକମ୍‌ରେ ୧୦ ହଜାରରୁ ୧ ଲକ୍ଷ ମଧ୍ୟରେ ରହିପାରେ ବୋଲି ଏହା ସୂଚନା ଦେଇଛି। ଏହି ଦୁଇଟି ଭୂମିକମ୍ପ ଗତ ଏକ ଶତାବ୍ଦୀରୁ ଅଧିକ ସମୟ ମଧ୍ୟରେ ଭେନେଜୁଏଲାରେ ହୋଇଥିବା ସବୁଠାରୁ ଶକ୍ତିଶାଳୀ ଭୂମିକମ୍ପ ମଧ୍ୟରୁ ଗୋଟିଏ। ଭୂକମ୍ପରେ କାରାକାସର ଉତ୍ତରକୁ ଥିବା ଲା ଗୁଆଇରା ରାଜ୍ୟ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ରିକ୍ଟର ସ୍କେଲରେ ପ୍ରଥମ ଭୂକମ୍ପର ତୀବ୍ରତା ୭.୨ ଥିଲା। ରାଜଧାନୀ କାରାକାସରୁ ପ୍ରାୟ ୧୬୮ କିଲୋମିଟର ପଶ୍ଚିମରେ ଥିବା ମରୋନ ସମ୍ପ୍ରଦାୟ ସ୍ଥଳକୁ ଏହାର ଏପିସେଣ୍ଟର ବା କେନ୍ଦ୍ରସ୍ଥଳ ଭାବେ ରେକର୍ଡ କରାଯାଇଛି। ଭୂକମ୍ପର ଗଭୀରତା ୨୨ କିଲୋମିଟର ଥିଲା। ପ୍ରଥମ ଭୂକମ୍ପର ମାତ୍ର ଗୋଟିଏ ମିନିଟ ପରେ ଦ୍ୱିତୀୟ ଭୂମିକମ୍ପ ଆସିଥିଲା। ଦ୍ୱିତୀୟ ଭୂକମ୍ପ ପ୍ରଥମ ଭୂକମ୍ପଠାରୁ ଯଥେଷ୍ଟ ଶକ୍ତିଶାଳୀ ଥିଲା। ➪ପୃଷ୍ଠା-୬

### ଖାନ୍ ସାରଙ୍କ କୋଚିଂ ସେଣ୍ଟରରେ ନିଆଁ

**ପାଟନା,୨୫।୬:** ଗୁରୁବାର ପାଟନାର ମୁସଲ୍ଲାପୁରରେ ଥିବା ଖାନ୍ ସାରଙ୍କ କୋଚିଂ ସେଣ୍ଟର ଭିତରୁ ଧୂଆଁ ବାହାରିବା ପରେ ଆଖପାଖରେ ଆତଙ୍କ ସୃଷ୍ଟି ହୋଇଛି। କୋଚିଂ ସେଣ୍ଟରର ଗ୍ରାଉଣ୍ଡ ଫ୍ଲୋରରୁ ଧୂଆଁ ବାହାରିବା ପରେ ଛାତ୍ରଛାତ୍ରୀ ତଥା କୋଚିଂ କର୍ମଚାରୀମାନେ ସେଣ୍ଟର ବାହାରକୁ ଚାଲିଆସିଥିଲେ। ଫଳରେ ଏକ ବଡ଼ ଧରଣର କ୍ଷୟକ୍ଷତିକୁ ଏଡ଼ାଇ ଦିଆଯାଇଛି। ଘଟଣା ଜଣାପଡ଼ିବା ପରେ କଦମକୁଆଁ ଥାନା ତଥା ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ।

### ଟଙ୍କା ୧୬ ପଇସା ମଜବୁତ

**ନୂଆଦିଲ୍ଲୀ,୨୫।୬:** ବିଶ୍ୱବ୍ୟାପୀ ଅଶୋଧିତ ତୈଳ ଦରରେ ହ୍ରାସ ତଥା ଘରୋଇ ଇକ୍ୱିଟି ବଜାରରେ ସକାରାତ୍ମକ ଭାବନାକୁ ଭିତ୍ତିକରି ଭାରତୀୟ ଟଙ୍କା ଆମେରିକୀୟ ଡଲାର ତୁଳନାରେ ୧୬ ପଇସା ବୃଦ୍ଧି ପାଇ ୯୪.୩୯ (ଅସ୍ଥାୟୀ)ରେ ସ୍ଥିର ହୋଇଛି। ଆନ୍ତଃବ୍ୟାଙ୍କ ବୈଦେଶିକ ମୁଦ୍ରା ବିନିମୟ ମାର୍କେଟରେ ଗୁରୁବାର ଟଙ୍କା କାରବାର ୯୪.୩୦ରେ ଆରମ୍ଭ ହୋଇ ଦିନ ସାରା ୯୪.୧୩ରୁ ୯୪.୫୬କୁ ଗତିକରିଥିଲା।

## ଆମେରିକା-ଇରାନ୍ ଶାନ୍ତି ଚୁକ୍ତିର ପ୍ରଭାବ

# ହଟିଲା ଏଲ୍‌ପିଜି ଯୋଗାଣଜନିତ କଟକଣା



**ନୂଆଦିଲ୍ଲୀ,୨୫।୬(ସଂଚାର ବ୍ୟୁରୋ):** ଶିଳ୍ପ ଏବଂ ବାଣିଜ୍ୟିକ ଗ୍ରାହକଙ୍କ ପାଇଁ ଏଲପିଜି ଯୋଗାଣ କ୍ଷେତ୍ରରେ ଆଜି ଏକ ବଡ଼ ଆଶ୍ୱସ୍ତି ଘୋଷଣା କରିଛନ୍ତି କେନ୍ଦ୍ର ସରକାର। ଏହି ନିଷ୍ପତ୍ତି କ୍ରମେ ପଶ୍ଚିମ ଏସିଆରେ ସଙ୍କଟ ପୂର୍ବରୁ ଦେଶରେ ଯେଉଁପରି ଏଲ୍‌ପିଜି ଯୋଗାଣ ଚାଲିଥିଲା ସେହି ପରିସ୍ଥିତିକୁ ପୁଣିଥରେ ଫେରାଇ ଆଣିବା ସହ ଏହି କ୍ଷେତ୍ରରେ ଲାଗିଥିବା ସମସ୍ତ କଟକଣାକୁ କେନ୍ଦ୍ର ସରକାର ହଟାଇ ଦେଇଛନ୍ତି। ନିକଟରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ବନ୍ଦ ହେବା ନେଇ ଆମେରିକା-ଇରାନ୍ ଶାନ୍ତିଚୁକ୍ତି ମାଧ୍ୟମରେ ବଢ଼ିଥିବା ସମ୍ଭାବନା ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଏପରି ନରମ ଆଭିମୁଖ୍ୟ ଆପଣାଇଛନ୍ତି। ଏହାଛଡ଼ା ସଙ୍କଟ ଆରମ୍ଭରେ ସ୍ଥଗିତ ରଖାଯାଇଥିବା ବହୁଳ ଏଲ୍‌ପିଜି ଯୋଗାଣକୁ ସଙ୍କଟ-ପୂର୍ବ ବ୍ୟବହାର ସ୍ତରର ୫୦ ପ୍ରତିଶତ ପର୍ଯ୍ୟନ୍ତ କୋହଳ କରାଯାଇଛି। ଏଲ୍‌ପିଜି ଯୋଗାଣ ସ୍ଥିତିରେ ସାମ୍ପ୍ରତିକ ସୁଧାର ପରେ ଏହି ପୁନରୁଦ୍ଧାର କରାଯାଇଛି। ଏ ସମ୍ବନ୍ଧରେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ସଚିବ ସଂଶୋଧିତ ଯୋଗାଣ ବ୍ୟବସ୍ଥାର ସୁଗମ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ➪ପୃଷ୍ଠା-୬

## ବିଜେଡି ଶାସନର ଷ୍ଟ୍ରିଟ ଲାଇଟ ଦୁର୍ନୀତି

# ୩ ଠିକାଦାରଙ୍କୁ ଗିରଫ କଲା ଭିଜିଲାନ୍ସ

**୩ କୋଟି ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗ**

**ସରକାରୀ ଅଧିକାରୀଙ୍କ ସମ୍ପୃକ୍ତିର ଖୋଳତାଡ଼**




**ଭୁବନେଶ୍ୱର,୨୪।୬(ସଂଚାର ବ୍ୟୁରୋ)** ବିଜେଡି ଶାସନରେ ପ୍ରତି ପଞ୍ଚାୟତରେ ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ଲଗାଇବାରେ ବ୍ୟାପକ ଦୁର୍ନୀତି ଓ ସରକାରୀ ଅର୍ଥ ହରିଲୁଟ୍ ମାମଲାରେ ରାଜ୍ୟ ଭିଜିଲାନ୍ସ ଆଜି ୩ ଜଣ ଠିକାଦାରଙ୍କୁ ଗିରଫ କରିଛି। ଗତକାଲି ଭିଜିଲାନ୍ସର ୨୪ଟି ଟିମ ଏକକାଳୀନ କେନ୍ଦୁଝର, ନୟାଗଡ଼ ଓ ଯାଜପୁର ଜିଲ୍ଲାର ୫୦ଟି ସ୍ଥାନରେ ଚଢ଼ାଉ କରିଥିଲା। ଭିଜିଲାନ୍ସ ଏହି ମାମଲାରେ ଅଧିକ ଲୋକଙ୍କୁ ଗିରଫ କରିବାର ଆଶଙ୍କା ରହିଛି।

ଭିଜିଲାନ୍ସ ପକ୍ଷରୁ ଜାରି ସୂଚନାନୁସାରେ, ପଞ୍ଚମ ରାଜ୍ୟ ଅର୍ଥ ଆୟୋଗଙ୍କ ଅନୁଦାନରେ ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନରେ ବ୍ୟାପକ ଅନିୟମିତତା ଓ ସରକାରୀ ପାଣ୍ଠିର ଆତ୍ମସାତ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଏହି ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। କେନ୍ଦୁଝର, ନୟାଗଡ଼ ଓ ଯାଜପୁର ଜିଲ୍ଲାରେ ହୋଇଥିବା ପ୍ରାୟ ୩ କୋଟି ଟଙ୍କାର ଦୁର୍ନୀତିରେ ଯେଉଁ ୩ ଜଣ ଠିକାଦାରଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରାଯାଇଛି, ସେମାନେ ହେଲେ ମୟୂରଭଞ୍ଜ ➪ପୃଷ୍ଠା-୬

## ଶଙ୍ଖ ଧରିଲେ ସୁଜାତା

# ୨୯ ନିର୍ବାଚନର ନେତୃତ୍ୱ ନେବେ ନବୀନ



**ସାଧାରଣ କର୍ମୀ ଭାବେ ଯୋଗଦେଲେ ସୁଜାତା**

**ଆଗକୁ ହେବେ ଦଳର ପଥ ପ୍ରଦର୍ଶକ!**

**ଭୁବନେଶ୍ୱର,୨୫।୬(ସଂଚାର ବ୍ୟୁରୋ):** ସମସ୍ତ ଆଲୋଚନାର ଅନ୍ତ ଘଟାଇ ପୂର୍ବତନ ଆଇଏଏସ୍ ଅଫିସର ସୁଜାତା ରାଉତ କାର୍ତ୍ତିକେୟନ ଆଜି ବିଜେଡିରେ ବିଧିବଦ୍ଧ ଭାବେ ଯୋଗଦେବା ପରେ ଆଗାମୀ ଦିନରେ ସେ ହିଁ ଦଳକୁ ବାଟ କଢ଼ାଇ ନେବା ଏକ ପ୍ରକାର ସ୍ପଷ୍ଟ ହୋଇଯାଇଛି। କେବଳ ବାଟ କଢ଼ାଇ ନେବେ ନାହିଁ ନବୀନ ଓ କର୍ମୀଙ୍କ ମଧ୍ୟରେ ସେତୁ ଭାବେ କାମ କରିବେ।

ସୁଜାତାଙ୍କ ବିଜେଡି ପ୍ରବେଶ ନେଇ ଆଜି ଦଳୀୟ କାର୍ଯ୍ୟାଳୟରେ ନେତାମାନଙ୍କର ମେଳି ଲାଗିଥିଲା। ସାଂସଦ, ବିଧାୟକ, ପୂର୍ବତନ ସାଂସଦ, ମନ୍ତ୍ରୀ, ବିଧାୟକମାନେ ଉପସ୍ଥିତ ରହିଥିଲେ। ଦଳର ଯୁବ ନେତାମାନଙ୍କର ଗହଳି ପରିଲକ୍ଷିତ ହୋଇଥିଲା। ଖୋଦ୍ ନବୀନଙ୍କ ପଟ୍ଟନାୟକ ସୁଜାତାଙ୍କ କାନ୍ଧରେ ବିଜେଡି ଉତ୍ତରୀୟ ପକାଇ ତାଙ୍କୁ ଦଳରେ ସାମିଲ ➪ପୃଷ୍ଠା-୬

### ବାହାନା କରି ଖସିଲେ









ସୁଜାତାଙ୍କ ବିଜେଡିରେ ଯୋଗଦାନକୁ ନେଇ ଆଜି ଶଙ୍ଖ ଭବନରେ ଉତ୍ସବର ପରିବେଶ ସୃଷ୍ଟି ହୋଇଥିବା ବେଳେ ଦଳର ଅନେକ ନେତା କିନ୍ତୁ ବିଭିନ୍ନ ବାହାନା କରି ଅନୁପସ୍ଥିତ ରହିଥିଲେ। ଶଙ୍ଖ ଭବନରେ ଆଜି ଏକଦା ଦଳର ନମ୍ବର ଦୁଇ ଥିବା ପ୍ରଣବ ପ୍ରକାଶ ଦାସ, ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବଦ୍ରି ନାରାୟଣ ପାତ୍ର, ପୂର୍ବତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଭୂପିନ୍ଦର ସିଂହ, ପୂର୍ବତନ ବିଧାୟକ ଲତିକା ପ୍ରଧାନ ପ୍ରମୁଖଙ୍କୁ ଦେଖିବାକୁ ମିଳି ନ ଥିଲା। ଏମାନଙ୍କ ମଧ୍ୟରୁ କିଛି ନେତା ମୂଳରୁ ହିଁ ପାଣ୍ଡିଆନ ଦମ୍ପତିଙ୍କୁ ବିରୋଧ କରିଆସୁଛନ୍ତି। ଆଉ କିଛି ଅନୁପସ୍ଥିତ ନେତା ଶାରୀରିକ ଅସୁସ୍ଥତା ଯୋଗୁଁ ଯୋଗଦେଇ ପାରି ନ ଥିବା ଜଣାପଡ଼ିଛି। ତେବେ ପ୍ରଣବ ➪ପୃଷ୍ଠା-୬

# ସାଇକେଲରେ ମୃତଦେହ



## ମିଳିଲାନି କାନ୍ଧ

**ପାଇକମାଳ,୨୫।୬(ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ପାଇକମାଳ କଣ୍ଟାପଡ଼ାରେ ଗୁରୁବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। କଣ୍ଟାପଡ଼ାର ଜୟନ୍ତୀ ବଛା (୮୦) ନାମକ ଜନୈକା ବୃଦ୍ଧାଙ୍କର ଗୁରୁବାର ସକାଳ ପ୍ରାୟ ୮ଟା ବେଳେ ମୃତ୍ୟୁ ହୋଇଥିଲା। ହେଲେ ତାଙ୍କ ମୃତଦେହ ଦୀର୍ଘ ସମୟ ଧରି ପଡ଼ି ରହିଥିବା ବେଳେ ସାହି ପଡ଼ିଶାରୁ କେହି ବି କାନ୍ଧ ଦେବାକୁ ଆସି ନ ଥିଲେ। ଜୟନ୍ତୀଙ୍କ ପରିବାରରେ ବି କେହି ମୁରବୀ ଶ୍ରେଣୀୟ ଲୋକ ନ ଥିବାରୁ ତାଙ୍କୁ କୋକେଇରେ ନେବା ସମ୍ଭବପର ନ ଥିଲା। ➪ପୃଷ୍ଠା-୬

## ଗାଁକୁ ରାସ୍ତା ନଥିବାରୁ ବିଧାୟକଙ୍କ ବାଟ ଉଗାଳିଲେ ଗ୍ରାମବାସୀ



**ନିଶ୍ଚିନ୍ତକୋଇଲି,୨୫।୬ (ସଂଚାର ବ୍ୟୁରୋ):** କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ତିଲକଣା ପଞ୍ଚାୟତର ୨ ନ ୱାର୍ଡ ଦୀର୍ଘ ୧୫ ବର୍ଷ ହେବ ଏକ ଢ଼ଳେଇ ରାସ୍ତାଟିଏ ନାହିଁ, ବିଭିନ୍ନ ସମୟରେ ସରପଞ୍ଚ ସ୍ଥାନୀୟ ଜନ ପ୍ରତିନିଧି ମାନଙ୍କୁ ଯେତେ ଅଭିଯୋଗ କଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିପରିଲା ନାହିଁ, ଉକ୍ତ ସାହିରେ ବସବାସ କରୁଥିବା ପ୍ରାୟ ୧୦ରୁ ଉର୍ଦ୍ଧ ପରିବାର ବର୍ଷା ଦିନେ ଯାତାୟତ ପାଇଁ ନାହିଁ ନଥିବାର ଅସୁବିଧାର ସମ୍ମୁଖିନ ହେଉଛନ୍ତି, ଗତ ଜୁନ ୨୪ ତାରିଖରେ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ତିଲକଣା ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବାକୁ ଯାଉଥିବା ବାଟରେ ସ୍ଥାନୀୟ ଗ୍ରାମବାସୀ ଅଟକାଇ ନିଜର ଦୁଃଖ ଦୁର୍ଦ୍ଦଶା ବାଖାଣିଥିଲେ ଅନ୍ୟପଟେ ଖୁବଶିଘ୍ର ଏହାର ସମାଧାନ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ।

## ଅଭିଯୁକ୍ତକୁ ଗିରଫ ପାଇଁ ଯାଇଥିବା ପୁଲିସକୁ ଆକ୍ରମଣ



**ବାଲିଆପାଳ,୨୫।୬ (ସଂଚାର ବ୍ୟୁରୋ):** ଏକ ଅଭିଯୋଗ ଆଧାରରେ ଅପରାଧୀକୁ ଗିରଫ କରିବା ପାଇଁ ଯାଇ ପରିବାର ସଦସ୍ୟଙ୍କ ଆକ୍ରମଣର ଶିକାର ହେଇଛି ବାଲିଆପାଳ ପୁଲିସ। ସୂଚନା ଅନୁସାରେ ବାଲିଆପାଳ ଥାନା ଅନ୍ତର୍ଗତ କଚୁଆପଡା ଗ୍ରାମର ଶିବ କୁମାର ଜେନାଙ୍କ ପୁଅ କିଛି ଦିନ ପୂର୍ବରୁ ସିଂଲା ଥାନା ଅନ୍ତର୍ଗତ ବୋଲଂ ଗ୍ରାମର ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀଙ୍କ ଝିଅକୁ ଅପହରଣ କରି ନେଇଥିଲେ। ମାତ୍ର ଝିଅ ସାବାଳକ ହୋଇଥିବାରୁ ଏନେଇ କୌଣସି ମାମଲା ରୁଜୁ ହୋଇନଥିଲା। ଉଭୟଙ୍କ ମଧ୍ୟରେ ଜାତିଗତ ତାରତମ୍ୟ ରହିଥିବା ଯୋଗୁଁ ଝିଅର ପରିବାର ଲୋକ ପୁଅ ଘରକୁ ଗତ ୨୧ ତାରିଖ ଦିନ ଯାଇ ଆପୋଷ ବୁଝାମଣା କରି ଝିଅକୁ ଫେରାଇ ଆଣିବା ପାଇଁ ଯାଇଥିଲେ। ତେବେ ଏହି ସମୟରେ ପୁଅର ଭାଇ, ମା ଏବଂ ପରିବାରର ଅନ୍ୟ ସଦସ୍ୟମାନେ ଝିଅ ଘରୁ ଆସିଥିବା ଲୋକମାନଙ୍କୁ ନିସ୍ତୁକ ମାଡ଼ ମାରି ବାଲିଆପାଳ ଥାନାରେ ଜିମା ଦେଇଥିଲେ। ବାଲିଆପାଳ ପୁଲିସ ଏହି ଘଟଣାରେ ପୃଥକ ଭାବରେ ଦୁଇଟି ମାମଲା ରୁଜୁ କରି ତଦନ୍ତ କରୁଥିବା ସମୟରେ ଜଣାପଡିଥିଲା କି ଶିବ ଜେନାଙ୍କ ବଡ ପୁଅ ଉତ୍ତମ କୁମାର ଜେନା ଝିଅ ଘରୁ ଆସିଥିବା ଲୋକମାନଙ୍କୁ କୌଣସି କାରଣ ନଥାଇ ନିର୍ଘୁମ ମାଡ ମାରିଥିଲା। ତେଣୁ ଆଜି ସକାଳେ ବାଲିଆପାଳ ଥାନା ଅଧିକାରୀ ସାଲଖାନ ମୁର୍ମୁ ଏକ ଟିମ ନେଇ ଅଭିଯୁକ୍ତକୁ ଗିରଫ କରିବା ପାଇଁ ତାଙ୍କ କଚୁଆପଡା ସ୍ଥିତ ବାସଭବନରେ ପହଞ୍ଚିଥିଲେ। ପୁଲିସକୁ ଦେଖିବା ପରେ ଅଭିଯୁକ୍ତର ପରିବାର ଲୋକ ସଂଘବଦ୍ଧ ଭାବରେ ଥାନା ଅଧିକାରୀ ଶ୍ରୀ ମୁର୍ମୁଙ୍କୁ ବିଭିନ୍ନ ମାରଣାସ୍ତ୍ର ସାହାଯ୍ୟରେ ଆକ୍ରମଣ କରିଥିଲେ।

ଏହି ଆକ୍ରମଣରେ ଆଇଆଇସିଙ୍କ ମୁଣ୍ଡ, ଛାତିରେ ଆଘାତ ଲାଗିଛି। ପରେ ଖବର ପାଇ ଅଧିକ ପୋଲିସ କର୍ମୀଙ୍କ ସହ ତାଙ୍କ ବାସଭବନରେ ଚଢ଼ାଉ କରିଥିଲେ ମଧ୍ୟ ପରିବାର ଲୋକ ଫେରାର ହୋଇଯାଇଥିଲେ । ଖବର ପାଇ ବସ୍ତା ଏସଡିପିଓ ସମର୍ଥ କୁମାର ବେହେରା ବାଲିଆପାଳ ଥାନାରେ ପହଞ୍ଚିଥିଲେ। ଏନେଇ ବାଲିଆପାଳ ଥାନାରେ ୩୦୮/୨୬ରେ ଏକ ମାମଲା ରୁଜୁ ହୋଇଛି।ତେବେ ଅପରାହ୍ନରେ ବସ୍ତା ଥାନା ଅଞ୍ଚଳରୁ ଅଭିଯୁକ୍ତ ପରିବାରର ତିନି ଜଣ ମହିଳା ଯଥା ଶିବ ଜେନାଙ୍କ ସ୍ତ୍ରୀ ରିନା ଜେନା, ତାଙ୍କ ଝିଅ ରଚନା ଜେନା ଏବଂ ତାଙ୍କ ବହୁ ପଦ୍ମପ୍ରଭା ମହାନ୍ତିଙ୍କୁ ଗିରଫ କରିଛି।ଶିବ ଜେନା,ଗୌତମ ଜେନା ଓ ଉତ୍ତମ ଜେନା ଏବେ ମଧ୍ୟ ଫେରାର ଅଛନ୍ତି। ତେବେ ବାଲିଆପାଳ ଥାନା ଅଧିକାରୀ ସାଲଖାନ ମୁର୍ମୁ ଆକ୍ରମଣର ଶିକାର ହୋଇଥିଲେ ମଧ୍ୟ ମାନବିକତାର ପରିଚୟ ଦେଇଛନ୍ତି। ଅଭିଯୁକ୍ତ ପଦ୍ମପ୍ରଭା ମହାନ୍ତିଙ୍କର ଛୋଟ ପିଲା ଯିଏକି ତା ମା ପାଖରୁ କ୍ଷୀର ପିଉଥିବା ଯୋଗୁଁ ତାଙ୍କୁ କୋର୍ଟ ଚାଲାଣ କରାଯିବ ନାହିଁ ବୋଲି କହିଛନ୍ତି।

## ୨୭ରେ ଇଫକୋ ଅଡିଟୋରିୟମ୍‌ରେ ଅନ୍ତର୍ଜାତିକ ଏମଏସଏମଇ ଦିବସ




**ପାରାଦ୍ୱୀପ, ୨୫।୬ (ସଂଚାର ବ୍ୟୁରୋ):** ବି ଶ୍ୱ ବ୍ୟା ଙ୍କ ର ସହଯୋଗରେ ଚାଲୁଥିବା ରଂପ ଯୋଜନାରେ ଏମେସେମି ଟିମ ର ଲକ୍ଷ ହେଉଛି ଦେଶରେ ୫ଲକ୍ଷ ସୂକ୍ଷ୍ମ ଏବଂ ଖୁଦ୍ର ଯୁଦୋଗ୍ୟକୁ ଓପେନ ନେଟୱାର୍କ ଫେର ଡିଜିଟାଲ କମର୍ସ ସହ ଯୋଡିବା \ ଏହାଦ୍ଵାରା ଯୁଦୋଗି ନିଜର ଉତ୍ପାଦ ଓ ସେବାକୁ ଅଧିକ ଗ୍ରାହକଙ୍କ ପାଖରେ ପହଂଚାଇବା ସହ ବଜାରରରେ ନିଜର ପରିଚୟ ବଢାଇବା ଓ ବ୍ୟବସାୟରେ ଉନ୍ନତି କରି ପାରିବେ | ଏଭଳି ଲକ୍ଷ ନେଇ ଆସନ୍ତା ୨୭ ତାରିଖରେ ପାରାଦୀପ ଇଫକୋ ଅଡିଟୋରିୟମ ପରିସରରେ ଆନ୍ତର୍ଜାତିକ ଏମଏସଏମଇ ଦିବସ ପାଳନ ହେବାକୁ ଯାଉଛି | ଏ ନେଇ ଆଜି ବିଭାଗ ପକ୍ଷରୁ ପାରାଦୀପରେ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଛି | ଏଥିରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସମେତ ଅନେକ ଖୁଦ୍ର ଓ ସୂକ୍ଷ୍ମ ଯୁଦୋଗି ମାନେ ଉପସ୍ଥିତ ରହିବ ସହ ପଞ୍ଜିକରଣ ମଧ୍ୟ କରାଯିବ |

### ପଞ୍ଚାୟତ ଉନ୍ନୟନ କାର୍ଯ୍ୟରେ ବ୍ଲକ୍ ପ୍ରଶାସନର ଅସହଯୋଗ ଅଭିଯୋଗ ଘଟଣା

# ଚାମେଲିଙ୍କ ଉପସ୍ଥିତିରେ ଘଟଣାର ସମୀକ୍ଷା କଲା ଜିଲ୍ଲା ପ୍ରଶାସନ

**ମହାକାଳପଡ଼ା,୨୫।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକର ଚର୍ଚ୍ଚିତ ତିଖିରି ଗ୍ରାମପଞ୍ଚାୟତରେ ଦୀର୍ଘଦିନ ଧରି ଅନେକ ଉନ୍ନୟନମୂଳକ କାର୍ଯ୍ୟ ଅଟକି ରହିଥିବା ଓ କରାଯାଇଥିବା କିଛି କାମର ବିଲ୍ ବ୍ଲକ୍ ପ୍ରଶାସନ ଅଟକ ରଖିଥିବା ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ ମହିଳା ସରପଞ୍ଚ ଚାମେଲି ଓଝା। ତାଙ୍କ ଅଭିଯୋଗ ଆଧାରରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପଜିଲ୍ଲାପାଳ ଓ ଡେପୁଟି କଲେକ୍ଟରଙ୍କ ନେତୃତ୍ୱରେ ଏକ ପାଞ୍ଚଜଣିଆ ଟିମ୍ ଆଜି ମହାକାଳପଡ଼ା ବ୍ଲକରେ ପହଞ୍ଚି ତିଖିରି ପଞ୍ଚାୟତର ବିଭିନ୍ନ ପ୍ରକଳ୍ପର ସ୍ଥିତି ସମୀକ୍ଷା କରିଥିଲେ।



ପ୍ରାୟ ଏକ ଘଣ୍ଟା ଧରି ଚାଲିଥିବା ବୈଠକରେ ସରପଞ୍ଚ ଚାମେଲି ଓଝା ପଞ୍ଚାୟତରେ ଅଧାପଡ଼ି ରହିଥିବା ରାସ୍ତା, ପାନୀୟ ଜଳ, ଗୃହ ନିର୍ମାଣ ଓ ଅନ୍ୟାନ୍ୟ ସରକାରୀ ଯୋଜନା ସମ୍ବନ୍ଧୀୟ କାର୍ଯ୍ୟରେ ଥିବା ଅନିୟମିତତା ଓ ବିଳମ୍ବ ସମ୍ପର୍କରେ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ। ପ୍ରଶାସନିକ ଟିମ୍ ବିଭିନ୍ନ ଫାଇଲ ଯାଞ୍ଚ କରିବା ସହ କାର୍ଯ୍ୟ ଅଟକି ରହିବାର କାରଣ ନେଇ ତଦନ୍ତ କରିଥିଲେ। ତେବେ ଏହି ବୈଠକ ପରେ ମଧ୍ୟ ତିଖିରି ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ କେବେ ଗତି ପାଇବ ଓ ଅଟକିଥିବା ପ୍ରକଳ୍ପଗୁଡ଼ିକର ଭାଗ୍ୟ କ'ଣ ହେବ, ତାହାକୁ ନେଇ ସାଧାରଣ ଲୋକଙ୍କ ମନରେ ସନ୍ଦେହ ରହିଛି।

କିଛିଦିନ ପୂର୍ବରୁ ଏହି ପ୍ରକଳ୍ପଗୁଡ଼ିକୁ ନେଇ ଭାରପ୍ରାପ୍ତ ବିଡିଓ ଓ ସରପଞ୍ଚ ଚାମେଲି ଓଝାଙ୍କ ମଧ୍ୟରେ ଘଟିଥିବା ବିବାଦ ଓ ଉତ୍ତେଜନା ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ସେହି ଘଟଣା ପରେ ପ୍ରଶାସନ ପକ୍ଷରୁ ଏଭଳି ତଦନ୍ତମୂଳକ ବୈଠକ ଆୟୋଜନ ହେବା ଅନେକ ପ୍ରଶ୍ନ ସୃଷ୍ଟି କରିଛି। ବୈଠକରେ ବିଡିଓ ରବିନାରାୟଣ ଆଚାର୍ଯ୍ୟ, ସହକାରୀ ଯନ୍ତ୍ରୀ ମୁକ୍ତିକାନ୍ତ ସାହୁ ଓ ତିଖିରି ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବେଶ କୁମାର ଉପସ୍ଥିତ ଥିଲେ।

ଅନ୍ୟପଟେ ଚାମେଲି କହିଛନ୍ତି ଜିଲ୍ଲାପାଳଙ୍କ ଉପରେ ତାଙ୍କର ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି। ପଞ୍ଚାୟତର ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟର ଅଗ୍ରଗତି ସଂପର୍କରେ ସେ ସମ୍ପୂର୍ଣ୍ଣ ଆଶାବାଦୀ। ୧୧ ଜୁନ୍ ଘଟଣା ବିଷୟରେ ଆଜି କିଛି ଆଲୋଚନା ହୋଇ ନଥିବା ସେ ସୂଚନା ଦେଇଛନ୍ତି।

## ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଉଦ୍‌ଯାପିତ




### ଅନ୍ତ୍ୟୋଦୟ ଗୃହ, ରାସନ କାର୍ଡ, ମୋବାଇଲ ସହ ବିଭିନ୍ନ ସହାୟତା ରାଶି ବଣ୍ଟନ

**ମାହାଙ୍ଗା,୨୫।୬ (ସଂଚାର ବ୍ୟୁରୋ):** ବିଜେପି ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ସାରା ରାଜ୍ୟରେ ଏବେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଆଜି ମାହାଙ୍ଗା ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି।

ବିଡିଓ ତିଳୋତମା ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ ମୋହନ ସରକାରଙ୍କ ଦୁଇ ବର୍ଷ ଶାସନ ସମୟରେ ଓଡ଼ିଶାରେ ବହୁବିଧ ବିକାଶ ମୂଳକ କାର୍ଯ୍ୟ ସାଧନ କରାଯାଇଥିବା ବେଳେ ମାହାଙ୍ଗା ବ୍ଲକରେ ମଧ୍ୟ ବହୁ ଉନ୍ନତି ମୂଳକ କାର୍ଯ୍ୟ ସାଧିତ ହୋଇଛି ବୋଲି କହିବା ସହ ବହୁ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ, ରାସନ କାର୍ଡ, ମୋବାଇଲ, ଅନ୍ତେଷ୍ଟିକ୍ରିୟା ସହାୟତା ରାଶି ସହ ମୃତ୍ୟୁକାଳୀନ, ପ୍ରସୂତୀକାଳୀନ, ବିବାହ ଓ ଶିକ୍ଷା ସହାୟତା ରାଶି ଆଦି ବଣ୍ଟନ କରିଥିଲେ।

ସମ୍ମାନିତ ଅତିଥିଭାବେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଡାକ୍ତର ତନୁସ୍ମିତା ବିଦ୍ଧାଣୀ, ସିଡିପିଓ ଗୁରୁବାରୀ ସିଂହ, ସହକାରୀ ଶ୍ରମ ଅଧିକାରିଣୀ ମୌସୁମୀ ପାତ୍ର, ମାହାଙ୍ଗା ଯେଗାଣ ଅଧିକାରିଣୀ ସ୍ୱର୍ଣ୍ଣଲତା ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ଭଦ୍ରେଶ୍ୱର ମଣ୍ଡଳ ସଭାପତି ଭକ୍ତଚରଣ ସ୍ୱାଇଁ, ଜୟପୁର ମଣ୍ଡଳ ସଭାପତି ଅରୁଣ କୁମାର ସେଠୀ, ମାହାଙ୍ଗା ମଣ୍ଡଳ ସଭାପତି ମନୋରଞ୍ଜନ ବିଶ୍ୱାଳ, ନିର୍ମଳ ରାଉତ, ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ଶତପଥି, ପୂର୍ବତନ ବ୍ଲକ ଅଧ୍ୟକ୍ଷା କନକଲତା ବେହେରା, ଆତ୍ମା ଅଧ୍ୟକ୍ଷ କିଶୋର କୁମାର ରାଉତ, ସମିତିସଭ୍ୟ ମନୋରଞ୍ଜନ ନାୟକ, ସମିତିସଭ୍ୟ ସୁରେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ।

### ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ମହାନତା

## ଶୁଦ୍ଧିକ୍ରିୟା ପାଇଁ ବଢ଼ାଇଲା ସହଯୋଗର ହାତ



**କେନ୍ଦ୍ରାପଡ଼ା,୨୫।୬ (ସଂଚାର ବ୍ୟୁରୋ):** ମାନବିକତା ଓ ସାମାଜିକ ଦାୟିତ୍ୱବୋଧର ଏକ ଉଜ୍ଜ୍ୱଳ ଉଦାହରଣ ସୃଷ୍ଟି କରିଛି ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ। ଏକ ଅସହାୟ ପରିବାରକୁ ଶୁଦ୍ଧିକ୍ରିୟା ପାଇଁ ସହାୟତା କରି ଟ୍ରଷ୍ଟ ଅଞ୍ଚଳବାସୀଙ୍କ ପ୍ରଶଂସା ସାଉଁଟିଛି।

ସୂଚନା ମୁତାବକ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ଗଙ୍ଗାରାମପୁର ପଞ୍ଚାୟତ ଅନ୍ତର୍ଗତ ପଦ୍ମନାଭପୁର ଗ୍ରାମର ମଦନ ଜେନା ଜଣେ ଦିନମଜୁରିଆ ଥିବାବେଳେ ତାଙ୍କର ଏକମାତ୍ର ପୁଅ କାଳିଆ ଜେନା ମଧ୍ୟ ଦିନମଜୁରୀ କରି ପରିବାର ଚଳାଉଥିଲେ। କିଛି ଦିନ ଧରି ମଦନ ଅସୁସ୍ଥ ଥିବାରୁ ପୁଅ କାଳିଆ ତାଙ୍କର ସେବାଶୁଶ୍ରୁଷା ପାଇଁ କାମକୁ ଯିବା ବନ୍ଦ କରିଦେଇଥିଲେ। ଫଳରେ ପରିବାରରେ ଆର୍ଥିକ ସଙ୍କଟ ଦେଖାଦେଇଥିଲା ଏବଂ ଚିକିତ୍ସାରେ ସଞ୍ଚିତ ଅର୍ଥ ମଧ୍ୟ ଶେଷ ହୋଇଯାଇଥିଲା। ଏପରି ପରିସ୍ଥିତିରେ ହଠାତ୍ ମଦନ ଜେନାଙ୍କ ମୃତ୍ୟୁ ଘଟିବା ପରେ ପୁଅ କାଳିଆ ଭାଙ୍ଗି ପଡ଼ିଥିଲେ। ବାପାଙ୍କ ଶୁଦ୍ଧିକ୍ରିୟା କିପରି ସମ୍ପନ୍ନ କରିବେ, ତାହା ତାଙ୍କ ପାଇଁ ଏକ ବଡ଼ ଚିନ୍ତାର ବିଷୟ ହୋଇଥିଲା। ସବୁଠାରୁ ନିରାଶ ହେବା ପରେ ସ୍ଥାନୀୟ ଯୁବକ ବିଭୂତିଙ୍କ ସହାୟତାରେ ସେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ସହ ଯୋଗାଯୋଗ କରି ନିଜ ଦୁଃଖ ଜଣାଇଥିଲେ। ଖବର ପାଇବା ପରେ ଟ୍ରଷ୍ଟର ମୁଖପାତ୍ର ପ୍ରମୋଦ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳକୁ ଯାଇ ସ୍ଥିତିର ତଦନ୍ତ କରିଥିଲେ। ଆଜି ଦଶକର୍ମ ଅବସରରେ ଟ୍ରଷ୍ଟ ପକ୍ଷରୁ ପରିବାରକୁ ବସ୍ତ୍ର, ଏକ ମାସର ରାସନ ସାମଗ୍ରୀ, ପନିପରିବା ସମେତ ବିଭିନ୍ନ ଆବଶ୍ୟକୀୟ ସାମଗ୍ରୀ ପ୍ରଦାନ କରାଯାଇଛି । ଏଥିସହ ଦଶକର୍ମ ସମ୍ପାଦନ କରୁଥିବା ବ୍ରାହ୍ମଣ ଓ ବାରିକଙ୍କ ପାଇଁ ମଧ୍ୟ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ଟ୍ରଷ୍ଟର ଏହି ମାନବିକ ପଦକ୍ଷେପକୁ ଅଞ୍ଚଳବାସୀ ଉଚ୍ଚ ପ୍ରଶଂସା କରିବା ସହିତ ସମସ୍ତ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଛନ୍ତି।

## ଶିଶୁ ଓ କିଶୋର ଶ୍ରମ ଆଇନ ୧୯୮୬ ସମ୍ପର୍କିତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳା



**କେନ୍ଦ୍ରାପଡ଼ା, ୨୫।୬ (ସଂଚାର ବ୍ୟୁରୋ):** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଆନୁକୂଲ୍ୟରେ ତଥା ଜିଲ୍ଲା ଶ୍ରମ ବିଭାଗ ସହଯୋଗରେ ଆଜି ଶିଶୁ ଓ କିଶୋର ଶ୍ରମ(ନିଷେଧ ଓ ନିୟନ୍ତ୍ରଣ) ଆଇନ ୧୯୮୬ ସମ୍ପର୍କିତ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟା ସୁଜାତା ନାୟକ ଓ ମନସ୍ମିତା ଖୁଣ୍ଟିଆ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶ୍ରମ ଅଧିକାରୀ ଅନନ୍ତ ପଦ୍ମନାଭ ମହାମାନସିଂ, ଶିଶୁମଙ୍ଗଳ ସମିତି ଅଧ୍ୟକ୍ଷା ସ୍ୱାଗତିକା ପାତ୍ର,ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଆଇସିୟୁଏଡବ୍ଲୁ ଡିଏସପି ବବିତା ଦଳେଇ ପ୍ରମୁଖ ମାସୀନ ଥିଲେ । ଅତିଥି ମାନେ ଶିଶୁ ଶ୍ରମିକ ଚାଲାଣ ରୋକିବା, ୧୪ ବର୍ଷରୁ କମ ଶିଶୁ ମାନଙ୍କୁ ହୋଟେଲ, ଦୋକାନ, ଇଟାଭାଟି ଆଦି ସ୍ଥାନ ମାନଙ୍କରେ ନିୟୋଜିତ ନ କରିବାକୁ ସଚେତନ କରିବା,ସ୍କୁଲ ଛାଡୁ ଥିବା ପିଲା ମାନଙ୍କୁ ଶିକ୍ଷା ପ୍ରଦାନ କରାଯିବା ସହ ୧୪ ବର୍ଷରୁ ଉର୍ଦ୍ଧ ପିଲା ମାନଙ୍କୁ ବୈଷୟିକ ଧନ୍ଦାମୂଳକ ତାଲିମ ପ୍ରଦାନର ବ୍ୟବସ୍ଥା କରିବା ଉପରେ ଗୁରୁତ୍ୱରୋପ କରିଥିଲେ ।

ଶିଶୁ ଶ୍ରମିକ ମାନଙ୍କୁ ଉଦ୍ଧାର କରି ସେମାନଙ୍କୁ ଆଇନଗତ ସୁବିଧା ସୁଯୋଗ ପ୍ରଦାନ ନିମନ୍ତେ ସମସ୍ତ ବିଭାଗର ସମନ୍ୱୟ ଓ ସହ ଭାଗିତାର ଆବଶ୍ୟକତା ଅଛି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଟ୍ରେନର ସସ୍ମିତା ଦାସ ପିପିଟି ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଚାଇଲଡ ହେଲ୍ପ ଲାଇନ -୧୦୯୮, ପୋଲିସ ୧୧୨ ଓ ଟୋଲ ଫ୍ରି ନମ୍ବର ୧୮୦୦୩୪୫୪୯୪ ରେ ଯୋଗାଯୋଗ କରି ଶିଶୁ ଶ୍ରମିକ ଉଦ୍ଧାର ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରଯାଇଥିଲା ।

### ୪ର୍ଥ ଦିନରେ ଆମରଣ ଅନଶନ

## ଗୁରୁତର ୪ ଅନଶନକାରୀ କେନ୍ଦ୍ରାପଡ଼ା ହସ୍ପିଟାଲରେ ଭର୍ତ୍ତି

**ପଟ୍ଟାମୁଣ୍ଡାଇ,୨୫।୬ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଜଳସମ୍ପଦ କାର୍ଯ୍ୟାଳୟ ଠାରେ ଶାସନ ପଂଚାୟତର କେତେକ ଅଧିବାସୀ ୨୨ତାରିଖ ଠାରୁ କରିଥିବା ଆମରଣ ଅନଶନରେ ଆଜି ୪ର୍ଥ ଦିବସ ରେ ପହଁଚିଛି । ଅନଶନକାରୀ ମାନେ ୧୬ନଂ କେନାଲ ରାସ୍ତା କାମ ଦୁର୍ନୀତିର ଉପଯୁକ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ଆମରଣ ଅନଶନ କରାଯାଇଛି । ପ୍ରଶାନ୍ତ ମହାନ୍ତି, ଧ୍ରୁବ ପାଣ୍ଡବ୍ର ରମାକାନ୍ତ ଦାଶ,ଅର୍ଜୁନ ସାହୁ, ତୀର୍ଥ ପରିଡା ରଶ୍ମିକାନ୍ତ କୁଣ୍ଡ ପ୍ରମୁଖ ଆମରଣ ଅନଶନରେ ବସିଥିଲେ। ଆଜି ଆମରଣ ଅନଶନ ୪ର୍ଥ ଦିବସରେ ପହଂଚି ଥିବାରୁ ଅନଶନକାରୀଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କ ମଧ୍ୟରୁ ପ୍ରଶାନ୍ତ ରମାକାନ୍ତ ଅର୍ଜୁନ ଓ ରଶ୍ମିକାନ୍ତଙ୍କୁ ପ୍ରଥମେ ପଟ୍ଟାମୁଣ୍ଡାଇ ପରେ ପରେ ତତ୍କାଳ ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ତୀର୍ଥ ପରିଡା ଓ ଅନ୍ୟମାନେ ଅନଶନ ଜାରି ରଖିଛନ୍ତି। କୌଣସି ଅଘଟଣ ଆଶଙ୍କାରେ ଘଟଣା ସ୍ଥଳରେ ପୁଲିସ ଫୋର୍ସ ମୁତୟନ ରହିଛନ୍ତି ।



## ପଟ୍ଟାମୁଣ୍ଡାଇ କଲେଜରେ ଯୋଗ ଶିବିର ଓ ଆଲୋଚନାଚକ୍ର




**ପଟ୍ଟାମୁଣ୍ଡାଇ,୨୫।୬ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ କଲେଜ ଏନ ଏସ ଏସ, ଏନ ସି ସି ଓ ୟୁଥ ରେଡ କ୍ରସ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ କଲେଜ ଅଧକ୍ଷ କ୍ୟାପଟେନ ମନୋଜ ପରିଡାଙ୍କ ଏକ ଆଲୋଚନାଚକ୍ର ଓ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ୟୁଥ ରେଡକ୍ରସ କାଉନସେଲର ଅଧ୍ୟାପକ ସରୋଜକାନ୍ତ ନାୟକ ଏନ ସି ସି ଅଫିସର ଅଧ୍ୟାପକ ଜିତେନ୍ଦ୍ର ମଲ୍ଲିକ ଆଇ କ୍ୟୁ ଏ ସି ସଂଯୋଜକ ଅଧ୍ୟାପକ ସୁଭାଶିଷ ମିଶ୍ର ଏନ ଏସ ଏସ ଅଫିସର ଅଧ୍ୟାପକ ପ୍ରଦ୍ୟୁମ୍ନ ପ୍ରଧାନ ଅଧ୍ୟାପକ ଚିନ୍ମୟ ସାମଲ ପ୍ରମୁଖ ଭାଷଣ ଦେଇ ସୁସ୍ଥ ଓ ନିରୋଗ ରହିବା ପାଇଁ ଯୋଗ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଯୋଗ ଶିକ୍ଷକ କ୍ଷୀରୋଦ ମଲ୍ଲିକ ଛାତ୍ରଛାତ୍ରୀମାନଙ୍କୁ ଯୋଗ ଶିକ୍ଷା ଦେଇଥିଲେ ।

### କୋଡ଼ିଙ୍ଗାମାଳି ଖଣି ସମ୍ପ୍ରସାରଣ ପାଇଁ ଜନଶୁଣାଣି

## ୬ ମିଲିୟନ ଟନ୍ ଉତ୍ପାଦନ ବୃଦ୍ଧିକୁ ଗ୍ରାମବାସୀଙ୍କ ସମର୍ଥନ

**କୋରାପୁଟ, ୨୫।୬ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର ଚମ୍ପି ଗ୍ରାମରେ ଗୁରୁବାର କୋଡ଼ିଙ୍ଗାମାଳି ବକ୍ସାଇଟ ଖଣିର ସମ୍ପ୍ରସାରଣ ପ୍ରସ୍ତାବକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଜନଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆୟୋଜିତ ଏହି ଜନଶୁଣାଣୀରେ ଲକ୍ଷ୍ମୀପୁର ଓ ଦଶମନ୍ତପୁର ବ୍ଲକର ୨୨ଟି ଗ୍ରାମରୁ ଦୁଇ ହଜାରରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ।

ବର୍ତ୍ତମାନ କୋଡ଼ିଙ୍ଗାମାଳି ଖଣିରୁ ବାର୍ଷିକ ୩.୬ ମିଲିୟନ ଟନ ବକ୍ସାଇଟ ଉତ୍ତୋଳନ କରାଯାଉଥିବା ବେଳେ ଏହାକୁ ୬ ମିଲିୟନ ଟନକୁ ବୃଦ୍ଧି କରିବା




ପ୍ରସ୍ତାବ ଉପରେ ଲୋକମତ ସଂଗ୍ରହ କରାଯାଇଥିଲା। ଦୀର୍ଘ ୮ ବର୍ଷ ଧରି ଓଡ଼ିଶା ଖଣି ନିଗମ ମାଧ୍ୟମରେ ବେଦାନ୍ତ କମ୍ପାନୀ ଏହି ଖଣିରୁ ବକ୍ସାଇଟ ସଂଗ୍ରହ କରୁଛି। ଜନଶୁଣାଣୀ ସମୟରେ ୪୧ ଜଣ ବକ୍ତା ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ଓ ଆବଶ୍ୟକତା ଉପରେ ମତ ରଖିଥିଲେ। ରାସ୍ତାଘାଟର ଉନ୍ନତି, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ସେବା, ଶିକ୍ଷା ବ୍ୟବସ୍ଥା, ପରିବେଶ ସୁରକ୍ଷା ଓ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ପ୍ରଦାନ ଭଳି ବିଷୟଗୁଡ଼ିକୁ ଗୁରୁତ୍ୱ ଦେବାକୁ ଦାବି କରାଯାଇଥିଲା। ତେବେ ଅଧିକାଂଶ ବକ୍ତା ଖଣି ଉତ୍ପାଦନ ବୃଦ୍ଧି ପ୍ରସ୍ତାବକୁ ସମର୍ଥନ କରିଥିବା ଜଣାପଡ଼ିଛି। ସରକାରଙ୍କ ପକ୍ଷରୁ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ନରେଶ ଶବର ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଦୀପେଶ କୁମାର ବିଶ୍ୱାଳ ଉପସ୍ଥିତ ରହି ଲୋକଙ୍କ ମତାମତ ଓ ଅଭିଯୋଗ ଶୁଣିଥିଲେ। ଜନଶୁଣାଣୀର ଭିଡିଓ ରେକର୍ଡିଂ କରାଯାଇଥିବା ବେଳେ ଏହାକୁ ସରକାରଙ୍କ ନିକଟକୁ ପ୍ରେରଣ କରାଯିବ।

## ଶିଶୁ ଶିକ୍ଷା ଓ ଯତ୍ନ ଆଲୋଚନାଚକ୍ର ଉଦ୍‌ଯାପିତ




**ସତ୍ୟବାଦୀ,୨୫।୬ (ସଂଚାର ବ୍ୟୁରୋ):** ସ୍ଥାନୀୟ ସ୍ୱର୍ଣ୍ଣ ମଣ୍ଡପ ଠାରେ ଆୟୋଜିତ ୩ ଦିନିଆ "ଶିଶୁ ଶିକ୍ଷା ଓ ଯତ୍ନ" ଆଲୋଚନା ଚକ୍ରର ଉଦଯାପନ ଦିବସରେ ସରକାରଙ୍କ ଜାତୀୟ ଶିକ୍ଷା ନୀତି ୨୦୨୦ର ସଫଳ ରୂପାୟନ ନେଇ ଅତିଥି ମାନେ ଆଶାବ୍ୟକ୍ତ କରିଥିଲେ । ସ୍ୱାଦ ସ୍ୱେଛାସେବୀ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି ଆଲୋଚନା ଚକ୍ର ଗୁରୁବାର ଉଦଯାପିତ ହୋଇଯାଇଛି। ସର୍ବଭାରତୀୟ ସ୍ତରରେ ସରକାର ଙ୍କ ଦ୍ୱାରା ପ୍ରଚଳିତ ହେବାକୁ ଯାଉଥିବା ଏକକ ଶିକ୍ଷା ନୀତି ପ୍ରଚଳନ ଉଦ୍ଦେଶ୍ୟରେ ଏହି ଆଲୋଚନା ଚକ୍ର ଆୟୋଜନ କରାଯାଇଥିଲା।

ପ୍ରଚଳିତ ହେବାକୁ ଥିବା ଜାତୀୟ ଶିକ୍ଷା ନୀତିରେ ୫ + ୩ + ୩ + ୪ ର ଉପଯୋଗ ଓ ବ୍ୟବହାର । ପ୍ରଥମ ୫ ବର୍ଷରୁ , ଶିଶୁ ଟି ତିନିବର୍ଷ ଅଙ୍ଗନୱାଡ଼ି କେନ୍ଦ୍ରରେ ଶିକ୍ଷା ଗ୍ରହଣ କରିବା ଚାରି ଓ ପାଞ୍ଚ ବର୍ଷ ବୟସରେ ସେ ପ୍ରଥମ ଏବଂ ଦ୍ୱିତୀୟ ଶ୍ରେଣୀ ସ୍କୁଲ ରେ ଶିକ୍ଷା ଗ୍ରହଣ କରିବା । ସେହିପରି ଦ୍ୱିତୀୟ ୩ ବର୍ଷରୁ ଶିଶୁଟି ତୃତୀୟ, ଚତୁର୍ଥ ଓ ପଞ୍ଚମ ଶ୍ରେଣୀରେ ଅଧ୍ୟୟନ କରିବ। ସେହିପରି ତୃତୀୟ ବର୍ଷରେ ସେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀରେ ପାଠ ପଢ଼ିବ । ଶେଷ ଥିବା ୪ ବର୍ଷରେ ପିଲାଟି ନବମ , ଦଶମ, ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ସ୍କୁଲ ଶିକ୍ଷା ସମାପ୍ତ କରି କଲେଜ ରେ ପଢ଼ିବ । ତେବେ ଏହି ଶିକ୍ଷା ବ୍ୟବସ୍ଥାରେ ବିଦ୍ୟାର୍ଥୀ ମାନେ ଗୋଟିଏ ପରିସର ମଧରେ ଶିକ୍ଷା ଗ୍ରହଣ କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ମତପ୍ରକାଶ ପାଇଥିଲା।

# ୧୨ ନଂ କେନାଲ୍ ମୁହଁ ବନ୍ଦ, ଖରିଫ୍ ଋତୁରେ ପାଣି ବନ୍ଦ ନେଇ ଆଶଙ୍କାରେ ଚାଷୀ

### କେନାଲରେ ପାଣି ଆସିଲେ ବନ୍ଧ ଭାଙ୍ଗି କୃତ୍ରିମ ବନ୍ୟା ଆଶଙ୍କା



**ଡେରାବିଶ,୨୫।୬ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଯଆଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ଡାମୂଳ ଠାରେ କେନ୍ଦ୍ରାପଡ଼ା କେନାଲରୁ ବାହାରିଥିବା ଏହାର ୧୨ ନଂ ଶାଖା ନାଳ ମୁହଁ ଦୀର୍ଘ ୨ ମାସ ଧସିଯାଇ ବନ୍ଦ ହୋଇଯାଇଛି। ଯାହା ଫଳରେ ଏହି କେନାଲ୍ ଉପରେ ନିର୍ଭର କରି ଚାଷକରୁଥା ଏହି ବ୍ଲକ ଅଞ୍ଚଳର ୭ରୁ ଉର୍ଦ୍ଧ୍ୱ ପଞ୍ଚାୟତବାସୀ ଏବେ କେନାଲ୍ ପାଣି ପାଇବା ନେଇ ଆଶଙ୍କାରେ ରହିଛନ୍ତି।

ସୂଚନାରୁ ପ୍ରକାଶ ଦୁଇମାସ ପୂର୍ବରୁ ଅର୍ଡାମୂଳ ବାଲି ଘାଟରୁ ବେଆଇନ ଭାବେ ଓ ଅଧିକ ପରିମାଣରେ ବାଲି ପରିବହନ କରି ଶହଶହ ହାଇୱା ଏହି କେନାଲ୍ ବନ୍ଧ ନେଇ ଯିବା ଫଳରେ ରାସ୍ତା ଓ କେନାଲ୍ ମୁହଁ ଦୁର୍ବଳ ହୋଇ ପଡ଼ି ଧସିଯାଇଥିଲା। ଫଳରେ ଏହାର କେନାଲ୍ ମୁହଁର କାନ୍ଥ ଭାଙ୍ଗି କେନାଲ୍ ମୁହାଁଟି ସମ୍ପୂର୍ଣ୍ଣ ଭାବେ ମାଟି ଓ ଇଟାରେ ପୋତି ହୋଇପଡ଼ିଛି। ଏବେ ଖରିଫ୍ ଋତୁରେ ଚାଷୀ ବର୍ଷା ପାଣିରେ ବିଲ ପାଗ ଦେଇ ଧାନ ପକାଇଛି। ଆଶା କରିଛି କେନାଲ ପାଣି ଆସିଲେ ବିଲ ଚାଷ କରି ରୁଆ ପୋତା କାର୍ଯ୍ୟ କରିବ। ହେଲେ କେନାଲ୍ ମୁହଁ ବନ୍ଦ। ଏବେ ଚାଷୀର ଭରସା ପାଉନି କେମିତି ପୋତି ହୋଇପଡ଼ିଥିବା କେନାଲ୍ ମୁହଁ ଦେଇ କେନାଲ୍ ପାଣି ଆସିବ।

ଏଥି ସହିତ ଏବେ ମୌସୁମୀ ବର୍ଷା ଆରମ୍ଭ ହୋଇଗଲାଣି। ବର୍ଷା ଦିନରେ କେନାଲ୍ କାମ କରିବା ସମ୍ଭବ ନୁହେଁ। ଆହୁରି ମଧ୍ୟ କେନାଲ୍‌ରେ ପାଣି ଆସିଲେ ଏଠାରେ ଅଧା ଅଧି ଭୁସୁଡ଼ି ଯାଇଥିବା ଦୁର୍ବଳ ବନ୍ଧ କୌଣସି ମୁହୂର୍ତ୍ତରେ ଭାଙ୍ଗିଯାଇ ସ୍ଥାନୀୟ ଅଞ୍ଚଳରେ କୃତ୍ରିମ ବନ୍ୟା ସୃଷ୍ଟି କରିବାର ଆଶଙ୍କା ଦେଖାଦେଇଛି। ତେବେ ଜଳସଚେନ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ସାମାନ୍ୟ ତମ ଦୃଷ୍ଟି ଦେଉନଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ସ୍ଥାନୀୟ ଚାଷୀମାନଙ୍କ ଠାରୁ ଖବର ପାଇ ରାଜ୍ୟ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ା ଘଟଣା ସ୍ଥଳରେ ପହଞ୍ଚି ଚାଷୀମାନଙ୍କ ନିକଟରୁ ସମସ୍ତ ବିଷୟ ବୁଝିଥିଲେ ଏବଂ ପରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ଏହି କେନାଲ୍ ମୁହଁଟିକୁ ନିର୍ମାଣ କରିବା ପାଇଁ କହିଥିଲେ। ତେବେ ଯଦି ଖୁବ୍ ଶିଘ୍ର ଏହି କୋନଲ ମୁହଁଟିକୁ ନିର୍ମାଣ କରାନଯାଏ ତେବେ ଧାନ ଚାଷ କରିବା ପାଇଁ ଚାଷୀମାନେ ଘୋର ଅସୁବିଧାର ସମ୍ମୁଖିନ ହେବେ।

## କୃଷି ବିଭାଗର ମୁଗଚାଷ କ୍ଷେତ୍ର ଦିବସ କର୍ମଶାଳା



**ମାର୍ଶାଘାଇ,୨୫।୬(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ କୃଷି କାର୍ଯ୍ୟାଳୟ ପକ୍ଷରୁ କୃଷକମାନଙ୍କ ସଚେତନତା ଶିବିର 'କ୍ଷେତ୍ର ଦିବସ' ମାର୍ଶାଘାଇ ଶିବମନ୍ଦିର ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମାର୍ଶାଘାଇ କୃଷି ଜିଲ୍ଲା ଅଧିକାରୀ ହେମନ୍ତ ସାମଲ, କେନ୍ଦ୍ରାପଡ଼ା କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ତାପସ ଦାସ, ବ୍ଲକ କୃଷି ଅଧିକାରୀ ପ୍ରମୋଦିନୀ ପ୍ରଧାନ, ଭାରପ୍ରାପ୍ତ ସହକାରୀ କୃଷି ଅଧିକାରୀ ମୃତ୍ୟୁଞ୍ଜୟ ଦାସ, ଯୁବ ନେତା ବଳଭଦ୍ର ଦାସ,କୃଷି ଓଭରସିୟର ରଞ୍ଜନ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରବିଋତୁରେ ଧାନ ଚାଷ ପରବର୍ତ୍ତୀ ସମୟରେ ଜମିକୁ ଖାଲି ପଡ଼ିଆ ନ ରଖି ବିଭିନ୍ନ ଶସ୍ୟ ଚାଷ କରିବା ଉପରେ ଆଲୋକପାତ କରିଥିଲେ ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ଶୁକ୍ରବାର ୨୬ ଜୁନ୍ ୨୦୨୬, ଭୁବନେଶ୍ୱର
Friday 26 June 2026, Bhubaneswar

# ନାଗରିକତ୍ୱର ପ୍ରମାଣ ନେଇ ଦ୍ୱନ୍ଦ୍ୱ

ଆଜିର ଭାରତରେ ଜଣେ ସାଧାରଣ ନାଗରିକଙ୍କ ପାଇଁ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି-ମୋର ନାଗରିକତ୍ୱ କେଉଁ ଦସ୍ତାବିଜ ପ୍ରମାଣିତ କରିବ? ପାସପୋର୍ଟ, ଆଧାର କାର୍ଡ, ଭୋଟର ଆଇଡି, ପାନ କାର୍ଡ ନା ଜନ୍ମ ପ୍ରମାଣପତ୍ର? ସରକାରୀ ସ୍ପଷ୍ଟୀକରଣ ଏବଂ ଆଦାଲତର ରାୟ ପରେ ଏହି ପ୍ରଶ୍ନ ଏତେ ଜଟିଳ ହୋଇ ପଡ଼ିଛି ଯେ ସାଧାରଣ ମଣିଷ ବିଭ୍ରାନ୍ତ ହୋଇ ପଡୁଛନ୍ତି। ବିଶେଷ କରି ବିହାରର ଭୋଟର ତାଲିକା ସଂଶୋଧନ (ଏସଆଇଆର) ଏବଂ ଜାତୀୟ ନାଗରିକ ପଞ୍ଜୀ (ଏନଆରସି) ଆଲୋଚନା ମଝିରେ ଏହି ଦ୍ୱନ୍ଦ୍ୱ ରାଜନୈତିକ ଓ ସାମାଜିକ ଉତ୍ତେଜନା ସୃଷ୍ଟି କରିଛି।



ସମ୍ପ୍ରତି ବିଦେଶ ମନ୍ତ୍ରଣାଳୟର ଏକ ବିବୃତ୍ତି ଏହି ବିଭ୍ରାନ୍ତିକୁ ଆହୁରି ବଢ଼ାଇଛି। ପାସପୋର୍ଟ ଆଇନ ୧୯୬୭ର ଧାରା ୨୦ ଅନୁଯାୟୀ ପାସପୋର୍ଟ ଏକ ଯାତ୍ରା ଦସ୍ତାବିଜ ମାତ୍ର, ନାଗରିକତ୍ୱର ନିଶ୍ଚିତ ପ୍ରମାଣ ନୁହେଁ। ଏହା ଏପର୍ଯ୍ୟନ୍ତ ଅନେକଙ୍କ ପାଇଁ ସବୁଠାରୁ ବିଶ୍ୱାସଯୋଗ୍ୟ ପ୍ରମାଣ ଥିଲା। କିନ୍ତୁ ଆଇନଗତ ଭାବେ ଏହା ଅଣ-ନାଗରିକଙ୍କୁ ମଧ୍ୟ ଦିଆଯାଇପାରେ ବୋଲି ସ୍ପଷ୍ଟ ହୋଇଛି। ଏହା ପରେ ଲୋକଙ୍କ ମନରେ ଉଠିଲା-ଯଦି ପାସପୋର୍ଟ ନୁହେଁ, ତେବେ କ'ଣ? ଆଧାର? ଭୋଟର ଆଇଡି? ଉଭୟ ଆଇନ ଓ ଆଦାଲତ କହୁଛନ୍ତି ଯେ ଏଗୁଡ଼ିକ ପରିଚୟ ଓ ବାସିନ୍ଦା ପ୍ରମାଣ, ନାଗରିକତ୍ୱ ନୁହେଁ।

ନାଗରିକତ୍ୱ ଆଇନ ୧୯୫୫ ଅନୁଯାୟୀ ନାଗରିକତ୍ୱ ଜନ୍ମ, ବଂଶ, ପଞ୍ଜୀକରଣ କିମ୍ବା ପ୍ରାକୃତିକୀକରଣ ମାଧ୍ୟମରେ ପ୍ରାପ୍ତ ହୋଇଥାଏ। କିନ୍ତୁ ଏହାର ନିଶ୍ଚିତ ପ୍ରମାଣପତ୍ର ସାଧାରଣ ଭାବେ ଜାରି ହୁଏ ନାହିଁ। ଜନ୍ମ ପ୍ରମାଣପତ୍ର, ସ୍କୁଲ ସର୍ଟିଫିକେଟ, ଡୋମିସାଇଲ ସର୍ଟିଫିକେଟ, କାଷ୍ଟ ସର୍ଟିଫିକେଟ ଆଦି ଜନ୍ମ ସ୍ଥାନ ଓ ତାରିଖ ପ୍ରମାଣିତ କରେ, କିନ୍ତୁ ଏଗୁଡ଼ିକ ମଧ୍ୟ ପୂର୍ଣ୍ଣ ନାଗରିକତ୍ୱ ପ୍ରମାଣ ନୁହେଁ ବୋଲି ଆଦାଲତ କହିଛନ୍ତି। ବମ୍ବେ ହାଇକୋର୍ଟ ସମେତ ଅନେକ ଆଦାଲତ ରାୟରେ ଆଧାର, ପାନ, ଭୋଟର ଆଇଡିକୁ ନାଗରିକତ୍ୱ ପ୍ରମାଣ ଭାବେ ଖାରଜ କରିଛନ୍ତି। ଏହା ଫଳରେ ସାଧାରଣ ନାଗରିକଙ୍କ ମଧ୍ୟରେ ଆତଙ୍କ ଓ ଅନିଶ୍ଚୟତା ବଢ଼ିଛି।

ଏହି ବିଭ୍ରାନ୍ତିର ମୂଳ କାରଣ ହେଉଛି ଦସ୍ତାବିଜର ଉଦ୍ଦେଶ୍ୟ ଓ ଆଇନଗତ ସୀମା। ଆଧାର ଆଇନର ଧାରା ୯ ଅନୁଯାୟୀ ଏହା କେବଳ ପରିଚୟ ପ୍ରମାଣ। ଭୋଟର ଆଇଡି ନିର୍ବାଚନ ଯୋଗ୍ୟତା ପ୍ରମାଣ କରେ, ନାଗରିକତ୍ୱ ନୁହେଁ। ପାସପୋର୍ଟ ଯାତ୍ରା ପାଇଁ। କୌଣସି ଏକ ଦସ୍ତାବିଜ ନାଗରିକତ୍ୱର ନିଶ୍ଚିତ ପ୍ରମାଣ ନୁହେଁ ବୋଲି ସରକାର ଓ ଆଦାଲତ ବାରମ୍ବାର କହୁଛନ୍ତି। କିନ୍ତୁ ବାସ୍ତବରେ ଲୋକେ ଏହି ଦସ୍ତାବିଜଗୁଡ଼ିକୁ ନିଜର ପରିଚୟ ଓ ଅଧିକାରର ଆଧାର ଭାବେ ବ୍ୟବହାର କରନ୍ତି। ଯେତେବେଳେ ଏଗୁଡ଼ିକ ପ୍ରଶ୍ନବାଚୀ ହୁଏ, ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୁଏ। ବିଶେଷ କରି ଗ୍ରାମାଞ୍ଚଳ ଓ ଦରିଦ୍ର ବର୍ଗର ଲୋକଙ୍କ ପାଇଁ ଏହା ବଡ଼ ସମସ୍ୟା, ଯେଉଁମାନଙ୍କ ପାଖରେ ଜନ୍ମ ପ୍ରମାଣପତ୍ର ବା ପୁରୁଣା ଦସ୍ତାବିଜ ନଥାଏ।

ଏହି ଦ୍ୱନ୍ଦ୍ୱ ରାଜନୈତିକ ରଙ୍ଗ ଧାରଣ କରିଛି। ବିରୋଧୀ ଦଳ ଏହାକୁ ସରକାରଙ୍କ ଏକ ଷଡ଼ଯନ୍ତ୍ର ବୋଲି କହୁଛନ୍ତି ଯାହା ଭୋଟର ତାଲିକାରୁ ଲୋକଙ୍କୁ ବାହାର କରିବା ପାଇଁ ବ୍ୟବହୃତ ହେବ। କେହି କେହି କହୁଛନ୍ତି ଯେ ଏହା ଏନଆରସି ପାଇଁ ପ୍ରସ୍ତୁତି। ସରକାର ପକ୍ଷରୁ କୁହାଯାଉଛି ଯେ ଏହା ଆଇନଗତ ସ୍ପଷ୍ଟୀକରଣ ମାତ୍ର, କୌଣସି ନୂଆ ନୀତି ନୁହେଁ। କିନ୍ତୁ ସାଧାରଣ ଜନତା ପାଇଁ ଏହା କେବଳ ଆଇନଗତ ବିତର୍କ ନୁହେଁ, ଏହା ତାଙ୍କର ଅସ୍ତିତ୍ୱର ପ୍ରଶ୍ନ।

ଏହି ପରିସ୍ଥିତିରେ ସରକାରଙ୍କ ଦାୟିତ୍ୱ ହେଉଛି ସ୍ପଷ୍ଟ ନିର୍ଦ୍ଦେଶିକା ଜାରି କରିବା। ଏକ ଏକୀକୃତ ନାଗରିକତ୍ୱ ପ୍ରମାଣ ପ୍ରକ୍ରିୟା ଚାଲୁ କରାଯାଉ, ଯାହା ସମସ୍ତ ରାଜ୍ୟରେ ସମାନ ହେବ। ଡିଜିଟାଲ ଡାଟାବେସ ମାଧ୍ୟମରେ ଜନ୍ମ-ମୃତ୍ୟୁ ପଞ୍ଜୀ ସହ ଆଧାର, ଭୋଟର ତାଲିକାର ଲିଙ୍କିଙ୍ଗ କରି ଏକ ସୁଗମ ବ୍ୟବସ୍ଥା କରାଯାଉ। ଯେଉଁମାନଙ୍କ ପାଖରେ ଦସ୍ତାବିଜ ନାହିଁ, ସେମାନଙ୍କ ପାଇଁ ସରଳୀକୃତ ପ୍ରକ୍ରିୟା ଓ ସହାୟତା ଯୋଗାଇ ଦିଆଯାଉ। ଆଦାଲତ ଓ ସରକାର ମିଶି ଏକ ସ୍ପଷ୍ଟ ମାନଦଣ୍ଡ ସ୍ଥିର କରନ୍ତୁ ଯାହା ଦେଶର ପ୍ରତ୍ୟେକ ନାଗରିକଙ୍କୁ ନିରାପଦ ଓ ନିଶ୍ଚିତତା ପ୍ରଦାନ କରିବ।

ନାଗରିକତ୍ୱ ହେଉଛି ଏକ ମୌଳିକ ଅଧିକାର ଓ ପରିଚୟ। ଏହାକୁ ବିଭ୍ରାନ୍ତିର ଶିକାର କରିବା ଉଚିତ ନୁହେଁ। ସରକାର ଯଦି ସତ୍ୟ ପ୍ରମାଣ ପ୍ରଦାନ କରିବାରେ ସକ୍ଷମ ହୁଏ, ତେବେ ଜନତାର ବିଶ୍ୱାସ ବଢ଼ିବ। ଅନ୍ୟଥା ଏହି ଦ୍ୱନ୍ଦ୍ୱ ଦେଶର ସାମାଜିକ ସୁସ୍ଥିରତାକୁ ପ୍ରଭାବିତ କରିବ। ଆମେ ସବୁଠାରୁ ବଡ଼ ଗଣତନ୍ତ୍ରର ନାଗରିକ, ଆମର ଅଧିକାର ସ୍ପଷ୍ଟ ହେବା ଉଚିତ। ବିଭ୍ରାନ୍ତି ନୁହେଁ, ସ୍ପଷ୍ଟତା ଆବଶ୍ୟକ।

# ଦେବସ୍ନାନ ପୂର୍ଣ୍ଣିମା



**ସୁକାନ୍ତ ଛାଟୋଇ**

ସାରା ବିଶ୍ୱର ଯିଏ ନିୟନ୍ତା, ଯିଏ ନାଥ, ଯିଏ ସବୁ ଧର୍ମ ମତବାଦର ଊର୍ଦ୍ଧ୍ୱରେ ସେ ହେଉଛନ୍ତି ପୁରୁଷୋତ୍ତମ କ୍ଷେତ୍ରର କ୍ଷେତ୍ରାଧୀଶ ସ୍ୱୟଂ ଜଗନ୍ନାଥ। ମହାପ୍ରଭୁଙ୍କ ବାରମାସରେ ତେର ଯାତ୍ରା ସହିତ ସତେଇଶିଟି ଉପଯାତ୍ରା ଓ ଶହେ ଆଠଟି ପର୍ବପର୍ବାଣୀ ସମ୍ପର୍କରେ ଶ୍ରୀମନ୍ଦିର ସତ୍ତ୍ୱଲିପିରେ ଉଲ୍ଲେଖ ଅଛି। ଶ୍ରୀଜୀଉଙ୍କ ଦ୍ୱାଦଶ ଯାତ୍ରାର ଯେଉଁ ଆରମ୍ଭ ହୋଇଥାଏ ଏହି ସ୍ନାନ ଯାତ୍ରାରୁ ଆରମ୍ଭ ହୋଇଥାଏ ଯାହାକୁ ଦେବସ୍ନାନ, ମଞ୍ଚାସ୍ନାନ ବା ଜ୍ୟେଷ୍ଠସ୍ନାନ କୁହାଯାଏ।

ଶ୍ରୀଜୀଉଙ୍କ ସ୍ନାନବେଦୀ ବା ଦେବସ୍ନାନ କାର୍ଯ୍ୟ ନିମିତ୍ତ ଯେଉଁ ସ୍ନାନ ମଣ୍ଡପ ତାହା ଆନନ୍ଦ ବଜାରରେ ରହିଛି। ଉତ୍ତର ପୂର୍ବକୋଣରେ ଅବସ୍ଥିତ ଏବଂ ଏହା ପୂର୍ବ ଦିଗକୁ ମୁହଁ କରିଛି। ଏହାର ପୂର୍ବପଟେ ମେଘନାଦ ପାଚେରୀ ରହିଛି ଏବଂ ଏହି ବର୍ଗାକାର ସ୍ନାନବେଦୀର ଦୈର୍ଘ୍ୟ ଓ ପ୍ରସ୍ଥ ୫୪ ଫୁଟ ୬ ଇଞ୍ଚ। ଏହି ମଣ୍ଡପରେ ଥିବା କଳା ମୁଗୁନି ପଥରର ତିନୋଟି ଗୋଲାକାର ପିଣ୍ଡି ଉପରେ ଶ୍ରୀଜୀଉ ବିରାଜମାନ କରନ୍ତି। ତିନି ପିଣ୍ଡି ଭିତରୁ ମହାପ୍ରଭୁଙ୍କ ପିଣ୍ଡିର ବ୍ୟାସାର୍ଦ୍ଧ ତିନିଫୁଟ ନଅ ଇଞ୍ଚ। ବଳଭଦ୍ରଙ୍କ ପିଣ୍ଡିର ବ୍ୟାସାର୍ଦ୍ଧ ଦୁଇଫୁଟ ଚାରି ଇଞ୍ଚ ଉଚ୍ଚତା ଆଠ ଇଞ୍ଚ। ସୁଭଦ୍ରାଙ୍କ ପିଣ୍ଡିର ବ୍ୟାସାର୍ଦ୍ଧ ଦୁଇଫୁଟ ଓ ଉଚ୍ଚତା ଏଗାର ଇଞ୍ଚ।

ଦେବସ୍ନାନ ପୂର୍ଣ୍ଣିମା ରଥଯାତ୍ରାର ପୂର୍ବରୁ ହେଉଥିବାରୁ ଏହାର ତାତ୍ପର୍ଯ୍ୟତା ସମ୍ପର୍କରେ 'ନୀଳାଦ୍ରି ମହୋଦୟ'ରେ ଉଲ୍ଲେଖ ରହିଛି। ଏହି ସ୍ନାନ ପୂର୍ଣ୍ଣିମାର ପୂର୍ବଦିନ ସୁନା ଗୋସାଇଁ ଓ ମୁଦିରଥ ୧୦୮ ଗୋଟି ନୂତନ କୁମ୍ଭରେ ଜଳ ଗରାବଡୁ ସେବକମାନଙ୍କ ଦ୍ୱାରା ଅଣାଇ ଭୋଗ ମଣ୍ଡପରେ ଅଧିବାସ କରି ରଖିଥାନ୍ତି। ଘଟୁଆରି ଚନ୍ଦନ ଘୋରି କର୍ପୂର, କେଶର ଓ ଗୁଆ ଇତ୍ୟାଦି ଏହି ଜଳରେ ମିଶାଇ ଏହାକୁ ଅତ୍ୟନ୍ତ ସୁଗନ୍ଧିତ କରିଥାଆନ୍ତି। ଗରାବଡୁମାନେ ୧୦୮ କୁମ୍ଭ ଉପରେ ୧୦୮ଟି ନଡ଼ିଆ ଓ ୧୦୮ ଖଣ୍ଡି କରିଆ ରଖନ୍ତି। ତେଣୁ ଏହି ପର୍ବ ରାତିରେ ବଡ଼ ସିଂହାର ପରେ ଠାକୁରମାନଙ୍କର ପହୁଡ଼ କରାନଯାଇ ଶ୍ରୀମୁଖରେ ଖଣ୍ଟୁଆ ପକାଯାଏ। ଅର୍ଥାତ୍ ମୁହଁରେ ଲୁଗା ଘୋଡ଼ାଇ ଦିଆଯାଏ। ପରେ କୋଠ ସୁଆଁସିଆମାନେ ଠାକୁରମାନେ ରତ୍ନସିଂହାସନରୁ ବିଜେ କରିବା ପାଇଁ କଳାହାଟ ଦୁଆର ଠାରୁ ରତ୍ନସିଂହାସନ ପର୍ଯ୍ୟନ୍ତ ଚାରମାଳ ବାନ୍ଧନ୍ତି।

ପୂର୍ବରୁ ସେମାନେ ମଧ୍ୟ ସ୍ନାନ ମଣ୍ଡପରେ ଚାନ୍ଦୁଆ ଇତ୍ୟାଦି ବାନ୍ଧି ସାଜସଜା କରିଥାଆନ୍ତି। ପୂର୍ଣ୍ଣିମା ଦିନ ସକାଳୁ ପୂଜା ପଣ୍ଡା, ପତି ମହାପାତ୍ର ଓ ମୁଦ୍ରାହସ୍ତ ତିନି ଠାକୁରଙ୍କ ବାଡ଼ରେ ମଙ୍ଗଳାର୍ପଣ କରିବା ପରେ ଦଇତାମାନେ ଠାକୁରମାନଙ୍କ ଦେହରେ ଡୋରି ଲାଗି କରନ୍ତି। ଅପୂର୍ବ ବାଦ୍ୟ ଶବ୍ଦ ସାଙ୍ଗକୁ ଅପୂର୍ବ ଦୃଶ୍ୟ ପରିବେଶରେ ଉଦ୍‌ଭାସିତ ହୋଇଉଠେ। ଭକ୍ତର ହୃଦୟ କନ୍ଦରର ଆକାଂକ୍ଷିତ ପହଣ୍ଡି ବିଜେ ଆରମ୍ଭ ହୁଏ। ଏହି ଦିନ ଧାଡ଼ି ପହଣ୍ଡି ହୁଏ। ଗୋଟି ପହଣ୍ଡି ନୁହେଁ। ବିଗ୍ରହମାନେ ଜଣକ ପରେ ଜଣେ ଏକାଠି ବିଜେ ହେଲେ ଧାଡ଼ି ପହଣ୍ଡି କହନ୍ତି।

ତିନିଜଣ ପୂଜା ପଣ୍ଡା ଷୋଡ଼ଶ ଉପଚାରରେ ପୂଜା ସାରିବା ପରେ ଗରାବଡୁମାନେ ରୂପା ପିଙ୍ଗଣ ଧରିଥିବା ତିନିଜଣ ମେକାପଙ୍କୁ ଜଳ ଦିଅନ୍ତି। ଏହି ପିଙ୍ଗଣରୁ ଜଳନେଇ ପୂଜା ପଣ୍ଡାମାନେ ଠାକୁରମାନଙ୍କୁ ଲାଗି କରନ୍ତି। ଏତେବେଳେ ମଧ୍ୟ ଉଚ୍ଚାରିତ ମନ୍ତ୍ର ଧ୍ୱନି ସହ ଘଣ୍ଟା କାହାଳୀ ବାଜୁଥାଏ। ଜଳ ଲାଗି ସରିଗଲେ, ଲେଙ୍କା ଓ ପାଇକମାନେ ସେହିପରି ବାଦ୍ୟ ବଜାଇ ଗୋପାଳତୀର୍ଥ ମଠରୁ ବଡ଼ ଠାକୁରଙ୍କ ପାଇଁ ହାତୀବେଶ ଆଣନ୍ତି। ଅନ୍ୟ ଦୁଇ ଠାକୁରଙ୍କ ପାଇଁ ଏହି ବେଶ୍ ଆସେ ରାଘବ ଦାସ ମଠରୁ। ବିଗ୍ରହମାନେ ଗଜାନନ ବେଶ ପରେ ପୁଷ୍ପାଳକମାନେ ପୁଷ୍ପ ଲାଗି କରନ୍ତି। ଦେବସ୍ନାନ ପୂର୍ଣ୍ଣିମାରେ ଶ୍ରୀଜୀଉଙ୍କ ଦର୍ଶନ କଲେ ସତ୍ୱଗୁଣ ଅଧିକ ପୁଣ୍ୟଫଳ ପ୍ରାପ୍ତ ହୁଏ ବୋଲି ବିଶ୍ୱାସ ରହିଛି।

**ପୋପରଡ଼ା, ନୂଆ ବଜାର, କଟକ,**
**ମୋବାଇଲ୍:୮୨୪୯୨୬୦୬୨୧**



# ଗୋଟିଏ ଚେସବୋର୍ଡରେ ଦୁଇଟି ବର୍ଗ



**ଡକ୍ଟର ଲକ୍ଷ୍ମଣ ସାହୁ**

ଦକ୍ଷିଣ ଏସିଆର ଭୂରାଜନୈତିକ ଚେସବୋର୍ଡରେ ଦୁଇଟି ପ୍ରମୁଖ ଖଣ୍ଡ ଭାବରେ ଦୁଇଟି ବନ୍ଦର ଠିଆ ହୋଇଛି , ଗୋଟିଏ ପାକିସ୍ତାନର ଗ୍ୱାଦର ଓ ଇରାନର ଚାବାହାର। ଆରବ ସାଗରର ଦକ୍ଷିଣ-ପୂର୍ବ କୂଳରେ ଅବସ୍ଥିତ, ଏହି ଦୁଇଟି ବନ୍ଦର, ଯାହା ମାତ୍ର ୮୦ ରୁ ୧୦୦ କିଲୋମିଟର ପର୍ଯ୍ୟନ୍ତ ବିଚ୍ଛିନ୍ନ ହୋଇଛି। ଏହାର ଆଞ୍ଚଳିକ ପ୍ରଭାବରେ ଏକ ବିରାଟ ପାର୍ଥକ୍ୟ ରହିଛି। ପାକିସ୍ତାନ ସହିତ ୪୦ ବର୍ଷର ଲିଜ୍ ମାଧ୍ୟମରେ ଚୀନ ଦ୍ୱାରା ପରିଚାଳିତ ଗ୍ୱାଦର, ବେଜିଂର ଦୀର୍ଘକାଳୀନ ଶକ୍ତି ସୁରକ୍ଷା ଓ ସାମରିକ ବିସ୍ତାରର ମେରୁଦଣ୍ଡ ପାଲଟିଛି। ଇରାନ ସହିତ ସହଯୋଗରେ ଭାରତ ଦ୍ୱାରା ବିକଶିତ ଚାବାହାର ହେଉଛି ମଧ୍ୟ ଏସିଆରେ ପ୍ରବେଶ ହାସଲ କରିବା ଓ ଚୀନ୍ ପ୍ରଭାବକୁ ସନ୍ତୁଳିତ କରିବା ପାଇଁ ନୂଆଦିଲ୍ଲୀର ପ୍ରୟାସ।

ବିଡ଼ମ୍ବନାର ବିଷୟ ହେଉଛି, ଚୀନ୍ ଓ ପାକିସ୍ତାନ ମଧ୍ୟରେ ଏହି ମେଣ୍ଟ ଭାରତକୁ ଅନେକ କ୍ଷେତ୍ରରେ ଏକ ରଣନୈତିକ ସୁବିଧା ଦେଇଛି ଓ ହାସଲ କରିଛି । ଗ୍ୱାଦର ବନ୍ଦର ବିଶ୍ୱର ସବୁଠାରୁ ବ୍ୟସ୍ତବହୁଳ ତୈଳ ପରିବହନ ମାର୍ଗ ମଧ୍ୟରୁ ଗୋଟିଏ। ଏହା ହର୍ମୁଜ୍ ପ୍ରଣାଳୀ ନିକଟରେ ଅବସ୍ଥିତ। ଚୀନ୍-ପାକିସ୍ତାନ ଅର୍ଥନୈତିକ କରିଡରର ଅଂଶ ଭାବରେ ଗ୍ୱାଦରରେ ଚୀନ୍ ୬୦ ବିଲିୟନ ଡଲାରରୁ ଅଧିକ ନିବେଶ କରିଛି। ଇରାନର ଚାବାହାର ବନ୍ଦର ନିଜସ୍ୱ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି। ମଧ୍ୟ ଏସିଆ ଓ ଆଫଗାନିସ୍ତାନ ପାଇଁ ଏହାର ରଣନୈତିକ ସ୍ଥାନ ସତ୍ତ୍ୱେ, ଏହାକୁ ଗଭୀର ଖନନ, ଅର୍ଥାତ୍ ପାଣି ତଳେ ମାଟି ଓ ପଥର ଅପସାରଣ ଆବଶ୍ୟକ। ବନ୍ଦର ବିକାଶରେ ଭାରତର ନିବେଶ ୫୦୦ ନିୟୁତ ଡଲାର ଖର୍ଚ୍ଚ ହୋଇଥିଲା। ଯାହା ଚୀନର ନିବେଶ ତୁଳନାରେ କିଛି ନୁହେଁ। ଯଦିଓ ପରିମାଣର ଏହି ପାର୍ଥକ୍ୟ ଆର୍ଥିକ ଅପେକ୍ଷା ଅଧିକ ରଣନୈତିକ।

ଚୀନର ୬୦ ବିଲିୟନ ଡଲାର ନିବେଶ ଗ୍ୱାଦରକୁ ରାସ୍ତା, ରେଳବାଇ, ଶକ୍ତି ପାଇପଲାଇନ ଓ ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ରର ଏକ ବ୍ୟାପକ କରିଡର ସହିତ ସଂଯୋଗ କରେ। ଭାରତର ଚାବାହାରରେ ଏପରି କୌଣସି ସମନ୍ୱିତ ଭିତ୍ତିଭୂମି ନାହିଁ। ଗ୍ୱାଦର ଚୀନକୁ ଶକ୍ତି ସୁରକ୍ଷାରେ ସବୁଠାରୁ ବଡ଼ ରଣନୈତିକ ସୁବିଧା ପ୍ରଦାନ କରେ। ମଧ୍ୟ ଏସିଆରୁ ଚୀନର ପ୍ରାୟ ୮୦ ପ୍ରତିଶତ ତୈଳ ଆମଦାନୀ ମାଲେସିଆ, ସିଙ୍ଗାପୁର ଓ ଇଣ୍ଡୋନେସିଆ ମଧ୍ୟରେ ଏକ ସଂକୀର୍ଣ୍ଣ ପ୍ରଣାଳୀ, ମାଲାକ୍କା ପ୍ରଣାଳୀ ଦେଇ ଗତି କରେ। ବିଶେଷ କରି ଯୁଦ୍ଧ ହେଲେ ଏହା ଏପରି ଏକ ରାସ୍ତା ଯାହାକୁ ଆମେରିକା ଯେକୌଣସି ସମୟରେ ବନ୍ଦ କରିପାରେ। ଚୀନ୍ ରଣନୀତିଜ୍ଞମାନେ ଏହାକୁ "ମାଲାକ୍କା ସମସ୍ୟା" ବୋଲି କୁହନ୍ତି। ଗ୍ୱାଦର ହେଉଛି ଏହି ସମସ୍ୟାର ସିଧାସଳଖ ସମାଧାନ। ଚୀନ୍ ଗ୍ୱାଦରରୁ ଏହାର ଭିତର ଅଞ୍ଚଳ ପର୍ଯ୍ୟନ୍ତ ୩,୦୨୧ କିଲୋମିଟର ଲମ୍ବ ସ୍ଥଳ ପାଇପଲାଇନ ନିର୍ମାଣ କରିବା ପାଇଁ ଏକ ଯୋଜନାରେ କାମ କରୁଛି। ଯଦି ସଫଳ ହୁଏ, ତେବେ ଏହି ମାର୍ଗ ଜାହାଜ ଚଳାଚଳ ଦୂରତା ୭୫ ପ୍ରତିଶତ ହ୍ରାସ କରିବ। ଆକଳନ କରାଯାଉଛି ଯେ ୨୦୩୦ ସୁଦ୍ଧା, ଗ୍ୱାଦର ଚୀନ୍ ର ତୈଳ ଆମଦାନୀର ୩୦ ରୁ ୪୦ ପ୍ରତିଶତ ପରିଚାଳନା କରିପାରିବ। ଯାହା ସାମୁଦ୍ରିକ ପରିବହନ ଉପରେ ନିର୍ଭରଶୀଳତାକୁ ଯଥେଷ୍ଟ ହ୍ରାସ କରିବ। ଯେହେତୁ ବିଶ୍ୱର ୨୦ ପ୍ରତିଶତ ତେଲ ହର୍ମୁଜ୍ ପ୍ରଣାଳୀ ଦେଇ ଗତି କରେ, ତେଣୁ ହର୍ମୁଜ୍ ସହିତ ଗ୍ୱାଦରର ନିକଟତା ଚୀନ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରଣନୈତିକ ଲାଭ ପ୍ରଦାନ କରେ।

ଯଦି ହର୍ମୁଜ୍ ବନ୍ଦ ହୋଇଯାଏ, ତେବେ ଗ୍ୱାଦର ଏକ ବିକଳ୍ପ ସ୍ଥଳପଥ ପ୍ରଦାନ କରେ। ପାକିସ୍ତାନ ଓ ଇରାନ ମଧ୍ୟରେ ଏକ ୫ ବିଲିୟନ ଡଲାର ପାଇପଲାଇନ ଏହି କରିଡର ଦେଇ ଲକ୍ଷ ଲକ୍ଷ ବ୍ୟାରେଲ ତେଲ ପରିବହନ କରିପାରିବ। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଭାରତ ଚୀନ୍ ପରି ସମାନ ରଣନୈତିକ




ଲାଭ ପାଇପଲାଇନ ନୁହେଁ। ଭାରତର ତୈଳ ଆମଦାନୀର ୮୦ ପ୍ରତିଶତରୁ ଅଧିକ ସାମୁଦ୍ରିକ ପରିବହନ ଉପରେ ନିର୍ଭର କରେ। ଚାବାହାର ବାଣିଜ୍ୟିକ ପରିବହନ ପାଇଁ ବହୁତ ସୁବିଧାଜନକ, କିନ୍ତୁ ଏହା ଭାରତକୁ ଶକ୍ତି ସୁରକ୍ଷାରେ ସ୍ୱାୟତ୍ତତା ପ୍ରଦାନ କରେ ନାହିଁ। ଗ୍ୱାଦରରୁ ଚୀନ୍ ଏହା ଲାଭ କରୁଛି। ଚୀନ୍‌ର ନୌସେନା ମହତ୍ତ୍ୱାକାଂକ୍ଷା ସ୍ଥାନୀୟ ସୁରକ୍ଷା ବାହାରେ ବିଶ୍ୱ ପରିସରକୁ ବିସ୍ତାର କରିଛି। କିନ୍ତୁ ସେମାନେ ଭୌଗୋଳିକ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛନ୍ତି। ଚୀନ୍‌ର ପ୍ରାଥମିକ ନୌସେନା ନୌସେନା ଭାରତ ମହାସାଗରଠାରୁ ବହୁ ଦୂରରେ ଦକ୍ଷିଣ-ପୂର୍ବ ଚୀନ୍ ସାଗରରେ ନିୟୋଜିତ। ଗ୍ୱାଦର ନୌସେନା ନୌକା ନିୟୋଜିତ ନକରି ବେଜିଂକୁ ଆରବ ସାଗରରେ ପ୍ରବେଶ ପ୍ରଦାନ କରେ। ଏହି ବନ୍ଦର "ଷ୍ଟ୍ରିଙ୍ଗ ଅଫ୍ ପର୍ଲ୍ସ" ନେଟୱାର୍କର ଏକ ଅଂଶ।

ଏହା ଚୀନ୍ ଇଣ୍ଡୋ-ପ୍ରଶାନ୍ତ ମହାସାଗରର ଏକ ଅଂଶ, ଯାହା ଚୀନ୍ ମୁଖ୍ୟଭୂମିରୁ ଆଫ୍ରିକା ଉପକୂଳ ପର୍ଯ୍ୟନ୍ତ ବ୍ୟାପ୍ତ ବାଣିଜ୍ୟିକ ଓ ସାମରିକ ସୁବିଧାର ଏକ ଶୃଙ୍ଖଳା। ଏହା ଭାରତ ମହାସାଗରରେ ଚୀନ୍‌ର ଉପସ୍ଥିତିକୁ ବୃଦ୍ଧି କରେ ଓ ଭାରତ ସହିତ ସିଧାସଳଖ ମୁକାବିଲାକୁ ଏଡାଇବା ପାଇଁ ଏକ ପ୍ରତିବନ୍ଧକ ଭାବରେ କାର୍ଯ୍ୟ କରେ। ଭାରତର ନୌସେନା ପ୍ରତିକ୍ରିୟା ଚାବାହାର ମାଧ୍ୟମରେ ସୀମିତ, ଯାହା ମୁଖ୍ୟତଃ ଏକ ବାଣିଜ୍ୟିକ ବନ୍ଦର। ଭାରତ ସେଠାରେ ଚୀନ୍‌ର ନୌସେନା ଅଭ୍ୟାସ, ରାଡାର ନିୟୋଜନ ଓ ସୁରକ୍ଷା ସହଯୋଗ ସହିତ ସମକକ୍ଷ ହୋଇପାରି ନାହିଁ।

ଗ୍ୱାଦର ଓ ଚାବାହାର ଉଭୟ ଆଫଗାନିସ୍ତାନ ଓ ମଧ୍ୟ ଏସିଆର ପ୍ରବେଶ ପଥ ହେବା ପାଇଁ ପ୍ରତିଯୋଗିତା କରୁଛନ୍ତି। କିନ୍ତୁ ଚୀନ୍ ସ୍କେଲ ଏବଂ ସମନ୍ୱୟ ଆଧାରରେ ଜିତିଛି। ଚାବାହାରର ମୂଳ ଉଦ୍ଦେଶ୍ୟ ଥିଲା ଭାରତ ଓ ଆଫଗାନିସ୍ତାନକୁ ପାକିସ୍ତାନକୁ ବାଇପାସ କରି ଏକ ସିଧାସଳଖ ରପ୍ତାନି ପଥ ପ୍ରଦାନ କରିବା। ଏହି ଆଶାରେ ଭାରତ ୫୦୦ ନିୟୁତ ନିବେଶ କରିଥିଲା। ତଥାପି, ଗ୍ୱାଦରରେ ଚୀନର ରଣନୀତି ବହୁତ ସଫଳ ହୋଇଛି। ଚୀନ୍ ଗ୍ୱାଦରକୁ ପାକିସ୍ତାନର ଶିଳ୍ପ କେନ୍ଦ୍ର ଏବଂ ବାହାରକୁ ସଂଯୋଗ କରିବା ପାଇଁ ବ୍ୟାପକ ଭିତ୍ତିଭୂମି ନିର୍ମାଣ କରିଛି। ଫଳସ୍ୱରୂପ, ଆଫଗାନିସ୍ତାନ ଏହାର ଉତ୍କୃଷ୍ଟ ଭିତ୍ତିଭୂମି ଓ କମ ଖର୍ଚ୍ଚ ଯୋଗୁଁ କରାଚୀ ବନ୍ଦରକୁ ବର୍ଦ୍ଧିତ ଭାବରେ ବ୍ୟବହାର କରୁଛି।

ଭାରତର ଅସୁବିଧା ଦୁଇଟି: ଆଫଗାନିସ୍ତାନକୁ ପଠାଯାଉଥିବା ପରିବହନ ଭାରତ ଚାବାହାର ରାସ୍ତା ବଦଳରେ ପାକିସ୍ତାନ ଦେଇ ବର୍ଦ୍ଧିତ ହେଉଛି। ମଧ୍ୟ ଏସିଆରେ ଚୀନର ଭିତ୍ତିଭୂମି ପ୍ରଭାବ ବେଜିଂକୁ ସେଠାକାର ଦେଶଗୁଡ଼ିକର ପ୍ରାଥମିକ ଆର୍ଥିକ ଅଂଶୀଦାର କରୁଛି। ଭାରତର ରାଜନୈତିକ ନିବେଶ କୌଣସି ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଲାଭ ଦେଇନାହିଁ। ଗ୍ୱାଦର ଓ ଚୀନ-ପାକିସ୍ତାନ ଅର୍ଥନୈତିକ କରିଡର ମାଧ୍ୟମରେ ଦୁଇ ଦେଶ (ଚୀନ ଏବଂ ପାକିସ୍ତାନ) ମଧ୍ୟରେ ମେଣ୍ଟ ଭାରତର ଚାବାହାର ପଦକ୍ଷେପ ତୁଳନାରେ ଏକ ରଣନୈତିକ ଲାଭ ହାସଲ କରିଛି। ଚୀନ୍ ମଲାକ୍କା ପ୍ରଣାଳୀ ଉପରେ ତାର ନିର୍ଭରଶୀଳତା ଶେଷ କରୁଛି, ଆରବ ସାଗରରେ ନୌସେନା ପ୍ରବେଶ ହାସଲ କରୁଛି ଓ ମଧ୍ୟ ଏସିଆର ଅର୍ଥନୈତିକ କରିଡର ଉପରେ ପ୍ରାଧାନ୍ୟ ଅର୍ଜନ କରୁଛି।

ହି ରଣନୈତିକ ଅସନ୍ତୁଳନ ସାଂରଚନିକ। ଚୀନର ନିବେଶ ପୂର୍ବରୁ ଭାରତ ଅପେକ୍ଷା ଅନେକ ଗୁଣ ଅଧିକ। ଚୀନର ଭିତ୍ତିଭୂମି ଏକ ବିସ୍ତୃତ କରିଡରକୁ ବ୍ୟାପିଛି, ଯେତେବେଳେ ଭାରତର ନୁହେଁ। ଚୀନ ରଣନୈତିକ ସ୍ୱାୟତ୍ତତା ହାସଲ କରୁଛି, ସେତେବେଳେ ଭାରତ ବ୍ୟବହାରିକ ଭାବରେ ଫସି ରହିଛି। ଆଞ୍ଚଳିକ ଶକ୍ତି ବେଜିଂ ଆଡକୁ ମୁହାଁଇଛି। ଗ୍ୱାଦର ଦକ୍ଷିଣ ଏସିଆର ଏକ ପ୍ରମୁଖ ବନ୍ଦର ହେବାକୁ ଯାଉଛି।

ଭାରତର ଚାବାହାର ନୀତି ରଣନୈତିକ ଭାବରେ ସଠିକ୍, କିନ୍ତୁ ଏହାର କାର୍ଯ୍ୟାନ୍ୱୟନ ପର୍ଯ୍ୟାପ୍ତ ନୁହେଁ। ଗ୍ୱାଦର-ପାକିସ୍ତାନ ସମ୍ପର୍କ ଚୀନକୁ ଏକ ରଣନୈତିକ ସୁବିଧା ଦେଇଛି ଯାହା ଭାରତ ବର୍ତ୍ତମାନ ମେଳ କରିବାକୁ ଅସମର୍ଥ। ଏହି ସମ୍ପର୍କ ଆଗାମୀ ଦଶନ୍ଧି ଧରି ଦକ୍ଷିଣ ଏସିଆର ଭୂରାଜନୈତିକ ଦୃଶ୍ୟପଟକୁ ଆକାର ଦେବ। ଭାରତ ଏହାକୁ କିପରି ପ୍ରତିକ୍ରିୟା ଦେବ ଓ କିପରି ଏହାର ମୁକାବିଲା କରିବ ତାହା ଦେଖିବାକୁ କେବଳ ବାକି ଅଛି...!!!

**ତାରା ନିଳୟ, ପ୍ଲଟ: ୮୫୪/ଏ, ଲକ୍ଷ୍ମୀନାରାୟଣ ବିହାର,**
**ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା-୫୫, ମୋବାଇଲ୍:୯୦୪୦୧୫୧୪୭୫**

# ଇତିହାସ ପୃଷ୍ଠାରେ ଜରୁରୀ ପରିସ୍ଥିତି ବିରୋଧୀ ସଂଘର୍ଷ



**ଅମର ପ୍ରସାଦ ଶତପଥୀ**

ଦୀର୍ଘ ଦିନର ସଂଘର୍ଷ ପରେ ପରାଧୀନତା ଅମା ଅନ୍ଧକାରରୁ ମୁକ୍ତି ପାଇ ଭାରତବର୍ଷ ୧୯୪୭ ଅଗଷ୍ଟ ୧୫ ରେ ପ୍ରଥମ ସ୍ୱାଧୀନତାର ସୂର୍ଯ୍ୟାଲୋକର ସ୍ୱାଦ ପାଇଲା। ସ୍ୱାଧୀନୋତ୍ତର ଭାରତ ବର୍ଷରେ ଶାସନ ବ୍ୟବସ୍ଥା ପରିଚାଳନା ପାଇଁ ଏକ ସମ୍ବିଧାନ ପ୍ରଣୟନ ସବୁଠୁ ବଡ଼ ଆହ୍ୱାନ ଥିଲା। ପ୍ରଥମେ ୩୮୯ ପାକିସ୍ତାନ ଭାରତ ଠାରୁ ପୃଥକ ହୋଇ ଦେଶ ବିଭାଜନ ପରେ ୨୯୯ ବିଭିନ୍ନ ବର୍ଗର ବିଜ୍ଞ ବ୍ୟକ୍ତିଙ୍କୁ ନେଇ ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟ ଭାବରେ ଗ୍ରହଣ କରାଯାଇ ସମ୍ବିଧାନ ପ୍ରଣେତା ସଭା ଗଠିତ ହେଲା। ଡ଼ଃ ରାଜେନ୍ଦ୍ର ପ୍ରସାଦ ସମ୍ବିଧାନ ପ୍ରଣୟନ ସଭାର ସଭାପତି ଓ ଡ଼ଃ ବି. ଆର. ଆମ୍ବେଦକରଙ୍କ ଅଧ୍ୟକ୍ଷତାରେ ଚିଠା ପ୍ରସ୍ତୁତ ପାଇଁ ଗଠିତ କମିଟି ୯ ଡ଼ିସେମ୍ବର ୧୯୪୬ରେ ପ୍ରଥମ ବୈଠକ ହେଇଥିଲା। ଏହି ଦୁରୂହ ବ୍ୟପାରକୁ ୨ବର୍ଷ ୧୧ ମାସ, ୧୮ ଦିନର ଅକ୍ଲାନ୍ତ ପରିଶ୍ରମ ପରେ ଦେଶବାସୀଙ୍କୁ ସମ୍ବିଧାନର ପ୍ରଣୟନ ସଭା ଏକ ଅଭିନବ ସମ୍ବିଧାନ ପ୍ରଦାନ କଲେ। ଭିନ୍ନ ଭିନ୍ନ ଗଣତନ୍ତ୍ରତାନ୍ତ୍ରିକ ଦେଶର ସମ୍ବିଧାନ ଅଧୟନ ଓ ଅନୁଶୀଳନ ପରେ ସମ୍ବିଧାନ ପ୍ରଣୀତ ହେଲା। ଯାହାକି ୨୬ ଜାନୁଆରୀ ୧୯୫୦ରେ କାର୍ଯ୍ୟକାରୀ ହେଲା। ଗଣତାନ୍ତ୍ରିକ ଜଗତରେ ଏହା ଏକ ମୂଲ୍ୟଯୁକ୍ତ ଅନୁକରଣୀୟ ସମ୍ବିଧାନ ଭାବେ ପ୍ରସିଦ୍ଧି ଲାଭ କଲା।

ବିଧିର ବିଡମ୍ବନା ମାତ୍ର ୨୫ ବର୍ଷ ବ୍ୟବଧାନ ଅର୍ଥାତ ୨୯୭୫ ମସିହାରେ ସମ୍ବିଧାନର ୩୫୨ ଅନୁଚ୍ଛେଦର ଦୁରୁପଯୋଗ କରାଯାଇ ତତକାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପରାମର୍ଶରେ ରାଷ୍ଟ୍ରପତି ଫକୀରୁଦ୍ଦିନ ଅଲ୍ଲି ଅହମ୍ମଦଙ୍କ ଦ୍ୱାରା ଦେଶରେ ଜରୁରୀ ପରିସ୍ଥିତି ଘୋଷିତ ହେଲା। ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ କୁ ଶାସନ ବିରୁଦ୍ଧରେ ସୃଷ୍ଟି ହେଇଥିବା ଜନ ଆସନ୍ତୋଷକୁ ଦମନ କରିବା ଓ ତାଙ୍କୁ କ୍ଷମତାରେ ରଖିବା ପାଇଁ ଜରୁରୀ ପରିସ୍ଥିତି ଘୋଷଣାର ଏକ ମାତ୍ର ଉଦେଶ୍ୟ ଥିଲା। ୨୬ଜୁନ, ୨୯୭୫ରେ ଆମ ଗଣତାନ୍ତ୍ରିକ ଇତିହାସରେ ଏକ କଳା ଅଧ୍ୟାୟ। ବିଦେଶୀ ଶାସନରୁ ମୁକ୍ତିଲାଭ କରି ଯେଉଁ କଷ୍ଟ ଲବ୍ଧ ବ୍ୟକ୍ତି ସ୍ୱାଧୀନତା ମିଳିଥିଲା ତାହା ଅପହୃତ ହେଲା । ଭ୍ରଷ୍ଟାଚାର, ଅରାଜକତା, ଅଗଣତାନ୍ତ୍ରିକ ଶାସନକୁ ବିରୋଧ କରୁଥିବା ରାଜନେତା, ଶାନ୍ତି ଓ ସଂଗତି ର ବାର୍ତ୍ତା ବହନ କରୁଥିବା ସାମାଜିକ ସଂଗଠନ କର୍ମକର୍ତ୍ତା ଏପରିକି ସ୍ୱାଧୀନତା ସଂଗ୍ରାମୀ, ସର୍ବୋଦୟ କର୍ମୀ ମଧ୍ୟ ଗିରଫଦାରୀ ବାଦ ପଡିଲେ ନାହିଁ । ସ୍ୱାଧୀନ ମତ କରିବା ଅଧିକାର ଭାରତୀୟ ସମ୍ବିଧାନର




ଅନୁଚ୍ଛେଦ ୧୯ ଓ ୨୧ର ମୌଳିକ ଅଧିକାର ବ୍ୟବସ୍ଥାକୁ ସ୍ଥଗିତ କରାଗଲା। ପ୍ରେସ ସ୍ୱାଧୀନତା ଉପରେ ମଧ୍ୟ ଅଙ୍କୁଶ ଲାଗିଲା।

ରାଷ୍ଟ୍ର ମନ୍ତ୍ରରେ ଦୀକ୍ଷିତ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଗଠନକୁ ନିଷିଦ୍ଧ ଘୋଷଣା କରି ସାଧାରଣ କର୍ମୀଙ୍କ ଠାରୁ ଆରମ୍ଭ କରି କାର୍ଯ୍ୟକର୍ତ୍ତାମାନଙ୍କୁ କାରାଗାର ରୁଦ୍ଧ କୋଠରୀରେ ମିଶା, ଡିଆରି, ଡିଆଇଆର ଆଇନ ବଳରେ ବିନା ବିଚାରରେ ଅଟଳ ବନ୍ଧୀ କରାଗଲା। ଜରୁରୀ ପରିସ୍ଥିତିର ୫୦ ବର୍ଷ ପୂର୍ତ୍ତି ପାଳନ ଅବସରେ ଦେଶର ଭ୍ରଷ୍ଟାଚାର, ସରକାରଙ୍କ ଜନବିରୋଧୀ ନୀତିର ବିରୋଧ କରୁଥିବା ଛାତ୍ରମାନଙ୍କୁ ପୋଲିସ ବଳ ପ୍ରୟୋଗ କରି ଆନ୍ଦୋଳନକୁ ଦମନ କରିବାରେ ଲାଗିଲେ । ଲୋକନାୟକ ଜୟ ପ୍ରକାଶ ନାରାୟଣଙ୍କ ସମେତ ଗାନ୍ଧୀବାଦୀ ସର୍ବୋଦୟ ନେତା ମାନେ ନିରବ ନରହି ଆନ୍ଦୋଳନର ମାର୍ଗ ଦର୍ଶନ କଲେ। ଅଗ୍ରଭାଗରେ ଯୁବକ ଛାତ୍ର ମାନଙ୍କୁ ରଖାଯାଇ ସଂଘର୍ଷ ସମତି ମାନ ଗଠିତ ହେଲା। ସମାଜର ସବୁ କ୍ଷେତ୍ରରେ ମୌଳିକ ପରିବର୍ତ୍ତନ ପାଇଁ ସମ୍ପୂର୍ଣ୍ଣ ବିପ୍ଳବର ଆହ୍ୱାନ ଦିଆଗଲା।

ଲକ୍ଷାଧିକ ସତ୍ୟାଗ୍ରହୀମାନେ ମଧ୍ୟ ରାଜନେତାଙ୍କ ଭଳି ବନ୍ଦୀଶାଳାରେ ରହିଲେ। ଏପରିକି ବ୍ୟକ୍ତିର ମୌଳିକ ଅଧିକାର, ପ୍ରେସ ସ୍ୱାଧୀନତା ନଥିବରୁ ସମଗ୍ର ଦେଶକୁ ଜେଲଖାନାରେ ପରିଣତ ହେଲା । ଦେଶ ବାହାରେ ଗଣତନ୍ତ୍ର କଣ୍ଠବୋଧ କରିବାରୁ ତତକାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ କଠୋର ସମାଲୋଚନା କରାଗଲା। ଜୀବନକୁ ବାଜି ଲଗାଇ ଅଗଣିତ ଲୋକଙ୍କ ସାଲିସ ବିହୀନ ସଂଗ୍ରାମକୁ ଶାସନ ବିହୀନ ସାମ୍ନା କରିବା ସମ୍ଭବ ହେଲାନାହିଁ । ପ୍ରଥମ ସ୍ୱାଧୀନତା ଆନ୍ଦୋଳନରେ ବିଦେଶୀ ଶକ୍ତିର ଅତ୍ୟାଚର ଦମନଲୀଳା ଚାଲିଥିବା ବେଳେ ୧୯୭୫-୭୭ ଜରୁରୀ ପରିସ୍ଥିତିରେ ଗଣତନ୍ତ୍ର ଓ ସମ୍ବିଧାନର ଦ୍ୱାହି ଦେଇ ସମାନ ରୂପେ ଆନ୍ଦୋଳନକାରୀ ସତ୍ୟାଗ୍ରହୀ, ସ୍ୱାଧୀନମତ ଶୋଷଣ କରୁଥିବା ସମାଜର ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷକୁ ଏହି ଅତ୍ୟାଚାରର ଶିକାର ହେବାକୁ ପଡିଲା। ଏପରିକି ସ୍ୱାଧୀନତା ଆନ୍ଦୋଳନରେ କାରବରଣ କରିଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସ୍ୱାଧୀନ ଭାରତର ଜେଲ ଖାନାରେ ବନ୍ଦୀ ହୋଇ ରହିବାକୁ ପଡିଲା।

୧୯୭୭ ଜାନୁଆରୀ ନିର୍ବାଚନ ଘୋଷଣା ହେଲା ପରେ ନିରବ ଜନମତ ପ୍ରକାଶ କରିବାର ସୁଯୋଗ ମିଳିଲା। ସାଧାରଣ ଜନଗଣ ଜରୁରୀ ପରିସ୍ଥିତି ବିରୋଧରେ ମତଦାନ କଲେ। କଂଗ୍ରେସ ଶାସନ କେବଳ ନୁହେଁ ନିଜକୁ ଶକ୍ତିଶାଳୀ ମନେକରୁଥିବା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ, ତାଙ୍କ ପୁତ୍ର ସଂଜୟ ଗାନ୍ଧୀଙ୍କୁ ପରାଜୟର ସ୍ୱାଦ ଚାଖିବାକୁ ପଡିଲା। ରାଜ ଶକ୍ତିର ପରାଜୟ ଓ ଲୋକ ଶକ୍ତିର ବିଜୟ ହେଲା। ଲୋକ ୧୯୭୭ମସିହାରେ ନିର୍ବାଚନ ପରେ ମୋରାଜୀ ଭାଇ ଦେଶାଇଙ୍କ ନେତୃତ୍ୱରେ କେନ୍ଦ୍ରରେ ପ୍ରଥମ ଅଣ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠନ ହେଲା ଓ ଗଣତନ୍ତ୍ରର ପୁନଃ ପ୍ରତିଷ୍ଠା ହେଲା। ନାଗରିକମାନେ ମୌଳିକ ଅଧିକାର ଫେରିପାଇଲେ। ଅପହୃତ ପ୍ରେସ ସ୍ୱାଧିନତା ମିଳିଲା । ଭାରତୀୟ ଗଣତନ୍ତ୍ର କଠିନ ପରୀକ୍ଷାରେ ସମ୍ମୁଖୀନ ହୋଇ ସଫଳତା ସହ ଉତ୍ତୀର୍ଣ୍ଣ ହେଲା। ୪୪ତମ ସମ୍ବିଧାନ ସଂଶୋଧନ ଅନୁଯାୟୀ ବାହ୍ୟ ଆକ୍ରମଣ ସଶସ୍ତ୍ର ବିଦ୍ରୋହ ହେଲେ ହେଁ ଜରୁରୀ ପରିସ୍ଥିତି ଜାରି ହୋଇ ପାରିବ, କିନ୍ତୁ ସମ୍ବିଧାନ ପ୍ରଦତ୍ତ ବ୍ୟକ୍ତି ସ୍ୱାଧୀନତା, ବଞ୍ଚିବାର ଅଧିକରକୁ ଛଡାଇ ନିଆଯାଇ ପାରିବ ନାହିଁ। ଭାରତୀୟ ଗଣତନ୍ତ୍ର ଶକ୍ତିର ଭୂୟସୀ ପ୍ରଂଶସା ହେଲା। କ୍ଷମତାଲୋଭୀ, ଅତ୍ୟାଚାର ଭବିଷ୍ୟତ ଶାସକ ମାନଙ୍କ ପାଇଁ ଏହା ଏକ ସତର୍କ ଘଣ୍ଟି। ଜରୁରୀ ପରିସ୍ଥିତି ୫୦ବର୍ଷ ଅବସରରେ ସରକାର ପାଳନ କରୁଥିବା କାର୍ଯ୍ୟକ୍ରମ ଗଣତନ୍ତ୍ର ପାଇଁ ଶୁଭଙ୍କର। ପ୍ରଣୟନ ପରେ ସମ୍ବିଧାନର ୧୦୬ତମ ସଂଶୋଧନ କରାଯାଇଅଛି। ମହିଳା ମାନଙ୍କୁ ସାଂସଦ ଓ ବିଧାନସଭା ରେ ଗତବର୍ଷ ୩୩ଭାଗ ସଂରକ୍ଷଣ ପାଇଁ ନାରୀ ଶକ୍ତି ବନ୍ଦନ ଅଧି ନିୟମ ସଂସଦରେ ପାରିତ ହେଇଅଛି। କିନ୍ତୁ ୧୯୭୮ ମସିହାରେ ୪୪ତମ ସମ୍ବିଧାନ ସଂଶୋଧନର ଗୁରୁତ୍ୱ ଅନ୍ୟ ସଂଶୋଧନ ଗୁଡିକ ଠାରୁ ଭିନ୍ନ। ୩୫୨ଅନୁଚ୍ଛେଦ ଅନୁଯାୟୀ ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ଘୋଷିତ ଜରୁରୀ ପରିସ୍ଥିତି ସମୟରେ ନାଗରିକ ମାନଙ୍କ ମୌଳିକ ଅଧିକାର, ୧୯ ଓ ୨୧ ଅନୁଚ୍ଛେଦକୁ ବଞ୍ଚିତ କରିବାର ବ୍ୟବସ୍ଥାର ଇତି ଘଟିଛି। ୧୯୭୫ମସିହାରେ ଦେଶରେ ଜରୁରୀ ପରିସ୍ଥିତି ଘୋଷଣା ପରେ ସମ୍ବିଧାନର ୩୫୯ ଅନୁଚ୍ଛେଦ ଅନୁଯାୟୀ ବ୍ୟକ୍ତିଙ୍କ ମୌଳିକ ଅଧିକାର ଜୀବନ ଓ ବଞ୍ଚିବାର ଅଧିକାରକୁ ସାମୟିକ ଭାବେ ସ୍ଥଗିତ କରାଯିବାର ବ୍ୟବସ୍ଥାର ସଂଶୋଧନ ହେଲା। ପ୍ରେସ ସ୍ୱାଧୀନତାର କଣ୍ଠରୋଧ କରାଯାଇ ପାରିବନାହିଁ। ୪୪ ତମ ସମ୍ବିଧାନ ସଂଶୋଧନ ଭାରତୀୟ ଗଣତନ୍ତ୍ର ପାଇଁ ରକ୍ଷା କବଚ।

**ପୂର୍ବତନ ମନ୍ତ୍ରୀ, ଓଡିଶା।**

# ଏମର୍ଜେନ୍ସିକୁ ୫୧ ବର୍ଷ: ସ୍ୱାଧୀନ ଭାରତ ଇତିହାସର ସବୁଠୁ ବଡ଼ କଳାଅଧ୍ୟାୟ




## ଇଣ୍ଡିଆନ୍ ଏକ୍ସପ୍ରେସର ଶୂନ୍ୟ ସମ୍ପାଦକୀୟ




ଇନ୍ଦିରା ଗାନ୍ଧୀଙ୍କ ଇମର୍ଜେନ୍ସିକୁ ଦୃଢ଼ ଭାବରେ ବିରୋଧ କରିଥିଲା ଇଣ୍ଡିଆନ୍ ଏକ୍ସପ୍ରେସ୍। ପ୍ରେସ ସ୍ୱାଧୀନତାର କଣ୍ଠରୋଧ କରିବାକୁ ନେଇ ଇଣ୍ଡିଆନ୍ ଏକ୍ସପ୍ରେସ୍ ତୀବ୍ର ପ୍ରତିବାଦ କରିଥିଲା। ଇଣ୍ଡିଆନ୍ ଏକ୍ସପ୍ରେସ୍ ୨୮ ଜୁନ୍‌ରେ ଏକ ଫ୍ରେମ୍ ହୋଇଥିବା ସମ୍ପୂର୍ଣ୍ଣ ଖାଲି ସମ୍ପାଦକୀୟ ପ୍ରକାଶ କରିଥିଲା। ପ୍ରକାଶକ ରାମନାଥ ଗୋଏଙ୍କାଙ୍କ ନେତୃତ୍ୱରେ ଇଣ୍ଡିଆନ୍ ଏକ୍ସପ୍ରେସ୍ ସମ୍ବାଦପତ୍ରର ଏହି ନୀରବ ପ୍ରତିବାଦ ଦେଶବ୍ୟାପୀ ଚର୍ଚ୍ଚା ସୃଷ୍ଟି କରିଥିଲା।

- ଏକ ଲକ୍ଷରୁ ଅଧିକ ଗିରଫ ହୋଇଥିଲେ
- ପ୍ରେସ ସ୍ୱାଧୀନତା ରଦ୍ଦ ହୋଇଥିଲା
- ଗିରଫ ନେତାଙ୍କୁ ରଖିବାକୁ ଜେଲରେ ସ୍ଥାନାଭାବ ହୋଇଥିଲା

**ନୂଆଦିଲ୍ଲୀ, ୨୫।୬:** ୧୯୭୫ ମସିହାରେ ଦେଶରେ ଲାଗୁ ହୋଇଥିବା ଜରୁରୀକାଳୀନ ପରିସ୍ଥିତିକୁ ଗୁରୁବାର ୫୧ ବର୍ଷ ପୂରିଛି। ୧୯୭୫ ମସିହା ଆଜିର ଦିନରେ ଅର୍ଥାତ୍ ଜୁନ୍ ୨୫ ତାରିଖ ମଧ୍ୟରାତ୍ରୀରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଦେଶରେ ଅନ୍ତରୀଣ ସୁରକ୍ଷାର ଆବଶ୍ୟକତା ଅନୁଭବ କରି ଦେଶବ୍ୟାପୀ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ। ଜରୁରୀକାଳୀନ ପରିସ୍ଥିତି ଘୋଷଣା ହେବା ମାତ୍ରେ ବ୍ୟକ୍ତି ସ୍ୱାଧୀନତା ସଂକୁଚିତ ହୋଇ ଯାଇଥିଲା। ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ କୁହାଯାଉଥିବା ପ୍ରେସ୍‌ଗୁଡ଼ିକର କଣ୍ଠରୋଧ କରାଯାଇଥିଲା। ଲେଖିବାର ସ୍ୱାଧୀନତା ଛିନ୍ନ କରାଯାଇଥିଲା। ନାଗରିକଙ୍କର ବାକ୍ ସ୍ୱାଧୀନତା ଉପରେ ସରକାରୀ ଅଙ୍କୁଶ ଲଗାଯାଇଥିଲା। ଭାରତୀୟ ରାଜନୀତିର ଲୌହ ଲଳନା କୁହାଯାଉଥିବା ଇନ୍ଦିରା ଗାନ୍ଧୀଙ୍କ ରାଜନୈତିକ କ୍ୟାରିଅରରେ ଆଜି ବି ଏହି ଜରୁରୀକାଳୀନ ପରିସ୍ଥିତି ଏକ କଳାଅଧ୍ୟାୟ ହୋଇ ରହିଛି।

୧୯୭୧ ମସିହା ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ବିପୁଳ ଭୋଟ୍‌ରେ ବିଜୟୀ ହୋଇଥିଲେ ମଧ୍ୟ ୧୯୭୫ ମସିହା ଜୁନ୍ ୧୨ ତାରିଖରେ ଆହ୍ଲାବାଦ ହାଇକୋର୍ଟର ଜଷ୍ଟିସ୍ ଜଗମୋହନଲାଲ ସିହ୍ନା ନିର୍ବାଚନରେ ଅସାଧୁ ଉପାୟ ଅବଲମ୍ବନ ହୋଇଥିବା ଦର୍ଶାଇ ଶ୍ରୀମତୀ ଗାନ୍ଧୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ତାଙ୍କର ନିର୍ବାଚନୀ ବିଜୟକୁ ବାତିଲ୍ ଘୋଷଣା କରିଥିଲେ ଓ ତାଙ୍କୁ ୬ ବର୍ଷ ଲାଗି ପ୍ରଧାନମନ୍ତ୍ରୀ ପଦରେ ରହିବାକୁ ନିଷେଧ କରିଥିଲେ। ହାଇକୋର୍ଟଙ୍କ ରାୟ ପ୍ରକାଶ ପାଇବା ପରେ ପ୍ରବୀଣ ସମାଜବାଦୀ ନେତା ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ଇନ୍ଦିରା ସରକାରଙ୍କ ଇସ୍ତଫା ଦାବିକରି ଦେଶବ୍ୟାପୀ ବ୍ୟାପକ ଜନ ଆନ୍ଦୋଳନ ସୃଷ୍ଟି ହୋଇଥିଲା। ଇନ୍ଦିରା ଗାନ୍ଧୀଙ୍କ ଅନୁରୋଧରେ ତତ୍କାଳୀନ ରାଷ୍ଟ୍ରପତି ଫାରୁଖୁଉଦ୍ଦିନ୍ ଅଲ୍ଲୀ ଅହମ୍ମଦ ଏହି ଜନ ଆନ୍ଦୋଳନକୁ ଅନ୍ତରୀଣ ବିଶୃଙ୍ଖଳା ଦର୍ଶାଇ ସମ୍ବିଧାନର ୩୫୨ ଅନୁଚ୍ଛେଦ ଆଧାରରେ ୧୯୭୫ ମସିହା ଆଜିର ଦିନରେ ଅର୍ଥାତ୍ ଜୁନ୍ ୨୫ ତାରିଖରେ ସମଗ୍ର ଦେଶରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ। ଏକ ଲକ୍ଷରୁ ଅଧିକ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ, କର୍ମୀ, ସମାଜସେବୀ, ମଜଦୁର ସଂଘ ନେତାଙ୍କୁ ବିନା ବିଚାରରେ ଗିରଫ କରାଯାଇଥିଲା। ମୋରାରଜୀ ଦେଶାଇ, ଲାଲକୃଷ୍ଣ ଆଡଭାନୀ ଏବଂ ଅଟଳ ବିହାରୀ ବାଜପାୟୀଙ୍କ ଭଳି ପ୍ରମୁଖ ନେତାମାନଙ୍କୁ ଜେଲରେ ବନ୍ଦ କରିଦିଆଯାଇଥିଲା।

## ଏମର୍ଜେନ୍ସି ଏକ ଗମ୍ଭୀର ପାପ



**ନୂଆଦିଲ୍ଲୀ,୨୫।୬:** ୧୯୭୫ ମସିହାରେ ଅନିୟନ୍ତ୍ରିତ ଆଭ୍ୟନ୍ତରୀଣ ପରିସ୍ଥିତିର ମୁକାବିଲା ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଦେଶବ୍ୟାପୀ ଲାଗୁ କରିଥିବା ଜରୁରୀକାଳୀନ ପରିସ୍ଥିତି (ଇମର୍ଜେନ୍ସି)କୁ ଗୁରୁବାର ୫୧ବର୍ଷ ପୂରିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରୀମତୀ ଗାନ୍ଧୀଙ୍କର ସେହି ନିଷ୍ପତ୍ତିକୁ କଠୋର ସମାଲୋଚନା କରିଛନ୍ତି। ଗୁରୁବାର ନିଜର ସୋସିଆଲ ମିଡ଼ିଆ ପ୍ଲାଟଫର୍ମ 'ଏକ୍ସ'ରେ ଇମର୍ଜେନ୍ସିର ୫୧ତମ ବର୍ଷପୂର୍ତ୍ତି ବୋଲି ଉଲ୍ଲେଖ କରି ମୋଦୀ ଏହାକୁ ସମ୍ବିଧାନ ଉପରେ 'ସିଧାସଳଖ ଆକ୍ରମଣ' ବୋଲି ଦର୍ଶାଇଛନ୍ତି। ଏଥିସହିତ ଯେଉଁମାନେ ତତ୍କାଳର ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁରକ୍ଷା ଦେବାକୁ ଯାଇ ଇମର୍ଜେନ୍ସି ଦ୍ୱାରା ଉତ୍ପୀଡ଼ିତ ହୋଇଥିଲେ ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଅନ୍ତରୀଣ ସୁରକ୍ଷା ଆଇନ୍ ପରିଚାଳନା (ମିସା) ଆଇନ ବଳରେ ତତ୍କାଳ କଂଗ୍ରେସ ସରକାର ବ୍ୟକ୍ତି ସ୍ୱାଧୀନତାକୁ ପଙ୍ଗୁ କରିଥିବା ତଥା ଦେଶର ରାଜନୈତିକ ବ୍ୟକ୍ତିତ୍ୱମାନଙ୍କୁ ରାତି ଅଧରେ ଗିରଫ କରିବା ଘଟଣାକୁ ପ୍ରଧାନମନ୍ତ୍ରୀ ଏହି ଅବସରରେ ସ୍ମରଣ କରିଛନ୍ତି। ସେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିବାକୁ ଏକ 'ଗମ୍ଭୀର ପାପ' ତଥା ଭାରତୀୟ ଗଣତନ୍ତ୍ରର କଳା ଅଧ୍ୟାୟ ବୋଲି କହିଛନ୍ତି। କଂଗ୍ରେସ୍‌କୁ ଟାର୍ଗେଟ୍ କରିବା ସହିତ ଯେଉଁମାନେ ଦେଶ ଉପରେ ଜରୁରୀକାଳୀନ ପରିସ୍ଥିତିର ସଂକଟ ଲଦି ଦେଇଥିଲେ ସେମାନଙ୍କୁ ଭୁଲନାହିଁ କି କ୍ଷମା ଦିଅନାହିଁ ବୋଲି ପିଏମ୍ ମୋଦି ତାଙ୍କର 'ଏକ୍ସ' ପୋଷ୍ଟରେ ଆହ୍ୱାନ ଦେଇଛନ୍ତି।

## ଆକସ୍ମିକ ବନ୍ୟାରେ ଜଣେ ମୃତ, ଅନେକ ନିଖୋଜ



**ନୂଆଦିଲ୍ଲୀ ୨୫।୬:** ଅରୁଣାଚଳ ପ୍ରଦେଶର କେଇ ପାନୟୋର ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ଏବଂ ଭୂସ୍ଖଳନରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହି ବିପର୍ଯ୍ୟୟରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି,। ଆଉ ଅନ୍ୟ ଚାରି ଜଣ ନିଖୋଜ ଅଛନ୍ତି। ଏହା ବ୍ୟତୀତ, ୧୭ ଜଣ ଆହତ ହୋଇଛନ୍ତି। ଯେଉଁଥିରେ ତିନି ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି।

କେଇ ପାନୟୋର ପୋଲିସ ଅଧିକ୍ଷକ ଅଙ୍ଗଦ ମେହେଟ୍ଟା କହିଛନ୍ତି ଯେ ମୃତ ନିର୍ମଳା ଗୁପ୍ତା (୩୫) ବିବେକାନନ୍ଦ କେନ୍ଦ୍ର ବିଦ୍ୟାଳୟ (ଭିକେଭି)ର ଜଣେ ଶିକ୍ଷୟିତ୍ରୀ ଥିଲେ। ବନ୍ୟା ପରେ ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ସମୟରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସଚିବ ଦାନି ସୁଲୁ ସୂଚନା ଦେଇଛନ୍ତି ଯେ ପ୍ରବଳ ସ୍ରୋତରେ ୫ ଜଣ ଭାସି ଯାଇଛନ୍ତି। ନିର୍ମଳା ଗୁପ୍ତାଙ୍କ ବ୍ୟତୀତ, ନିଖୋଜ ବ୍ୟକ୍ତିଙ୍କ ମଧ୍ୟରେ ଆଲେଶ ମାରକ (୧୩), ବାଲାରି ମାରକ (୩୦), ତାଓ ଅଞ୍ଜିନା (୪୬) ଏବଂ ସୌରଭ କୁମାର ଅନ୍ତର୍ଭୁକ୍ତ।

## ଫୌଜଦାରୀ ମାମଲା ଖାରଜ ପାଇଁ ଅନୁରୋଧ

**ୱାଶିଂଟନ,୨୫।୬:** ଆମେରିକାରେ ଭାରତୀୟ ଶିଳ୍ପପତି ଗୌତମ ଆଦାନୀଙ୍କ ବିରୋଧରେ ରୁଜୁ ହୋଇଥିବା ଫୌଜଦାରୀ ମାମଲାକୁ ଆନୁଷ୍ଠାନିକ ଭାବେ ଖାରଜ କରିବା ପାଇଁ ତାଙ୍କ ଓକିଲମାନେ ବୁଧବାର ଦିନ ଆମେରିକୀୟ ବିଚାରପତିଙ୍କୁ ଅନୁରୋଧ କରିଛନ୍ତି। ଗତ ମାସରେ ଆମେରିକାର ନ୍ୟାୟ ବିଭାଗ ଏହି ମାମଲା ଆଉ ଆଗକୁ ନ ବଢ଼ାଇବାକୁ ନିଷ୍ପତ୍ତି ନେଇଥିଲା, ଯାହା ପରେ ଏହି ଆବେଦନ କରାଯାଇଛି। ୨୦୨୪ ମସିହାରେ ଗୌତମ ଆଦାନୀଙ୍କ ବିରୋଧରେ ଅଭିଯୋଗ ହୋଇଥିଲା ଯେ, ତାଙ୍କ ଆଦାନୀ ଗ୍ରୁପ୍ର ଏକ ସହଯୋଗୀ କମ୍ପାନୀ ସୌର ଶକ୍ତି ପ୍ରକଳ୍ପର ଅନୁମୋଦନ ପାଇବା ପାଇଁ ଭାରତୀୟ ସରକାରୀ ଅଧିକାରୀଙ୍କୁ ଲାଞ୍ଚ ଦେଇଥିଲେ। ଏହା ବ୍ୟତୀତ ଆମେରିକୀୟ ନିବେଶକମାନଙ୍କୁ କମ୍ପାନୀର ଦୁର୍ନୀତି ବିରୋଧୀ ନୀତି ସମ୍ପର୍କରେ ଭୁଲ ତଥ୍ୟ ଦେଇଥିବାର ଅଭିଯୋଗ ମଧ୍ୟ ଥିଲା। ଆଦାନୀ ଗ୍ରୁପ୍ ଆରମ୍ଭରୁ ଏହି ଅଭିଯୋଗକୁ ଖଣ୍ଡନ କରିଆସୁଛି।

## ବିଷ୍ଣୋଇ ଗ୍ୟାଙ୍ଗର ଦୁଇ ଶୁଟରଙ୍କୁ ଏନକାଉଣ୍ଟର



**ନୂଆଦିଲ୍ଲୀ,୨୫।୬:** ପ୍ରସିଦ୍ଧ ପଞ୍ଜାବୀ ଗାୟକ ଗୁରୁ ରନ୍ଧାୱାଙ୍କ ସହ ଜଡ଼ିତ ଏକ ଜିମ୍ ବାହାରେ ହୋଇଥିବା ଗୁଳିକାଣ୍ଡ ମାମଲାରେ ଦିଲ୍ଲୀ ପୁଲିସକୁ ବଡ଼ ସଫଳତା ମିଳିଛି । ଦିଲ୍ଲୀ ପୁଲିସର କାଉଣ୍ଟର ଇଣ୍ଟେଲିଜେନ୍ସ ୟୁନିଟ୍ ର ଏନକାଉଣ୍ଟର ପରେ ଦୁଇ ଜଣ ମୁଖ୍ୟ ସୁଟରଙ୍କୁ ଗିରଫ କରିଛି । ଗିରଫଦାରୀରୁ ବର୍ତ୍ତିବା ପାଇଁ ଅଭିଯୁକ୍ତମାନେ ପୁଲିସ ଉପରକୁ ଗୁଳି ଚଳାଇଥିଲେ, ଯାହାର ଜବାବରେ ପୁଲିସର ପାଲଟା ଗୁଳି ମାଡ଼ରେ ଦୁଇ ଅଭିଯୁକ୍ତଙ୍କ ଗୋଡ଼ରେ ଗୁଳି ବାଜିଛି । ସେମାନଙ୍କ ନିକଟରୁ ପାକିସ୍ତାନ ନିର୍ମିତ ମାରାତ୍ମକ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ କରାଯାଇଛି ।

## ଡିଜିଟାଲ୍ ଠକଙ୍କ ଉପରେ ସର୍ଜିକାଲ୍ ଷ୍ଟ୍ରାଇକ୍



**ନୂଆଦିଲ୍ଲୀ,୨୫।୬:** ଡିଜିଟାଲ୍ ଆରେଷ୍ଟ ସ୍କାମ୍ ମାମଲାରେ ସିବିଆଇ ଆଜି ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। 'ଅପରେସନ୍ ଚକ୍ର' ଅଧୀନରେ ସିବିଆଇ ଦେଶର ୧୬ଟି ରାଜ୍ୟର ୮୦ଟି ସ୍ଥାନରେ ଚଢ଼ାଉ କରିଛି। ସାଇବର ଅପରାଧର ବୁନିୟାଦି ଢାଞ୍ଚାକୁ ନଷ୍ଟ କରିବା ପାଇଁ ଏହି ସମନ୍ୱିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପୂର୍ବରୁ ମଧ୍ୟ ସିବିଆଇ ଡିଜିଟାଲ୍ ଆରେଷ୍ଟ ସ୍କାମ୍ ସହ ଜଡ଼ିତ ଅନେକ ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିସାରିଛି। 'ଅପରେସନ୍ ଚକ୍ର-VI' ପାଇଁ ସିବିଆଇ ପକ୍ଷରୁ ୬୦ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଗୁଡ଼ିକ ଓଡ଼ିଶା, ପଞ୍ଜାବ, ଗୁଜରାଟ, ଦିଲ୍ଲୀ, ମହାରାଷ୍ଟ୍ର, ହରିୟାଣା, ତାମିଲନାଡୁ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ଆସାମ, ପଶ୍ଚିମବଙ୍ଗ, ମଣିପୁର ଏବଂ କର୍ଣ୍ଣାଟକ ସମେତ ୧୬ଟି ରାଜ୍ୟର ୮୦ରୁ ଅଧିକ ସ୍ଥାନରେ ଛାନ୍‌ଭିନ୍ ଏବଂ ଖୋଳତାଡ଼ ଚଳାଇଛନ୍ତି।

## ଯୁଦ୍ଧ ସ୍ଥିତି ମଧ୍ୟରେ ନାଟୋ ସଂଗଠନରେ ବଡ଼ ଫାଟ



**ନୂଆଦିଲ୍ଲୀ, ୨୫।୬:** ଇରାନ ବିରୋଧରେ ଚାଲିଥିବା ସାମରିକ ଅଭିଯାନ ମଧ୍ୟରେ ଆମେରିକା ଏବଂ ତା'ର ପାରମ୍ପରିକ ୟୁରୋପୀୟ ସହଯୋଗୀ ଦେଶଗୁଡ଼ିକ ମଧ୍ୟରେ ଥିବା ବିବାଦ ଏବେ ପଦାକୁ ଆସିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନାଟୋ ମହାସଚିବ ମାର୍କ ରୁଟେଙ୍କ ସହ ହୋଇଥିବା ଏକ ଉଚ୍ଚସ୍ତରୀୟ ବୈଠକରେ ୟୁରୋପୀୟ ଦେଶଗୁଡ଼ିକ ଉପରେ ପ୍ରବଳ ଅସନ୍ତୋଷ ପ୍ରକାଶ କରିଛନ୍ତି । ଯୁଦ୍ଧ ସମୟରେ ଆଶାନୁରୂପ ସହଯୋଗ ମିଳିନଥିବା ଅଭିଯୋଗ କରି ଟ୍ରମ୍ପ ସିଧାସଳଖ ନାଟୋ ମୁଖ୍ୟଙ୍କ ସହ ମୁହାଁମୁହିଁ ହୋଇଛନ୍ତି ।

ବୈଠକ ସମୟରେ ରାଷ୍ଟ୍ରପତି ଟ୍ରମ୍ପ ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଏବଂ ସ୍ପେନ୍ ଭଳି ପ୍ରମୁଖ ଶକ୍ତିଶାଳୀ ଦେଶଗୁଡ଼ିକର ନାମ ନେଇ ସେମାନଙ୍କ ଆଭିମୁଖ୍ୟକୁ ସମାଲୋଚନା କରିଛନ୍ତି । ଟ୍ରମ୍ପ କହିଛନ୍ତି, "ଏହି ସଂକଟ ସମୟରେ ଯେଉଁ ସ୍ତରର ସମର୍ଥନ ମିଳିବା କଥା, ତାହା ମିଳିଲା ନାହିଁ । ଆମକୁ ସମ୍ପୂର୍ଣ୍ଣ ଭାବେ ନିରାଶ କରାଯାଇଛି । ଯଦି ଆମେରିକା ସ୍ଥାନରେ ଅନ୍ୟ କୌଣସି ଦେଶ ଥାଆନ୍ତା, ତେବେ ହୋଇପାରେ ଆଜି ଆମେ ଏହି ବୈଠକ କରିବା ସ୍ଥିତିରେ ମଧ୍ୟ ନଥାନ୍ତୁ ।" ଟ୍ରମ୍ପଙ୍କ କହିବା ଅନୁଯାୟୀ, ଇରାନ ବିରୋଧୀ ସାମରିକ କାର୍ଯ୍ୟାନୁଷ୍ଠାନ ବେଳେ ୟୁରୋପୀୟ ଦେଶଗୁଡ଼ିକ ଖୋଲାଖୋଲି ଭାବେ ଆମେରିକା ସହ ଛିଡ଼ା ହେବାର ଥିଲା, ଯାହାଦ୍ୱାରା ସମଗ୍ର ବିଶ୍ୱକୁ ଏକ ଶକ୍ତ ବାର୍ତ୍ତା ଯାଇପାରିଥାନ୍ତା । ତେବେ ସେ ନାଟୋ ପ୍ରମୁଖ ମାର୍କ ରୁଟେଙ୍କ ପ୍ରତି ସମ୍ମାନ ଜଣାଇବା ସହ ଆଗକୁ ଆଲୋଚନା ଜାରି ରହିବ ବୋଲି କହିଛନ୍ତି, କିନ୍ତୁ ଆମେରିକା ଯେ ସହଯୋଗୀଙ୍କ ଭୂମିକାରେ ସନ୍ତୁଷ୍ଟ ନାହିଁ, ତାହା ସ୍ପଷ୍ଟ କରିଦେଇଛନ୍ତି ।

## ପତ୍ନୀ ସ୍ୱାମୀଙ୍କ ସମ୍ପତ୍ତି ନୁହନ୍ତି: ହାଇକୋର୍ଟ

**ନୂଆଦିଲ୍ଲୀ,୨୫।୬:** ବ୍ୟକ୍ତିଗତ ସ୍ୱାର୍ଥ ହାସଲ ଏବଂ ପ୍ରତିପକ୍ଷଙ୍କ ଉପରେ ଚାପ ସୃଷ୍ଟି କରିବା ପାଇଁ ଅଦାଲତର ପ୍ରକ୍ରିୟାକୁ ଅସ୍ତ୍ର ଭାବେ ବ୍ୟବହାର କରିବା ଘଟଣାକୁ ନେଇ ଓଡ଼ିଶା ହାଇକୋର୍ଟ କଡ଼ା ମନୋଭାବ ପ୍ରଦର୍ଶନ କରିଛନ୍ତି। ବୈବାହିକ ମନୋମାଳିନ୍ୟ ଯୋଗୁଁ ଘର ଛାଡ଼ିଥିବା ପତ୍ନୀଙ୍କୁ ଫେରାଇ ଆଣିବା ଲାଗି ଜଣେ ସ୍ୱାମୀଙ୍କ ଦ୍ୱାରା ଦାଖଲ କରାଯାଇଥିବା 'ହେବିଅସ୍ କର୍ପସ' ଆବେଦନକୁ ଖାରଜ କରିବା ସହ କୋର୍ଟ ଆବେଦନକାରୀଙ୍କ ଉପରେ ୫୦,୦୦୦ ଟଙ୍କାର ଜରିମାନା ଲାଗୁ କରିଛନ୍ତି। ଆବେଦନକାରୀ ଲକ୍ଷ୍ମୀଧର ପାତ୍ର ନିଜ ପତ୍ନୀଙ୍କୁ ଖୋଜି ଆଣିବା ପାଇଁ ହାଇକୋର୍ଟରେ ଏକ ପିଟିସନ୍ ଦାଖଲ କରିଥିଲେ। ଶୁଣାଣି ସମୟରେ କୋର୍ଟ ଜାଣିବାକୁ ପାଇଲେ ଯେ, ଦାମ୍ପତ୍ୟ କଳହ ଯୋଗୁଁ ପତ୍ନୀ ନିଜ ଇଚ୍ଛାରେ ଘର ଛାଡ଼ି ଚାଲିଯାଇଛନ୍ତି। ଏହାକୁ ଅପହରଣ ମାମଲାର ରୂପ ଦେଇ କୋର୍ଟରେ ହେବିଅସ୍ କର୍ପସ ଦାୟର କରାଯାଇଥିଲା।



ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାରେ ସ୍ପଷ୍ଟ ଭାବେ କହିଛନ୍ତି, "ପତ୍ନୀ ସ୍ୱାମୀଙ୍କ ସମ୍ପତ୍ତି ନୁହନ୍ତି" ପତ୍ନୀ ଜଣେ ସାବାଳିକା ଏବଂ ସେ ନିଜ ଜୀବନ ସମ୍ପର୍କରେ ନିଷ୍ପତ୍ତି ନେବାକୁ ସ୍ୱାଧୀନ। ତାଙ୍କୁ ସ୍ୱାମୀଙ୍କ ସମ୍ପତ୍ତି ଭାବେ ବିଚାର କରାଯାଇ ପାରିବ ନାହିଁ। ଘର ଛାଡ଼ି ଯିବା ଏବଂ ଅପହରଣ ମଧ୍ୟରେ ବଡ଼ ଫରକ ରହିଛି। ସ୍ୱାମୀଙ୍କ ସହ ନ ରହିବାକୁ ଚାହୁଁଥିବା ପତ୍ନୀଙ୍କୁ କୋର୍ଟ କିମ୍ବା ସ୍ୱାମୀଙ୍କ ଘରେ ହାଜର ହେବାକୁ ବାଧ୍ୟ କରାଯାଇ ପାରିବ ନାହିଁ।

## ଆଇସକ୍ରିମ୍ ନେବା ବେଳେ ଛାତରୁ ପଡ଼ି ମୃତ

**ଉତ୍ତରପ୍ରଦେଶ, ୨୫।୬:** ଉତ୍ତର ପ୍ରଦେଶର ସୋନଭଦ୍ର ଜିଲ୍ଲା ଅନ୍ତର୍ଗତ ରେଣୁକୁଟ ଅଞ୍ଚଳରେ ଏକ ଅତ୍ୟନ୍ତ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ତଳେ ଯାଉଥିବା ଆଇସକ୍ରିମବାଲାଙ୍କଠାରୁ ଆଇସକ୍ରିମ୍ କିଣିବା ଲୋଭରେ ଜଣେ ବ୍ୟକ୍ତି ନିଜ ଘରର ଛାତ ଉପରୁ ସିଧା ତଳେ ଖସିପଡ଼ି ଗୁରୁତର ଆହତ ହୋଇଛନ୍ତି।

ବ୍ୟକ୍ତି ଜଣକ ନିଜ ଘରର ପ୍ରଥମ ମହଲା ଛାତ ଉପରେ ଠିଆ ହୋଇଥିଲେ। ସେହି ସମୟରେ ତଳେ ଜଣେ ଆଇସକ୍ରିମ୍ ବିକ୍ରେତାଙ୍କୁ ଦେଖି ସେ ତଳକୁ ନ ଓହ୍ଲାଇ ଛାତ କଡ଼ରୁ ଝୁଙ୍କି ଆଇସକ୍ରିମ୍ ଧରିବାକୁ ଚେଷ୍ଟା କରିଥିଲେ। ଝୁଙ୍କିବା ସମୟରେ ହଠାତ୍ ତାଙ୍କର ଭାରସାମ୍ୟ ବିଗିଡ଼ି ଯାଇଥିଲା। ସିସିଟିଭି ଫୁଟେଜରେ ସ୍ପଷ୍ଟ ଦେଖିବାକୁ ମିଳୁଛି ଯେ ସେ ନିଜକୁ ସମ୍ଭାଳି ନପାରି ସିଧା ତଳକୁ ଖସିପଡ଼ିଥିଲେ। ଘଟଣାସ୍ଥଳରେ ଥିବା ଲୋକମାନେ ତୁରନ୍ତ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ଏହି ଦୁର୍ଘଟଣାରେ ତାଙ୍କୁ ଗଭୀର ଆଘାତ ଲାଗିଥିବା ବେଳେ ବର୍ତ୍ତମାନ ଚିକିତ୍ସା ଚାଲିଛି।



## ଅଭିନେତ୍ରୀଙ୍କ ଘରୁ ମିଳିଲା ବନ୍ଧୁଙ୍କ ମୃତଦେହ

**ବେଙ୍ଗାଲୁରୁ,୨୫।୬:** କର୍ଣ୍ଣାଟକର ରାଜଧାନୀ ବେଙ୍ଗାଲୁରୁରୁ ଏକ ଅତ୍ୟନ୍ତ ଦୁଃଖଦାୟକ ଘଟଣା ସାମ୍ନାକୁ ଆସିଛି। ଜଣେ ଜଣାଶୁଣା ବ୍ୟବସାୟୀ ବେଙ୍ଗାଲୁରୁର ରାଜାରାଜେଶ୍ୱରୀ ନଗର ରେ ଥିବା ପ୍ରସିଦ୍ଧ କନ୍ନଡ ଅଭିନେତ୍ରୀ କୃଷି ଥାପଣ୍ଡାଙ୍କ ବାସଭବନରେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତ ବ୍ୟବସାୟୀ ଜଣକ କିଛି ଦିନ ହେବ ମାନସିକ ଅବସାଦ ଦେଇ ଗତି କରୁଥିଲେ। ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଅଭାବନୀୟ ଘଟଣାଟି ବୁଧବାର ରାତିରେ ଘଟିଛି। ମୃତକଙ୍କ ନାଁ ବୈଶାଖ ଏବଂ ସେ ଜଣେ ବ୍ୟବସାୟୀ ଥିଲେ। ସେ ଗୋଟିଏ ସପ୍ତାହ ହେଲା ଅଭିନେତ୍ରୀ କୃଷି ଥାପଣ୍ଡାଙ୍କ ଘରେ ରହୁଥିଲେ। ସେପଟେ ଘଟଣା ଦିନ ଅଭିନେତ୍ରୀ କୃଷି ଥାପଣ୍ଡା ନିଜ ଘରେ ନଥିଲେ। ସେ କୌଣସି କାମରେ ବେଙ୍ଗାଲୁରୁର ୟେଲହଙ୍କା ଅଞ୍ଚଳକୁ ଯାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ସେଠାରୁ କୌଣସି ପ୍ରକାରର ସୁଇସାଇଡ୍ ନୋଟ୍ ଜବତ କରାଯାଇ ପାରିନାହିଁ। ପୋଲିସ ମୃତଦେହକୁ ଉଦ୍ଧାର କରି ବେଙ୍ଗାଲୁରୁର ଭିକ୍ଟୋରିଆ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ।



## ଉଦ୍ଧବଙ୍କ ବୈଠକରେ ୨୩ ବିଧାୟକ ଗାଏବ



### ଆସିଲେନି ଶରଦ ପାୱାର

**ମୁମ୍ବାଇ,୨୫।୬:** ମହାରାଷ୍ଟ୍ର ରାଜନୀତିରେ ବଡ଼ ଧରଣର ଭୂକମ୍ପ। ମହା ବିକାଶ ଅଘାଡି ମେଣ୍ଟରେ ସବୁକିଛି ଠିକ୍ ଚାଲିନି। ବୁଧବାର ସନ୍ଧ୍ୟାରେ ଡକାଯାଇଥିବା ମେଣ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ୬୦ ରୁ ୨୩ ବିଧାୟକ ଅନୁପସ୍ଥିତ ଥିଲେ । ସବୁଠାରୁ ବଡ଼ କଥା ହେଲା ବିଧାୟକଙ୍କ ବ୍ୟତୀତ ଏଥିରେ ଶରଦ ପାୱାରଙ୍କ ଭଳି ନେତା ବି ଅନୁପସ୍ଥିତ ଥିଲେ। ନିକଟରେ ଉଦ୍ଧବଙ୍କ ଗୋଷ୍ଠୀର ୬ ସାଂସଦ ଏକନାଥ ସିନ୍ଦେଙ୍କ ଗୋଷ୍ଠୀରେ ସାମିଲ ହେବା ପରେ ଏତେ ସଂଖ୍ୟାକ ବିଧାୟକଙ୍କ ଅନୁପସ୍ଥିତି ମେଣ୍ଟର ଭବିଷ୍ୟତ ଉପରେ ପ୍ରଶ୍ନ ସୃଷ୍ଟି କରିଛି। ଏହି ଖରାପ ସମୟରେ ଉଦ୍ଧବ ଠାକରେଙ୍କ କଷ୍ଟ ମଧ୍ୟ ଦେଖିବାକୁ ମିଳିଛି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ମୁଖ୍ୟ ଭାବରେ ମୌସୁମୀ ଅଧିବେଶନ ପାଇଁ ରଣନୀତି ପ୍ରସ୍ତୁତ କରିବା ଉଦେଶ୍ୟରେ ଡକାଯାଇଥିଲା, କିନ୍ତୁ ଏଥିରେ କୌଣସି ବଡ଼ ନେତା ପହଁଞ୍ଚିନଥିଲେ। ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନସିପି)ର ମୁଖିଆ ଶରଦ ପାୱାର ଓ ତାଙ୍କର ବରିଷ୍ଠ ନେତା ଜୟନ୍ତ ପାଟିଲ ଏହି ବୈଠକରେ ଉପସ୍ଥିତ ନଥିଲେ। କୁହାଯାଉଛି ଯେ, ସେ ବ୍ୟକ୍ତିଗତ କାରଣ ଯୋଗୁଁ ଉପଲବ୍ଧ ନଥିଲେ।

କଂଗ୍ରେସ ନେତା ନାନା ପଟୋଲ ଓ ବିଜୟ ନାମଦେବରାଓ ୱାଡେଟିୱାର ମଧ୍ୟ ବୈଠକରେ ଗାଏବ ଥିଲେ। ୱାଡେଟିୱାରଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ଯେ, ସେ ଅସୁସ୍ଥ ଅଛନ୍ତି। ତେବେ କଂଗ୍ରେସର ପ୍ରଦେଶ ଅଧ୍ୟକ୍ଷ ହର୍ଷବର୍ଦ୍ଧନ ସପକାଳ ଓ ଠାକରେଙ୍କ ଗୋଷ୍ଠୀର ସଙ୍କଟମୋଚକ ସଞ୍ଜୟ ରାଓ୍ୱତ ଏହି ବୈଠକରେ ଉପସ୍ଥିତ ଥିଲେ।

## ବିବାହ ପାଇଁ ରାଜି ନଥିଲେ ସିୟା: ଚାପ ପକାଉଥିଲେ ପରିବାର

**ନୂଆଦିଲ୍ଲୀ,୨୫।୬:** ପୁଣେର ୨୬ ବର୍ଷୀୟ ବ୍ୟବସାୟୀ କେତନ ଅଗ୍ରୱାଲଙ୍କ ମୃତ୍ୟୁ ମାମଲାରେ ପୋଲିସ ଏକ ଚାଞ୍ଚଲ୍ୟକର ଖୁଲାସା କରିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ୨୦ ବର୍ଷୀୟା ସିୟା ଏହି ବିବାହ ପାଇଁ ମାନସିକ ସ୍ତରରେ ଆଦୌ ପ୍ରସ୍ତୁତ ନଥିଲେ। ପରିବାର ଚାପରେ ସେ ଏହି ସମ୍ପର୍କକୁ ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ। ନିଜ ପରିଜନଙ୍କ ସହ ଆଲୋଚନାରେ ସେ ବିବାହକୁ ଅତିକମରେ ଗୋଟିଏ ବର୍ଷ ଘୁଞ୍ଚାଇବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ। ଚଳିତ ବର୍ଷ ଫେବୃଆରୀରେ ଉଭୟଙ୍କ ନିର୍ବନ୍ଧ ହୋଇଥିଲା ଏବଂ ନଭେମ୍ବରରେ ଉଦୟପୁରର ଏକ ପ୍ରାସାଦରେ ବିବାହ ପାଇଁ ପ୍ରସ୍ତୁତି ଚାଲିଥିଲା। ହେଲେ ତା ପୂର୍ବରୁ ସିୟା କେତନଙ୍କୁ ପୁଣେର ଲୋହାଗଡ଼ ଦୁର୍ଗରୁ ଠେଲି ଦେଇ ହତ୍ୟା କରିଥିବା ଅଭିଯୋଗ ହୋଇଛି।



ଏହା ପୂର୍ବରୁ କେତନ ଅଗରୱାଲଙ୍କ ଜେଜେବାପା ସିୟାଙ୍କ ପରିବାର ଉପରେ ମଧ୍ୟ ପ୍ରଶ୍ନ ଉଠାଇଥିଲେ। ଯଦି ଝିଅ ରାଜି ନଥିଲେ, ତେବେ ତାଙ୍କୁ ବାଧ୍ୟ କରି କାହିଁକି ବାହାଘର କରାଗଲା। ଯଦି ଝିଅର ପ୍ରେମ ସମ୍ପର୍କ ଥିଲା, ଏକଥା ତାଙ୍କ ପରିବାର ଲୋକେ ଜାଣିଥିଲେ ଏହାସତ୍ତ୍ୱେ କାହିଁକି ସେମାନେ ତାଙ୍କୁ ଲୁଚାଇଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଗତ ଜୁନ୍ ୧୮ ତାରିଖରେ ଲୋହାଗଡ ଦୁର୍ଗରେ ଖାଇରେ ପଡ଼ି କେତନଙ୍କ ମୃତ୍ୟୁ ହୋଇଥିଲା। ସିୟା ଏହାକୁ ଏକ ଦୁର୍ଘଟଣା ବୋଲି କହିଥିଲେ, କିନ୍ତୁ ଦୁର୍ଗର ଟିକେଟ୍ କାଉଣ୍ଟର ନିକଟରେ ଥିବା ସିସିଟିଭି ଫୁଟେଜ୍ ଅଭିଯୁକ୍ତଙ୍କ ମୁଖା ଖୋଲି ଦେଇଥିଲା।

### 'କେତନକୁ ସବୁ ସତ କହିଥିଲି, ହେଲେ ସେ ବାହାଘର ଭାଙ୍ଗୁନଥିଲା'



ପୁଣେର ଚର୍ଚ୍ଚିତ ବିଲ୍ଡର ତଥା ବ୍ୟବସାୟୀ କେତନ ଅଗ୍ରୱାଲ ହତ୍ୟାକାଣ୍ଡ ମାମଲାରେ ପ୍ରତିଦିନ ସାମ୍ନାକୁ ଆସୁଛି ନୂଆ ନୂଆ ଟ୍ୱିଷ୍ଟ । ପୁଲିସ ହେପାଜତରେ ଥିବା ମୁଖ୍ୟ ଅଭିଯୁକ୍ତ ସିୟା ଗୋୟଲ ଏବଂ ତାର ପ୍ରେମିକ ଚେତନ ଚୌଧୁରୀ ପୁଲିସ ଆଗରେ ହତ୍ୟାକାଣ୍ଡର ସମସ୍ତ କଳାକାରନାମାର ସତ ଉଗାଳିଛନ୍ତି । ପୁଲିସର ସୂଚନା ଅନୁଯାୟୀ, କେତନକୁ ହତ୍ୟା କରିବା କୌଣସି ଆକସ୍ମିକ ନିଷ୍ପତ୍ତି ନଥିଲା, ବରଂ ଏଥିପାଇଁ ଚତୁରତାର ସହ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା । ଏସବୁ ଭିତରେ ସିୟା ଏଭଳି ଏକ ସାଂଘାତିକ ଖୁଲାସା କରିଛି, ଯାହା ସମସ୍ତଙ୍କୁ ଚକିତ କରିଦେଇଛି । ସିୟା ଦାବି କରିଛି ଯେ, ସେ କେତନକୁ ନିଜ ପ୍ରେମ ସମ୍ପର୍କ ବିଷୟରେ ସବୁ କିଛି ସତ କହିଦେଇଥିଲା ଏବଂ ସେ ଏହି ବାହାଘର ଚାହୁଁନଥିଲା । ତଥାପି କେତନ ବାହାଘର ଭାଙ୍ଗିବାକୁ ପ୍ରସ୍ତୁତ ନଥିଲା ।

### ୬୫ତମ ଜାତୀୟ ଆନ୍ତଃରାଜ୍ୟ ଆଥଲେଟିକ୍ସ ଚାମ୍ପିଅନ୍‌ସିପ୍

# କର୍ଣ୍ଣାଟକ ପୋଲ୍ ଭଲ୍ଟର୍ ସିନ୍ଧୁଶ୍ରୀଙ୍କ ଜାତୀୟ ରେକର୍ଡ

ଭୁବନେଶ୍ୱର,୨୫।୬(ସଂଚାର ବ୍ୟୁରୋ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୬୫ତମ ଜାତୀୟ ଆନ୍ତଃ-ରାଜ୍ୟ ଆଥଲେଟିକ୍ସ ଚାମ୍ପିଅନସିପ୍‌ର ଆଜି ଦ୍ୱିତୀୟ ଦିନରେ କର୍ଣ୍ଣାଟକର ସିନ୍ଧୁଶ୍ରୀ ଜି. ଏକ ନୂଆ ଜାତୀୟ ରେକର୍ଡ କରିଛନ୍ତି। ସେ ଓ ଅନ୍ୟ କେତେକ ଆଥଲେଟ୍ ଜାପାନର ଆଇଚି-ନାଗୋୟାରେ ହେବାକୁ ଥିବା ଏସୀୟ କ୍ରୀଡ଼ା (ଏସିଆନ୍ ଗେମ୍ସ) ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବାକୁ ଥିବା ଏହି ଏସୀୟ କ୍ରୀଡ଼ା ପାଇଁ ଭାରତୀୟ ଆଥଲେଟିକ୍ସ ମହାସଂଘ (AFI) ଦ୍ୱାରା ରଖାଯାଇଥିବା ଯୋଗ୍ୟତା ମାନଦଣ୍ଡକୁ ଦ୍ୱିତୀୟ ଦିନରେ ୧୭ ଜଣ ଆଥଲେଟ୍ ପାର୍ କରିଛନ୍ତି।




୨୬ ବର୍ଷୀୟା ସିନ୍ଧୁଶ୍ରୀ ମହିଳା ପୋଲ୍ ପୋଲ୍ ଭଲ୍ଟ ରେ ସୁନା ପଦକ ଜିତିବା ସହ ୪.୨୫ ମିଟର ଉଚ୍ଚତା ଡେଇଁ ଏକ ନୂଆ ଜାତୀୟ ରେକର୍ଡ ସୃଷ୍ଟି କରିଛନ୍ତି। ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ସୀମା ୪.୧୦ ମିଟର ରହିଥିଲା। ଏହା ପୂର୍ବରୁ ବାରନିକା ୪.୨୩ ମିଟରର ଜାତୀୟ ରେକର୍ଡ କରିଥିଲେ, ଯିଏ କି ଏହି ପ୍ରତିଯୋଗିତାରେ ୪.୨୦ ମିଟର ଡେଇଁ ରୁପା ପଦକ ପାଇଛନ୍ତି। ସିନ୍ଧୁଶ୍ରୀ ୨୦୨୩ ମସିହାରେ ପବିତ୍ରା ଭେଙ୍କଟେଶଙ୍କ ଦ୍ୱାରା କରାଯାଇଥିବା ୪.୧୦ ମିଟରର ମିଟ୍ ରେକର୍ଡକୁ ମଧ୍ୟ ଭାଙ୍ଗିଛନ୍ତି। ଏହି ସଫଳତାରେ ଖୁସି ପ୍ରକାଶ କରି ସିନ୍ଧୁଶ୍ରୀ କହିଛନ୍ତି ଯେ ସେ ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ପାଇବାକୁ ମାନସିକ ସ୍ତରରେ ପ୍ରସ୍ତୁତ ଥିଲେ, କିନ୍ତୁ ଜାତୀୟ ରେକର୍ଡ ହେବା ତାଙ୍କ ପାଇଁ ଏକ ବଡ଼ ଉପହାର ଭଳି। ମଧ୍ୟପ୍ରଦେଶର ନିତିକା ଆକାରେ ୪.୧୦ ମିଟର ଡେଇଁ ବ୍ରୋଞ୍ଜ ପଦକ ଜିତିବା ସହ ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ହାସଲ କରିବାରେ ତୃତୀୟ ଖେଳାଳି ହୋଇଛନ୍ତି।

ସେହିପରି ଟ୍ରାକ୍ ଇଭେଣ୍ଟରେ ମହିଳା ୨୦୦ମିଟର ଏବଂ ୮୦୦ମିଟର ଦୌଡ଼ରେ ପ୍ରଥମ ତିନି ସ୍ଥାନରେ ଥିବା ସମସ୍ତ ଖେଳାଳି ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ପାଇଛନ୍ତି। ଏହାଛଡ଼ା ମହିଳା ଶଟ୍‌ପୁଟ୍‌ରେ ମଧ୍ୟ ସମସ୍ତ ତିନି ପଦକ ବିଜେତା ଯୋଗ୍ୟତା ହାସଲ କରିଛନ୍ତି। ପ୍ରତିଯୋଗିତାରେ ଓଡ଼ିଶାର ତାରକା ଧାବକ ଅନିମେଶ କୁଜୁର ପୁରୁଷ ୨୦୦ ମିଟର ଦୌଡ଼ରେ ଏସୀୟ କ୍ରୀଡ଼ା ଯୋଗ୍ୟତା ପାଇଥିବା ଏକମାତ୍ର ଆଥଲେଟ୍ ବନିଛନ୍ତି। ସେ ୨୦.୭୪ ସେକେଣ୍ଡରେ ଦୌଡ଼ ପୂରା କରି ସୁନା ପଦକ ଜିତିଛନ୍ତି (ଯୋଗ୍ୟତା ସମୟ ୨୦.୮୮ ସେକେଣ୍ଡ ଥିଲା)। ଏହାଛଡ଼ା ପୁରୁଷ ୮୦୦ ମିଟର ଦୌଡ଼ରେ କେରଳର ମହମ୍ମଦ ଆଫସଲ୍ (୧:୪୮.୫୭ ସେକେଣ୍ଡ) ପ୍ରଥମ ଏବଂ ହରିୟାଣାର କ୍ରିଷନ୍ କୁମାର (୧:୪୮.୮୨ ସେକେଣ୍ଡ) ଦ୍ୱିତୀୟ ସ୍ଥାନରେ ରହି ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ପାଇଛନ୍ତି।

ଆହୁରି ପୁରୁଷ ବିଭାଗ ୨୦୦ ମିଟରଦୌଡ଼ରେ ଅନିମେଶ କୁଜୁର (ଓଡ଼ିଶା) ୨୦.୭୪ ସେକେଣ୍ଡ ସହ ପ୍ରଥମ, ୮୦୦ ମିଟର ଦୌଡ଼ରେ ମହମ୍ମଦ ଆଫସଲ୍ (କେରଳ) ୧:୪୮.୫୭ ସେକେଣ୍ଡ ସହ ପ୍ରଥମ, ଡିସ୍କସ୍ ଥ୍ରୋରେ କିରପାଲ୍ ସିଂହ (ଚଣ୍ଡୀଗଡ଼) ୫୭.୩୭ ମିଟର, ୨୧ କିମି ଚାଲିବା ପ୍ରତିଯୋଗିତାରେ ସେଭିନ୍ ସେବାଷ୍ଟିଆନ୍ (ତାମିଲନାଡୁ) ୧:୩୧:୪୯, ଡିକାଥଲନ୍ (୧୦ଟି ଇଭେଣ୍ଟର ଖେଳ): ଥୌଫିକ୍ ଏନ୍ (କେରଳ) - ୭୨୭ ପଏଣ୍ଟ ପ୍ରଥମ ହୋଇଛନ୍ତି। ସେହିପରି ମହିଳା ବିଭାଗରେ ୨୦୦ ମିଟର ଦୌଡ଼ରେ ହରିତା ଭଦ୍ରା (ମହାରାଷ୍ଟ୍ର) ୨୩.୧୪ ସେକେଣ୍ଡ, ୮୦୦ ମିଟର ଦୌଡ଼ରେ ଗୌତମୀ ଜୟରାମନ୍ (ତାମିଲନାଡୁ) ୨:୦୪.୧୭, ଶଟ୍‌ପୁଟ୍ (ଗୋଲକ ଫିଙ୍ଗା): ମନପ୍ରୀତ କୌର (ହରିୟାଣା) ୧୭.୭୫ ମିଟର ଓ ପୋଲ୍ ଭଲ୍ଟ (ବାଉଁଶ କୁଦା)ରେ ସିନ୍ଧୁଶ୍ରୀ ଜି (କର୍ଣ୍ଣାଟକ) ୪.୨୫ ମିଟର ସହ ପ୍ରଥମ ହୋଇଛନ୍ତି।



ୟୁନିଟ-୨ସ୍ଥିତ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷୟିତ୍ରୀ ସବିତା ପରିଡ଼ାଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି।

## ପୁରୀ ସମୁଦ୍ରରେ ବୁଡ଼ିଯାଉଥିଲେ | ପର୍ଯ୍ୟଟକଙ୍କୁ ଉଦ୍ଧାର କଲେ ଲାଇଫଗାର୍ଡ

ପୁରୀ,୨୫।୬(ସଂଚାର ବ୍ୟୁରୋ): ବୁଡ଼ିଯାଉଥିବା ବେଳେ ଜଣେ ପର୍ଯ୍ୟଟକଙ୍କୁ ଉଦ୍ଧାର କରିଛନ୍ତି ଲାଇଫଗାର୍ଡ। ଉଦ୍ଧାର ପର୍ଯ୍ୟଟକ ଜଣଙ୍କ ହେଉଛନ୍ତି ପଶ୍ଚିମବଙ୍ଗ ଚବିଶପ୍ରଗଣାର ୫୧ ବର୍ଷୀୟ ସୁଜିତ୍ ସେନ। ସୁଜିତ୍ ସେକ୍ଟର-୯ ନମ୍ବର ବେଳାଭୂମି ଅର୍ଥାତ ଚୈତନ୍ୟ ଛକ ସମ୍ମୁଖ ବେଳାଭୂମିରେ ଗାଧୋଉଥିବା ବେଳେ ବୁଡ଼ିଯାଇଥିଲେ। ଅନ୍ୟ ପର୍ଯ୍ୟଟକମାନେ ଏହା ଦେଖି ଲାଇଫଗାର୍ଡଙ୍କୁ ଖବର ଦେବା ପରେ ସରକାରୀ ଲାଇଫଗାର୍ଡମାନେ ସମୁଦ୍ର ମଧ୍ୟକୁ ଯାଇ ଉଦ୍ଧାର କରିଛନ୍ତି। ଦେବଦୂତ ସାଜି ଗଭୀର ସମୁଦ୍ର ଭିତରକୁ ଲମ୍ଫ ମାରି ଜଣେ ପର୍ଯ୍ୟଟକଙ୍କ ଜୀବନ ବଞ୍ଚାଇଛନ୍ତି। ସୁଜିତ୍ ସେକ୍ଟର ୯ ନମ୍ବର ବେଳାଭୂମି ଅର୍ଥାତ ଚୈତନ୍ୟ ଛକ ସମ୍ମୁଖ ବେଳାଭୂମିରେ ସ୍ନାନ



କରିବା ସମୟରେ ରିପ୍ କରେଣ୍ଟ ସହ ବଡ଼ ଲହଡି ମାଡ଼ରେ ଗଭୀର ସମୁଦ୍ର ଭିତରକୁ ଚାଲିଯାଇଥିଲେ। ନିକଟରେ ଥିବା ପର୍ଯ୍ୟଟକମାନେ ଏହା ଦେଖି ଲାଇଫଗାର୍ଡଙ୍କୁ ଖବର ଦେବା ପରେ ସରକାରୀ ଲାଇଫଗାର୍ଡମାନେ ଗଭୀର ସମୁଦ୍ରକୁ ଯାଇ ଉକ୍ତ ପର୍ଯ୍ୟଟକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି।

## ତାରାତଲା ଘଟଣାରେ ରାଷ୍ଟ୍ରପତିଙ୍କ ଶୋକ

କୋଲକାତା,୨୫।୬(ସଂଚାର ବ୍ୟୁରୋ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାରାତଲାରେ ଘଟିଥିବା ଦୁର୍ଘଟଣା ପାଇଁ ଶୋକ ପ୍ରକାଶ କରିଛନ୍ତି। ଏକ୍ସ ହ୍ୟାଣ୍ଡେଲରେ ଲେଖି ରାଷ୍ଟ୍ରପତି କହିଛନ୍ତି ଯେ କୋଲକାତାରେ ଏକ ଗୋଦାମ ଛାତ ଭୁଶୁଡ଼ି ପଡ଼ିବା ଯୋଗୁଁ ଜୀବନହାନି ଅତ୍ୟନ୍ତ ଦୁଃଖଦ। ସେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି ଏବଂ ଆହତମାନଙ୍କ ଶୀଘ୍ର ଏବଂ ସମ୍ପୂର୍ଣ୍ଣ ଆରୋଗ୍ୟ ପାଇଁ ପ୍ରାର୍ଥନା କରିଛନ୍ତି।

## ଆର୍ଥିକ ସହାୟତା ଘୋଷଣା କଲେ ପ୍ରଧାନମନ୍ତ୍ରୀ

କୋଲକାତା,୨୫।୬(ସଂଚାର ବ୍ୟୁରୋ): ତାରାତଲା ଘଟଣାରେ ଶୋକପ୍ରକାଶ କରି ଆର୍ଥିକ ସହାୟତା ଘୋଷଣା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ନରେନ୍ଦ୍ର ମୋଦି ସୋସିଆଲ ମିଡିଆରେ ଲେଖିଛନ୍ତି, କୋଲକାତାର ଦୁର୍ଘଟଣା ଦୁଃଖଦ। ପ୍ରଧାନମନ୍ତ୍ରୀ ପାଣ୍ଠିରୁ ମୃତକଙ୍କ ପରିବାରକୁ ୨ ଲକ୍ଷ ଏବଂ ଆହତଙ୍କୁ ୫୦ ହଜାର କ୍ଷତିପୂରଣ ପ୍ରଦାନ କରାଯିବ। ସେ ସୋସିଆଲ ମିଡିଆରେ ଆହୁରି ଉଲ୍ଲେଖ କରିଛନ୍ତି ଯେ ଏହି ଭୟଙ୍କର ଦୁର୍ଘଟଣାରେ ପ୍ରଭାବିତ ଲୋକଙ୍କୁ ସମସ୍ତ ପ୍ରକାରର ସହାୟତା ଯୋଗାଇବା ପାଇଁ ରାଜ୍ୟ ସରକାର ଦିନରାତି କାମ କରୁଛନ୍ତି।

## ତାରାତାଲା ମୃତ୍ୟୁସଂଖ୍ୟା ୧୧କୁ ବୃଦ୍ଧି, ୫ ଗିରଫ

କୋଲକାତା,୨୫।୬(ସଂଚାର ବ୍ୟୁରୋ): ବୁଧବାର ତାରାତଲାରେ ଭୁଶୁଡ଼ି ପଡ଼ିଥିବା ଛାତ ସ୍ଥାନରେ ଉଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି, ଯେଉଁଥିରେ ସେନା କର୍ମଚାରୀ, ଏନ୍‌ଡିଆର୍‌ଏଫ୍, ବିପର୍ଯ୍ୟୟ ପରିଚାଳନା ଗୋଷ୍ଠୀ, କୋଲକାତା ପୁଲିସ ଏବଂ ଅଗ୍ନିଶମ ବିଭାଗର ମିଳିତ ପ୍ରୟାସ ସାମିଲ ରହିଛି। ସଦ୍ୟତମ ଖବର ଅନୁଯାୟୀ, ଏପର୍ଯ୍ୟନ୍ତ ୩୧ ଜଣଙ୍କୁ ଭଗ୍ନାବଶେଷ ମଧ୍ୟରୁ ବାହାର କରାଯାଇଛି। ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କୁ ମୃତ ଘୋଷଣା କରାଯାଇଛି। ସମସ୍ତ ଉଦ୍ଧାର ଶ୍ରମିକଙ୍କୁ ଏସ୍‌ଏସ୍‌କେଏମ୍ ହସ୍ପିଟାଲକୁ ନିଆଯାଇଛି। ଗୁରୁବାର ସକାଳେ ଭଗ୍ନାବଶେଷ ମଧ୍ୟରୁ ପାଞ୍ଚ ଜଣଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାରକାରୀ ଦଳ ବିଶ୍ୱାସ କରୁଛନ୍ତି ଯେ ଆହୁରି ଅନେକ ଫସି ରହିଛନ୍ତି, ଏବଂ ସେମାନଙ୍କୁ ଖୋଜିବା ପାଇଁ ସେନା ଅତ୍ୟାଧୁନିକ ଉପକରଣ ବ୍ୟବହାର କରୁଛି।

## ପୌରସଭା କାଉନସିଲ ଭାଙ୍ଗିବାକୁ ନିର୍ଦ୍ଦେଶ

କୋଲକାତା,୨୫।୬(ସଂଚାର ବ୍ୟୁରୋ): ରାଜ୍ୟ ନଗର ଉନ୍ନୟନ ଓ ପୌର ବ୍ୟାପାର ବିଭାଗ ବାଙ୍କୁଡ଼ା ପୌରସଭାର ବୋର୍ଡ ଅଫ୍ କାଉନସିଲକୁ ତୁରନ୍ତ ଭାଙ୍ଗିଦେବା ପାଇଁ ଏକ ନିର୍ଦ୍ଦେଶ ଜାରି କରିଛି। ବୁଧବାର ଜାରି ହୋଇଥିବା ଏକ ସରକାରୀ ବିଜ୍ଞପ୍ତିରେ କୁହାଯାଇଛି ଯେ ପୌରସଭା ଅଞ୍ଚଳରେ ବିଭିନ୍ନ ନାଗରିକ ସେବା ବ୍ୟାହତ ହେବା ସମ୍ପର୍କରେ ଦୀର୍ଘ ଦିନର ଅଭିଯୋଗ ପରେ ଏକ ତଦନ୍ତ କରାଯାଇଥିଲା ଏବଂ ତଦନ୍ତରେ ବହୁ ଅନିୟମିତତା ପ୍ରକାଶ ପାଇଛି।

## କୃଷ୍ଣ ଗୁପ୍ତା ରାଜ୍ୟ ନିର୍ବାଚନ କମିଶନର

କୋଲକାତା,୨୫।୬(ସଂଚାର ବ୍ୟୁରୋ): ବରିଷ୍ଠ ଆଇଏଏସ୍ ଅଧିକାରୀ କୃଷ୍ଣ ଗୁପ୍ତାଙ୍କୁ ପଶ୍ଚିମବଙ୍ଗର ରାଜ୍ୟ ନିର୍ବାଚନ କମିଶନର ଭାବରେ ନିଯୁକ୍ତ କରାଯାଇଛି। ଗୁରୁବାର ଜାରି ହୋଇଥିବା ଏକ ବିଜ୍ଞପ୍ତିରେ ନୂତନ କମିଶନରଙ୍କ ନାମ ଘୋଷଣା କରାଯାଇଛି। ଆଗାମୀ କିଛି ମାସ ମଧ୍ୟରେ ରାଜ୍ୟବ୍ୟାପୀ ଅନେକ ପୌରସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି, ଏବଂ ସେଗୁଡ଼ିକର ତଦାରଖ ଦାୟିତ୍ୱ ଡକ୍ଟର କୃଷ୍ଣ ଗୁପ୍ତାଙ୍କ ଉପରେ ରହିବ।

## ଉପଖଣ୍ଡ ପ୍ରଶାସନିକ ଭବନରେ ଅଗ୍ନିକାଣ୍ଡ

କୋଲକାତା,୨୫।୬(ସଂଚାର ବ୍ୟୁରୋ): ବୋଲପୁର ଉପଖଣ୍ଡ ପ୍ରଶାସନିକ ଭବନରେ ଅଗ୍ନିକାଣ୍ଡ ଘଟିଛି। ତେବେ ନିଆଁ ବ୍ୟାପିବା ପୂର୍ବରୁ ଏହାକୁ ନିୟନ୍ତ୍ରଣ କରାଯାଇଛି। ଫଳରେ ପ୍ରଶାସନିକ ଭବନରେ ଥିବା ଅନେକ ଗୁରୁତ୍ୱପୂର୍ଣ୍ଣ କୋଠରୀ, ଉପଖଣ୍ଡ ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ ସମେତ ଏକ ବଡ଼ କ୍ଷତିରୁ ଅଳ୍ପକେ ରକ୍ଷା ପାଇଛି। ପ୍ରଶାସନିକ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରଶାସନିକ କୋଠା ମଧ୍ୟରେ ଥିବା ଆର୍‌ଟିଓ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ ବୁଧବାର ରାତିରେ ପ୍ରଥମେ ଜଣାପଡ଼ିଥିଲା। ପୁଲିସ ଏବଂ ଅଗ୍ନିଶମ ବିଭାଗକୁ ତୁରନ୍ତ ସୂଚନା ଦିଆଯାଇଥିଲା। ପ୍ରଥମେ ଏକ ଅଗ୍ନିଶମ ବାହିନୀ ଦଳ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଯୋଗୁଁ କିଛି ସମୟ ମଧ୍ୟରେ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।

## ତାରାତଲା ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ କ୍ଷତିପୂରଣ ଘୋଷଣା

କୋଲକାତା,୨୫।୬(ସଂଚାର ବ୍ୟୁରୋ): ଗୁରୁବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ତାରାତଲା ଦୁର୍ଘଟଣାରେ ମୃତକଙ୍କ ପରିବାର ପାଇଁ ୧୦ ଲକ୍ଷ ଟଙ୍କା ଏବଂ ଆହତଙ୍କ ପାଇଁ ୧ ଲକ୍ଷ ଟଙ୍କା କ୍ଷତିପୂରଣ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ବଡ଼ ଦୁର୍ଘଟଣାର କାରଣ ତଦନ୍ତ କରିବା ଏବଂ କାହାର ଅବହେଳା ଯୋଗୁଁ ଏମିତି ଘଟିଲା ତାହା ଚିହ୍ନଟ କରିବା ପାଇଁ ଏକ ତଥ୍ୟ ଅନୁସନ୍ଧାନ କମିଟି ଗଠନ କରାଯାଇଛି। ଏହି କମିଟିରେ ରାଜେଶ ପାଣ୍ଡେ, ଖଲିଲ ଅହମ୍ମଦ ଏବଂ ରଚନା ଭଗତଙ୍କ ସମେତ ବରିଷ୍ଠ ଅଧିକାରୀ ଏବଂ ରାଇଟ୍ସ ଏବଂ ଆଇଆଇଟି ଖଡଗପୁରର



ପ୍ରତିନିଧିମାନେ ସାମିଲ ହେବେ। ମୁଖ୍ୟମନ୍ତ୍ରୀ ମନ୍ତବ୍ୟ ଦେଇଛନ୍ତି ଯେ ପୌର ଅଧିକାରୀମାନେ ସେମାନଙ୍କର କର୍ତ୍ତବ୍ୟ ଠିକ୍ ଭାବରେ ପାଳନ କରିବାରେ ବିଫଳ ହୋଇଛନ୍ତି। ଡିଜାଇନରେ ତ୍ରୁଟି ସତ୍ତ୍ୱେ କାର୍ଯ୍ୟ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। ଡକ୍ୟୁମେଣ୍ଟଗୁଡ଼ିକରେ ପୂର୍ବତନ ମେୟର ଫିରହାଦ ହାକିମଙ୍କ ଦସ୍ତଖତ ମଧ୍ୟ ଥିଲା ଏବଂ ମୁଖ୍ୟମନ୍ତ୍ରୀ ବିଧାନସଭାରେ ସ୍ୱାକ୍ଷରିତ କାଗଜପତ୍ର ପ୍ରଦର୍ଶନ କରିଥିଲେ। ଶୁଭେନ୍ଦୁ ଅଧିକାରୀ ଚେତାବନୀ ଦେଇଛନ୍ତି ଯେ ଦୁର୍ନୀତିରେ ଜଡିତ କାହାକୁ ମଧ୍ୟ ଛଡ଼ାଯିବ ନାହିଁ। କୋଲକାତା, ରାଜାରହାଟ, ନ୍ୟୁ ଟାଉନ୍, ବଜ୍‌ବଜ୍ ଏବଂ ପୂଜାଲିରେ ଅତ୍ୟାବଶ୍ୟକ ସେବା ବ୍ୟତୀତ ସମସ୍ତ ନିର୍ମାଣ କାର୍ଯ୍ୟକୁ ଅସ୍ଥାୟୀ ଭାବରେ ବନ୍ଦ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଏଦିନ ମୁଖ୍ୟମନ୍ତ୍ରୀ ଭାରତୀୟ ସେନାର ବିହାର ରେଜିମେଣ୍ଟ ଏବଂ ଏନ୍‌ଡିଆର୍‌ଏଫ୍‌କୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଚଳାଇବା ପାଇଁ ଧନ୍ୟବାଦ ଜଣାଇଥିଲେ।

## ମାଣିକିକୁ ମିଳିଲା ନୂଆ ଜୀବନ

ଜାମନଗର,୨୫।୬: ବର୍ଷ ବର୍ଷର ଯନ୍ତ୍ରଣା ପରେ, ହାତୀ ମାଣିକିକୁ ବନତାରାରେ ମିଳିଲା ନୂଆ ଜୀବନ। ହାତୀଟିକୁ ଆସାମରୁ ଜାମନଗରକୁ ଅଣାଗଲା। ଏବେ ବିଶେଷଜ୍ଞଙ୍କ ତତ୍ତ୍ୱାବଧାନରେ ହେବ ଚିକିତ୍ସା। ଔଷଧ, ହାଇଡ୍ରୋ ଥେରାପି (ଜଳ ଚିକିତ୍ସା) ଏବଂ ପ୍ରାକୃତିକ ପରିବେଶ ମାଧ୍ୟମରେ ସ୍ୱାସ୍ଥ୍ୟରେ ଆସିବ ଉନ୍ନତି। ପ୍ରାୟ ୪୮ ବର୍ଷ ବୟସର ହାତୀ ମାଣିକି ଚିକିତ୍ସା ଓ ଉନ୍ନତ ଯତ୍ନ ପାଇଁ ଜାମନଗର ସ୍ଥିତ ବନତାରାରେ ପହଞ୍ଚିଛି। କିଛି ବର୍ଷ ଧରିମାଣିକି ନିଜର ଆଗ ବାମ ଗୋଡ଼ରେ ଗଭୀର ସମସ୍ୟା ସହିତ ସଂଘର୍ଷ କରୁଥିଲା। ଫଳରେ ଚାଲିବାରେ ଅନେକ ଅସୁବିଧା ହେଉଥିଲା।

## ଅନ୍ୟ ପୁରୁଷଙ୍କ ସହ ଫୋନରେ କଥା ହେବା ଚରିତ୍ର ଖରାପ ନୁହେଁ: କୋର୍ଟ

ନୂଆଦିଲ୍ଲୀ,୨୫।୬: ଜଣେ ମହିଳା ବିଳମ୍ବିତ ରାତିରେ କୌଣସି ପୁରୁଷଙ୍କ ସହ ଫୋନରେ କଥା ହେଉଥିବା ଆଧାରରେ ତାଙ୍କ ଚରିତ୍ର ଉପରେ ପ୍ରଶ୍ନ ଉଠାଯାଇପାରିବ ନାହିଁ। ଏକ ପାରିବାରିକ ମାମଲାର ଶୁଣାଣି କରି ଦିଲ୍ଲୀର ଏକ ଅଦାଲତ ଏଭଳି ମନ୍ତବ୍ୟ ଦେଇଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, କେବଳ ରାତିରେ କାହା ସହ କଥା ହେବା କଲ୍ ଡିଟେଲ୍ସ ରେକର୍ଡ ମାଗିବା କିମ୍ବା କାହାର ବ୍ୟକ୍ତିଗତ ଗୋପନୀୟତା ଉଲ୍ଲଂଘନ କରିବାର ଆଧାର ହୋଇପାରିବ ନାହିଁ। ଏକ ଘରୋଇ ହିଂସା ମାମଲା କୋର୍ଟରେ ବିଚାରଧୀନ ଥିବା ସମୟରେ ଜଣେ ବ୍ୟକ୍ତି ଆବେଦନ



କରିଥିଲେ ଯେ, ତାଙ୍କ ପତ୍ନୀ ବିଳମ୍ବିତ ରାତିରେ ଅନ୍ୟ ଜଣେ ବ୍ୟକ୍ତିଙ୍କ ସହ ନିୟମିତ କଥା ହେଉଛନ୍ତି। ସେହି କଲ୍ ରେକର୍ଡଗୁଡ଼ିକୁ ମୋବାଇଲ୍ ସେବା ପ୍ରଦାନକାରୀ କମ୍ପାନୀ ଯେପରି ଡିଲିଟ୍ ନକରନ୍ତି, ସେଥିପାଇଁ ସେଗୁଡ଼ିକୁ ସୁରକ୍ଷିତ ରଖିବାକୁ ସେ ଅନୁରୋଧ କରିଥିଲେ। ଟ୍ରାଏଲ୍ କୋର୍ଟ ଏହି ଆବେଦନକୁ ଖାରଜ କରିଦେବା ପରେ ବ୍ୟକ୍ତି ଜଣକ ସେସନ୍ସ କୋର୍ଟରେ ଅପିଲ୍ କରିଥିଲେ। ଏହି ମାମଲାର ଶୁଣାଣି କରି ଅତିରିକ୍ତ ସେସନ୍ସ ଜଜ୍ ସୁନାଲୀ ଗୁପ୍ତା ଟ୍ରାଏଲ୍ କୋର୍ଟଙ୍କ ନିଷ୍ପତ୍ତିକୁ କାଏମ ରଖିବା ସହ ସ୍ୱାମୀଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି।

## ସ୍କୁଟି-ପଲସର ମୁହାଁମୁହିଁ: ୨ ମୃତ

ବ୍ରହ୍ମପୁର,୨୫।୬(ସଂଚାର ବ୍ୟୁରୋ): ଦୁର୍ଘଟଣା ନେଲା ଦୁଇ ଯୁବକଙ୍କ ଜୀବନ। ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା ଆଙ୍କୋରଡ଼ା ଛକରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ସ୍କୁଟି ଓ ପଲସର ପରସ୍ପର ସହ ମୁହାଁମୁହିଁ ଧକ୍କା ହୋଇଛନ୍ତି। ଏଥିରେ ଦୁଇ ଜଣ ମୃତ୍ୟୁବରଣ




କରିଥିବା ବେଳେ ଜଣେ ଗୁରୁତର ଭାବେ ହୋଇ ଦିଗପହଣ୍ଡି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଘଟଣାସ୍ଥଳରେ ଦିଗପହଣ୍ଡି ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତକଦ୍ୱୟ ହେଲେ ପାଟପୁର ଗାଁର କାଳିଆ ସ୍ୱାଇଁ ଓ ଲକ୍ଷ୍ମୀପୁର ଗାଁର ଭୋଳା ସେଠୀ। ଦୁର୍ଘଟଣାସ୍ଥଳରୁ ତିନି ଜଣଙ୍କୁ ଦିଗପହଣ୍ଡି ମେଡିକାଲ ଅଣାଯାଇଥିଲା, କିନ୍ତୁ ସେଠାରେ ଡାକ୍ତର ଦୁଇ ଜଣଙ୍କୁ ମୃତ ଘୋଷଣା କରିଥିଲେ।

# ପାନୀୟ ଜଳ ଯୋଗାଣ, ଗ୍ରାମସଭାରେ ଲୋକେ କୁହନ୍ତୁ

ଭୁବନେଶ୍ୱର,୨୫।୬: ଜଳ ଆନ୍ଦୋଳନକୁ ଜନ ଆନ୍ଦୋଳନରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ଆହ୍ୱାନ ଦେଇଥିବାବେଳେ ପାନୀୟଜଳ ପାଇବା ନେଇ ଲୋକେ ଗ୍ରାମସଭାରେ ସ୍ୱୀକାର କଲେ ତାହା ହିଁ ଅସଲ ପରିସଂଖ୍ୟାନ ହୋଇପାରିବ। କେନ୍ଦ୍ର ପାନୀୟଜଳ ଓ ପରିମଳ ସଚିବ ଅଶୋକ କୁମାର ମୀନା ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ରାଜ୍ୟର ପାନୀୟ ଜଳ ଯୋଗାଣ ସଂକ୍ରାନ୍ତରେ ସମୀକ୍ଷା ଅବସରରେ ଏହା କହିଛନ୍ତି।

ରାଜ୍ୟରେ ପାନୀୟଜଳ ଯୋଗାଣ ସଂକ୍ରାନ୍ତରେ ଶ୍ରୀ ମୀନାଙ୍କୁ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ସଚିବ ଏସଏନ ଗିରୀଶ ସୂଚନା ପ୍ରଦାନ କରିଥିବାବେଳେ ଶ୍ରୀ ମୀନା ମଧ୍ୟ ଏ ସଂକ୍ରାନ୍ତରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସହିତ ଆଲୋଚନା କରିଥିବା ଜଣାଯାଇଛି। ଆଲୋଚନା ସମୟରେ କେନ୍ଦ୍ରୀୟ ସଚିବ କହିଛନ୍ତି ଯେ ଗାଁ ଗହଳର ଲୋକଙ୍କୁ ପାନୀୟଜଳ ଯୋଗାଣ ପାଇଁ ଅର୍ଥର ଅଭାବ ରହିବ ନାହିଁ। ଚଳିତ ଆର୍ଥିକ ବର୍ଷରେ ଓଡ଼ିଶା ପାଇଁ ମଞ୍ଜୁର ହୋଇଥିବା ୨୭୦୦ କୋଟି ଟଙ୍କା ରାଜ୍ୟ ସରକାରଙ୍କୁ ଖୁବଶୀଘ୍ର ପ୍ରଦାନ କରାଯିବ। ତେବେ ଅର୍ଥ ପାଇବା ସହ ଧାର୍ଯ୍ୟ ସମୟରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପଗୁଡିକ ସାରିବା ଉପରେ ଶ୍ରୀ ମୀନା ଗୁରୁତ୍ୱାରୋପ କରିଥିଲେ। କାରଣ ପ୍ରକଳ୍ପଗୁଡିକ ନିର୍ମାଣରେ ବିଳମ୍ବ ହେଉଥିବା ଯୋଗୁଁ ଏହାର ବ୍ୟୟବରାଦ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ଗାଁ ଗହଳରେ ପାନୀୟଜଳ ଯୋଗାଣ ନେଇ ସଫଳତାର ଯେଉଁ ପରିସଂଖ୍ୟାନ ପ୍ରଦାନ କରାଯାଉଛି ତାହା ସେତେବେଳେ ସଫଳ ହେବ ଯେତେବେଳେ ଗାଁ ଗହଳର ଲୋକେ ସେମାନଙ୍କ ଗ୍ରାମରେ ଆୟୋଜିତ ଗ୍ରାମସଭାରେ ପାନୀୟଜଳ ପାଉଥିବା ନେଇ ମତ ରଖିବେ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜଳ ଆନ୍ଦୋଳନକୁ ଜନ ଆନ୍ଦୋଳନରେ ପରିଣତ ପାଇଁ ଆହ୍ୱାନ ଦେବା ସହିତ ସମସ୍ତ ଲୋକେ ଯେଭଳି ପାଇପ୍ ଯୋଗେ ବିଶୁଦ୍ଧ ପାନୀୟଜଳ ପାଇପାରିବେ ତାହା ସୁନିଶ୍ଚିତ କରିବାକୁ କହିଛନ୍ତି। ଉଲ୍ଲେଖନୀୟ ଯେ ରାଜ୍ୟରେ ଶତାଧିକ ମେଗା ପାନୀୟଜଳ ପ୍ରକଳ୍ପ ସହିତ ଛୋଟ ଛୋଟ ପାନୀୟଜଳ ପ୍ରକଳ୍ପ ମଧ୍ୟ କାର୍ଯ୍ୟକାରୀ ହେଉଛି। ତେବେ ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣରେ ବିଳମ୍ବ ଯୋଗୁଁ ପଦ୍ମ ଘୁଞ୍ଚି ଘୁଞ୍ଚି ଯିବା ଭଳି ଶତପ୍ରତିଶତ ପାନୀୟଜଳ ଯୋଗାଣର ସମୟ ମଧ୍ୟ ବଢ଼ିବାରେ ଲାଗିଛି। ତେବେ ୨୦୨୭ ମାର୍ଚ୍ଚ ସୁଦ୍ଧା ରାଜ୍ୟର ସମସ୍ତ ଲୋକଙ୍କୁ ପାନୀୟଜଳ ଯୋଗାଣ ପାଇଁ ରାଜ୍ୟ ସରକାର ଲକ୍ଷ୍ୟଧାର୍ଯ୍ୟ କରିଥିବାବେଳେ ଏହି ଅବଧି ମଧ୍ୟରେ କାର୍ଯ୍ୟ ସାରିବା ପାଇଁ ଶ୍ରୀ ମୀନା ରାଜ୍ୟ ଅଧିକାରୀମାନଙ୍କୁ କହିଛନ୍ତି। ରାଜ୍ୟରେ ଏକାଧିକ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ବେଳେ ସେଥିରେ ବିଳମ୍ବ ଯୋଗୁଁ ପଶ୍ଚିମ ଓଡ଼ିଶାଠାରୁ ଆରମ୍ଭ କରି ଉପକୂଳ ଓଡ଼ିଶା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ପାନୀୟଜଳ ସମସ୍ୟା ଲାଗି ରହିଛି। ଏହି ପ୍ରସଙ୍ଗ ବିଧାନସଭାରେ ବାରମ୍ବାର ଉଠିବା ସହିତ ବିଧାୟକମାନେ ଅସନ୍ତୋଷ ବ୍ୟକ୍ତ କରିବାରେ ଲାଗିଛନ୍ତି। ସେହିଭଳି ପ୍ରକଳ୍ପ କାର୍ଯ୍ୟ ସରିଥିବା କେତେକ ସ୍ଥାନରେ ବିଦ୍ୟୁତ୍ ସଂଯୋଗ, ମୋଟରର ରକ୍ଷଣାବେକ୍ଷଣ ଆଦିକୁ ନେଇ ମଧ୍ୟ ପାନୀୟଜଳ ଯୋଗାଣରେ ସମସ୍ୟା ସୃଷ୍ଟି ହେଉଛି। ଏଭଳି ସ୍ଥିତିରେ କେନ୍ଦ୍ର ପାନୀୟଜଳ ଓ ପରିମଳ ସଚିବଙ୍କ ଓଡ଼ିଶା ଗସ୍ତ ଓ ସମୀକ୍ଷା ମେଗା ପାନୀୟଜଳ ପ୍ରକଳ୍ପକାର୍ଯ୍ୟ ଶୀଘ୍ର କାର୍ଯ୍ୟକ୍ଷମ ହେବା ନେଇ ଆଶା ସଞ୍ଚାର କରିଛି। (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସ୍ୱାସ୍ଥ୍ୟ ସେବା...

ସ୍ପଷ୍ଟ ଦୃଷ୍ଟାମାନ ହେଉଛି। ଆୟୁଷ୍ମାନ ଭାରତ ପରି ଏକ ଯୁଗାନ୍ତକାରୀ ଯୋଜନା ଜରିଆରେ ଦେଶର କୋଟି କୋଟି ସାଧାରଣ ଜନତା ଯେଉଁମାନେ ସ୍ୱାସ୍ଥ୍ୟ ସମସ୍ୟା ଆସିଲେ ଦୁଃଖରେ ଭାଙ୍ଗି ପଡ଼ନ୍ତି, ସେମାନଙ୍କ ପାଇଁ ଆଜି ଚିକିତ୍ସା ସମସ୍ୟା ସବୁ ଦିନ ପାଇଁ ଦୂର ହୋଇଛି। ୭୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କ ପାଇଁ ଆୟୁଷ୍ମାନ ବୟୋବନ୍ଦନା ଯୋଜନା ମଧ୍ୟ ଲାଗୁ କରାଯାଇଛି। ଓଡ଼ିଶାରେ ଆୟୁଷ୍ମାନ ଭାରତ ଯୋଜନାକୁ କେବଳ ନିଜ୍ଜ ରାଜନୈତିକ କାରଣରୁ କାର୍ଯ୍ୟକାରୀ କରାଯାଉ ନଥିଲା। ଡବଲ ଇଞ୍ଜିନ ସରକାର ଆସିବା ପରେ ଏହା ଲାଗୁ ହୋଇ ଏବଂ ବର୍ତ୍ତମାନ ରାଜ୍ୟର ୩ କୋଟି ୫୨ ଲକ୍ଷ ଲୋକ ଦେଶର ୩୨ ହଜାର ହସ୍ପିଟାଲରେ ଏହାର ସୁବିଧା ନେବା ପାଇଁ ଯୋଗ୍ୟ ହୋଇଛନ୍ତି ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ସରକାର ନିଜର ଯୋଜନାଗୁଡ଼ିକୁ ଅତ୍ୟନ୍ତ ସଫଳତାର ସହ ପୂରଣ କରୁଛନ୍ତି ଏବଂ କାର୍ଯ୍ୟକାରୀ କରୁଛନ୍ତି। ଯାହା ଫଳରେ ଓଡ଼ିଶାରେ ଚିକିତ୍ସା ପାଇଁ ଲୋକଙ୍କ ନିଜ ହାତରୁ ହେଉଥିବା ଖର୍ଚ୍ଚ ଅନ୍ୟ ସବୁ ରାଜ୍ୟଙ୍କ ମଧ୍ୟରେ ବହୁତ କମ୍। ସ୍ୱାସ୍ଥ୍ୟ ସେବା ପାଇବା ହେଉଛି ଲୋକଙ୍କ ଅଧିକାର। ସେ ଅଧିକାରର ସୁରକ୍ଷାକୁ ଆମେ ଆମର ଦାୟିତ୍ୱ ଭାବେ ଗ୍ରହଣ କରିଛୁ। ପୂର୍ବରୁ ଆମର ସ୍ୱାସ୍ଥ୍ୟନୀତିର ଲକ୍ଷ୍ୟ ଥିଲା ଲୋକଙ୍କୁ ଭଲ ସ୍ୱାସ୍ଥ୍ୟସେବା ପାଇଁ ଭିତ୍ତିଭୂମି ସୃଷ୍ଟି କରିବା। ଯେପରି ଲୋକମାନେ ସହଜରେ ନିକଟସ୍ଥ ହସ୍ପିଟାଲକୁ ବା ଚିକିତ୍ସାକେନ୍ଦ୍ରକୁ ଯାଇ ପାରିବେ ଏବଂ ସେବା ପାଇପାରିବେ। ବର୍ତ୍ତମାନ ଆମର ନୀତି ଆଉ ଟିକେ ଉପରକୁ ଚିନ୍ତା କରିଛି। ଭଲ ଭିତ୍ତିଭୂମି ସହ ଭଲ ହସ୍ପିଟାଲ, ଭଲ ଉପକରଣ ମଧ୍ୟ ଅତ୍ୟନ୍ତ ଆବଶ୍ୟକ ଏବଂ ଏହାର ବିକାଶ ମଧ୍ୟ କରାଯାଉଛି। କିନ୍ତୁ, ତାହାଠୁ ମଧ୍ୟ ଆହୁରି ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି, ବ୍ୟବସ୍ଥା ଉପରେ ଭରସା। ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରୁ ସହରର ସୁପର ସ୍ପେସିଆଲିଟି ହସ୍ପିଟାଲ ପର୍ଯ୍ୟନ୍ତ ଆମର ସମ୍ପୂର୍ଣ୍ଣ ହେଲ୍ଥ କେୟାର ନେଟୱାର୍କକୁ ଦକ୍ଷ ଓ ବିଶ୍ୱସନୀୟ କରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ସେ କହିଛନ୍ତି। ଓଡ଼ିଶାରେ ବର୍ତ୍ତମାନ ୧୫ଟି ସରକାରୀ ମେଡିକାଲ କଲେଜ ଅଛି। ନବରଙ୍ଗପୁରରେ ଏକ ମେଡିକାଲ କଲେଜ ପାଇଁ ଭିତ୍ତିପ୍ରସ୍ତର ଦିଆଯାଇଛି।

### 'ଏମର୍ଜେନ୍ସି' ଥିଲା...

କ୍ଷମତା ଓ ପରିବାର ମୋହରେ ଅନ୍ଧ ହୋଇ ଏହି ଲୋକମାନେ ସମ୍ବିଧାନକୁ କ୍ଷତିଗ୍ରସ୍ତ କରିଥିଲେ ଓ ସମଗ୍ର ଦେଶକୁ ଏକ କାରାଗାରରେ ପରିଣତ କରି ଆମ ନାଗରିକଙ୍କ ସ୍ୱାଧୀନତା ଉପରେ କୁଠାରଘାତ କରିଥିଲେ। ସେ ଆହୁରି କହିଛନ୍ତି ଯେ 'ଦିନେ ଇଣ୍ଡିଆ ହିଁ ଇନ୍ଦିରା, ଇନ୍ଦିରା ହିଁ ଇଣ୍ଡିଆ' ଭଳି ମାନସିକତା ସେମାନଙ୍କର ଏକଛତ୍ରବାଦୀ ଚିନ୍ତାଧାରାର ପ୍ରତୀକ ଥିଲା। ବର୍ତ୍ତମାନ ସମୟରେ ରାହୁଲ ଗାନ୍ଧିଙ୍କ ସମେତ ସମଗ୍ର କଂଗ୍ରେସ ଦଳ ସେହି ସମାନ ଚିନ୍ତାଧାରାକୁ ଆଗକୁ ବଢ଼ାଉଛନ୍ତି। ଶ୍ରୀ ପ୍ରଧାନ ଜୋର୍ ଦେଇ କହିଛନ୍ତି ଯେ ଭାରତ ହେଉଛି ଗଣତନ୍ତ୍ରର ଜନନୀ। ଆଜି ଯେତେବେଳେ ଦେଶ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ 'ବିକଶିତ ଭାରତ ୨୦୪୭'ର ସଂକଳ୍ପ ଆଡ଼କୁ ଅଗ୍ରସର ହେଉଛି, ସେତେବେଳେ ଆପାତକାଳ ଭଳି ଘୃଣ୍ୟ ଚିନ୍ତାଧାରାକୁ ପ୍ରତ୍ୟାଖ୍ୟାନ କରିବା ଜରୁରୀ।

### ହଟିଲା ଏଲ୍‌ପିଜି...

ଶାସନ ସଚିବଙ୍କୁ ଚିଠି ଲେଖିଛନ୍ତି। ଏହି ନିର୍ଣ୍ଣୟ ଜାତୀୟ ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବା ସହ ଦେଶର ଶକ୍ତି ଆବଶ୍ୟକତାକୁ ସନ୍ତୁଳିତ କରିବା ଓ ସ୍ୱଚ୍ଛ, ନିରାପଦ ତଥା ଅଧିକ ଦକ୍ଷ ଇନ୍ଧନର ବ୍ୟବହାର ବୃଦ୍ଧି କରିବା ପାଇଁ ସରକାରଙ୍କର ସଚେତନ ଆଭିମୁଖ୍ୟକୁ ପ୍ରତିଫଳିତ କରେ। ପଶ୍ଚିମ ଏସିଆ ସଙ୍କଟ ଯୋଗୁଁ ସୃଷ୍ଟି ହୋଇଥିବା ବିଶ୍ୱସ୍ତରୀୟ ଯୋଗାଣ ବ୍ୟାହତ ହେବା ପରଠାରୁ ସରକାର ସମଗ୍ର ଦେଶରେ ଘରୋଇ ଗ୍ରାହକମାନଙ୍କୁ ଏଲ୍‌ପିଜିର ନିରବଚ୍ଛିନ୍ନ ଉପଲବ୍ଧତା ନିଶ୍ଚିତ କରିବାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଛନ୍ତି।

### ୨୯ ନିର୍ବାଚନର...

କରିବା ସହ ଆଗାମୀ ୨୦୨୯ ନିର୍ବାଚନ ତାଙ୍କ (ନବୀନଙ୍କ) ନେତୃତ୍ୱରେ ହିଁ ଦଳ ନିର୍ବାଚନ ଲଢ଼ିବ ବୋଲି ସେ ଘୋଷଣା କରିଛନ୍ତି। ନବୀନଙ୍କର ଏହି ବକ୍ତବ୍ୟରୁ ସ୍ପଷ୍ଟ ହୋଇଛି ଯେ ଦଳର ନେତୃତ୍ୱ ନବୀନଙ୍କ ନିକଟରେ ରହିବ ଏବଂ ଦଳକୁ ଆଗକୁ ନେବାରେ ସୁଜାତା ସାରଥୀ ଭାବେ କାର୍ଯ୍ୟ କରିବେ। କିନ୍ତୁ ବର୍ତ୍ତମାନ ସୁଜାତା ଦଳରେ ଜଣେ ସାଧାରଣ କର୍ମୀ ଭାବେ ଯୋଗ ଦେଇଛନ୍ତି। ସେ ଦଳର କାର୍ଯ୍ୟକଳାପ ସହ ପରିଚିତ ହେବା ପରେ ତାଙ୍କୁ ଦାୟିତ୍ୱ ଦିଆଯିବ ବୋଲି ନବୀନ କହିଛନ୍ତି। ଦଳୀୟ ମହଲରେ ହେଉଥିବା ଆଲୋଚନା ଅନୁଯାୟୀ, ଗତ ନିର୍ବାଚନ ପରଠାରୁ ଜିଲ୍ଲା ସ୍ତରର ନେତା ଓ କର୍ମୀ ଏବଂ ନବୀନ ନିବାସ ମଧ୍ୟରେ ଦୂରତା ବଢ଼ିଯାଇଥିଲା। ବିଶେଷକରି ଭିକେ ପାଣ୍ଡିଆନ ରାଜନୀତି ଛାଡ଼ିବା ପରଠାରୁ ଏହି ଦୂରତା ପରିଲକ୍ଷିତ ହୋଇଥିଲା। ଦଳୀୟ ନେତାମାନେ ନିଜ ନିଜ ଅଞ୍ଚଳର ସମସ୍ୟା କାହାକୁ କହିବେ ତା' ଜାଣିପାରୁ ନ ଥିଲେ। ପୂର୍ବରୁ ଯେଉଁମାନେ ଏହି ଦାୟିତ୍ୱରେ ଥିଲେ ସେମାନେ ନିର୍ବାଚନରେ ହାରି ଏକପ୍ରକାର ବନବାସରେ ରହିଛନ୍ତି। ତେଣୁ ସେମାନଙ୍କ କଥା ବିଜେଡିରେ କିଏ ଶୁଣିବ, ତାହାକୁ ନେଇ ନେତାମାନେ ଚିନ୍ତାରେ ଥିବା ବେଳେ ସୁଜାତାଙ୍କ ବିଜେଡି ପ୍ରବେଶ ପରେ ତାହା ଦୂର ହୋଇଯିବ ବୋଲି ସେମାନେ ଆଶା ବାନ୍ଧି ବସିଛନ୍ତି।ଅନ୍ୟପକ୍ଷରେ ଆଜି ଦଳୀୟ କାର୍ଯ୍ୟାଳୟରେ ଉପସ୍ଥିତ ଥିବା ଅନେକ ଯୁବନେତାଙ୍କଠାରେ ମଧ୍ୟ ଉତ୍ସାହ ପରିଲକ୍ଷିତ ହୋଇଥିଲା। ସେମାନେ ସୁଜାତାଙ୍କ ସପକ୍ଷରେ ବିଭିନ୍ନ ଗଣମାଧ୍ୟମକୁ ବାର୍ତ୍ତା ଦେଉଥିବା ବେଳେ ଦଳ ଏବେ ଆଗକୁ ବଢ଼ିବାର ସୁଯୋଗ ପାଇବ ବୋଲି ଖୋଲାଖୋଲି ଆଲୋଚନା କରୁଥିଲେ। ଦୂରଦୂରାନ୍ତରୁ ଅନେକ ନେତା ଆଜିର ଏହି ଯୋଗଦାନ ପର୍ବରେ ସାମିଲ ହେବା ପାଇଁ ସ୍ୱତଃପ୍ରବୃତ୍ତ ଭାବେ ଆସିଥିବା ଲକ୍ଷ୍ୟ କରାଯାଇଥିଲା। ସୁଜାତାଙ୍କ ଯୋଗଦାନ ସମୟରେ ଦଳର ବରିଷ୍ଠ ଓ ଯୁବନେତାମାନେ ଉପସ୍ଥିତ ଥିବା ବେଳେ ସୁଜାତା ହିଁ ଆଗାମୀ ଦିନରେ ଦଳ ପାଇଁ ଆସେଟ୍ ହେବେ ବୋଲି ମତ ଦେଉଥିଲେ।

### ବାଂଲା ବିପକ୍ଷରେ...

ତାଙ୍କର ଅର୍ଦ୍ଧଶତକୀୟ ଇନିଂସ ପୂରଣ କରିବା ସହ ଟି-୨୦ ବିଶ୍ୱକପ୍‌ରେ ତାଙ୍କର ୫୦୦ ରନ୍ ମଧ୍ୟ ପୂରଣ କରିଥିଲେ। ସେ ୩୪ଟି ବଲ୍ ଖେଳି ୫୩ ରନ୍ କରିଥିବା ବେଳେ ଷ୍ଟମ୍ପ୍ ଆଉଟ୍ ହୋଇଥିଲେ। କିନ୍ତୁ ଏହା ପୂର୍ବରୁ ସେ ୮ଟି ଚୌକା ସହ ଗୋଟିଏ ଛକା ଲଗାଇସାରିଥିଲେ। ଏହାପରେ ଯାସ୍ତିକା ଭାଟିଆ ୩ଟି ଚୌକା ସହ ୧୮ ରନ୍ କରି ଆଉଟ୍ ହୋଇଥିବା ବେଳେ ବ୍ୟାଟିଂ ଅର୍ଡର୍‌ରେ ପଦୋନ୍ନତି ପାଇଥିବା ରୀଚା ଘୋଷ ୨ଟି ଚୌକା ସହ ୧୦ ରନ୍‌ରେ ବିଦାୟ ନେଇଥିଲେ। ଏହାପରେ ଜେମିମା ରଡରିଗ୍ସ ମାତ୍ର ୧୫ ବଲ୍‌ରେ ୩ଟି ଚୌକା ଓ ଗୋଟିଏ ଛକା ସହ ୨୬ ରନ୍ କରି ବିଜୟକୁ ସହଜ କରିଦେଇଥିଲେ। ପରେ ଅଧିନାୟିକା ହରମନ୍‌ପ୍ରୀତ୍ କୌର୍ ସାଥୀ ବ୍ୟାଟ୍ସଓମ୍ୟାନ୍ ଦୀପ୍ତି ଶର୍ମାଙ୍କୁ ଧରି ଦଳୀୟ ସ୍କୋର୍‌କୁ ୧୬.୫ ଓଭର୍‌ରେ ୧୩୯ରେ ପହଞ୍ଚାଇ ଦଳ ପାଇଁ ଆଉ ଦୁଇ ପଏଣ୍ଟ ଅର୍ଜନ କରିଥିଲେ। ବାଂଲାଦେଶ ପକ୍ଷରୁ ରୀତୁ ମୋନି ୨ଟି ୱିକେଟ୍ ନେଇଥିଲେ। ଭାରତ ୨୮ରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବ।

### ୧୬୪ ମୃତ...

ଏହାର ତୀବ୍ରତା ୭.୫ ରେକର୍ଡ କରାଯାଇଛି। ଏହାର ଗଭୀରତା ୧୦ କିଲୋମିଟର ଥିଲା ଏବଂ ଏହାର କେନ୍ଦ୍ରସ୍ଥଳ ଥିଲା ମୋରୋନରୁ ୧୬ କିଲୋମିଟର ଦକ୍ଷିଣ-ପଶ୍ଚିମରେ। ଭେନେଜୁଏଲାର କାର୍ଯ୍ୟକାରୀ ରାଷ୍ଟ୍ରପତିଙ୍କ ସହ ଆମେରିକା ବରାବର ଯୋଗାଯୋଗରେ ରହିଛି ଓ ଆବଶ୍ୟକ ସମର୍ଥନ ଯୋଗାଇ ଦେଇଛି ବୋଲି ଗୁରୁବାର ଆମେରିକାର ସେକ୍ରେଟାରି ଅଫ୍ ଷ୍ଟେଟ୍ସ ମାର୍କୋ ରୁବିଓ କହିଛନ୍ତି। ଆମେରିକା ପକ୍ଷରୁ ଭେନେଜୁଏଲାରେ ସନ୍ଧାନୀ ଓ ଉଦ୍ଧାର ଦଳ ମୁତୟନ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଫ୍ରାନ୍ସ, ସ୍ପେନ ପକ୍ଷରୁ ମଧ୍ୟରୁ ଭେନେଜୁଏଲାକୁ ଉଦ୍ଧାରକାରୀ ଦଳ ପଠାଯାଇଛି। କାଇଟିଆ ଲା ମାର୍‌ର ଲା ଗୁଆଇରା ସହର ପ୍ରାୟତଃ ବିଧ୍ୱସ୍ତ ହୋଇଯାଇଛି। ଏହି ଉପକୂଳ ସହରର ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଯାଇଛି। ଅନ୍ଧାର ଭିତରେ ଗତକାଲି ରାତିସାରା ବର୍ତ୍ତିଯାଇଥିବା ଲୋକମାନେ ସେମାନଙ୍କର ପରିବାର ସଦସ୍ୟଙ୍କୁ ଖୋଜିବାରେ ଲାଗିଛନ୍ତି।

### ୩ ଠିକାଦାରଙ୍କୁ...

ଜିଲ୍ଲା ବାରିପଦାର ମେସର୍ସ ଟ୍ରାନ୍ସପାୱାରର ମାଲିକ ଗିରିଜା ଶଙ୍କର ଦାଶ, ଯାଜପୁର ଟାଉନର ମେସର୍ସ ବିରଜା ଇଲେକ୍ଟ୍ରିକାଲ୍ସ ଆଣ୍ଡ କନଷ୍ଟ୍ରକସନର ମାଲିକ ଧରଣୀଧର ସାହୁ ଓ ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ମେସର୍ସ ଯୋଗମାୟା ଟ୍ରେଡର୍ସର ମାଲିକ ବିଭୁତି ରଞ୍ଜନ ବିଶ୍ୱାଳ। ଏହି ୩ ଜଣ ଠିକାଦାରଙ୍କ ବିରୋଧରେ ଭିଜିଲାନ୍ସ ପକ୍ଷରୁ ଦୁର୍ନୀତି ନିବାରଣ ଆଇନ ଓ ବିଭିନ୍ନ ସଙ୍ଗୀନ ଦଫାରେ ୩ଟି ପୃଥକ୍ ପୃଥକ୍ ମାମଲା ରୁଜୁ ହୋଇଛି। ତଦନ୍ତ ସମୟରେ ଏହି ୩ ଜଣ ଠିକାଦାର ଏହି ତିନି ଜିଲ୍ଲାରେ ଠିକା କାମ ନେଇ ସରକାରୀ ଅର୍ଥ ହରିଲୁଟ କରିବାରେ ମୁଖ୍ୟ ଅଭିଯୁକ୍ତ ସାଜିଥିବା ଜଣାପଡ଼ିଛି।

### ବାହାନା କରି...

ପ୍ରକାଶ ଦାସଙ୍କ ଅନୁପସ୍ଥିତ ଆଜି ସବୁଠାରୁ ଚର୍ଚ୍ଚାର ବିଷୟ ପାଲଟିଛି। ତାଙ୍କୁ ବାରମ୍ବାର ଫୋନ୍ କରାଗଲେ ମଧ୍ୟ ସେ ଫୋନ୍ ଧରୁ ନ ଥିବା କର୍ମୀମାନେ ଆଲୋଚନା କରୁଥିଲେ। ଏକଦା ନିଜକୁ ଦଳର ନମ୍ବର-ଟୁ କହିବା ସହ ଦଳୀୟ ଟିକଟ ବଣ୍ଟନରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ପ୍ରଣବ ଆଜିଭଳି ଦିନରେ ଦଳୀୟ କାର୍ଯ୍ୟାଳୟରେ କାହିଁକି ରହିଲେ, ତାହା ସେ ସଂକ୍ରାନ୍ତରେ କର୍ମୀମାନେ ଆଲୋଚନା ଚଳାଇଥିବା ବେଳେ ଆଉ କିଛି କର୍ମୀ ହାରୁ ନେତା ବବି ଏବେ ଫୁଲମୁହାଁ ବୋଲି ଆଲୋଚନା ଚଳାଇଥିବା ଦେଖିବାକୁ ମିଳିଥିଲା।

### ସାଇକେଲରେ...

ତେଣୁ ଶେଷରେ ଜୟନ୍ତୀଙ୍କ ବିଧବା ପୁତ୍ରବଧୂ ଯାଜ୍ଞସେନୀ, ନାତି ଶୁଭମ୍ ଓ ଝିଅ ବାସନ୍ତୀ କୌଣସି ଉପାୟ ନ ପାଇ ବାଧ୍ୟ ହୋଇ ସାଇକଲରେ ମୃତଦେହ ବାନ୍ଧି ଶ୍ମଶାନକୁ ନେଇ ଅନ୍ତିମ ସଂସ୍କାର କରିଥିଲେ। ଏହି ସମୟର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯାହାକି ନେଇ ଚାରିଆଡ଼େ ଚର୍ଚ୍ଚା। ତେବେ କେଉଁ କାରଣରୁ ସାହି ପଡ଼ିଶା ବୃଦ୍ଧା ଜୟନ୍ତୀଙ୍କ ମରଶରୀରକୁ କାନ୍ଧ ଦେବାକୁ ଆସିଲେ, ତା' ସ୍ପଷ୍ଟ ହୋଇପାରିନାହିଁ।

## ସାପ କାମୁଡ଼ିବା ପରେ ସାପକୁ ଧରି ହସ୍ପିଟାଲରେ ପହଞ୍ଚିଲେ ମହିଳା



ମାଲକାନଗିରି, ୨୫।୬ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲାର ମାଥିଲି ବ୍ଲକ ଅନ୍ତର୍ଗତ କୋରାମ୍ପାଲି ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସାପ କାମୁଡ଼ିବା ପରେ ଜଣେ ମହିଳା ସେହି ଜିଅନ୍ତା ସାପକୁ ଧରି ହସ୍ପିଟାଲରେ ପହଞ୍ଚିଥିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ଅନୁଯାୟୀ, କୋରାମ୍ପାଲି ଗ୍ରାମର ମଣିମା ନାୟକ ଘରେ ଥିବାବେଳେ ଏକ ସାପ ତାଙ୍କ ଗୋଡ଼ରେ କାମୁଡ଼ି ଦେଇଥିଲା। ଘଟଣା ପରେ ସେ ଭୟଭୀତ ନହୋଇ ସାପଟିକୁ ଧରି ଏକ ପାତ୍ରରେ ରଖିଥିଲେ। ପରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ମାଥିଲି ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ସେ ଜିଅନ୍ତା ସାପକୁ ମଧ୍ୟ ସାଙ୍ଗରେ ନେଇ ପହଞ୍ଚିଥିଲେ।

ମହିଳାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରଥମେ ତାଙ୍କୁ ମାଥିଲି ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

● ଆଞ୍ଚଳିକ ବିକାଶ ପରିଷଦର ଦୟା ସ୍ୱଚ୍ଛତା କାର୍ଯ୍ୟକ୍ରମ

## ନଦୀକୁ ରଖନ୍ତୁ ସଫା, ନହେଲେ ଲାଗିବ ଦଫା



ବାଲିଅନ୍ତା, ୨୫।୬ (ସଂଚାର ବ୍ୟୁରୋ): ଆଜି ସକାଳ ସାଢ଼େ ଛ'ଟାରୁ ଆରମ୍ଭ ହୋଇଥିଲା ଆଞ୍ଚଳିକ ବିକାଶ ପରିଷଦର ଚତୁର୍ଥ ଦିବସ ଦୟାନଦୀ ସଫେଇ କାର୍ଯ୍ୟକ୍ରମ। ଏହା ଦିନ ଗୋଟାଏ ପର୍ଯ୍ୟନ୍ତ ଚାଲିଥିଲା। ଦୟା ସେତୁ ତଳେ ଜମା ହୋଇଥିବା କୁଢ଼ କୁଢ଼ ଆବର୍ଜନାକୁ ସ୍ୱେଚ୍ଛାସେବୀ ମାନେ ସଫା କରିବା ସହ ନଦୀର ଜଳକୁ ସ୍ୱଚ୍ଛ ରଖିବା ପାଇଁ 'ନଦୀକୁ ରଖନ୍ତୁ ସଫା, ନହେଲେ ଲାଗିବ ଦଫା'ର ନାରା ଦେଇଥିଲେ। ଦୟାସେତୁ ଦେଇ ଯାଉଥିବା ପଥିକ ଏବଂ ନଦୀ ଗର୍ଭକୁ ଆବର୍ଜନା ଫିଙ୍ଗୁଥିବା ଲୋକଙ୍କୁ 'ନଈ ଆମର ମା', ତା' ଜଳକୁ ଅପରିଷ୍କାର କରନ୍ତୁ ନାହିଁ' ବୋଲି ବୁଝାଇଥିଲେ। ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ପରିଷଦର ସଦସ୍ୟମାନଙ୍କ ସହ ସ୍ଥାନୀୟ ଅଞ୍ଚଳର ଶତାଧିକ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ପରିଷଦର ସଭାପତି ବୃନ୍ଦାବନ ସାହୁ, ଉପସଭାପତି ଅକ୍ଷୟ ସ୍ୱାଇଁ, ସଂପାଦକ ଅରୁଣ ପୁରୋହିତ, ପରିବେଶବିତ୍ ଲକ୍ଷ୍ମୀଧର ପ୍ରଧାନ, ବରିଷ୍ଠ ସଦସ୍ୟ ପ୍ରଶାନ୍ତ ମିଶ୍ର, ସୁମନ୍ତ ସୁବୁଦ୍ଧି, ଜିତେନ୍ଦ୍ର ଜେନା, ଶରତ ବିଶ୍ୱାଳ, ବୁଲେଟ୍ ମାନସିଂ, ସାମାଜିକକର୍ମୀ ବିଜନ ସାମନ୍ତରାୟ, ପ୍ରକାଶ ସାହୁ, ନିରଞ୍ଜନ ନାୟକ ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟଟି ସୁସମ୍ପାଦିତ ହୋଇଥିଲା।

## ନାବାଳିକା ଝିଅକୁ ଦୁଷ୍କର୍ମ ମାମଲାରେ ବାପାଙ୍କୁ ୨୦ ବର୍ଷ କାରାଦଣ୍ଡ

ଯାଜପୁର, ୨୫।୬ (ସଂଚାର ବ୍ୟୁରୋ): ସୁକିନ୍ଦା ଥାନା ଅଞ୍ଚଳରେ ୨୦୨୪ ମସିହାରେ ଘଟିଥିବା ଜଣେ ନାବାଳିକାଙ୍କ ପ୍ରତି ଯୌନ ନିର୍ଯାତନା ମାମଲାରେ ପୋକ୍ସୋ ସ୍ୱତନ୍ତ୍ର ଅଦାଲତ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ନିଜ ନାବାଳିକା ଝିଅଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ବାପାଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୫୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦିଆଯାଇଛି।ଅଦାଲତରେ ଉପସ୍ଥାପିତ ୨୫ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ବିଚାର କରି ପୋକ୍ସୋ ସ୍ୱତନ୍ତ୍ର ଅଦାଲତ ଏହି ରାୟ ଘୋଷଣା କରିଛନ୍ତି। ଜରିମାନା ଅନାଦେୟ ରହିଲେ ଅଭିଯୁକ୍ତଙ୍କୁ ଅତିରିକ୍ତ ୧ ବର୍ଷ ୩ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଏହି ରାୟକୁ ଶିଶୁଙ୍କ ବିରୋଧରେ ହେଉଥିବା ଯୌନ ଅପରାଧ ପ୍ରତି କଠୋର ବାର୍ତ୍ତା ଭାବେ ଦେଖାଯାଉଛି। ପୋକସୋ ଆଇନ ଅନୁଯାୟୀ ଅପରାଧୀଙ୍କ ବିରୋଧରେ କଠୋର ପଦକ୍ଷେପ ଜାରି ରହିବ ବୋଲି ଏହି ରାୟ ସ୍ପଷ୍ଟ ସଙ୍କେତ ଦେଇଛି।

## ନାବାଳିକା ଅପହରଣ ମାମଲାରେ ଅଭିଯୁକ୍ତକୁ ସଶ୍ରମ କାରାଦଣ୍ଡ

ବାରିପଦା, ୨୫।୬ (ସଂଚାର ବ୍ୟୁରୋ): ଆଜି ଏକ ନାବାଳିକା ଅପହରଣ ସଂକ୍ରାନ୍ତ ମାମଲାର ବିଚାର କରି ଜିଲ୍ଲା ଓ ଦୌରାଜଜ ସୁଦୀପ୍ତ ଆଚାର୍ଯ୍ୟ ଅଭିଯୁକ୍ତ ମୟୁରଭଞ୍ଜ ଜିଲ୍ଲା ବାଙ୍ଗରିପୋଷି ଥାନା ଅନ୍ତର୍ଗତ ଯୋଗୀବନ୍ଧ ଗ୍ରାମର ଟିକିନୋ ଦିଗାରକୁ ଭାରତୀୟ ନ୍ୟାୟ ସଂହିତା ଧାରା ୩୬୩ ଅନୁଯାୟୀ ତିନି ବର୍ଷ ସଶ୍ରମ କାରାଦଣ୍ଡ ସମେତ ପାଞ୍ଚ ହଜାର ଟଙ୍କା ଜୋରିମାନା ଅନାଦେୟ ଅଧିକ ଏକ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ ଉକ୍ତ ଥାନା ଅଞ୍ଚଳର ଜନୈକ ୧୫ ବର୍ଷର ନବାଳିକାକୁ ଅଭିଯୁକ୍ତ ଟିକିନୋ ଦିଗାର ବିବାହର ପ୍ରତିଶୃତି ଦେଇ ଗତ ୧୬.୧.୨୦୨୩ରେ ନେଇ ଫେରାର ହୋଇଯାଇଥିଲା । ଅଭିଯୁକ୍ତ ଟିକିନୋର ପୂର୍ବରୁ ଦୁଇଗୋଟି ସ୍ତ୍ରୀ ଏବଂ ପିଲାଛୁଆ ଥିବାର ଜାଣି ୧୮.୧.୨୦୨୩ରେ ଝିଅ ଫୋନଯୋଗେ ପରିବାର ଲୋକଙ୍କୁ ସବୁକଥା କହିବା ସହ ଘରକୁ ଫେରିଯିବାକୁ ଇଚ୍ଛା ପ୍ରକାଶ କରିଥିଲା। ସବୁକଥା ଜାଣିବା ପରେ ନବାଳିକାର ପରିବାରଲୋକେ ଝିଅକୁ ଉଦ୍ଧାର କରିବା ପାଇଁ ଥାନାର ଦ୍ୱାରସ୍ଥ ହୋଇଥିଲେ । ଏ ବାବଦରେ ବାଙ୍ଗରିପୋଷି ଥାନାରେ ଏକ ଅପହରଣ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଟିକନୋ ଦିଗାରକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲେ।

# ପ୍ରାଣୀଧନ ଚିକିତ୍ସା କେନ୍ଦ୍ରରେ ବର୍ଷ ସାରା ତାଲା

ଚିକିତ୍ସା କେନ୍ଦ୍ର ପରିସର ଜଙ୍ଗଲମୟ

ଆସୁ ନାହାନ୍ତି ପଶୁସମ୍ପଦ ନିରୀକ୍ଷକ





ଆନନ୍ଦପୁର, ୨୫।୬ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ସାଇଁକୁଳ ପଶୁ ଡାକ୍ତରଖାନା ଅଧୀନରେ ଥିବା ପଣ୍ଡୁଆ ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ଏବେ ପ୍ରହସନ ପାଲଟିଥିବା ଅଭିଯୋଗ ହୋଇଛି। ନିୟମ ଅନୁସାରେ ସପ୍ତାହରେ ଦୁଇ ଦିନ ଏହି କେନ୍ଦ୍ର ଖୋଲିବା କଥା ଥିଲେ ମଧ୍ୟ ବାସ୍ତବରେ ବର୍ଷ ବର୍ଷ ଧରି ତାଲା ଝୁଲୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଚିକିତ୍ସା କେନ୍ଦ୍ର ପରିସର ଅନାବନା ଗଛଲତାରେ ଭରିଯାଇଥିବା ବେଳେ ଏହା ସାପଙ୍କ ଚରାଭୂଇଁ ପାଲଟିଛି। ପଶୁପାଳକମାନେ ପଶୁଙ୍କ ଚିକିତ୍ସା ପାଇଁ ଆସି ନିରାଶ ହୋଇ ଫେରୁଥିବା ଅଭିଯୋଗ କରିଛନ୍ତି।

ସରକାର ଚିକିତ୍ସା କେନ୍ଦ୍ର ପାଇଁ ଘର ନିର୍ମାଣ କରିଥିବା ବେଳେ ମରାମତି ପାଇଁ ଅନୁଦାନ ମଧ୍ୟ ଆସୁଛି, ତେବେ ସେବା କାହିଁକି ମିଳୁନାହିଁ ବୋଲି ପ୍ରଶ୍ନ ଉଠିଛି। ଅନ୍ୟପଟେ ଏହି ବିଷୟରେ ସମ୍ପୃକ୍ତ ପଶୁସମ୍ପଦ ନିରୀକ୍ଷକ କହିଛନ୍ତି ଯେ, ପଣ୍ଡୁଆ କେନ୍ଦ୍ର ତାଙ୍କର ଚାର୍ଜ ସେଣ୍ଟର ହୋଇଥିବା ବେଳେ ଅଳତୀ ହେଉଛି ମୁଖ୍ୟ କେନ୍ଦ୍ର। ମୁଖ୍ୟ କେନ୍ଦ୍ରରେ ଅଧିକ କାର୍ଯ୍ୟଭାର ଥିବାରୁ ପଣ୍ଡୁଆ କେନ୍ଦ୍ରକୁ ନିୟମିତ ଆସିବା ସମ୍ଭବ ହେଉନାହିଁ। ଏହାସହ ଏଠାକୁ ଔଷଧ କିମ୍ବା ଚିକିତ୍ସା ଉପକରଣ ମଧ୍ୟ ଆସୁନଥିବା ସେ କହିଛନ୍ତି।

ତେବେ ପ୍ରଶ୍ନ ଉଠୁଛି, ଯଦି ଚିକିତ୍ସା କେନ୍ଦ୍ର ଚାଲିବ ନାହିଁ, ତେବେ ସରକାରୀ ଅର୍ଥରେ ନିର୍ମିତ ଏହି ଭିତ୍ତିଭୂମିର ଉଦ୍ଦେଶ୍ୟ କଣ? ପଶୁପାଳକଙ୍କୁ ସେବା ଯୋଗାଇବା ପାଇଁ କେବେ ସକ୍ରିୟ ହେବ ପଣ୍ଡୁଆ ପ୍ରାଣୀଧନ ଚିକିତ୍ସା କେନ୍ଦ୍ର। ତେବେ ଖୁବ୍ ଶୀଘ୍ର ଏହି କେନ୍ଦ୍ର ଖୋଲିବାକୁ ଗ୍ରାମର ତପନ ଜେନା, ବିଦ୍ୟାଧର ଜେନା, ରମେଶ ଜେନା, ହିମାଂଶୁ ଜେନା, ଭାଗିନ ଜେନା, ଅଭିନାଶ ଜେନା, ରାଜା ଜେନା, ରଜତ ଜେନା, ମୁନା ଜେନା ପ୍ରମୁଖ ଦାବି କରିଛନ୍ତି ।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ



ନୀଳଗିରି, ୨୫।୬ (ସଂଚାର ବ୍ୟୁରୋ): ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଏକ ମାତ୍ର ପୁଅକୁ ହରାଇ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି ବାପା ମାଆ ଓ ପରିବାର ବର୍ଗ। ସୂଚନା ଯୋଗ୍ୟ ନୀଳଗିରି ଏନଏସି ୧୦ନମ୍ବର ୱାଡ଼ ତଳ କାହାଳିଆ ଗ୍ରାମର କାଳିଆ ଓରଫ ରବୀନ୍ଦ୍ର ପାତ୍ରଙ୍କ ଏକ ମାତ୍ର ପୁଅ ପ୍ରିୟାଂଶୁ ପାତ୍ର (୧୯) ଓ ତାଙ୍କ ସାଙ୍ଗ ଏକ ବାଇକ ଯୋଗେ ଗତ ୧୯ତାରିଖ ଶୁକ୍ରବାର ରାତ୍ରି ପ୍ରାୟ ୯ଘଟିକା ସମୟରେ ନୀଳଗିରି ବଜାରରୁ କାର୍ଯ୍ୟ ସାରି ରାଇଗାଁ-କାହାଳିଆ ରାସ୍ତାରେ ଘରକୁ ଫେରୁଥିବା ବେଳେ କାହାଳିଆ ଛକ ନିକଟରେ ଦୁର୍ଘଟଣା ଘଟିଥିଲା। ଉକ୍ତ ଦୁର୍ଘଟଣାରେ ଗାଡି ଚଳାଉଥିବା ତାଙ୍କ ସାଙ୍ଗ ଅଳ୍ପକେ ବର୍ତ୍ତି ଥିବା ବେଳେ ପ୍ରିୟାଂଶୁ ଛିଟିକି ଏକ ତେନ୍ତୁଳି ଗଛରେ ପିଟି ଯାଇ ସଂଜ୍ଞାହୀନ ହୋଇଥିଲେ। ତେବେ ପ୍ରଥମେ ନୀଳଗିରି ମେଡିକାଲ ଓ ପରେ ରେମୁଣା ମେଡିକାଲକୁ ନିଆଯାଇଥିଲା। ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ବଡ ମେଡିକାଲ, ପରେ ଅଶ୍ୱିନ ଟ୍ରୋମା କେୟାରରେ ଭର୍ତ୍ତି କରାଯାଇଥିଲା। ଗତକାଲି ସେନ୍ସ ଫେରିଥିବା ବେଳେ ଆଜି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ କଟକ ଏସସିବିରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏନେଇ ଗ୍ରାମରେ ଶୋକର ଛାୟା ଖେଳି ଯାଇଛି। ସୂଚନା ଥାଉକି ସ୍ୱର୍ଗତ ପ୍ରିୟାଂଶୁ ଙ୍କ ବାପା କାଳିଆ ପାତ୍ର ନୀଳଗିରି ବିଜେଡ଼ି ରେ ଜଣେ ଆଗ ଧାଡିର ନେତୃତ୍ୱ ହୋଇଥିବା ବେଳେ ବିଜେଡ଼ି ମହଲରେ ଗଭୀର ଶୋକ ପ୍ରକାଶ ପାଇଛି।

## ବିନା ସୂଚନା ଫଳକରେ ଚାଲିଛି ଡ୍ରେନ ଓ ରାସ୍ତା କାମ

ଜାଣିଶୁଣି ପ୍ରଶାସନ ଚୁପ୍

ଗ୍ରାମବାସୀଙ୍କ ମଧ୍ୟରେ ବଢ଼ୁଛି ଅସନ୍ତୋଷ



ନବରଙ୍ଗପୁର/ଉମରକୋଟ, ୨୫।୬ (ସଂଚାର ବ୍ୟୁରୋ): ସରକାରଙ୍କ ପକ୍ଷରୁ ଯେକୌଣସି ଜନକଲ୍ୟାଣମୂଳକ ଯୋଜନା କିମ୍ବା ବିକାଶମୂଳକ କାର୍ଯ୍ୟ ଆରମ୍ଭ ପୂର୍ବରୁ ସେହି କାର୍ଯ୍ୟସ୍ଥଳରେ ସୂଚନା ଫଳକ ଲଗାଇବାକୁ ସ୍ପଷ୍ଟ ନିର୍ଦ୍ଦେଶ ଜାରି ହୋଇଥିଲେ ମଧ୍ୟ, କେତେକ ସ୍ଥାନରେ ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ସାମ୍ନାକୁ ଆସିଛି। ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ଅସାଧୁ ମେଣ୍ଟ ହୋଇ ସୂଚନା ଫଳକ ନଲଗାଇ ନିମ୍ନମାନର କାର୍ଯ୍ୟ କରାଯାଉଥିବା ଏବଂ ସରକାରୀ ଅର୍ଥର ଅପବ୍ୟୟ କରାଯାଉଥିବା ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି।

ଏପରି ଏକ ଘଟଣା ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ କୁର୍ସି ଗ୍ରାମ ପଞ୍ଚାୟତରୁ ସାମ୍ନାକୁ ଆସିଛି। ପଞ୍ଚାୟତର ୬ ନମ୍ବର ୱାର୍ଡ ଅଧୀନ ରାବଣାଗୁଡା ଗ୍ରାମରେ ଏକ ସିସି ରୋଡ଼ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଜାମଡଡି ଗ୍ରାମରେ ଏକ ଡ୍ରେନ ନିର୍ମାଣ କାର୍ଯ୍ୟ ହେଉଛି। କିନ୍ତୁ ଉଭୟ ସ୍ଥାନରେ କୌଣସି ସୂଚନା ଫଳକ ନଥିବାରୁ ସ୍ଥାନୀୟ ଲୋକେ କାମ ସମ୍ପର୍କରେ ଅନ୍ଧକାରରେ ରହିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, କେଉଁ ବିଭାଗ ଏହି କାର୍ଯ୍ୟ କରୁଛି, ରାସ୍ତା ଓ ଡ୍ରେନ ନିର୍ମାଣର ଅଟକଳ ମୂଲ୍ୟ କେତେ, କାର୍ଯ୍ୟର ଲମ୍ବ ଓ ପ୍ରସ୍ଥ କେତେ ରହିଛି, କେତେ ଶ୍ରମିକ ନିଯୁକ୍ତ ହୋଇଛନ୍ତି ଓ ସେମାନଙ୍କ ମଜୁରୀ କେତେ — ଏଭଳି କୌଣସି ତଥ୍ୟ ସାଧାରଣ ଲୋକଙ୍କୁ ଜଣାଯାଉ ନାହିଁ। ଯେଉଁଥିରୁ କାର୍ଯ୍ୟର ସ୍ୱଚ୍ଛତା ଓ ଗୁଣବତ୍ତାକୁ ନେଇ ପ୍ରଶ୍ନ ଉଠିଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ସୂଚନା ଫଳକ ଲଗାଇଲେ ସାଧାରଣ ଲୋକେ କାମର ସମସ୍ତ ବିବରଣୀ ଜାଣିପାରିବେ। ଏଥିସହିତ କାର୍ଯ୍ୟରେ କୌଣସି ଅନିୟମିତତା କିମ୍ବା ନିମ୍ନମାନର କାମ ହେଉଥିଲେ ତାହା ସାମ୍ନାକୁ ଆସିଯିବ। ଏହି କାରଣରୁ ଜାଣିଶୁଣି ସୂଚନା ଫଳକ ଲଗାଯାଉନଥିବା ଏବଂ ତରବରିଆ ଭାବେ କାମ ଶେଷ କରିବାକୁ ଉଦ୍ୟମ ଚାଲିଥିବା ସେମାନେ ଅଭିଯୋଗ କରିଛନ୍ତି।

ଏହି ଘଟଣାକୁ ନେଇ ରାବଣାଗୁଡା ଓ ଜାମଡଡି ଗ୍ରାମରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଗ୍ରାମବାସୀମାନେ ଏହି କାର୍ଯ୍ୟର ତଦନ୍ତ କରାଯିବା ସହ କାମର ଗୁଣବତ୍ତା ଯାଞ୍ଚ କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ଭିଜିଲାନ୍ସ ବିଭାଗକୁ ଦାବି କରିଛନ୍ତି।

## ଗ୍ରାସିମ୍‌କୁ କଳିଙ୍ଗ ସିଏସଆର-ଇଏସଜି ଉତ୍କର୍ଷ ପୁରସ୍କାର

ସାମାଜିକ ଦାୟିତ୍ୱ ଓ ପରିବେଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ





ଛତ୍ରପୁର, ୨୫।୬ (ସଂଚାର ବ୍ୟୁରୋ): ସାମାଜିକ ଦାୟିତ୍ୱବୋଧ ଏବଂ ପରିବେଶ, ସାମାଜିକ ଓ ସୁଶାସନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଗଞ୍ଜାମ ସହରସ୍ଥିତ ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍‌କୁ "କଳିଙ୍ଗ ସିଏସଆର ଓ ଇଏସଜି ଉତ୍କର୍ଷ ଜାତୀୟ ପୁରସ୍କାର- ୨୦୨୫"ର ସ୍ୱର୍ଣ୍ଣ ବର୍ଗରେ ସମ୍ମାନିତ କରାଯାଇଛି।

ଭୁବନେଶ୍ୱରସ୍ଥିତ ହୋଟେଲ୍ ଦି ପ୍ରାଚୀରେ ଆୟୋଜିତ ୧୧ତମ ଜାତୀୟ ପରିବେଶ, ଶକ୍ତି ଓ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ- ୨୦୨୬ ଅବସରରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଆଇକ୍ୟୁଇଏମଏସ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧିମାନେ ଯୋଗଦେଇଥିଲେ।

ସମାରୋହରେ ସିଏସଆଇଆର- ଆଇଏମଏମଟିର ନିର୍ଦ୍ଦେଶକ ଡଃ ରାମାନୁଜ ନାରାୟଣ ଏବଂ ଆଇକ୍ୟୁଇଏମଏସର ସଂଯୋଜକ ଦେବବ୍ରତ ପାଣିଗ୍ରାହୀ ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍‌କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି । କମ୍ପାନୀ ପକ୍ଷରୁ ୟୁନିଟ୍ ମୁଖ୍ୟ ଜୟଦୀପ ମଣ୍ଡଳ, ବୈଷୟିକ ମୁଖ୍ୟ ରାକେଶ ସିଂ, ସିଏସଆର ମୁଖ୍ୟ ସୁସ୍ମିତା ବେହେରା ଏବଂ ପରିବେଶ ବିଭାଗ ମୁଖ୍ୟ ସୁଚିସ୍ମିତା ପଟ୍ଟନାୟକ ପୁରସ୍କାର ଗ୍ରହଣ କରିଥିଲେ।

ଏହି ସମ୍ମାନ ପାଇବା ପରେ ସିଏସଆର ମୁଖ୍ୟ ସୁସ୍ମିତା ବେହେରା କହିଛନ୍ତି ଯେ, ଏହି ପୁରସ୍କାର କେବଳ ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍‌ର କାର୍ଯ୍ୟର ସ୍ୱୀକୃତି ନୁହେଁ, ବରଂ ସମାଜ ପ୍ରତି କମ୍ପାନୀର ଦାୟିତ୍ୱ ଓ କର୍ତ୍ତବ୍ୟକୁ ଆହୁରି ବଢ଼ାଇ ଦେଇଛି। ଗଞ୍ଜାମ, ଛତ୍ରପୁର ଓ ବ୍ରହ୍ମପୁର ଅଞ୍ଚଳର ଲୋକଙ୍କ ବିଶ୍ୱାସ ଏବଂ ସହଯୋଗକୁ ପାଥେୟ କରି ଆଗାମୀ ଦିନରେ ମଧ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା ଓ ସାମାଜିକ ବିକାଶ କ୍ଷେତ୍ରରେ ଅଧିକ ନିଷ୍ଠାର ସହ କାର୍ଯ୍ୟ ଜାରି ରହିବ। ଏହି ସମ୍ମାନ କମ୍ପାନୀର ସମସ୍ତ କର୍ମଚାରୀ, ଅଂଶୀଦାର ଏବଂ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ ଓ ବିଶ୍ୱାସର ଫଳ ବୋଲି ସେ ପ୍ରକାଶ କରିଛନ୍ତି।

ଜ୍ଞାନ ମନ୍ଦିରରେ ଅମାନବୀୟ କାଣ୍ଡ

## ପାଠ ପଢ଼ାଉଥିବା ବେଳେ ଗୁରୁଙ୍କୁ ପିଟିଲେ ୪ ଦୁର୍ବୃତ୍ତ



ଅସ୍ତରଙ୍ଗ/କାକଟପୁର, ୨୫।୬ (ସଂଚାର ବ୍ୟୁରୋ): ଚକ୍-ଖଡି ଧରି ଭବିଷ୍ୟତ ଗଢୁଥିବା ଗୁରୁଙ୍କ ଉପରେ ପଡ଼ିଲା କଟୁରୀ-ଲୁହା ଚାପଡ଼। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ସରିପୁର ପ୍ରାଥମିକ ବିଦ୍ୟାଳୟ ଆଜି ସାକ୍ଷୀ ରହିଲା ଏକ ନାରକୀୟ କାଣ୍ଡର। ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ଏହି ବିଦ୍ୟାଳୟରେ କ୍ଲାସ ଚାଲିଥିବା ବେଳେ ପୂର୍ବ ଯୋଜନା ମୁତାବକ ଧସେଇ ପଶିଲେ ୪ ଜଣ ହିଂସ୍ର ଦୁର୍ବୃତ୍ତ। ସ୍କୁଲ ଗେଟ୍ ଭାଙ୍ଗି, ଶିକ୍ଷକଙ୍କ ମୋବାଇଲ୍ ଛଡାଇ ନେଇ ମାରଣାସ୍ତ୍ର ଦେଖାଇ ଜୀବନରୁ ମାରିଦେବାକୁ ଧମକ ଦେଲେ। ପରେ ତଳେ ପକାଇ ଗୋଇଠା, ବିଧା ମାଡ଼ ମାରି ଅଧମରା କରିଦେଲେ। ଆକ୍ରମଣର ଶିକାର ହେଲେ କର୍ତ୍ତବ୍ୟପରାୟଣ ଶିକ୍ଷକ ଅକ୍ଷୟ କୁମାର ବିଶ୍ୱାଳ।

ନିର୍ଘାତ ପ୍ରହାରରେ ତାଙ୍କ ଛାତି, ହାତ ଓ ଶରୀରର ଅନେକ ସ୍ଥାନରେ ଗଭୀର ଆଭ୍ୟନ୍ତରୀଣ ଆଘାତ ଲାଗିଛି। ଅସହ୍ୟ ଯନ୍ତ୍ରଣାରେ ସେ ଘଟଣାସ୍ଥଳରେ ହିଁ ଚେତାଶୂନ୍ୟ ହୋଇପଡିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ତୁରନ୍ତ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଶିକ୍ଷକଙ୍କ ପତ୍ନୀ କାମିନୀ ବିଶ୍ୱାଳଙ୍କ ଏତଲା ଅନୁସାରେ, ଗୁରୁବାର ଦିବା ୧୨ଟାରେ ଅଭିଭାବକ କମିଟି ବୈଠକ ସରିବା ପରେ ଶିକ୍ଷକ କ୍ଲାସ ନେଉଥିଲେ। ପୂର୍ବରୁ ସ୍କୁଲ ପାଖରେ ଛକି ରହିଥିବା ୪ ଜଣ ଦୁର୍ବୃତ୍ତ ଗେଟ୍ ଭାଙ୍ଗି ସିଧା କ୍ଲାସ ଭିତରକୁ ପଶିଗଲେ। ମୋବାଇଲ୍ ଛଡାଇନେଇ ତାଙ୍କୁ ବାଉଣ୍ଡରୀ ବାହାରକୁ ଟାଣିବାକୁ ଉଦ୍ୟମ କଲେ। ଗାଡିରେ ଆଣିଥିବା କଟୁରୀ, ଲୁହା ଚାପଡ଼ ଦେଖାଇ "ଆଜି ତୋ ଶେଷ ଦିନ" ବୋଲି ଚିତ୍କାର କଲେ। ଶିକ୍ଷକ ଓ କୁନିକୁନି ପିଲାଙ୍କ ଆର୍ତ୍ତଚିତ୍କାର ଶୁଣି ଦୁର୍ବୃତ୍ତମାନେ କାର୍ ଓ ବାଇକରେ ଫେରାର୍ ହେଲେ। ଯିବା ବେଳେ ବି ଗର୍ଜିଲେ - ପୁରା ପରିବାରକୁ ସଫା କରିଦେବୁ।"

ଏ ନେଇ ୪ ଜଣଙ୍କ ନାମରେ ଅସ୍ତରଙ୍ଗ ଥାନାରେ ସ୍ପଷ୍ଟ ଏତଲା ହୋଇଛି। ହେଲେ ୧୨ ଘଣ୍ଟା ବିତିଯାଇଥିଲେ ବି ପୁଲିସ ହାତ ଖାଲି। ଥାନା ଅଧିକାରିଣୀଙ୍କ ଗୋଟିଏ ଧାଡିଆ ଉତ୍ତର - "ତଦନ୍ତ ଚାଲିଛି।" ମଣ୍ଡଳ ଶିକ୍ଷାଧିକାରୀ କହିଛନ୍ତି, "ଗୁରୁଙ୍କ ଉପରେ ଆକ୍ରମଣ ଶିକ୍ଷା ବ୍ୟବସ୍ଥା ଉପରେ ଆକ୍ରମଣ। ତୁରନ୍ତ ଦୋଷୀଙ୍କୁ ଗିରଫ କରି କଠୋର ଦଣ୍ଡ ଦିଆଯାଉ।"

## ସୋଆ ସେଣ୍ଟର ଫର୍ ଡାଟା ସାଇନ୍ସ ବାର୍ଷିକ ସମାଚାର ପତ୍ରର ୨ୟ ଖଣ୍ଡ ପ୍ରକାଶିତ



ଭୁବନେଶ୍ୱର, ୨୫।୬ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ସ୍ଥିତ ସେଂଟର ଫର୍ ଡାଟା ସାଇନ୍ସ (ସିଡିଏସ୍)ର ବାର୍ଷିକ ସମାଚାରପତ୍ର 'ଡିଏସ୍ ବୁଲେଟିନ୍'ର ଦ୍ୱିତୀୟ ଖଣ୍ଡ ଆନୁଷ୍ଠାନିକ ଭାବରେ ମଙ୍ଗଳବାର ଉନ୍ମୋଚିତ ହୋଇଛି।

ଏହି ପ୍ରକାଶନର ମୁଖ୍ୟ ସମ୍ପାଦକ ପ୍ରଫେସର ମନୋରଞ୍ଜନ ପାଢ଼ୀଙ୍କ ଉପସ୍ଥିତିରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଏହି ନ୍ୟୁଜଲେଟରକୁ ଉନ୍ମୋଚିତ କରିଥିଲେ।

ବାର୍ଷିକ ନ୍ୟୁଜଲେଟରଟି ୨୦୨୫ ବର୍ଷ ପାଇଁ ସିଡିଏସ୍‌ର ଶୈକ୍ଷିକ, ଗବେଷଣା ଏବଂ ଆଉଟରିଚ୍ କାର୍ଯ୍ୟକଳାପର ଏକ ଅଭିଲିଖନ ଭାବରେ ପ୍ରକାଶିତ ହୋଇଛି। ଏହି ନ୍ୟୁଜଲେଟର କମ୍ପ୍ୟୁଟର ସାଇନ୍ସ ଏବଂ ଇଞ୍ଜିନିୟରିଂ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଫ୍ୟାକଲ୍ଟି ସଦସ୍ୟ, ଗବେଷକ ଏବଂ ସିଡିଏସ୍ ସହିତ ଜଡିତ ଛାତ୍ରଛାତ୍ରୀ ମାନଙ୍କ ସଫଳତା ଏବଂ ଅବଦାନକୁ ପ୍ରକାଶ କରିଥାଏ।

'ଡିଏସ୍ ବୁଲେଟିନ୍'ର ଦ୍ୱିତୀୟ ଖଣ୍ଡରେ ଅଧ୍ୟାପକଙ୍କ ପ୍ରୋଫାଇଲ୍, ପ୍ରକାଶନ, ପୁରସ୍କାର ଏବଂ ସ୍ୱୀକୃତି ସମେତ ଗବେଷଣାରେ ଉଲ୍ଲେଖନୀୟ କୃତିତ୍ୱ ଏବଂ ପିଏଚଡି ଗବେଷକ ଏବଂ ଛାତ୍ରଛାତ୍ରୀଙ୍କ ସଫଳତା ଅନ୍ତର୍ଭୁକ୍ତ। ଗତ ବର୍ଷ ସିଡିଏସ୍ ଦ୍ୱାରା କରାଯାଇଥିବା ବିଭିନ୍ନ ବିଭାଗୀୟ କାର୍ଯ୍ୟକଳାପ ଶିକ୍ଷାଗତ କାର୍ଯ୍ୟକ୍ରମ, କର୍ମଶାଳା ଓ ପଦକ୍ଷେପର ଏକ ସ୍ନାପ୍‌ସଟ୍ ମଧ୍ୟ ଏଥିରେ ଉପସ୍ଥାପନ କରାଯାଇଛି। ଏହା ଡାଟା ସାଇନ୍ସ ଶିକ୍ଷାରେ ଗବେଷଣା, ନବସୃଜନ ଏବଂ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ ସିଡିଏସ୍‌ର ଦୃଷ୍ଟିକୋଣକୁ ମଧ୍ୟ ପୁନଃନିର୍ଦ୍ଦେଶିତ କରିଛି।

## କାର୍ ମୁହାଁମୁହିଁ: ୨ ଚାଳକ ଗୁରୁତର, ୩ ଆହତ

ଫୁଲବାଣୀ, ୨୫।୬ (ସଂଚାର ବ୍ୟୁରୋ): ଖଜୁରୀପଡ଼ା ଥାନା ଅନ୍ତର୍ଗତ ଦୂତିମେଣ୍ଡି ନିକଟସ୍ଥ ନେଡିସାହି ଠାରେ ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଏକ ଭୟାବହ ସଡ଼କ ଦୁର୍ଘଟଣା ଘଟିଯାଇଛି। ଦୁଇଟି କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଉଭୟ ଗାଡ଼ିର ଚାଳକ ଗୁରୁତର ଆହତ ହୋଇଥିବା ବେଳେ ଗାଡ଼ିରେ ଥିବା ଅନ୍ୟ ଯାତ୍ରୀମାନେ ସାମାନ୍ୟ ଆହତ ହୋଇଛନ୍ତି। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ଖଜୁରୀପଡ଼ା ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ଗୁରୁତର ଆହତ ଦ୍ୱୟଙ୍କୁ ଚିକିତ୍ସା ପାଇଁ ତୁରନ୍ତ ଖଜୁରୀପଡ଼ା ମେଡିକାଲରେ ଭର୍ତ୍ତି କରାଯାଇଛି। ଅପରପକ୍ଷରେ ଖଜୁରୀପଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦ୍ୱୟକୁ ଜବତ କରିବା ସହ ଘଟଣାର ତଦନ୍ତ ଜାରି ରଖିଛନ୍ତି।

# ଅଧାରେ ଅଟକିଛି ଲାଲବନ୍ଧ ପୋଖରୀ ପୁନରୁଦ୍ଧାର ପ୍ରକଳ୍ପ

କୋଟି କୋଟି ଟଙ୍କା ଖର୍ଚ୍ଚ ପରେ ବି ଜଙ୍ଗଲରେ ପରିଣତ ହେଉଛି

ପାଣି ସଂରକ୍ଷଣ ଓ ଜନଜୀବନ ଉପରେ ବଢୁଛି ଚିନ୍ତା



ଯୋଡ଼ା, ୨୫।୬ (ସଂଚାର ବ୍ୟୁରୋ): ଯୋଡ଼ା ପୌରପାଳିକା ଅନ୍ତର୍ଗତ ୧୧ ନମ୍ବର ୱାର୍ଡ କମରଯୋଡ଼ା ଏବଂ ୧୨ ନମ୍ବର ୱାର୍ଡ ବାଂଶପାଣି ମଧ୍ୟଭାଗରେ ଅବସ୍ଥିତ ପ୍ରାୟ ୧୧ ଏକର ୬୮ ଡିସମିଲ ପରିମିତ ଜମି ଉପରେ ଥିବା ଐତିହାସିକ ଲାଲବନ୍ଧ ପୋଖରୀ ଆଜି ଅବହେଳାର ଶିକାର ହୋଇପଡ଼ିଛି। ଏକଦା ଅଞ୍ଚଳବାସୀଙ୍କ ଜୀବନରେଖା ଭାବେ ପରିଚିତ ଏହି ବୃହତ ଜଳାଶୟର ପୁନରୁଦ୍ଧାର ପାଇଁ ୨୦୧୯-୨୦ ଆର୍ଥିକ ବର୍ଷରେ ଓଡ଼ିଶା ମାଇନିଂ ଏରିଆ ଡେଭେଲପମେଣ୍ଟ କର୍ପୋରେସନ (ଓଏମ୍‌ବିଏଡିସି) ପକ୍ଷରୁ ୬ କୋଟି ୩୧ ଲକ୍ଷ ଟଙ୍କାର ଏକ ମହାତ୍ୱାକାଂକ୍ଷୀ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ମାତ୍ର ପ୍ରକଳ୍ପ ଆରମ୍ଭ ହେବାର ସାତ ବର୍ଷ ପରେ ମଧ୍ୟ ଏହାର କାମ ସମ୍ପୂର୍ଣ୍ଣ ହୋଇପାରିନଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଓ କ୍ଷୋଭ ପ୍ରକାଶ ପାଇଛି।

ମିଳିଥିବା ସୂଚନା ଅନୁଯାୟୀ, ପୋଖରୀର ମାଟି ଖୋଳା ଓ ପ୍ରାଥମିକ ବିକାଶ କାର୍ଯ୍ୟ ବାବଦରେ ୨ କୋଟି ଟଙ୍କାରୁ ଅଧିକ ବ୍ୟୟ ହୋଇସାରିଥିବା କୁହାଯାଉଛି। କିନ୍ତୁ ପ୍ରାରମ୍ଭିକ କାମ ପରେ ପ୍ରକଳ୍ପଟି ଅଚାନକ ଅଟକି ଯାଇଥିଲା। ୨୦୨୬ ମସିହା ପହଞ୍ଚିଥିଲେ ମଧ୍ୟ କାର୍ଯ୍ୟ ପୁନରାରମ୍ଭ ହୋଇନଥିବାରୁ ଲାଲବନ୍ଧ ପୋଖରୀ ଏବେ ଜଙ୍ଗଲ ଓ ଅନାବନା ଗଛଲତାରେ ଆଚ୍ଛାଦିତ ହୋଇପଡ଼ିଛି। ଯେଉଁ ସ୍ଥାନରେ ଆଧୁନିକ ଜଳ ସଂରକ୍ଷଣ ବ୍ୟବସ୍ଥା ଓ ସୌନ୍ଦର୍ଯ୍ୟକରଣ ହେବାର ଯୋଜନା ଥିଲା, ସେଠାରେ ଆଜି ଅବ୍ୟବସ୍ଥା ଓ ଅବହେଳାର ଚିତ୍ର ଦେଖିବାକୁ ମିଳୁଛି।

ଲାଲବନ୍ଧ କେବଳ ଏକ ପୋଖରୀ ନୁହେଁ, ବରଂ ଏହା ସ୍ଥାନୀୟ ପରିବେଶ ଓ ଜଳ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଚାରିପାଖରେ ଥିବା ପାହାଡ଼ ଓ ଜଙ୍ଗଲ ଅଞ୍ଚଳରୁ ବର୍ଷସାରା ବିଭିନ୍ନ ଝରଣା ଓ ଜଳଧାରାର ପାଣି ଏହି ପୋଖରୀରେ ଆସି ଜମା ହୋଇଥାଏ। ଫଳରେ ବର୍ଷର ସମସ୍ତ ସମୟରେ ପୋଖରୀରେ ପାଣି ରହିଥାଏ। ଏଠାରୁ ଅଧିକ ପାଣି ନାଳ ମାଧ୍ୟମରେ ବାହାରି ଯୋଡ଼ା ଅଞ୍ଚଳ ଦେଇ ପ୍ରବାହିତ ଶୁନାନଦୀରେ ମିଶିଥାଏ। ଏହି ଜଳାଶୟ ଦୀର୍ଘ ଦିନ ଧରି ଭୂଗର୍ଭ ଜଳସ୍ତର ବଜାୟ ରଖିବା ସହିତ ଅଞ୍ଚଳର ପରିବେଶୀୟ ସନ୍ତୁଳନ ରକ୍ଷାରେ ମଧ୍ୟ ମୁଖ୍ୟ ଭୂମିକା ନିଭାଇ ଆସୁଛି।

ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ବାଂଶପାଣି ଓ କମରଯୋଡ଼ା ଅଞ୍ଚଳର ଲୋକମାନେ ଦୀର୍ଘ ଦଶନ୍ଧି ଧରି ଲାଲବନ୍ଧ ପୋଖରୀ ଉପରେ ବିଭିନ୍ନ ପ୍ରକାରରେ ନିର୍ଭର କରି ଆସୁଥିଲେ। ପୋଖରୀର ପାଣି ଗୃହସ୍ଥାଳୀ କାମ, ପଶୁପାଳନ, କୃଷି ଓ ଅନ୍ୟାନ୍ୟ ଆବଶ୍ୟକ କାର୍ଯ୍ୟରେ ବ୍ୟବହୃତ ହେଉଥିଲା। ଏହାସହ ଏହି ଜଳାଶୟ ସ୍ଥାନୀୟ ଜୈବ ବିବିଧତାର ଏକ ପ୍ରମୁଖ କେନ୍ଦ୍ର ଭାବେ ପରିଚିତ ଥିଲା।

କିନ୍ତୁ ଗତ ୬ରୁ ୭ ବର୍ଷ ମଧ୍ୟରେ ପ୍ରକଳ୍ପର ଅସମ୍ପୂର୍ଣ୍ଣତା ଓ ପ୍ରଶାସନିକ ଉଦାସୀନତା କାରଣରୁ ଏହି ଅଞ୍ଚଳର ଲୋକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପୋଖରୀର ନିୟମିତ ରକ୍ଷଣାବେକ୍ଷଣ ନ ହେବାରୁ ପାଣିର ଗୁଣବତ୍ତା ହ୍ରାସ ପାଇବା ସହିତ ଜଳଧାରଣ କ୍ଷମତା ମଧ୍ୟ ପ୍ରଭାବିତ ହେଉଛି। ବର୍ଷା ଋତୁରେ ଜଳ ନିଷ୍କାସନ ବ୍ୟବସ୍ଥା ଠିକ୍ ନ ଥିବାରୁ ଆଖପାଖ ଅଞ୍ଚଳରେ ଜଳଜମା ସମସ୍ୟା ଦେଖାଦେଉଥିବା ଅଭିଯୋଗ ହେଉଛି।

## ଦଶଦିନ ହେଲା ଅନ୍ଧାରରେ ପେନାଗିରି ଗ୍ରାମ

ବିଦ୍ୟୁତ୍ ସଂଯୋଗ ପୁନଃସ୍ଥାପନ ଦାବିରେ ବିଧାୟକ ପ୍ରତିନିଧିଙ୍କୁ ଦାବିପତ୍ର



ଫୁଲବାଣୀ, ୨୫।୬ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ନୂଆପଦର ପଞ୍ଚାୟତର ପେନାଗିରି ଗ୍ରାମରେ ଗତ ୧୦ ଦିନ ଧରି ବିଦ୍ୟୁତ୍ ସେବା ବନ୍ଦ ରହିଥିବାରୁ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ ୪୫ରୁ ଅଧିକ ପରିବାର ବସବାସ କରୁଥିବା ବେଳେ ଦୀର୍ଘ ୧୦ ଦିନ ଧରି ସେମାନେ ଅନ୍ଧାର ମଧ୍ୟରେ ଜୀବନ ଅତିବାହିତ କରୁଛନ୍ତି। ବିଦ୍ୟୁତ୍ ସରବରାହ ବନ୍ଦ ରହିବା ଫଳରେ ଛାତ୍ରଛାତ୍ରୀମାନେ ସନ୍ଧ୍ୟା ସମୟରେ ପାଠପଢ଼ାରେ ବାଧା ସମ୍ମୁଖୀନ ହେଉଥିବା ବେଳେ ମୋବାଇଲ ଚାର୍ଜିଂ ଓ ଜରୁରୀକାଳୀନ ଯୋଗାଯୋଗ ସେବା ମଧ୍ୟ ବ୍ୟାହତ ହେଉଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଏହି ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ଗ୍ରାମବାସୀମାନେ ଆଜି ଫିରିଙ୍ଗିଆ ବିଧାୟକ ପ୍ରତିନିଧି ପ୍ରଶାନ୍ତ କୁମାର କମ୍ପ ଙ୍କୁ ଗ୍ରାମକୁ ଆମନ୍ତ୍ରଣ କରି ପରିସ୍ଥିତି ସମ୍ପର୍କରେ ଅବଗତ କରାଇବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଗ୍ରାମର ବୈଦ୍ୟନାଥ ବେହେରା, ଭାସ୍କର ବେହେରା, ବିରେନ ମିତ୍ରବେହେରା, ଅକ୍ଷର ବେହେରା ଓ ପାର୍ବତୀ ବେହେରା ପ୍ରମୁଖ ଯଥାଶୀଘ୍ର ବିଦ୍ୟୁତ୍ ବିଭାଗ ଅଧିକାରୀମାନେ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ବିଦ୍ୟୁତ୍ ସେବା ପୁନଃସ୍ଥାପନ କରିବାକୁ ଦାବି କରିଛନ୍ତି। ଯଦି ଖୁବଶୀଘ୍ର ସମସ୍ୟାର ସମାଧାନ ନହୁଏ, ତେବେ ଆଗାମୀ ଦିନରେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପଦକ୍ଷେପ ନେଇପାରନ୍ତି ବୋଲି ସୂଚନା ମିଳିଛି।

ସଂଚାର THE SANCHAR

### ଜଳ ଜୀବନ ମିଶନରେ ରାଜ୍ୟର ଅଗ୍ରଗତିକୁ ପ୍ରଶଂସା

# ବ୍ୟବସ୍ଥାର ସୁପରିଚାଳନା ଉପରେ ଗୁରୁତ୍ୱ

### କେନ୍ଦ୍ରୀୟ ସଚିବଙ୍କ ଓଡ଼ିଶା ଗସ୍ତ



ଭୁବନେଶ୍ୱର, ୨୫।୬ (ସଂଚାର ବ୍ୟୁରୋ):କେନ୍ଦ୍ର ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟ ଅଧୀନସ୍ଥ ପାନୀୟ ଜଳ ଓ ପରିମଳ ବିଭାଗର ସଚିବ ଅଶୋକ କେ.କେ.ମୀନା ଗୁରୁବାର ଓଡ଼ିଶା ଗସ୍ତରେ ଆସି ରାଜ୍ୟରେ ଜଳ ଜୀବନ ମିଶନ ଓ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ)ର କାର୍ଯ୍ୟାନ୍ୱୟନର ଅଗ୍ରଗତି ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରେ ଶ୍ରୀ ମୀନା ଜଳଜୀବନ ମିଶନରେ ଓଡ଼ିଶାର ଉଲ୍ଲେଖନୀୟ ପ୍ରଗତିର ପ୍ରଶଂସା କରିଥିଲେ। ଜାତୀୟ ଜଳ ଜୀବନ ମିଶନର ଉଦ୍ଦେଶ୍ୟ ଓ ପ୍ରାଥମିକତା ଅନୁରୂପ ରାଜ୍ୟ ସରକାର କାର୍ଯ୍ୟ କରୁଥିବାରୁ ସେ ସନ୍ତୋଷ ବ୍ୟକ୍ତ କରିଥିଲେ।

ଦୀର୍ଘମିଆଦୀ ଭାବେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସୁଚାରୁ ପରିଚାଳନା ଓ ରକ୍ଷଣାବେକ୍ଷଣକୁ ସୁନିଶ୍ଚିତ କରିବା ପାଇଁ ଗ୍ରାମ ପଞ୍ଚାୟତଗୁଡ଼ିକୁ ଅଧିକ ସଶକ୍ତ କରିବା, କେନ୍ଦ୍ର ସରକାରଙ୍କର 'ଜଳ ଅର୍ପଣ' କାର୍ଯ୍ୟକ୍ରମ ମାଧ୍ୟମରେ ଜଳ ଯୋଗାଣ ଭିତ୍ତିଭୂମିଗୁଡ଼ିକର ପରିଚାଳନା ଦାୟିତ୍ୱକୁ ଶୀଘ୍ର ଗ୍ରାମ ପଞ୍ଚାୟତ ଓ ଗ୍ରାମ ଜଳ ଓ ପରିମଳ ସମିତିଙ୍କୁ ହସ୍ତାନ୍ତର କରିବା ଏବଂ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଅଧୀନରେ ଆନୁସଙ୍ଗିକ ସୁବିଧା ସୃଷ୍ଟିକୁ ଅଗ୍ରାଧିକାର ଦେବା ସହ ଅଧିକରୁ ଅଧିକ ଗ୍ରାମକୁ ଓଡିଏଫ୍ ପ୍ଲସ୍ ମଡେଲ ମାନ୍ୟତା ହାସଲ ଦିଗରେ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ।

ଗସ୍ତ ଅବସରରେ ଶ୍ରୀ ମୀନା ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ସାକ୍ଷାତ କରି ରାଜ୍ୟରେ ଜଳ ଜୀବନ ମିଶନ ଏବଂ ସ୍ୱଚ୍ଛ ଭାରତ ମିଶନର କାର୍ଯ୍ୟାନ୍ୱୟନ, ଅଗ୍ରଗତି ଏବଂ ଆଗାମୀ କାର୍ଯ୍ୟଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ସମୀକ୍ଷା ବୈଠକ ପରେ ସେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର-କମ୍-ସଚିବ ଗିରିଶ ଏସ୍.ଏନ୍, ପାନୀୟ ଜଳ ଓ ପରିମଳ ମିଶନ ନିର୍ଦ୍ଦେଶକ ବିନୀତ ଭରଦ୍ୱାଜଙ୍କ ସହ ପୁରୀ ଜିଲ୍ଲାର ବିଭିନ୍ନ ପାଇପ ଜଳଯୋଗାଣ ପ୍ରକଳ୍ପ ପରିଦର୍ଶନ କରି କ୍ଷେତ୍ରସ୍ତରରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସ୍ଥିତି ସମୀକ୍ଷା କରିଥିଲେ।

ପିପିଲି ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମପଞ୍ଚାୟତର ଲୋହାପୁର ପାଇପ ଜଳଯୋଗାଣ ପ୍ରକଳ୍ପ ଓ ଯଶୁଆପୁର ଗ୍ରାମପଞ୍ଚାୟତର ସୁବଳପୁର ପ୍ରକଳ୍ପ ପରିଦର୍ଶନ କରିଥିଲେ। ପ୍ରକଳ୍ପଗୁଡ଼ିକର ଭିତ୍ତିଭୂମିର ଗୁଣବତ୍ତା ଦେଖି କ୍ଷେତ୍ରସ୍ତରୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କ ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ସ୍ଥାନୀୟ ଲୋକଙ୍କ ସହ ମତବିନିମୟ କରି ପ୍ରକଳ୍ପର ସୁଫଳ ଓ ଏହାର ପ୍ରଭାବ ସମ୍ପର୍କରେ ସିଧାସଳଖ ମତାମତ ମଧ୍ୟ ସଂଗ୍ରହ କରିଥିଲେ।

● ସୁରକ୍ଷିତ ମହରମ ପାଳନ ନେଇ ପ୍ରସ୍ତୁତି

# ୨୪ଘଣ୍ଟିଆ ସାଇବର ପାଟ୍ରୋଲିଂ ପାଇଁ ନିର୍ଦ୍ଦେଶ




ଭୁବନେଶ୍ୱର,୨୫।୬(ସଂଚାର ବ୍ୟୁରୋ): ଆସନ୍ତାକାଲି ପବିତ୍ର ମହରମ ପର୍ବକୁ ସାରା ରାଜ୍ୟରେ ଶାନ୍ତିପୂର୍ଣ୍ଣ, ଶୃଙ୍ଖଳିତ ଏବଂ ଭାଇଚାରାର ପରିବେଶ ମଧ୍ୟରେ ପାଳନ କରିବା ନିମନ୍ତେ ରାଜ୍ୟ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଆଜି ପୂର୍ବାହ୍ନରେ ଏହି ପରିପ୍ରେକ୍ଷୀରେ ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ଆଭାସୀ ମାଧ୍ୟମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ମହରମ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ ରଖିବା ପାଇଁ ଡିଜିପି ସମସ୍ତ ପୁଲିସ ଅଧିକାରୀଙ୍କୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସବୁ ଅଞ୍ଚଳରେ ପୁଲିସ ପାଟ୍ରୋଲିଂକୁ ଜୋରଦାର କରିବା ସହ ଆବଶ୍ୟକ ସ୍ଥଳେ ଅତିରିକ୍ତ ପୁଲିସ ଫୋର୍ସ ମୁତୟନ ଓ ସେମାନଙ୍କ ସଠିକ୍ ବ୍ରିଫିଙ୍ଗ୍ ଉପରେ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟର ଚିହ୍ନଟ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ସ୍ୱତନ୍ତ୍ର ସୁରକ୍ଷା ପ୍ଲାନ ସହ ଅତିରିକ୍ତ ସତର୍କତା ଅବଲମ୍ବନ କରିବା ସହ ବିଗତ ବର୍ଷମାନଙ୍କରେ ଘଟିଥିବା ବିଭିନ୍ନ ଛୋଟବଡ଼ ଘଟଣାର ସମୀକ୍ଷା କରାଯାଇ ସେହିସବୁ ସ୍ଥାନଗୁଡ଼ିକ ପ୍ରତି ଅଧିକ ଯତ୍ନବାନ ରହିବାକୁ କୁହାଯାଇଛି। ସୋସିଆଲ ମିଡିଆରେ ଗୁଜବ ଓ ଉତ୍ତେଜନାମୂଳକ ପୋଷ୍ଟ ପ୍ରସାରଣକୁ ରୋକିବା ପାଇଁ ୨୪ଘଣ୍ଟିଆ ସାଇବର ପାଟ୍ରୋଲିଂ କରାଯିବା ସହ ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଡିଜିପି କହିଛନ୍ତି। ଏହାଛଡ଼ା ସ୍ଥାନୀୟ ଅଞ୍ଚଳର ଶାନ୍ତି କମିଟି ଓ ବିଭିନ୍ନ ଗୋଷ୍ଠୀର ମୁଖ୍ୟମାନଙ୍କ ସହ ସମନ୍ୱୟ ବୈଠକ ଆୟୋଜନ କରି ପାରସ୍ପରିକ ସହଯୋଗ ମାଧ୍ୟମରେ ପର୍ବକୁ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି।

## ବାଲେଶ୍ୱରରେ ଗୁଳିକାଣ୍ଡ: ବ୍ୟବସାୟୀ ମୃତ



ବାଲେଶ୍ୱର, ୨୫।୬ (ସଂଚାର ବ୍ୟୁରୋ): ବାଲେଶ୍ୱର ସହଦେବଖୁଣ୍ଟା ଅଡ଼ର ବଜାରରେ ଫୁଟିଛି ଗୁଳି। ବାଇକରେ ୨ ଜଣ ଦୁର୍ବୃତ୍ତ ଆସି ଗୁଳିମାଡ଼ କରିଛନ୍ତି। ଏହି ଗୁଳିମାଡ଼ରେ ବ୍ୟବସାୟୀ ଶେଖ ହମିଦଙ୍କର ମୃତ୍ୟୁ ଘଟିଛି। ଦୁର୍ବୃତ୍ତମାନେ ତାଙ୍କ ଉପରକୁ ୮ ରାଉଣ୍ଡ ଗୁଳିମାଡ଼ କରିଛନ୍ତି। ଖବର ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁସାରେ, ଶେଖ ହମିଦ ନିଜ କାରରେ ଅଡ଼ର ବଜାରକୁ ଆସୁଥିଲେ। ଏହି ସମୟରେ ଉକ୍ତ ଅଜଣା ଦୁର୍ବୃତ୍ତଯୁଗ ଏକ ବାଇକରେ ତାଙ୍କୁ ପିଛା କରୁଥିଲେ। ହମିଦ କାରରୁ ଓହ୍ଲାଇବା ମାତ୍ରେ ସେମାନେ ତାଙ୍କ ଉପରକୁ ଅତର୍କିତ ଗୁଳିଚାଳନା କରିବା ସହ କ୍ଷଣକେ ସେଠାରୁ ଫେରାର ହୋଇଯାଇଥିଲେ। ଗୁଳି ବାଜିବା ପରେ ହମିଦ ରକ୍ତାକ୍ତ ଅବସ୍ଥାରେ ସେଠାରେ ପଡ଼ିଯାଇଥିଲେ। ସଙ୍ଗେ ସଙ୍ଗେ ସେଠାରେ ଉପସ୍ଥିତ ଲୋକେ ତାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ନିକଟସ୍ଥ ମେଡିକାଲକୁ ନେଇଥିଲେ। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଖବର ପାଇ ସହଦେବଖୁଣ୍ଟା ପୁଲିସ ଓ ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଆକ୍ରମଣକାରୀମାନଙ୍କ ଚିହ୍ନଟ କରିବା ପାଇଁ ନିକଟସ୍ଥ ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଥିବା ବେଳେ ଗୁଳିକାଣ୍ଡ ପଛର କାରଣ ନେଇ ମଧ୍ୟ ଖୋଳତାଡ଼ ଚାଲିଛି। ପୂର୍ବ ଶତ୍ରୁତା, ବ୍ୟାବସାୟିକ ବିବାଦ କିମ୍ବା ଅନ୍ୟ କୌଣସି କାରଣ ରହିଛି କି ନାହିଁ, ସେ ଦିଗରେ ପୁଲିସ ତଦନ୍ତ କରୁଛି।

● ଚନ୍ଦ୍ରିକା ହେମ୍ବ୍ରମ୍ ମୃତ୍ୟୁ ମାମଲା

## ଭୀମସେନ ବିରୋଧରେ ସଙ୍ଗୀନ ଦଫା



କଟକ,୨୫।୬(ସଂଚାର ବ୍ୟୁରୋ):ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ମୃତ୍ୟୁ ମାମଲାରେ ନୂଆ ମୋଡ଼ ଆସିଛି। ଏହି ବହୁଚର୍ଚ୍ଚିତ ଘଟଣାରେ ଅଭିଯୁକ୍ତ ପ୍ରେମିକ ଭୀମସେନଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ବା ବିଏନଏସ୍‌ର ସଙ୍ଗୀନ ଧାରା-୬୯ ଲାଗୁ କରିଛି ପୁଲିସ। ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିବା ଅଭିଯୋଗରେ ଭୀମସେନଙ୍କୁ ଏହି ଧାରାରେ ଛନ୍ଦି ଦିଆଯାଇଛି। ତଦନ୍ତକାରୀ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଚନ୍ଦ୍ରିକା ଓ ଭୀମସେନଙ୍କ ମଧ୍ୟରେ ଦୀର୍ଘଦିନ ଧରି ପ୍ରେମ ସମ୍ପର୍କ ଥିଲା। ବିବାହର ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିବା ନେଇ ପ୍ରମାଣ ମିଳିଥିବା କୁହାଯାଉଛି। ଏହାକୁ ଆଧାର କରି ପୁଲିସ ମାମଲାରେ ଅଧିକ ଗୁରୁତର ଧାରା ଯୋଡ଼ିଛି। ସେପଟେ ରିମାଣ୍ଡ ନେଇ ଅଭିଯୁକ୍ତଙ୍କୁ ଜେରା କରାଯାଉଥିବାବେଳେ ଚନ୍ଦ୍ରିକାଙ୍କ ମୃତ୍ୟୁ ସମ୍ପର୍କରେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଥିବା ସୂଚନା ମିଳିଛି। ଚନ୍ଦ୍ରିକାଙ୍କ ମୃତ୍ୟୁ ପଛରେ ଆଉ କୌଣସି ଷଡଯନ୍ତ୍ର କିମ୍ବା ଚାପ ରହିଥିଲା କି ନାହିଁ, ସେ ଦିଗରେ ମଧ୍ୟ ପୁଲିସ ଖୋଳତାଡ଼ ଜାରି ରଖିଛି। ଘଟଣାର ସମ୍ପୂର୍ଣ୍ଣ ସତ୍ୟାସତ୍ୟ ସାମ୍ନାକୁ ଆଣିବା ପାଇଁ ତଦନ୍ତକୁ ଆହୁରି ଜୋରଦାର କରାଯାଇଛି। ଏହି ଘଟଣା ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ, ଚନ୍ଦ୍ରିକାଙ୍କ ପରିବାର ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଓ ନ୍ୟାୟ ଦାବି କରିଛନ୍ତି।

## ଡକାୟତି ଯୋଜନା ବେଳେ ଚଢ଼ାଉ, ୩ ଗିରଫ




ଜଳେଶ୍ୱର,୨୫।୬(ସଂଚାର ବ୍ୟୁରୋ): ଡକାୟତି ଯୋଜନା ବେଳେ ପୁଲିସ ପକ୍ଷରୁ ଅଚାନକ ଚଢ଼ାଉ କରାଯାଇଛି। ଚଢ଼ାଉରେ ୩ ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ଦୁଇଟି ବନ୍ଧୁକ ସହ ୧୦ଟି ଅଫୁଟା ଗୁଳି, ଗୋଟିଏ କାର, କଟୁରୀ, ଶାବଳ, ଛୁରୀ ସମେତ ବିଭିନ୍ନ ମାରଣାସ୍ତ୍ର ଜବତ କରାଯାଇଛି। ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ବସ୍ତା- ବାଲିଆପାଳ ମୁଖ୍ୟ ରାସ୍ତାର ପୁଟୁରା ଛକରେ ଏହି ଚଢ଼ାଉ କରାଯାଇଛି। ଗତକାଲି ବିଳମ୍ବିତ ରାତିରେ ଏକ କାରରେ ୫ ଜଣ ଯାଉଥିବା ସମୟରେ ସିଂଲା ପୁଲିସ ସେମାନଙ୍କ ପିଛା କରିବା ସହ ଅଚାନକ ଚଢ଼ାଉ କରିଥିଲା। ତେବେ ଘଟଣାସ୍ଥଳରୁ ୨ ଜଣ ଚମ୍ପଟ୍ ମାରିଥିବା ବେଳେ ଦୁଇ ନାବାଳକ ସମେତ ମୋଟ ୩ ଜଣଙ୍କୁ ଗିରଫ କରାଯାଇଛି। କାର ଭିତରୁ ଦୁଇଟି ଗୁଳି ଭର୍ତ୍ତି ବନ୍ଧୁକ ସମେତ ବିଭିନ୍ନ ମାରଣାସ୍ତ୍ର ଜବତ ହୋଇଛି। ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ଘର ପଶ୍ଚିମବଙ୍ଗ ଅଞ୍ଚଳରେ ଆଜି ସିଂଲା ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବସ୍ତା ଏସଡିପିଓ ସମର୍ଥ ବେହେରା ସୂଚନା ଦେଇଛନ୍ତି। ତେବେ ସେମାନଙ୍କ ନାମରେ ପୂର୍ବରୁ କୌଣସି ଥାନାରେ ମାମଲା ଅଛି କି ନାହିଁ କିମ୍ବା ଅନ୍ୟ କୌଣସି ଡକାୟତିରେ ସମ୍ପୃକ୍ତ ଅଛନ୍ତି କି ନାହିଁ, ସେ ନେଇ ପୁଲିସ୍ ତଦନ୍ତ କରୁଛି।

● ମହାପ୍ରଭୁ ଜଗନ୍ନାଥଙ୍କ ଉପରେ ଆନିମେସନ ଫିଲ୍ମ

# ଆପତ୍ତି ଉଠାଇଲେ ଗଜପତି ମହାରାଜା



ଭୁବନେଶ୍ୱର,୨୪।୬(ସଂଚାର ବ୍ୟୁରୋ): ମହାପ୍ରଭୁ ଜଗନ୍ନାଥ ଆନିମେସନ ଫିଲ୍ମକୁ ନେଇ ଆପତ୍ତି ଉଠାଇଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ ତିଆରି ହେଉଥିବା ଏକ ଆନିମେସନ ଚଳଚ୍ଚିତ୍ରକୁ ନେଇ ବିବାଦ ଦେଖାଦେଇଛି। ଭୁବନେଶ୍ୱରର 'ଏଲି ଆନିମେସନ୍ସ ପ୍ରାଇଭେଟ୍ ଲିମିଟେଡ୍' ଦ୍ୱାରା ନିର୍ମିତ ଓ ଆସନ୍ତା ଜୁଲାଇ ୧୦ ତାରିଖରେ ପ୍ରେକ୍ଷାଳୟକୁ ଆସିବାକୁ ଥିବା 'ମହାପ୍ରଭୁ ଜଗନ୍ନାଥ' ଚଳଚ୍ଚିତ୍ରର ମୁକ୍ତିଲାଭ ଉପରେ ରୋକ୍ ଲଗାଇବାକୁ ଅପିଲ୍ କରିଛନ୍ତି ପୁରୀ ଗଜପତି ମହାରାଜା। ସୋସିଆଲ ମିଡିଆରେ ବୁଲୁଥିବା ଏହି ଫିଲ୍ମର ଅଫିସିଆଲ୍ ଟ୍ରେଲର୍ ଦେଖିବା ପରେ ଗଜପତି ମହାରାଜା ଗଭୀର ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ସେ କହିଛନ୍ତି ଯେ ଚଳଚ୍ଚିତ୍ରରେ ମହାପ୍ରଭୁଙ୍କର ଏକ ସମ୍ପୂର୍ଣ୍ଣ ମନଗଢ଼ା ଓ କାଳ୍ପନିକ କାହାଣୀ ପ୍ରଦର୍ଶନ କରାଯାଇଛି, ଯାହା ଆମର ପବିତ୍ର ଶାସ୍ତ୍ର ସହ ଆଦୌ ମେଳ ଖାଉନାହିଁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମାର ପ୍ରଚାର ସର୍ବଦା ମହର୍ଷି ବ୍ୟାସଦେବଙ୍କ ଦ୍ୱାରା ରଚିତ ପବିତ୍ର ଶାସ୍ତ୍ର ଓ ପୁରାଣ ଅନୁସାରେ ହିଁ ହେବା ଉଚିତ। ଏଭଳି ବିକୃତ ଓ କାଳ୍ପନିକ ଉପସ୍ଥାପନା ଦ୍ୱାରା ସାରା ବିଶ୍ୱରେ ଥିବା କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଧାର୍ମିକ ଅନୁଭୂତି ଓ ଭାବନାକୁ ଗଭୀର ଆଘାତ ପହଞ୍ଚିବ। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଦ୍ୱାରା ନିଯୁକ୍ତ ବିଶେଷଜ୍ଞ କମିଟି ଦ୍ୱାରା ଏହି ଚଳଚ୍ଚିତ୍ରର ସମସ୍ତ ବିଷୟବସ୍ତୁ ସଠିକ୍ ଭାବେ ଯାଞ୍ଚ ନ ହେବା ପର୍ଯ୍ୟନ୍ତ ଏହାର ମୁକ୍ତିଲାଭକୁ ସିନେମା ହଲ୍ କିମ୍ବା କୌଣସି ଡିଜିଟାଲ୍ ମିଡିଆ ପ୍ଲାଟଫର୍ମରେ ସ୍ଥଗିତ ରଖାଯାଉ ବୋଲି ଗଜପତି ମହାରାଜା ଦାବି କରିଛନ୍ତି। ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଓ ଏହାର ଶୁଦ୍ଧତା ବଜାୟ ରଖିବା ପାଇଁ ଗଜପତି ମହାରାଜା ପ୍ରଯୋଜନା ସଂସ୍ଥାକୁ ତୁରନ୍ତ ଏହି ପଦକ୍ଷେପ ନେବାକୁ ଆହ୍ୱାନ କରିଛନ୍ତି।

ଅନ୍ୟପକ୍ଷରେ ଗଜପତି ମହାରାଜା ପ୍ରକାଶ କରିଥିବା ଉଦବେଗ ପରେ ଚଳଚ୍ଚିତ୍ର ନିର୍ମାତାଙ୍କ ପକ୍ଷରୁ ଏକ ପ୍ରେସ ବିବୃତି ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ ଗଜପତି ମହାରାଜାଙ୍କ ଦ୍ୱାରା ଉଠାଯାଇଥିବା ସମସ୍ତ ପ୍ରସଙ୍ଗ ଓ ଉଦ୍‌ବେଗକୁ ଆମ ସଂସ୍ଥା ସର୍ବାଧିକ ସମ୍ମାନ ଜଣାଉଛି। ମହାପ୍ରଭୁଙ୍କ ପ୍ରଥମ ସେବକ ଭାବେ ଗଜପତି ମହାରାଜାଙ୍କ ଆଜୀବନ ଭକ୍ତି, ଜ୍ଞାନ ଓ ଗଭୀର ସାଂସ୍କୃତିକ ଉତ୍ତରଦାୟିତ୍ୱ ସମସ୍ତଙ୍କ ପାଇଁ ଏକ ପଥପ୍ରଦର୍ଶକ ଆଲୋକ ଓ ପ୍ରେରଣାର ଉତ୍ସ ବୋଲି ନିର୍ମାତାମାନେ ପ୍ରକାଶ କରିଛନ୍ତି। ଏଥିସହ ଗଜପତିଙ୍କ ଅନୁମତି କ୍ରମେ ହେବ ସ୍ୱତନ୍ତ୍ର ସ୍କ୍ରିନିଂ। ଗଜପତି ମହାରାଜାଙ୍କ ସହ ଏହି ବିଷୟରେ ଅଧିକ ଆଲୋଚନା କରାଯାଇଛି। ତାଙ୍କ ଅନୁମତି କ୍ରମେ ଓ ତାଙ୍କ ସମୟ ସୁବିଧା ଅନୁଯାୟୀ ଚଳଚ୍ଚିତ୍ରର ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଆୟୋଜନ କରାଯିବ ବୋଲି ନିର୍ମାତାଙ୍କ ପକ୍ଷରୁ କୁହାଯାଇଛି।

## ଅର୍ଥ ଆତ୍ମସାତ ମାମଲାରେ ପୋଷ୍ଟମାଷ୍ଟର ଗିରଫ

କନ୍ଧମାଳ,୨୫।୬(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଅନ୍ତର୍ଗତ ଗାର୍ଡିଙ୍ଗିଆ ଶାଖା ଡାକଘରେ ଏକ ବଡ଼ ଧରଣର ଆର୍ଥିକ ହେରଫେର ଓ ସରକାରୀ ଅର୍ଥ ଆତ୍ମସାତ ମାମଲା ସାମ୍ନାକୁ ଆସିଛି। ଗ୍ରାହକଙ୍କ ସଞ୍ଚୟ ଖାତା ଟଙ୍କା ହଡ଼ପ କରିବା ସହ ଅଫିସ୍ ନଗଦ ଅର୍ଥ ନେଇ ଫେରାର ହୋଇଥିବା ଅଭିଯୋଗରେ ଟିକାବାଲି ପୁଲିସ ବ୍ରାଞ୍ଚ ପୋଷ୍ଟମାଷ୍ଟରଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଫୁଲବାଣୀ ଟାଉନ ଥାନା ଅନ୍ତର୍ଗତ ଡାକପାଲା ଗ୍ରାମର ଗିରୀଶ ଚନ୍ଦ୍ର ଦିଗାଲ (୩୯)।

ମିଳିଥିବା ସୂଚନା ମୁତାବକ, ଅଭିଯୁକ୍ତ ଗିରୀଶ ଗତ ୨୦୧୪ରୁ ପାବୁରିଆ ସବ୍-ପୋଷ୍ଟ ଅଫିସ୍ ଅଧୀନରେ ଥିବା ଗାର୍ଡିଙ୍ଗିଆ ଶାଖା ଡାକଘରର ପୋଷ୍ଟମାଷ୍ଟର ଭାବେ କାର୍ଯ୍ୟ କରିଆସୁଥିଲେ। ତେବେ ଗତ ୧୫ ତାରିଖ ଅପରାହ୍ନ ୨ଟାରେ ସେ ହଠାତ୍ ପୋଷ୍ଟ ଅଫିସ୍‌ରେ ତାଲା ପକାଇ କେଉଁଆଡ଼େ ଚାଲିଯାଇଥିଲେ। ଉକ୍ତଦିନର କ୍ଲୋଜିଂ ବାଲାନ୍ସ ବାବଦ ପ୍ରାୟ ୬୪,୧୫୪ ଟଙ୍କା ଓ କାର୍ଯ୍ୟାଳୟର ସରକାରୀ ମୋବାଇଲ୍ ଟ୍ୟାବ୍‌କୁ ସେ ପାବୁରିଆ ମୁଖ୍ୟ କାର୍ଯ୍ୟାଳୟରେ ଜମା ନ କରି ନିଜ ସହିତ ନେଇ ଚାଲିଯାଇଥିଲେ। ଏହାପରେ ସେ ଆଉ କାର୍ଯ୍ୟାଳୟକୁ ଆସି ନ ଥିଲେ। ତେଣୁ ସନ୍ଦେହ ହେବାରୁ ଜି. ଉଦୟଗିରି ଡାକ ସବ୍‌ଡିଭିଜନର ଇନ୍ସପେକ୍ଟର ବୀରକିଶୋର ନାୟକଙ୍କ ଦ୍ୱାରା ଉକ୍ତ ଡାକଘରର କାଗଜପତ୍ର ଓ ଆକାଉଣ୍ଟ ଯାଞ୍ଚ କରାଯାଇଥିଲା।

ଯାଞ୍ଚ ସମୟରେ ଜୁନ୍ ୧୬, ୧୭ ଓ ୧୮ ତାରିଖ ମଧ୍ୟରେ ଲକ୍ଷ ଲକ୍ଷ ଟଙ୍କାର ସରକାରୀ ଅର୍ଥ ବିଭିନ୍ନ ବ୍ୟକ୍ତିଗତ ଆକାଉଣ୍ଟକୁ ବେଆଇନ ଭାବେ ଟ୍ରାନ୍ସଫର କରାଯାଇଥିବା ଜଣାପଡ଼ିଥିଲା। ଏଥିସହ ସ୍ଥାନୀୟ ଗ୍ରାହକଙ୍କ ପାସ୍‌ବୁକ୍ ଯାଞ୍ଚ କରିବା ପରେ ଏକ ସଙ୍ଗୀନ ଠକେଇର ପର୍ଦ୍ଦାଫାସ ହୋଇଛି। ଅଭିଯୁକ୍ତ ପୋଷ୍ଟମାଷ୍ଟର ଶ୍ରୀ ଦିଗାଲ ଦୀର୍ଘ ଦିନ ଧରି ଗ୍ରାହକଙ୍କ ସଞ୍ଚୟ ଖାତାରେ ଟଙ୍କା ଜମା ହୋଇଥିବା ଅର୍ଥ ପାସ୍‌ବୁକ୍‌ରେ ଏଣ୍ଟ୍ରି କରୁଥିଲେ ସତ, କିନ୍ତୁ ସେହି ଟଙ୍କାକୁ ଅଫିସିଆଲ୍ ଆକାଉଣ୍ଟରେ ଜମା ନ କରି ନିଜେ ଆତ୍ମସାତ କରୁଥିଲେ। ଏହି ବ୍ୟାପକ ଅନିୟମିତତା ନେଇ ଡାକ ପରିଦର୍ଶକ ଶ୍ରୀ ନାୟକ ଟିକାବାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ କେସ୍ ନମ୍ବର ୧୩୬/୨୦୨୬, ଧାରା ୩୧୬(୪)ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ଓମସା ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର,୨୫।୬(ସଂଚାର ବ୍ୟୁରୋ): ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ (ଓମସା) ଅଧିକାରୀଙ୍କ ସହ ସେମାନଙ୍କ ଦାବି ନେଇ ଆଲୋଚନା କରିଛନ୍ତି। ଏହି ଆଲୋଚନାରୁ ସକାରାତ୍ମକ ନିଷ୍କର୍ସ ବାହାରିଥିବା ବିଭାଗ ପକ୍ଷରୁ କୁହାଯାଇଛି। ଓମ୍‌ସା ରଖିଥିବା ଦାବିଗୁଡ଼ିକୁ ସମ୍ମାନ ଜଣାଇ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗ କହିଛନ୍ତି ଯେ ଦାବିଗୁଡ଼ିକର ଅନୁଧ୍ୟାନ କରାଯାଇ ବିହିତ ପଦକ୍ଷେପ ନିଆଯିବ। ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ଲୋକଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ଓମ୍‌ସା ପକ୍ଷରୁ ନିଆଯାଇଥିବା ଆନ୍ଦୋଳନ ଡାକରାକୁ ସ୍ଥଗିତ ରଖାଯାଇଥିବା ସଂଘ ସ୍ପଷ୍ଟ କରିଛି। ବୈଠକ ଶେଷରେ ଓମ୍‌ସା ପକ୍ଷରୁ ଜନସ୍ୱାର୍ଥକୁ ଗୁରୁତ୍ୱ ଦେଇ ସରକାର ସହ ଆଲୋଚନା ଜାରି ରଖିବା ଏବଂ ସ୍ୱାସ୍ଥ୍ୟ ସେବା ଅବାଧ ଭାବେ ଜାରି ରଖିବା ଦିଗରେ ସକାରାତ୍ମକ ମନୋଭାବ ପ୍ରକାଶ କରାଯାଇଛି। ଏହି ବୈଠକରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଏମଡି ଡ. ବୃନ୍ଦା ଡ଼ି, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ମହେଶ ମୋହନ ପଣ୍ଡା, ଅତିରିକ୍ତ ଶାସନ ସଚିବ ଗୌରହରୀ ବେହେରା ଓ ଓମସାର ସଭାପତି ଡ. କିଶୋର ଚନ୍ଦ୍ର ମିଶ୍ର, ସାଧାରଣ ସମ୍ପାଦକ ଡ. ସଞ୍ଜୀବ କୁମାର ପ୍ରଧାନ ଓ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

### ପୀତବାସ ପଣ୍ଡା ହତ୍ୟାକାଣ୍ଡ

# ୧୬ ପେନ୍‌ଡ୍ରାଇଭ୍ ସହ ଫାଇନାଲ୍ ଚାର୍ଜସିଟ୍ ଦାଖଲ



ବ୍ରହ୍ମପୁର, ୨୫।୬ (ସଂଚାର ବ୍ୟୁରୋ) : ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାର ଫାଇନାଲ୍ ଚାର୍ଜସିଟ୍ କୋର୍ଟରେ ଦାଖଲ କଲା ପୋଲିସ । ୩୧୬ ପୃଷ୍ଠାର ଫାଇନାଲ ଚାର୍ଜସିଟ୍ ଦାଖଲ କଲା ପୋଲିସ। ଏହାସହ ୧୬ଟି ପେନ୍‌ଡ୍ରାଇଭ ମଧ୍ୟ ଦାଖଲ କରିଛି ପୋଲିସ। ଅନ୍ୟପଟେ ପୀତବାସଙ୍କ ସରକାରୀ ଓକିଲଙ୍କ ପକ୍ଷରୁ ଫାଇନାଲ ଚାର୍ଜସିଟ୍ ଦାଖଲ କରାଯାଇଥିବା କୋର୍ଟରେ ଦର୍ଶାଯାଇଛି । ବିକ୍ରମ ପଣ୍ଡାଙ୍କ ପକ୍ଷରୁ ଚାର୍ଜସିଟ୍‌ର କପି ପ୍ରଦାନ ଆବେଦନ କରାଯାଇଛି । ଆଗାମୀ ଦିନରେ ପୁଣି ବିକ୍ରମ ପଣ୍ଡାଙ୍କ ପକ୍ଷରୁ ଡିସଚାର୍ଜ ପିଟିସନ ଆବେଦନ କରିପାରନ୍ତି ବୋଲି ବିକ୍ରମଙ୍କ ଆଇନଜୀବୀ ଦୀପକ ପଟ୍ଟନାୟକ କହିଛନ୍ତି। ସେପଟେ ଆଗାମୀ ୪ ତାରିଖକୁ ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିବା ସରକାରୀ ଓକିଲ କହିଛନ୍ତି । ପୀତବାସ ପଣ୍ଡା ହତ୍ୟା ମାମଲାରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ମେୟର ଶିବ ଶଙ୍କର ଦାଶଙ୍କ ସମେତ ମୋଟ୍ ୧୬ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ରାଜେନ୍ଦ୍ର କୁମାର ସାହୁଙ୍କୁ ଜାମିନ ମିଳିଛି।

### ନିଶା ନିବାରଣ କେନ୍ଦ୍ରରେ ଅନ୍ତେଃବାସୀଙ୍କ ମୃତ୍ୟୁ

# ସବୁ ନିଶା ନିବାରଣ କେନ୍ଦ୍ର ପାଇଁ ଆସିବ ଏସ୍‌ଓପି

ଭୁବନେଶ୍ୱର, ୨୫।୬ (ସଂଚାର ବ୍ୟୁରୋ) : ରାଜ୍ୟରେ ନିଶା ନିବାରଣ କେନ୍ଦ୍ରଗୁଡ଼ିକରେ ଅନ୍ତେବାସୀଙ୍କ ସନ୍ଦେହଜନକ ମୃତ୍ୟୁ ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପ ନେଇ ବଢ଼ୁଥିବା ଅସନ୍ତୋଷ ମଧ୍ୟରେ ରାଜ୍ୟ ସରକାର କଡ଼ା ପଦକ୍ଷେପ ନେଇଛନ୍ତି। ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ (ଏସଏସଇପିଡି) ସମସ୍ତ ଜିଲ୍ଲାର ସାମାଜିକ ସୁରକ୍ଷା ଅଧିକାରୀ (ଡିଏସଏସଓ)ଙ୍କୁ ଜିଲ୍ଲାରେ କାର୍ଯ୍ୟକ୍ଷମ ସମସ୍ତ ନିଶା ନିବାରଣ କେନ୍ଦ୍ରର ସବିଶେଷ ତଥ୍ୟ ୭ ଦିନ ମଧ୍ୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛି।

ଗତ ସପ୍ତାହରେ ଯାଜପୁର ଜିଲ୍ଲାର ଧର୍ମଶାଳା ଅଞ୍ଚଳର ଏକ ଘରୋଇ ନିଶା ନିବାରଣ କେନ୍ଦ୍ରରେ ଜଣେ ଅନ୍ତେବାସୀଙ୍କ ମୃତ୍ୟୁକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ପରିବାର ଲୋକେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଥିବାବେଳେ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଏହା ସହ ଗତ କିଛି ଦିନ ମଧ୍ୟରେ ଅନ୍ୟ କେତେକ ନିଶା ନିବାରଣ କେନ୍ଦ୍ରକୁ ନେଇ ମଧ୍ୟ ପ୍ରଶ୍ନ ଉଠିଥିବାରୁ ସରକାର ସମଗ୍ର ବ୍ୟବସ୍ଥାର ସମୀକ୍ଷା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଅନେକ ନିଶା ନିବାରଣ କେନ୍ଦ୍ରରେ ଅନ୍ତେବାସୀଙ୍କ ସନ୍ଦେହଜନକ ମୃତ୍ୟୁ ହେଉଥିବାରୁ ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ବିଭାଗର ଅତିରିକ୍ତ ସଚିବ ସୋନିଆ ବେହେରାଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶ ଅନୁଯାୟୀ, କେନ୍ଦ୍ର ସରକାର, ରାଜ୍ୟ ସରକାର ଓ ବେସରକାରୀ ସଂସ୍ଥା ପରିଚାଳିତ ସମସ୍ତ ନିଶା ନିବାରଣ କେନ୍ଦ୍ରର ତଥ୍ୟ ନିର୍ଦ୍ଧାରିତ ଫର୍ମାଟରେ ସଂଗ୍ରହ କରିବାକୁ କୁହାଯାଇଛି। ଏହି ନିର୍ଦ୍ଦେଶକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ମଧ୍ୟ କୁହାଯାଇଛି। ରିପୋର୍ଟରେ ପ୍ରତ୍ୟେକ କେନ୍ଦ୍ରର ନାମ, ଠିକଣା, ଯୋଗାଯୋଗ ବିବରଣୀ, ପାଣ୍ଠିର ଉତ୍ସ, ଅନ୍ତେବାସୀ ଧାରଣ କ୍ଷମତା, ପଞ୍ଜୀକରଣ ସ୍ଥିତି ଏବଂ ମାନସିକ ସ୍ୱାସ୍ଥ୍ୟ ସେବା ଆଇନ-୨୦୧୭ ଅନୁଯାୟୀ ପଞ୍ଜୀକୃତ କି ନାହିଁ ସେ ସମ୍ପର୍କିତ ତଥ୍ୟ ଦେବାକୁ କୁହାଯାଇଛି। ଏଥିସହିତ ନିଶା ନିବାରଣ କେନ୍ଦ୍ରଗୁଡ଼ିକର ପଞ୍ଜୀକରଣ, ପରିଚାଳନା ଓ ନିୟନ୍ତ୍ରଣ ପାଇଁ ନୂଆ ଗାଇଡଲାଇନ୍ ଏବଂ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜର (ଏସଓପି) ପ୍ରସ୍ତୁତ କରାଯିବ।

## ଅବ୍ୟବସ୍ଥା ଘେରରେ ଚାଉଳିଆଗଞ୍ଜ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର



କଟକ,୨୫।୬ (ସଂଚାର ବ୍ୟୁରୋ):ଅବହେଳିତ କଟକ ଚାଉଳିଆଗଞ୍ଜ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ସବୁ କିଛି ଥାଇ ମଧ୍ୟ ମିଳୁନି ସୁବିଧା। ଖୋଲି ପାରୁନି ଆହାର କେନ୍ଦ୍ର, ମିସନ ଶକ୍ତି କାଫେ ଓ ଶୌଚାଳୟ। ଫଳରେ ଲୋକମାନେ ହନ୍ତସନ୍ତ ହେଉଛନ୍ତି। କଟକ ଚାଉଳିଆଗଞ୍ଜ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ ଆହାର କେନ୍ଦ୍ର ପାଖରୁ ଆରମ୍ଭ କରି ମିସନ ଶକ୍ତି କାଫେ, ଶୌଚାଳୟ ଆଦି ରହିଛି। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଏହି ସବୁ ଥାଇ ମଧ୍ୟ ଲୋକମାନେ ଏହାର ସୁବିଧା ପାଇ ପାରୁନାହାନ୍ତି। ଆହାର କେନ୍ଦ୍ର, ମିସନ ଶକ୍ତି କାଫେ ଓ ଶୌଚାଳୟ ନିର୍ମାଣ ହେବା ପରଠାରୁ ତାଲା ଝୁଲୁଛି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଚାଉଳିଆଗଞ୍ଜ ସମେତ ସହର ବିଭିନ୍ନ ସ୍ଥାନର ଲୋକମାନେ ନିର୍ଭର କରିଥାନ୍ତି। ଦୁଇ ବର୍ଷରୁ ଅଧିକ ସମୟ ହେବ ନିର୍ମାଣ ସରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଖୋଲି ପାରୁନାହିଁ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଆବଶ୍ୟକତାଠାରୁ କମ୍ ଡାକ୍ତର ରହିଛନ୍ତି। ୨ବର୍ଷ ହେବ ନାହାନ୍ତି ସ୍ଥାୟୀ ଅଧୀକ୍ଷକ। ୩୦ଶଯ୍ୟା ବିଶିଷ୍ଟ ଏହି ପ୍ରମୁଖ ଡାକ୍ତରଖାନା ଏବେ ସ୍ୱାସ୍ଥ୍ୟ ବିଭାଗର ନଜର ଆଢୁଆଳରେ ରହିଯାଇଛି। ସାଧାରଣ ରୋଗ ପାଇଁ ଏସ୍‌ସିବି ରେଫର କରାଯାଉଛି। ରାତିରେ ଯଦି କୌଣସି ରୋଗୀ ଆସନ୍ତି ତେବେ ଡାକ୍ତରଙ୍କୁ ପାଇବା କଷ୍ଟକର। ଏନେଇ କଟକ ମେୟର ସୁବାସ ସିଂହ କହିଛନ୍ତି, ସ୍ଥାୟୀ ଅଧୀକ୍ଷକ ନିଯୁକ୍ତି ପାଇଁ ନିଷ୍ପତ୍ତି ହୋଇଛି। ଖୁବ୍ ଶୀଘ୍ର ଆହାର କେନ୍ଦ୍ର ଓ ମିସନ ଶକ୍ତି କାଫେ ଖୋଲାଯିବ।

# ଘରୋଇକରଣ ପରିବର୍ତ୍ତେ ବୀମା କ୍ଷେତ୍ରକୁ ସଶକ୍ତ କରିବାକୁ ଆହ୍ୱାନ




ଭୁବନେଶ୍ୱର,୨୫।୬(ସଂଚାର ବ୍ୟୁରୋ): ଦେଶର ପ୍ରମୁଖ ୪ଟି ସାଧାରଣ ବୀମା କର୍ମଚାରୀଙ୍କୁ ନେଇ ଗଠିତ ଜେନେରାଲ୍ ଇନ୍ସୁରାନ୍ସ ଏମ୍ପ୍ଲୟିଜ୍ ଅଲ୍ ଇଣ୍ଡିଆ ଆସୋସିଏସନ୍ (ଜିଆଇଇଏଆଇଏ) ପକ୍ଷରୁ କେନ୍ଦ୍ର ସରକାରଙ୍କ ସାଧାରଣ ବୀମାର ଅତିରିକ୍ତ ୫ ପ୍ରତିଶତ ଅଂଶଧନକୁ ଅଫର ଫର ସେଲ୍‌ଫ (ଓଏଫ୍‌ଏସ୍) ମାଧ୍ୟମରେ ବିକ୍ରି କରିବା ନିଷ୍ପତ୍ତିକୁ ଏଆଇସିୟୁଟି ପକ୍ଷରୁ ଦୃଢ଼ ବିରୋଧ କରାଯାଇଆସୁଛି। ଗତ ୨୦୧୭ରେ ୧୪.୯୯ ପ୍ରତିଶତ ଅଂଶଧନ ବିକ୍ରି, ୨୦୨୪ରେ ପୁଣି ୩୪ ପ୍ରତିଶତ ଅଂଶଧନ ବିକ୍ରି ପରେ ଏହ ପ୍ରସ୍ତାବିତ ପଦକ୍ଷେପ ଫଳରେ ସରକାରଙ୍କ ଅଂଶଧନ ୭୪.୪କୁ ହ୍ରାସ ପାଇବ। ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ପରିଚାଳିତ ବୀମା କମ୍ପାନୀ ଦେଶର ସାମାଜିକ ସୁରକ୍ଷା, ଅର୍ଥନୈତିକ ବିକାଶ ଓ ଜନକଲ୍ୟାଣର ଲକ୍ଷ ପୂରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ସରକାରଙ୍କ ପକ୍ଷରୁ ସମସ୍ତ ବୀମା କମ୍ପାନୀକୁ ନେଇ ଏକ ସାଧାରଣ ବୀମା ନିଗମ ଗଠନ କରାଯିବା ଦରକାର। ଏହା କାର୍ଯ୍ୟଦକ୍ଷତା ବୃଦ୍ଧି, ଆର୍ଥିକ ସ୍ଥିରତା, ସୁଦୃଢ଼ ନିଯୁକ୍ତିର ସୁରକ୍ଷା ଓ ସାମାଜିକ ବୀମା ସେବାର ବିସ୍ତାର କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିବ। ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ପରିଚାଳିତ ସାଧାରଣ ବୀମା କମ୍ପାନୀ ଓ ସାଧାରଣ ବୀମା ନିଗମ ପରି ଜାତୀୟ ବୀମା କମ୍ପାନୀଗୁଡ଼ିକୁ ନେଇ ଏକ ସାଧାରଣ ବୀମା ନିଗମ ଗଠନ କରାଯିବା ସହ ଏହାର ଅଂଶଧନ ବିକ୍ରିକୁ ବନ୍ଦ କରିବା, ଶତପ୍ରତିଶତ ବିଦେଶୀ ପୁଞ୍ଜି ନିବେଶର ପ୍ରତ୍ୟାହାର, ଶ୍ରମିକ ବିରୋଧୀ ୪ଟି ଶ୍ରମ କୋଡ୍ ପ୍ରତ୍ୟାହାର, ମାନବ ସମ୍ବଳ ଅଭାବ ଦୂର କରିବା ପାଇଁ ସମସ୍ତ ପଦବୀରେ ନୂତନ ନିଯୁକ୍ତି, ଦୀର୍ଘଦିନ ଧରି କାର୍ଯ୍ୟରତ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି ପ୍ରଦାନ ଓ ହସ୍ପିଟାଲ୍ ଚାର୍ଜ, ତୃତୀୟ ପକ୍ଷ ପ୍ରଶାସନ ଓ ସ୍ୱାସ୍ଥ୍ୟବୀମା କାର୍ଯ୍ୟପ୍ରଣାଳୀ ଉପରେ ବୈଧାନିକ ନିୟାମକ ସଂସ୍ଥା ଗଠନ କରିବା ଦାବିରେ ଆଗାମୀ ଦିନରେ ବ୍ୟାପକ ସଂଗ୍ରାମ ପାଇଁ ଆଜି ଜେନେରାଲ୍ ଇନ୍ସୁରାନ୍ସ ଏମ୍ପ୍ଲୟିଜ୍ ଅଲ୍ ଇଣ୍ଡିଆ ଆସୋସିଏସନ୍‌ର ସର୍ବଭାରତୀୟ ସାଧାରଣ ସମ୍ପାଦକ, ତ୍ରୈଲୋକ୍ୟ ସିଂ ଓଡ଼ିଶା ଗସ୍ତ ଅବସରରେ ବିଭିନ୍ନ ବୀମା କାର୍ଯ୍ୟାଳୟ ଗସ୍ତ କରି ଆଜି ଏଆଇଟିୟୁସି କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଆହ୍ୱାନ ଦେଇଛନ୍ତି।

● ମିଛ ପତ୍ନୀ ନିଖୋଜ ମାମଲା

## ୫୦ ହଜାର ତଣ୍ଡ ଗଣିବେ ସ୍ୱାମୀ

କଟକ, ୨୫।୬(ସଂଚାର ବ୍ୟୁରୋ):ମିଛରେ ପତ୍ନୀ ନିଖୋଜ ଥିବା ଦର୍ଶାଇ ହାଇକୋର୍ଟରେ ପିଟିସନ ଦାୟର କରିଥିବା ସ୍ୱାମୀ ୫୦ ହଜାର ଟଙ୍କା ତଣ୍ଡ ଗଣିବେ। ନିଖୋଜ ପତ୍ନୀଙ୍କ ଉଦ୍ଧାର ପାଇଁ ସ୍ୱାମୀ ଦାୟର କରିଥିବା ହେବିୟସ କର୍ପସ ପିଟିସନର ହାଇକୋର୍ଟରେ ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା ଯେ ପତ୍ନୀ ନିଜ ଇଚ୍ଛାରେ ସ୍ୱାମୀଙ୍କ ଘର ଛାଡ଼ି ଚାଲିଯାଇଛନ୍ତି। ପତ୍ନୀଙ୍କୁ ଅନ୍ୟ ଜଣେ ବ୍ୟକ୍ତି ଅପହରଣ କରିଥିବା ସ୍ୱାମୀ ଅଭିଯୋଗ କରିଥିବା ବେଳେ ଏଥିରେ କୌଣସି ସତ୍ୟତା ନାହିଁ। ଦାମ୍ପତ୍ୟ ବିବାଦ କାରଣରୁ ସ୍ୱଇଚ୍ଛାରେ ପତ୍ନୀ ସ୍ୱାମୀଙ୍କ ଘର ଛାଡ଼ି ଯାଇଥିବା ବେଳେ ତାଙ୍କ ଉପରେ ଚାପ ସୃଷ୍ଟି ପାଇଁ ସ୍ୱାମୀ ହାଇକୋର୍ଟରେ ହେବିୟସ କର୍ପସ ମାମଲା ଦାୟର କରିଛନ୍ତି। ସ୍ୱଚ୍ଛ ହାତରେ ଆବେଦନକାରୀ ସ୍ୱାମୀ କୋର୍ଟଙ୍କ ଦ୍ୱାରସ୍ଥ ହୋଇ ନ ଥିବାରୁ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିସହ ହେବିୟସ କର୍ପସ ପିଟିସନ ଦାୟର କରିଥିବା ସ୍ୱାମୀଙ୍କୁ ଦୁଇ ସପ୍ତାହ ଭିତରେ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ନିକଟରେ ୫୦ ହଜାର ଟଙ୍କା ଜମା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ବାଲେଶ୍ୱର ଜିଲ୍ଲାର ବାସିନ୍ଦା ସ୍ୱାମୀଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରକାଶିତ ରାୟରେ ଉଲ୍ଲେଖ କରାଯାଇଛି ଯେ ବ୍ୟକ୍ତିଗତ ହିସାବ ବରାବର କରିବା ପାଇଁ ବା ପ୍ରତିପକ୍ଷକୁ ଚାପଗ୍ରସ୍ତ କରିବା ପାଇଁ କୋର୍ଟଙ୍କୁ ଏକ ଉପକରଣ ଭାବେ ବ୍ୟବହାର କରିବା ପାଇଁ ହେଭିୟସ କର୍ପସ ପିଟିସନ ଦାଖଲ କରିବାର ଧାରା ନିକଟରେ ବିକଶି ହୋଇଛି। ମାମଲାର ବିବରଣୀରୁ ପ୍ରକାଶ ଯେ ପତ୍ନୀଙ୍କ ନିଖୋଜ ହେବା ନେଇ ସ୍ୱାମୀ ପୁଲିସ ନିକଟରେ ଅଭିଯୋଗ କରିଥିଲେ। ଏହାପରେ ନିଖୋଜ ପତ୍ନୀଙ୍କୁ ଉଦ୍ଧାର ପ୍ରସଙ୍ଗ ନେଇ ଆବେଦନକାରୀ ହାଇକୋର୍ଟରେ ହେଭିୟସ କର୍ପସ ପିଟିସନ ଦାଖଲ କରିଥିଲେ। ପତ୍ନୀ ନିଜ ଇଚ୍ଛାରେ ସ୍ୱାମୀଙ୍କଠାରୁ ପୃଥକ ରହୁଥିବା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ସରକାରଙ୍କ ତରଫରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଦେଶ ବାହାରକୁ ଯିବନି ଡାଟା କମିପାରେ ମୋବାଇଲ ରିଚାର୍ଜ ଦର

## ଲାଗୁ ହେଲା ନୂଆ ନିୟମ




ନୂଆଦିଲ୍ଲୀ,୨୫।୬: ଆଜିକାଲି ଯୁଗରେ ତଥ୍ୟ ହିଁ ସବୁଠାରୁ ବଡ଼। ଆଉ ଭାରତ ଭଳି ଏକ ବଡ଼ ଦେଶର ତଥ୍ୟ ସଂଗ୍ରହ କରି ବିଦେଶରେ ଏହାର ସଉଦା ହେଉଥିଲା। ହେଲେ ଏଣିକି ଆଉ ଏମିତି ହେବନି। ଏବେ ଭାରତୀୟଙ୍କ ଡାଟା ଆଉ ବିଦେଶକୁ ନ ଯାଇ ଦେଶରେ ହିଁ ରହିବ। କାରଣ ଟେଲିକମ୍ କମ୍ପାନୀଗୁଡ଼ିକ ଆପଣଙ୍କର ଫୋନ୍, ଇଣ୍ଟରନେଟ୍ ବ୍ୟବହାର ଏବଂ କଲ୍ ସହିତ ଜଡିତ ସମସ୍ତ ତଥ୍ୟ ଏବଂ ଲଗଇନ ଡାଟା ଭାରତ ମଧ୍ୟରେ ସଂରକ୍ଷଣ କରି ରଖିବେ। କୌଣସି ତଥ୍ୟ ବାହାରକୁ ନେଇଯାଇପାରିବେ ନାହିଁ। କୌଣସି କମ୍ପାନୀ ଆପଣଙ୍କର ବ୍ୟକ୍ତିଗତ ତଥ୍ୟ ଦେଶ ବାହାରେ ପଠାଇ ପାରିବେ ନାହିଁ କିମ୍ବା କୌଣସି ବିଦେଶୀ ସଂସ୍ଥା ସହିତ ସେୟାର କରିପାରିବେ ନାହିଁ। ଟେଲିକମ୍ ବିଭାଗ (DoT) ବୁଧବାର ଟେଲିକମ୍ କମ୍ପାନୀଗୁଡ଼ିକ ପାଇଁ ଏପରି ଏକ ନୂଆ ନିୟମ ଜାରି କରିଛି।

ଟେଲିକମ୍ କ୍ଷେତ୍ରରେ ଦଶନ୍ଧି ଧରି ଚାଲିଆସୁଥିବା ଲାଇସେନ୍ସ ରାଜର ଅନ୍ତ ଘଟାଇ ଡିଓଟି କମ୍ପାନୀଗୁଡ଼ିକ ପାଇଁ ଏକ ନୂଆ ଏବଂ ସରଳ ଅନୁମୋଦନ ବ୍ୟବସ୍ଥା ଲାଗୁ କରିଛି। ସମସ୍ତ ସେବାର ଡିଜିଟାଲାଇଜେସନକୁ ସହଜ କରିବା ପାଇଁ ସରକାର "ଟେଲିକମ୍ ଇ-ସେବା ପୋର୍ଟାଲ୍" ନାମକ ଏକ ୱେବସାଇଟ୍ ମଧ୍ୟ ଲଞ୍ଚ କରିଛନ୍ତି। ପୂର୍ବରୁ, ମୋବାଇଲ୍ କିମ୍ବା ଇଣ୍ଟରନେଟ୍ ସେବା ଆରମ୍ଭ କରିବା ପାଇଁ କମ୍ପାନୀଗୁଡ଼ିକୁ ଏକ ଜଟିଳ ଏବଂ ଲମ୍ବା ସରକାରୀ ଲାଇସେନ୍ସ ପ୍ରକ୍ରିୟା ଦେଇ ଯିବାକୁ ପଡୁଥିଲା, ଯେଉଁଥିରେ ମାସାଧିକକାଳ ସମୟ ଲାଗିଯାଉଥିଲା। ହେଲେ ଏବେ ନୂଆ ସୁବିଧା ଦ୍ୱାରା ଏସବୁ କାମ ସହଜ ହେବ। ନୂଆ ଅଥୋରାଇଜେସନ ବ୍ୟବସ୍ଥା ଦ୍ୱାରା କମ୍ପାନୀଗୁଡ଼ିକ ଖୁବ ସହଜରେ ଓ ଦ୍ରୁତ ଗତିରେ କାମ ଆରମ୍ଭ କରିପାରିବେ। କମ୍ପାନୀଗୁଡ଼ିକ ପାଇଁ କାମ କରିବା ସହଜ ହେଲେ ସାଧାରଣ ଜନତାଙ୍କ ପାଖରେ ନୂଆ ଟେକ୍ନୋଲୋଜ (ଉନ୍ନତ 5G କିମ୍ବା ବ୍ରଡବ୍ୟାଣ୍ଡ ପରି) ଜନସାଧାରଣଙ୍କ ପାଖରେ ଶୀଘ୍ର ପହଞ୍ଚିବ। ଏଥିରେ ସ୍ୱଚ୍ଛତା ରହିବ। ଯେଉଁ ଟେଲିକମ କମ୍ପାନୀଗୁଡ଼ିକ ପୂର୍ବରୁ କାମ କରୁଛନ୍ତି ଓ ଯେଉଁମାନଙ୍କ ପାଖରେ ପୁରୁଣା ସିଷ୍ଟମ ଅନୁସାରେ ଅଲଗା ଅଲଗା ଲାଇସେନ୍ସ(ଇଣ୍ଟରନେଟ କିମ୍ବା କଲିଂ) ଅଛି ସେମାନେ ବି ନୂଆ ବ୍ୟବସ୍ଥାରେ ସହଜରେ ସିଫ୍ଟ ହୋଇପାରିବେ। ଅଯଥା କାଗଜପତ୍ର କାମ କରିବାକୁ ପଡ଼ିବ ନାହିଁ।

ନୂଆ ନିୟମ ଅନୁସାରେ, କମ୍ପାନୀଗୁଡ଼ିକ ଏବେ ଗୋଟିଏ ଡିଜିଟାଲ୍ ପୋର୍ଟାଲରୁ ଏକକାଳୀନ ନେଟୱାର୍କ ଏବଂ ଇଣ୍ଟରନେଟ୍ ସେବା ପାଇଁ ଆବେଦନ କରିପାରିବେ। ଏଥିରେ ସେମାନଙ୍କର ଖର୍ଚ୍ଚ କମ ହେବ। କମ୍ପାନୀଗୁଡ଼ିକର ଖର୍ଚ୍ଚ ହ୍ରାସ ପାଇଲେ ଏହାର ସିଧା ଫାଇଦା ଗ୍ରାହକମାନଙ୍କୁ ପହଞ୍ଚିପାରେ। ବଜାରରେ ନୂଆ କମ୍ପାନୀ ଏଣ୍ଟ୍ରି କଲେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିବ। ଏଥିରେ ଗ୍ରାହକଙ୍କୁ ଶସ୍ତା ଡାଟା ଏବଂ ଭଏସ କଲିଂ ମଧ୍ୟ ମିଳିପାରେ। ଯଦି ଆପଣ ଭବିଷ୍ୟତରେ ଏଲନ୍ ମସ୍କଙ୍କ 'ଷ୍ଟାରଲିଙ୍କ୍' (Starlink) କିମ୍ବା ଆମାଜନ୍ ଭଳି କମ୍ପାନୀଠାରୁ ସିଧାସଳଖ ସାଟେଲାଇଟ୍ ଇଣ୍ଟରନେଟ୍ ନେବାକୁ ଚିନ୍ତା କରୁଛନ୍ତି, ତେବେ ଆପଣଙ୍କ ସୁରକ୍ଷା ପାଇଁ ସରକାର କଠୋର ନିୟମ ପ୍ରଣୟନ କରିଛନ୍ତି। ସରକାର ସ୍ପଷ୍ଟ କରିଛନ୍ତି ଯେ ଭାରତରେ ସାଟେଲାଇଟ୍ ଇଣ୍ଟରନେଟ୍ ଯୋଗାଉଥିବା କମ୍ପାନୀଗୁଡ଼ିକର ମୁଖ୍ୟ ଷ୍ଟେସନ୍ ଭାରତରେ ହିଁ ରହିବା ଆବଶ୍ୟକ। ଏହାଦ୍ୱାରା ବିଦେଶୀ କମ୍ପାନୀଗୁଡ଼ିକ ଆପଣଙ୍କ ତଥ୍ୟର ଦୁରୁପଯୋଗ କରିପାରିବେ ନାହିଁ ଏବଂ ଦେଶର ସୁରକ୍ଷା ମଧ୍ୟ ଅକ୍ଷୁଣ୍ଣ ରହିବ।

ଆଜିକାଲି ତଥ୍ୟ ଚୋରି କିମ୍ବା ଲିକ୍ ହେବା ସବୁଠାରୁ ବଡ଼ ଚିନ୍ତାର ବିଷୟ। ସରକାର ଏହା ଉପରେ ଅତ୍ୟନ୍ତ କଠୋର ନିୟମ କରିଛନ୍ତି। ଟେଲିକମ୍ କମ୍ପାନୀଗୁଡ଼ିକ ପାଇଁ ଏବେ ଏହା ବାଧ୍ୟତାମୂଳକ କରାଯାଇଛି ଯେ ସେମାନେ ଭାରତୀୟ ବ୍ୟବହାରକାରୀଙ୍କର ସମସ୍ତ ତଥ୍ୟ ଏବଂ ରେକର୍ଡ ଭାରତ ଭିତରେ ହିଁ ସଂରକ୍ଷଣ (Store) କରି ରଖିବେ।ଫଳରେ ଆପଣଙ୍କ କଲ୍ ରେକର୍ଡ, ମେସେଜ୍ କିମ୍ବା ଇଣ୍ଟରନେଟ୍ ସର୍ଫିଂ ତଥ୍ୟ କୌଣସି ପରିସ୍ଥିତିରେ ଦେଶ ବାହାରକୁ ପଠାଯାଇପାରିବ ନାହିଁ। ଏହାଦ୍ୱାରା ସାଧାରଣ ନାଗରିକଙ୍କ ଗୋପନୀୟତା ଏବଂ ସାଇବର ସୁରକ୍ଷା ପୂର୍ବ ଅପେକ୍ଷା ଅଧିକ ମଜବୁତ ହେବ।

ଜମ୍ମୁ-କଶ୍ମୀର କିମ୍ବା ଉତ୍ତର-ପୂର୍ବାଞ୍ଚଳ ଭଳି ସମ୍ବେଦନଶୀଳ ଅଞ୍ଚଳରେ ନେଟୱାର୍କ ଲଗାଇବା ପାଇଁ କମ୍ପାନୀଗୁଡ଼ିକୁ ସ୍ୱତନ୍ତ୍ର ସୁରକ୍ଷା ଅନୁମୋଦନ ନେବାକୁ ପଡ଼ିବ। ଏଥିସହିତ ଦେଶ ବିରୋଧୀ କିମ୍ବା ସନ୍ଦିଗ୍ଧ ବାର୍ତ୍ତା ଉପରେ ନଜର ରଖିବା ପାଇଁ କମ୍ପାନୀମାନଙ୍କୁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ହେବ। ଏହାଦ୍ୱାରା ସାଇବର କ୍ରାଇମ୍, ଫ୍ରଡ୍ କଲ୍ ଏବଂ ଦେଶ ବିରୋଧୀ କାର୍ଯ୍ୟକଳାପକୁ ରୋକିବାରେ ସାହାଯ୍ୟ ମିଳିବ, ଯାହା ଫଳରେ ସାଧାରଣ ନାଗରିକ ନିଜକୁ ସୁରକ୍ଷିତ ମନେ କରିବେ।



# ଭାରତରେ ୪୮ ବିଲିୟନ୍ ଡଲାର ନିବେଶ କରିବ ଆମାଜନ

## ମୋଦୀଙ୍କୁ ଭେଟିଲେ କମ୍ପାନୀର ସିଇଓ

ନୂଆଦିଲ୍ଲୀ,୨୫।୬: ଭାରତରେ ୪ ବର୍ଷ ମଧ୍ୟରେ ଆହୁରି ୪୮ ବିଲିୟନ୍ ଡଲାର ନିବେଶ କରିବାକୁ ଯାଉଛି ଆମାଜନ୍। ଆମେରିକାର ଇ-କମର୍ସ ଜାଏଣ୍ଟ ଆମାଜନର ସିଇଓ ଆଣ୍ଡି ଜେସି ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟି ଏହି ସୂଚନା ଦେଇଛନ୍ତି। ଏହା ବ୍ୟତୀତ କମ୍ପାନୀ ଏଆଇ କ୍ଷେତ୍ରରେ ଅତିରିକ୍ତ ୧୩ ବିଲିୟନ୍ ଡଲାର ନିବେଶ କରିବ ବୋଲି ମଧ୍ୟ ଘୋଷଣା କରିଛି। ୨୦୨୬ରୁ ୨୦୩୦ ମଧ୍ୟରେ କମ୍ପାନୀ ଏହି ନିବେଶ କରିବାକୁ ଯୋଜନା କରିଛି। ଏହା ସହ ଭାରତରେ ଏଆଇ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଆମାଜନ ସବୁଠାରୁ ବଡ଼ କମ୍ପାନୀ ହେବାକୁ ଯାଉଛି। ମୋଟ ୨୧ ବିଲିୟନ୍ ଡଲାର ନିବେଶ କରିବ ଆମାଜନ।

ଏହି ନିବେଶ ମୁମ୍ବାଇ ଏବଂ ହାଇଦ୍ରାବାଦରେ AWS ଡାଟା ସେଣ୍ଟର କ୍ଷମତାକୁ ବିସ୍ତାର କରିବ, ଯାହା ଷ୍ଟାର୍ଟଅପ୍, ଉଦ୍ୟୋଗ ଏବଂ ସରକାରୀ ସଂଗଠନଗୁଡ଼ିକୁ କଷ୍ଟମ୍ ଏଆଇ ଚିପ୍ସ, ପରିଚାଳିତ AI ସେବା, ସୁରକ୍ଷିତ ଏବଂ ନିର୍ଭରଯୋଗ୍ୟ କ୍ଲାଉଡ୍ ପ୍ରଯୁକ୍ତିବିଦ୍ୟା ଏବଂ ଡେଭଲପର ଉପକରଣଗୁଡ଼ିକୁ ଦ୍ରୁତ ନବସୃଜନ, ଏବଂ ବିଶ୍ୱବ୍ୟାପୀ ଗ୍ରାହକମାନଙ୍କୁ ସେବା ପ୍ରଦାନ କରିବ। ତେବେ ୨୦୧୦ରୁ ୨୦୩୦ ମଧ୍ୟରେ ଭାରତରେ ଆମାଜନର ନିବେଶ ମୂଲ୍ୟ ୮୮ ବିଲିୟନ ଡଲାର ହେବ। ଆମାଜନ ସିଇଓ ଜେସି କହିଛନ୍ତି, ଆମେ ଦଶ ବର୍ଷ ପୂର୍ବରୁ ଭାରତ ଆସିଥିଲୁ ଏବଂ ସେବେଠାରୁ ଆମର ବିଭିନ୍ନ ବ୍ୟବସାୟ ମାଧ୍ୟମରେ ଗ୍ରାହକ, ବିକ୍ରେତା, ଡେଭଲପର, ଷ୍ଟାର୍ଟ-ଅପ୍ ଏବଂ ଉଦ୍ୟୋଗଗୁଡ଼ିକୁ ସେବା ଯୋଗାଇ ଆସୁଛୁ। ପ୍ରତିକ୍ରିୟା ବହୁତ ଭଲରହିଛି, ବିଶେଷକରି ଆମର ଇ-କମର୍ସ, ଏଆଇ ଏବଂ କ୍ଲାଉଡ୍ ବ୍ୟବସାୟଗୁଡ଼ିକରେ ଦୃଢ଼ ଅଭିବୃଦ୍ଧି ଘଟିଛି। ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଆମେ ଭାରତରେ ଆମର ବ୍ୟବସାୟର ପ୍ରବଳ ଚାହିଦା ପୂରଣ କରିବାକୁ ଏବଂ ଦେଶକୁ ଏହି ପ୍ରାଥମିକତା ହାସଲ କରିବାରେ ସାହାଯ୍ୟ କରିବା ପାଇଁ ୪୮ ବିଲିୟନ ଡଲାରରୁ ଅଧିକ ନିବେଶ କରିବୁ। ଆମେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିକାଶ ଏବଂ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣ ଦ୍ୱାରା ଅନୁପ୍ରାଣିତ, ଏବଂ ଆମେ ଭାରତର ଅଭିବୃଦ୍ଧି କାହାଣୀରେ ଏକ ଦୀର୍ଘକାଳୀନ ଅଂଶୀଦାର ହେବାକୁ ପ୍ରତିବଦ୍ଧ। ସେପଟେ ଜେସି ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ସଫଳ ନେତୃତ୍ୱକୁ ପ୍ରଶଂସା କରିଛନ୍ତି। ଏହା ସହ ବିକାଶଶୀଳ ଭାରତୀୟ ବଜାରର କେତେ ଚାହିଦା ରହିଛି ସେନେଇ କହିଛନ୍ତି ଆମାଜନ ସିଇଓ। ଭାରତରେ ବ୍ୟବସାୟ ଆରମ୍ଭ କରିବା ପରଠାରୁ ୧୨ ମିଲିୟନ୍ ଛୋଟ ବବ୍ୟସାୟକୁ ଡିଜିଟାଲାଇଜ୍ କରିଛି ଏବଂ ୧୦ ମିଲିୟନରୁ ଅଧିକ ଭାରତୀୟଙ୍କୁ କ୍ଲାଉଡ ଦକ୍ଷତା ଉପରେ ତାଲିମ ଦେଇଛି।

## ଏଆଇ ଭୟ ମଧ୍ୟରେ ଇନଫୋସିସର ବଡ଼ ନିଯୁକ୍ତି

# ବର୍ଷକରେ ୨୦ ହଜାର ଫ୍ରେସରଙ୍କୁ ଚାକିରି ଦେଲା କମ୍ପାନୀ

ନୂଆଦିଲ୍ଲୀ,୨୫।୬: ଅନିଶ୍ଚିତ ବିଶ୍ୱସ୍ତରୀୟ ଚାହିଦା ଓ ଏଆଇର ଉପସ୍ଥିତ ମଧରେ ପ୍ରତିଭାକୁ ଗୁରୁତ୍ୱ ଦେଇ ଆଇଟି କମ୍ପାନୀ ଇନଫୋସିସ୍ ଆର୍ଥିକ ବର୍ଷ ୨୦୨୬ରେ ୨୦,୦୦୦ରୁ ଅଧିକ କଲେଜ ସ୍ନାତକ (ଫ୍ରେସର୍)ଙ୍କୁ ନିଯୁକ୍ତି ଦେଇଛି। ଏହି ନିଯୁକ୍ତିକୁ ମିଶାଇ କମ୍ପାନୀର ମୋଟ କର୍ମଚାରୀଙ୍କ ସଂଖ୍ୟା ୩,୨୫,୦୦୦ ଅତିକ୍ରମ କରିଛି। କମ୍ପାନୀର ବାର୍ଷିକ ସାଧାରଣ ସଭା (ଏଜିଏମ)ରେ ଏହାର ମ୍ୟାନେଜମେଣ୍ଟ ଏହି ସୂଚନା ଦେଇଛି। କାମ କରିବା ପାଇଁ ଆର୍ଥିକ ବର୍ଷ ୨୦୨୬ ଏକ ଶୃଙ୍ଖଳିତ ବର୍ଷ ଥିଲା, ଯେଉଁଥିରେ ଇନଫୋସିସ୍ ୩.୧% କନଷ୍ଟାଣ୍ଟ କରେନ୍ସି ରାଜସ୍ୱ ଅଭିବୃଦ୍ଧି ହାସଲ କରିଛି ବୋଲି ମଧ ମ୍ୟାନେଜମେଣ୍ଟ ସୂଚନା ଦେଇଛି। ଚଳିତ ଆର୍ଥିକ ବର୍ଷ କମ୍ପାନୀ ୯୬ଟି ବଡ଼ ଡିଲ୍ ହାସଲ କରିଛି, ଯାହାର ମୋଟ ଚୁକ୍ତି ମୂଲ୍ୟ ୧୪.୯ ବିଲିୟନ ଡଲାରର ହେବ ବୋଲି କମ୍ପାନୀ ସୂଚନା ଦେଇଛି। ଏଥିସହିତ ଡିଜିଟାଲ୍ ରୂପାନ୍ତରଣ ଏବଂ ବୈଷୟିକ ସେବା ପାଇଁ ଗ୍ରାହକଙ୍କ ଚାହିଦା ବଢ଼ୁଥିବା ଦର୍ଶାଇ ପରିଚାଳନା କର୍ତ୍ତୃପକ୍ଷ କହିଛନ୍ତି ଯେ, ବୈଷୟିକ ଶିଳ୍ପ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଦ୍ୱାରା ପରିଚାଳିତ ଏକ ବଡ଼ ପରିବର୍ତ୍ତନ ଦେଇ ଗତି କରୁଛି। ସେମାନେ ଏଆଇକୁ ପୂର୍ବର ଟେକ୍ନୋଲୋଜୀ ତୁଳନାରେ ଅଧିକ ବଡ଼ ଏବଂ ବ୍ୟାଘାତ ସୃଷ୍ଟିକାରୀ ଟେକ୍ନୋଲୋଜୀ ବୋଲି ବର୍ଣ୍ଣନା କରିଛନ୍ତି।




କମ୍ପାନୀର ମ୍ୟାନେଜମେଣ୍ଟ ଆହୁରି କହିଛନ୍ତି ଯେ, ଏହି ପରିବର୍ତ୍ତନର ସୁଯୋଗ ନେବା ପାଇଁ ଇନଫୋସିସ୍ ପୂର୍ବାପେକ୍ଷା ଅଧିକ ସକ୍ଷମ ଅଛି। ଏଆଇ ରେ ଦ୍ରୁତ ଅଗ୍ରଗତି ସତ୍ତ୍ୱେ ସଫ୍ଟୱେର୍ ବିକାଶ ପ୍ରକ୍ରିୟାରେ ଏବେ ବି ଅନେକ ଗୁରୁତ୍ୱପୂର୍ଣ୍ଣ କାମ ବାକି ଅଛି। ଉଦ୍ୟୋଗୀ ଗ୍ରାହକଙ୍କ ମଧ୍ୟରେ ଏକ ବଡ଼ ଏଆଇ ନିୟୋଜନ ବ୍ୟବଧାନ ରହିଛି ଏବଂ ଏହି ବ୍ୟବଧାନକୁ ପୂରଣ କରିବାରେ ସାହାଯ୍ୟ କରିବା କମ୍ପାନୀ ପାଇଁ ଏକ ବଡ଼ ଅଭିବୃଦ୍ଧିର ସୁଯୋଗ ହେବ। ଏଆଇ ଦ୍ୱାରା ଆଇଟି ସେବା କମ୍ପାନୀଗୁଡ଼ିକ ପ୍ରଭାବିତ ହେବା ନେଇ ଚିନ୍ତା ବ୍ୟକ୍ତ କରାଯାଉଥିବା ବେଳେ ମ୍ୟାନେଜମେଣ୍ଟ ସ୍ପଷ୍ଟ କରିଛନ୍ତି ଯେ, କୃତ୍ରିମ ବୁଦ୍ଧିମତା ଇନଫୋସିସ୍ ଭଳି କମ୍ପାନୀଗୁଡ଼ିକୁ ବଦଳାଇ ପାରିବ ନାହିଁ। ବରଂ, ଅନେକ ଉଦ୍ୟୋଗ ରେଡିମେଡ୍ ଉତ୍ପାଦ କିଣିବା ଅପେକ୍ଷା କଷ୍ଟମାଇଜଡ୍ ସଫ୍ଟୱେର୍ ସମାଧାନ ପ୍ରସ୍ତୁତ କରିବାକୁ ପସନ୍ଦ କରିବେ, ଯାହା ଟେକ୍ନୋଲୋଜି ସେବା ପ୍ରଦାନକାରୀଙ୍କ ପାଇଁ ବଡ଼ ସୁଯୋଗ ସୃଷ୍ଟି କରିବ ବୋଲି ଇନଫୋସିସ୍ କହିଛି। ତେବେ ଏଆଇର ଗୁରୁତ୍ୱକୁ ଦର୍ଶାଇ ଇନଫୋସିସ କହିଛି ଏଆଇ ଯୁଗରେ ନୂଆ ଶିକ୍ଷା ଏବଂ ନୂଆ ଚିନ୍ତାଧାରାର ଆବଶ୍ୟକତା ରହିଛି। ବୈଷୟିକ ପରିବର୍ତ୍ତନ ସହିତ ତାଳ ମିଳାଇବା ପାଇଁ କମ୍ପାନୀଗୁଡ଼ିକୁ ନିରନ୍ତର ଭାବେ ନିଜ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି କରିବାକୁ ପଡ଼ିବ। ଇନଫୋସିସ୍ ସ୍ପଷ୍ଟ କରିଛି ଯେ, ଏହାର ଏଆଇ-ସମ୍ବନ୍ଧୀୟ ବ୍ୟବସାୟ ବର୍ତ୍ତମାନ ବାର୍ଷିକ ପ୍ରାୟ ୧ ବିଲିୟନ ଡ଼ଲାର ରାଜସ୍ୱ ସୃଷ୍ଟି କରୁଛି। ଉଦ୍ୟୋଗଗୁଡ଼ିକ ପରୀକ୍ଷଣରୁ ବାହାରି ବଡ଼ ଧରଣର ନିୟୋଜନ ଆଡ଼କୁ ଅଗ୍ରସର ହେଉଥିବାରୁ, ଏଆଇ ସେବା ବାବଦ ରାଜସ୍ୱ ଦ୍ରୁତ ଗତିରେ ବୃଦ୍ଧି ପାଇବ ବୋଲି କମ୍ପାନୀ ଆଶା ରଖିଛି।

# ଗୋଲ୍ଡ ମାର୍କେଟ୍ କ୍ରାସ୍: ସୁନା ଓ ରୁପା ଦରରେ ଉଲ୍ଲେଖନୀୟ ହ୍ରାସ

ନୂଆଦିଲ୍ଲୀ, ୨୫।୬: ଗତ ୪ ଦିନ ହେଲାଣି ସୁନା ଓ ରୁପା ମୂଲ୍ୟ କମି ଚାଲିଛି। ସୋମବାର, ମଙ୍ଗଳବାର, ବୁଧବାର ପରେ ଆଜି ଗୁରବାର ବି କମିଛି ସୁନା ଓ ରୁପା ଦର। ଇଣ୍ଡିଆ ବୁଲିୟନ୍ ଆଣ୍ଡ୍ ଜୁଏଲର୍ସ ଆସୋସିଏସନ୍ (IBJA) ଅନୁଯାୟୀ, ଆଜି(୨୫ ଜୁନ୍) ୧ କିଲୋଗ୍ରାମ ରୁପା ଦାମ ୬,୫୫୦ ଟଙ୍କା ହ୍ରାସ ପାଇ ୨ ଲକ୍ଷ ୧୫ ଲକ୍ଷ ଟଙ୍କାକୁ ଖସି ଆସିଛି। ମାତ୍ର ୩ ଦିନ ମଧ୍ୟରେ ରୁପା ୨୨ ହଜାର ଟଙ୍କା ଶସ୍ତା ହେଲାଣି।

ଅନ୍ୟପକ୍ଷରେ, ୨୪ କ୍ୟାରେଟ୍ ସୁନାର ୧୦ ଗ୍ରାମ ମୂଲ୍ୟରେ ଆଜି ୨,୧୫୬ ଟଙ୍କା ହ୍ରାସ ପାଇ ଭରି ୧.୪୦ ଲକ୍ଷ ଟଙ୍କା ହୋଇଛି। ଗତକାଲି ଏହା ୧.୪୨ ଲକ୍ଷ ଟଙ୍କା ଥିଲା। ଏହି ମାସରେ ଏପର୍ଯ୍ୟନ୍ତ ସୁନାର ମୂଲ୍ୟ ୧୬ ହଜାର ଟଙ୍କା ଏବଂ ରୁପାର ମୂଲ୍ୟ ୪୮ ହଜାର ଟଙ୍କା ହ୍ରାସ ପାଇଛି। ୧ ଜୁନରେ ସୁନା ୧୦ ଗ୍ରାମ ପ୍ରତି ୧.୫୬ ଲକ୍ଷ ଟଙ୍କା ଏବଂ ରୁପା କେଜି ୨.୬୩ ଲକ୍ଷ ଟଙ୍କା ରହିଛି। ଏହି ବର୍ଷ, ସୁନା ଏବଂ ରୁପାର ମୂଲ୍ୟ ନିରନ୍ତର କମ ବେଶି ହୋଇ ଚାଲିଛି। ୩୧ ଡିସେମ୍ବର ୨୦୨୫ରେ ସୁନାର ମୂଲ୍ୟ □୧.୩୩ ଲକ୍ଷ ଟଙ୍କା ଥିଲା, ଯାହା ଜାନୁଆରୀ 29 ରେ □୧.୭୬ ଲକ୍ଷରେ ପହଞ୍ଚିଥିଲା। ସେବେଠାରୁ, ସୁନା □୩୬,୦୦୦ ଶସ୍ତା ହୋଇଛି। ସେହିପରି ରୁପା କଥା ଦେଖିଲେ ଏଥିରେ ଲାକ୍ଷାଧିକ ଟଙ୍କା ହ୍ରାସ ପାଇଲାଣି। ୩୧ ଡିସେମ୍ବର ୨୦୨୫ରେ ରୁପାର ମୂଲ୍ୟ □୨.୩୦ ଲକ୍ଷ ଥିଲା ଏବଂ ଜାନୁଆରୀ ୨୯ରେ □୩.୮୬ ଲକ୍ଷରେ ପହଞ୍ଚି ଯାଇଥିଲା। ତେବେ ବର୍ତ୍ତମାନ ସୁଦ୍ଧା ଏପର୍ଯ୍ୟନ୍ତ ରୁପା ମୂଲ୍ୟରେ ୧୪୭ ଦିନ ମଧ୍ୟରେ □୧.୭୦ ଲକ୍ଷ ଶସ୍ତା ହେଲାଣି।




# ଅନଲାଇନ୍ ଫ୍ରଡ୍‌ର ଶିକାର ହେଲେ ମିଳିବ ୨୫ ହଜାର କ୍ଷତିପୂରଣ

ନୂଆଦିଲ୍ଲୀ,୨୫।୬: ଭାରତରେ ଡିଜିଟାଲ ପେମେଣ୍ଟ ବ୍ୟବହାର ଦୃତ ଗତିରେ ବଢ଼ିବାରେ ଲାଗିଛି। ୟୁପିଆଇ, ନେଟ୍ ବ୍ୟାଙ୍କିଙ୍ଗ, ମୋବାଇଲ ବ୍ୟାଙ୍କିଙ୍ଗ ଓ କାର୍ଡ ପେମେଣ୍ଟ କାରଣରୁ ସାଇବର ଠକେଇ ଓ ଅନଲାଇନ୍ ଫ୍ରଡ୍ ମାମଲା ଲଗାତାର ବୃଦ୍ଧି ଘଟୁଛି। ପ୍ରତିଦିନ ହଜାର ହଜାର ଲୋକ ନକଲି ଲିଙ୍କ, ନକଲି କଲ୍, ଓଟିପି ଓ ୟୁପିଆଇ ସ୍କାମ୍ର ଶିକାର ହେଉଛନ୍ତି। ଏହାଦ୍ୱାରା ସେମାନେ ନିଜର କଷ୍ଟ ଉପାର୍ଜିତ ଧନକୁ ଗୋଟିଏ କ୍ଷଣରେ ହରାଇ ବସନ୍ତି। ଏଭଳି ସ୍ଥିତିରେ ଭାରତୀୟ ରିଜର୍ଭ ବ୍ୟାଙ୍କ ବା ଆରବିଆଇ ଗ୍ରାହକଙ୍କୁ ଦେବାକୁ ଯାଉଛି ଆଶ୍ୱସ୍ତି। ଆରବିଆଇ ନିୟମ ଅନୁସାରେ, ସାଇବର ଠକେଇର ଶିକାର ଗ୍ରାହକଙ୍କୁ ମିଳିବ କ୍ଷତିପୂରଣ। ହରାଇଥିବା ଟଙ୍କାର ୮୫% କିମ୍ବା ୨୫ ହଜାର ଟଙ୍କାର ଦେବ ଆରବିଆଇ। ଅନଲାଇନ୍ ବ୍ୟାଙ୍କିଙ୍ଗ ଏବଂ ଡିଜିଟାଲ୍ ପେମେଣ୍ଟରେ ଟଙ୍କା ହରାଇଥିବା ଲୋକଙ୍କୁ କ୍ଷତିପୂରଣ ଦେବ ଆରବିଆଇ। ୧ ଜାନୁଆରୀ ୨୦୨୭ ରୁ ଏହି ନିୟମ ଲାଗୁ କରିବାକୁ ଯାଉଛି ଆରବିଆଇ। ପ୍ରଥମେ ଏହାକୁ ଜୁଲାଇ ୨୦୨୬ ରୁ ଲାଗୁ କରିବାର ଯୋଜନା ଥିଲା, କିନ୍ତୁ ପରେ ୬ ମାସ ଆହୁରି ବଢାଇ ଦିଆଯାଇଛି। ଆରବିଆଣ ପ୍ରସ୍ତାବ ଅନୁସାରେ, ପୀଡିତ ଗ୍ରାହକଙ୍କ କ୍ଷତି ହୋଇଥିବା ଅର୍ଥତର ୮୫% କିମ୍ବା ସର୍ବାଧିକ ୨୫ ହଜାର ଟଙ୍କାର କ୍ଷତିପୂରଣ ହେବ। ଯଦି ୫୦ ହଜାର ଟଙ୍କାର କ୍ଷତି ହୋଇଛି ତେବେ ସର୍ବାଧିକ ୨୫ ହଜାର ଟଙ୍କା ଦିଆଯିବ। ତେବେ ଏହି କ୍ଷତିପୂରଣ ସବୁ ମାମଲାରେ ମିଳିବ। ଏଥିପାଇଁ ଆରବିଆଇ ଦ୍ୱାରା ଥିବା ସର୍ତ୍ତ ପୂରଣ କରିବାକୁ ହେବ।




ଆରବିଆଇର ନୂଆ ନିୟମ ଅନୁସାରେ, ଠିକ୍ ସମୟରେ ଅଭିଯୋଗ ଦାଖଲ କରିବାକୁ ହେବ। ଯଦି ଗ୍ରାହକ ଠକେଇ ହେବାର ୫ ଦିନ ଭିତରେ ବ୍ୟାଙ୍କ କିମ୍ବା ସମ୍ପର୍କିତ ଶାଖାରେ ଅଭିଯୋଗ କରେ ତେବେ ତାଙ୍କୁ କ୍ଷତିପୂରଣ କରିବାର ସମ୍ଭାବନା ବଢ଼ିଯିବ। ସାଇବର ଠକେଇ ବିଷୟରେ ଜଣାପଡିବା ମାତ୍ରେ ଗ୍ରାହକଙ୍କୁ ତୁରନ୍ତ ବ୍ୟାଙ୍କ ହେଲପଲାଇନ୍, ସାଇବର ହେଲପଲାଇନ୍ ୧୯୩୦ ଓ ରାଷ୍ଟ୍ରୀୟ ସାଇବର ଅପରାଧ ପୋର୍ଟାଲରେ ଅଭିଯୋଗ କରିବାକୁ ହେବ।

କେବଳ କ୍ଷତି ପୂରଣ ଉପରେ ଭରସା କରିବା ବଦଳରେ ସାବଧାନ ରହିବା ବି ଜରୁରୀ । କୌଣସି ଅଜଣା ଲିଙ୍କରେ କ୍ଲିକ୍ କରନ୍ତୁ ନାହିଁ। କାହା ସହ ଓଟିପି ସେୟାର କରିବାଠାରୁ ଦୂରେଇ ରୁହନ୍ତି। ସ୍କ୍ରିନ୍ ସେୟାରିଂ ଆପ୍ ଡାଉନଲୋଡ୍ କରନ୍ତୁ ନାହିଁ। ବ୍ୟାଙ୍କ ଅଧିକାରୀ ହୋଇ କଲ୍ କରୁଥିବା ଲୋକଙ୍କ ଉପରେ ଭରସା କରନ୍ତୁ ନାହିଁ। ବ୍ୟାଙ୍କ ପାଖରେ ଏବେ ଘରୋଇ ଠକେଇ ଅଭିଯୋଗଗୁଡ଼ିକର ତଦନ୍ତ ଏବଂ ସମାଧାନ ପାଇଁ ୪୫ ଦିନ ସମୟ ମିଳିବ। ପୂର୍ବ ଡ୍ରାଫ୍ଟରେ ୩୦ ଦିନର ସୀମା ଥିଲା। ବିଦେଶୀ କାରବାର ସମ୍ବନ୍ଧୀୟ ମାମଲାଗୁଡ଼ିକର ସମାଧାନ ପାଇଁ ବ୍ୟାଙ୍କଗୁଡ଼ିକ ୬୦ ଦିନ ପାଇବେ।



# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୫,୯୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୩,୭୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୫,୯୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୩୩,୭୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୫,୯୧୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୩,୭୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୩,୦୬୦ ଟଙ୍କା ଓ ୨୨ କ୍ୟାରଟେ ୧,୩୩,୯୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୭,୯୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୫,୬୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୫,୯୧୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୩,୭୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୫,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୮୧ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୫୨ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୧୮ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩.୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୫୫ ପଇସା ରହିଛି ।

# ଚେକ ବାଉନ୍ସ ମାମଲାରେ ମୁଦାଲା ଦଣ୍ଡିତ

ନୀଳଗିରି,୨୫।୬ (ସଂଚାର ବ୍ୟୁରୋ)ଃ ଏକ ଚେକ ବାଉନ୍ସ ମାମଲାରେ ନୀଳଗିରି ମାନ୍ୟବର ଏସଡିଜେଏମ କୋର୍ଟ ମୁଦାଲାକୁ ଦୋଷୀ ସାବ୍ୟସ୍ତ କରି ଜେଲ ଦଣ୍ଡାଦେଶ ସମେତ କ୍ଷତି ପୂରଣ ଦେବାକୁ ରାୟ ପ୍ରକାଶ କରିଛନ୍ତି।ସୂଚନାଯୋଗ୍ୟ ନୀଳଗିରି ବ୍ଲକ ଅଧିନସ୍ଥ ବରହମପୁର ଗ୍ରାମର ରସାନନ୍ଦ ସାହୁ ଙ୍କ ପୁତ୍ର ଜୟନ୍ତ କୁମାର ସାହୁ ଏକ ପିକଅପ ଭ୍ୟାନ କିଣିବା ପାଇଁ ୨୦୨୦ ଜୁଲାଇ ମାସରେ ୧୦ଲକ୍ଷ୪୬ହଜାର ଟଙ୍କା ଧାର ସୂତ୍ରରେ ଉକ୍ତ ଗ୍ରାମର ବସନ୍ତ ଚୌଧୁରୀ ଙ୍କ ଝିଅ ସତ୍ୟଭାମା ଚୌଧୁରୀ ଠାରୁ ନେଇ ଟଙ୍କା ସୁଝିନଥିଲେ।ଉକ୍ତ ଗ୍ରାମରେ ଭଦ୍ର ବ୍ୟକ୍ତି ମାନଙ୍କୁ ଉକ୍ତ ଘଟଣା ଜଣାଇବା ପରେ ୧୫-୦୭-୨୦୨୩ରିଖରେ ୪ଗୋଟି ପୋଷ୍ଟ ଡେଟେଡ ଚେକ ପ୍ରଦାନ କରିଥିଲେ।ସେଥି ମଧ୍ୟରୁ ପିଏନବି ବରହମପୁର ଶାଖା ର ଚେକ ନମ୍ବର ୬୯୯୩୮୭, ତାରିଖ ୫-୦୮-୨୦୨୩, ବ୍ୟାଙ୍କରେ ଜମା କରିବାରେ ଉକ୍ତ ଚେକ ଟି ବାଉନ୍ସ ହୋଇଯାଇଥିଲା। ନୀଳଗିରି ଏସଡିଜେଏମ କୋର୍ଟରେ ଆଇ. ସି.ସି -୯୪/୨୦୨୩ ମୋକଦ୍ଦମା ଆଗତ କରିଥିଲେ।ଉକ୍ତ କେଶ ଶୁଣାଣି କରି ମାନ୍ୟବର ଏସଡ଼ିଜେଏମ ମୋନାଲିସା ପଣ୍ଡା ଆଜି ମୁଦାଲାଙ୍କୁ ଏକ ବର୍ଷ ଜେଲ ଦଣ୍ଡାଦେଶ ସହିତ କ୍ଷତି ପୂରଣ ବାବଦ କୁ ୨ ଲକ୍ଷ ୫୦ ହଜାର ଟଙ୍କା ଦେବାକୁ ନିର୍ଦ୍ଦେଶ ଦେବା ସହ କ୍ଷତି ପୂରଣ ଅନାଦେୟ ପାଇଁ ତିନିମାସ ଜେଲ ଦଣ୍ଡାଦେଶ କରିବାକୁ ରାୟ ପ୍ରକାଶ କରିଛନ୍ତି।ଉକ୍ତ ମୋକଦ୍ଦମା କୁ ମୁଦେଇଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବି ଅମରେନ୍ଦ୍ର ପଟ୍ଟନାୟକ ପରିଚାଳନା କରୁଥିବା ବେଳେ ଆଇନିଜୀବି ଅମୀୟ କୁମାର ନାୟକ ଓ ବିନୟ କୁମାର ପ୍ରଧାନ ପରିଚାଳନା ରେ ସହଯୋଗ କରିଥିଲେ।

## ଗଞ୍ଜାମ ପୁଲିସର ବଡ଼ ସଫଳତା
# ୧୦୦ ଗୋରୁ ଉଦ୍ଧାର, ୪ ଗିରଫ



ଛତ୍ରପୁର,୨୫।୬ (ସଂଚାର ବ୍ୟୁରୋ)ଃ ଗଞ୍ଜାମ ଜିଲ୍ଲାରେ ବେଆଇନ ଗୋ-ଚାଲାଣ ବିରୋଧରେ ଗଞ୍ଜାମ ପୋଲିସ ଏକ ବଡ଼ ଧରଣର ସଫଳତା ହାସଲ କରିଛି। ଭଞ୍ଜନଗର ପୋଲିସ ଗୁପ୍ତ ସୂଚନା ଆଧାରରେ ଚଢ଼ାଉ କରି ବେଆଇନ ଭାବେ ଚାଲାଣ କରାଯାଉଥିବା ୧୦୦ଟି ଗୋରୁକୁ ଉଦ୍ଧାର କରିବା ସହ ଏହି ଚାଲାଣ ରାକେଟ୍‌ରେ ସମ୍ପୃକ୍ତ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି।

ଏନେଇ ଭଞ୍ଜନଗର ଥାନାରେ କେସ୍ ନଂ- ୬୧୭/୨୦୨୬ ରୁଜୁ ହୋଇଥିବା ବେଳେ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍)ର ଧାରା ୩୦୩(୨), ୨୯୧ ଏବଂ ୩(୫) ଅନୁଯାୟୀ ମାମଲା ଦାଏର କରାଯାଇଛି।

ଗିରଫ ଅଭିଯୁକ୍ତମାନେ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ଘୋଳାପୁର ଗ୍ରାମର ଲକ୍ଷ୍ମଣ ଗୌଡ଼ ଏବଂ ବାଇବିଲ ଗ୍ରାମର ପ୍ରକାଶ ନାୟକ, ବୁଦ୍ଧଦେବ ପ୍ରଧାନ ଓ ଗଣେଶ ନାୟକ। ପୋଲିସ ସମସ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଉଦ୍ଧାର ହୋଇଥିବା ୧୦୦ଟି ଗୋରୁକୁ ସୁରକ୍ଷିତ ହେପାଜତରେ ରଖାଯାଇଥିବା ବେଳେ ଆଇନ ଅନୁଯାୟୀ ଆବଶ୍ୟକ ପ୍ରକ୍ରିୟା ଜାରି ରହିଛି।

# ପରଲୋକରେ ମା, ଏକୁଟିଆ ହୋଇଗଲା ନାବାଳିକା
## ଶ୍ମଶାନ ବନ୍ଧୁ ହେଲେ ସାହା



ସୁନ୍ଦରଗଡ଼,୨୫।୬ (ସଂଚାର ବ୍ୟୁରୋ)ଃ ଜୁନ ୨୫ ତାରିଖ ସକାଳୁ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳୁଥିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଜରଙ୍ଗଲୋଇ ଗ୍ରାମରେ।

ପାଖାପାଖି ୪୫ ବର୍ଷୀୟ ଏକ ମହିଳାଙ୍କର ଶରୀର ନିସ୍ତେଜ ହୋଇ ପଡିଥିଲା ଓ ପାଖରେ ତାଙ୍କର ନାବାଳିକା ଝିଅ ମାକୁ ଉଠେଇ ଉଠେଇ କାନ୍ଦୁଥିଲା ଓ ଗ୍ରାମବାସୀଙ୍କୁ ଗୁହାରୀ କରୁଥିଲା, ମୋ ମାଁ ର କଣ ହୋଇଛି ସେ କାହିଁକି ଉଠୁନାହିଁ ? ଖବର ପାଇ ଜରଙ୍ଗଲୋଇ ସରପଞ୍ଚ ମେନକା କାଲୋ ସୁନ୍ଦରଗଡ ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କ ସହଯୋଗ ଲୋଡିଥିଲେ। ତେଣୁ ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ଶିଶିର କୁମାର ବେହେରା, ଚିଣ୍ଟୁ ରକ୍ସା ଓ ଦେବେନ୍ଦ୍ର ସାହୁ ଜରଙ୍ଗଲୋଇ ଗ୍ରାମକୁ ପହଞ୍ଚିବା ପରେ ମହିଳାଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଥିବା ଜାଣିବା ପରେ ବଡଗାଁ ପୋଲିସର ସହଯୋଗ ଲୋଡିଥିଲେ। ବଡଗାଁ ଥାନା ଏସଆଇ ସୁନିଲ କୁମାର ମହନ୍ତ ୩୦/୨୬ ରେ ଏକ କେସ ରୁଜୁ କରିବା ସହିତ ବଡଗାଁ ହସ୍ପିଟାଲକୁ ମରଶରୀର ସ୍ଥାନାନ୍ତର କରିବା ସହିତ ବଡଗାଁ ହସ୍ପିଟାଲରେ ତାଙ୍କର ଶବ ବ୍ୟବଚ୍ଛେଦ କରାଯାଇଥିଲା। ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ମାନେ ବଡଗାଁ ହସ୍ପିଟାଲରୁ ସୁନ୍ଦରଗଡ ସ୍ୱର୍ଗଦ୍ୱାରକୁ ଶବ ଆଣିବା ସହିତ ସମ୍ମାନର ସହିତ ଶେଷକୃତ ସମ୍ପନ୍ନ କରିଥିଲେ। ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏସନ ତରଫରୁ ଶବସଂସ୍କାର ନିମନ୍ତେ ଆବଶ୍ୟକସାମଗ୍ରୀ ଗୁଡିକ ଯୋଗାଇ ଦିଆଯାଇଥିଲା।

ଉକ୍ତ ଗ୍ରାମର ୪୫ ବର୍ଷ ସୁଶିଳା ମହାନନ୍ଦିଆ ତାଙ୍କର ସ୍ୱାମୀ ମଙ୍ଗଲୁ ମହାନନ୍ଦିଆ ଅନେକ ଦିନରୁ ଆରପାରିକୁ ଚାଲିଯାଇଛନ୍ତି, ସେ ଏକୁଟିଆ ୧୦ ବର୍ଷର ଝିଅ ଲିସା ମହାନନ୍ଦିଆ ସହିତ ରହୁଥିଲେ। ସୁଶୀଳା ବିଡି ପତ୍ର ମୋଡି ଯାହା ରୋଜଗାର କରୁଥିଲେ ସେଥିରେ ପରିବାର ଚଳୁଥିଲା । ମା ଚାଲିଯିବା ପରେ ଆଉ ସାହା ଭରସା କେହି ନାହାନ୍ତି ଝିଅ ଲିସା ର, ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ମାନେ ଶିଶୁ କଲ୍ୟାଣ ସମିତିରେ ଶିଶୁ କନ୍ୟାଟିକୁ ହସ୍ତାନ୍ତର କରିବେ ବୋଲି ଜଣାଇଛନ୍ତି।

# ଧରାପଡ଼ିଲା ବେଆଇନ ପାଉଁଶ ଗାଡ଼ି



ସୁନ୍ଦରଗଡ଼,୨୫।୬ (ସଂଚାର ବ୍ୟୁରୋ)ଃ ସୁନ୍ଦରଗଡ଼ ଓ ଝାରସୁଗୁଡା ଜିଲ୍ଲାର ବିଭିନ୍ନ କଳକାରଖାନାରୁ ନିର୍ଗତ ହଉଥିବା ବିଷାକ୍ତ କୋଇଲା ପାଉଁଶ ଗୁଣ୍ଡକୁ ବିଭିନ୍ନ ଟ୍ରାନ୍ସପୋର୍ଟର ସୁନ୍ଦରଗଡ଼ ଅଞ୍ଚଳର ବିଭିନ୍ନ ଚାଷ ଜମି, ନଦୀ ନାଳ, ରାସ୍ତା କଡରେ ପକେଇ ଚାଲି ଯାଉଛନ୍ତି। ଏହାକୁ ନେଇ ଅନେକ ବିବାଦ ଲାଗିରହିଛି। ଦୁଇ ଦିନ ଆଗରୁ ସୁନ୍ଦରଗଡ଼ ମିଳିତ ସୁରକ୍ଷା ମଞ୍ଚ ଜିଲ୍ଲାପାଳ କାର୍ଯ୍ୟାଳୟ ଆଗରେ ଏହା ବନ୍ଦ ହଉ କହି ବିକ୍ଷୋଭ ପ୍ରଦର୍ଶନ କରିଥିଲା ବେଳେ ପୂର୍ବତନ ବିଧାୟିକା କୁସୁମ ଟେଟେ ମଧ୍ୟ ଏଭଳି ବେଆଇନ ଡମ୍ପିଙ୍ଗକୁ ନେଇ ପ୍ରଶ୍ନ କରିବା ସହ ଝାରସୁଗୁଡା ଜିଲ୍ଲା ଭଳି ସୁନ୍ଦରଗଡ଼ରେ ଟାସ୍କଫୋର୍ସ ଗଠନ କରି ଏହି ବେଆଇନ ପାଉଁଶ ଚାଲାଣ ରୋକିବାକୁ ଦାବୀ କରିଥିଲେ। ଆଜି ରାତିରେ ୧୦/୧୨ଟି ପାଉଁଶ ବୋଝେଇ ଟ୍ରକ ଟାଙ୍ଗରପାଲି ବ୍ଲକ ଗୁଲଠା ଠାରେ ବେଆଇନ ଭାବେ କୋଇଲା ପାଉଁଶ ଗୁଣ୍ଡ ପକାଉଥିଲା ବେଳେ ଗ୍ରାମବାସୀ ରୁଣ୍ଡ ହୋଇଯାଇଥିଲେ। ଏଥିରେ ଦୁଇଟି ଗାଡି ଘଟଣାସ୍ଥଳରେ ଧରା ପଡିଥିଲା ବେଳେ ଅନ୍ଧାରର ସୁଯୋଗ ନେଇ ଅନ୍ୟ ଗାଡି ଗୁଡିକ ଫେରାର ହୋଇଯାଇଛନ୍ତି। ଗ୍ରାମବାସୀ ଭସ୍ମା ପୁଲିସକୁ ସୂଚନା ଦେବା ପରେ ପୁଲିସ ଘଟଣା ସ୍ଥଳରେ ପହଂଚି ଆଉ ଦୁଇଟି ଗାଡି ଜବତ କରିଥିବା ନେଇ ସୂଚନା ମିଳିଛି। ଧରା ପଡ଼ିଥିବା ଗାଡିର ଡ୍ରାଇଭର ମଧ୍ୟ ଫେରାର ହୋଇଯାଇଛନ୍ତି।

# ଅସ୍ତରଙ୍ଗରେ ‘ଚୋର ରାଜ୍’ ୫ ମାସରେ ୭ ମନ୍ଦିରରୁ ଚୋରି

କାକଟପୁର/ଅସ୍ତରଙ୍ଗ,୨୫।୬ (ସଂଚାର ବ୍ୟୁରୋ)ଃ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଞ୍ଚଳରେ ଏବେ ଦେବାଦେବୀ ବି ଅସୁରକ୍ଷିତ। ନୂଆ ଥାନାଅଧିକାରିଣୀ ଯୋଗ ଦେବା ଦିନଠାରୁ ଦେବାଳୟରୁ ବିଦ୍ୟାଳୟ ପର୍ଯ୍ୟନ୍ତ ସବୁଠି ଚୋରଙ୍କ ଦୌରାତ୍ମ୍ୟ। ଫେବୃଆରୀରୁ ଜୁନ୍ - ମାତ୍ର ୫ ମାସରେ ୭ରୁ ଊର୍ଦ୍ଧ୍ୱ ପ୍ରାଚୀନ ମନ୍ଦିର, ଅଙ୍ଗନବାଡି ଓ ସ୍କୁଲରୁ ଲଗାତାର ତାଲା ଭାଙ୍ଗି ଲୁଟ୍ ହୋଇଛି। କିନ୍ତୁ ଦୁର୍ଭାଗ୍ୟ ଜନକ ସତ୍ୟ - ଏତେ ଚୋରି ପରେ ମଧ୍ୟ ଅସ୍ତରଙ୍ଗ ପୁଲିସ ଆଜି ପର୍ଯ୍ୟନ୍ତ ଗୋଟିଏ ବି ଚୋରକୁ ଧରିବାରେ ସମ୍ପୂର୍ଣ୍ଣ ବିଫଳ। ଚୋରି ଫାଇଲରେ ଧୂଳି ଜମୁଛି, ହେଲେ ଅପରାଧୀ ଖୋଲାରେ ବୁଲି ନୂଆ ଟାର୍ଗେଟ ଖୋଜୁଛନ୍ତି।

ପୁଲିସର ଏହି ଚରମ ନିଷ୍କ୍ରିୟତା ଯୋଗୁଁ ପ୍ରତି ମାସରେ ଗୋଟିଏ ଲେଖାଏଁ ମନ୍ଦିରରୁ ଚୋରି ହେଉଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ - “ଚୋରି ହେଲେ ପୁଲିସ ଆସୁଛି, ଫଟୋ ଉଠାଉଛି, ମାମଲା ରୁଜୁ କରୁଛି। ସାଇଣ୍ଟିଫିକ ଟିମ୍ ବି ଆସୁଛି। ହେଲେ ୫ମାସ ହେଲାଣି, ଗୋଟିଏ ବି ମାମଲାର ପର୍ଦ୍ଦାଫାସ ହୋଇନାହିଁ। ଆମେ ଏବେ ପୁଲିସ ଉପରେ ସବୁ ଭରସା ହରାଇଲୁଣି।”

## ଗୋଟିଏ ଚୋର ବି ଧରିପାରିଲାନି ଥାନା

ଗୁରୁବାର ବିଳମ୍ବିତ ରାତ୍ରରେ ଦୁର୍ବୃତ୍ତ ଶିଶୁଆ ପଞ୍ଚାୟତ ସାନଗୋଲା ସ୍ଥିତ ହରିସହଦେଓ୍ୱପୀଠ ମନ୍ଦିରର ତାଲା ଭାଙ୍ଗି ଲୁଟିନେଲେ। ରୁପା ମୁକୁଟ ୨ଟା - ୧୩୦୦ଗ୍ରାମ, ପିତଳ ଥାଳି ୩ଟା, ପିତଳ ହାଣ୍ଡି ୨ଟା, ଘଣ୍ଟ ଓ ଦାନ ବାକ୍ସରେ ଥିବା ତିନି ବର୍ଷର ଟଙ୍କା ପ୍ରାୟ ୨୦ ହଜାରୁ ଊର୍ଦ୍ଧ୍ୱ ଲୁଟ୍। ପୂଜକ ସମୀର ପାଢ଼ୀ ସକାଳୁ ଆସି ଦେଖିଲେ ମନ୍ଦିର ଫାଟକ ଖୋଲା, ସବୁ ଲଣ୍ଡଭଣ୍ଡ। ମନ୍ଦିର କମିଟି ଥାନାରେ ଏତଲା ଦେଇଛନ୍ତି।

ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସିଧା ଅଭିଯୋଗ - “ନୂଆ ଥାନାଅଧିକାରିଣୀ ଆସିବା ଦିନଠାରୁ ରାତି ପାଟ୍ରୋଲିଂ ସମ୍ପୂର୍ଣ୍ଣ ଠପ୍। ପୁରୁଣା ଦାଗୀ ଚୋରମାନଙ୍କ ଉପରେ ସର୍ଭିଲାନ୍ସ ନାହିଁ। ଗୁଇନ୍ଦା ତନ୍ତ୍ର ସମ୍ପୂର୍ଣ୍ଣ ନିଷ୍କ୍ରିୟ। ଚୋରି ହେଲେ କେବଳ କାଗଜ କଲମରେ ତଦନ୍ତ, ଗ୍ରାଉଣ୍ଡରେ ଶୂନ।” ପୋଟଳ ଛକ ରାଧାକୃଷ୍ଣ ମନ୍ଦିରର ପୂଜକ ସମୀର ପାଢ଼ୀ କହିଛନ୍ତି, "ପୁଲିସ ଆଖି ବନ୍ଦ କରିଛି, ସେଥିପାଇଁ ଚୋରଙ୍କ ସାହସ ଆକାଶ ଛୁଆଁ।"



ଅତିଷ୍ଠ ଅଞ୍ଚଳବାସୀ ଏବେ ‘ଏକ୍ସ’ରେ ପୋଲିସ ଡିଜି ଓ ମୁଖ୍ୟମନ୍ତ୍ରୀଙ୍କୁ ଟ୍ୟାଗ୍ କରି ଗୁହାରି କରିଛନ୍ତି। ଦାବି - “ଥାନାଅଧିକାରିଣୀଙ୍କୁ ତୁରନ୍ତ ବଦଳି କରି ଜଣେ ଦକ୍ଷ, ନିର୍ଭୀକ ଅଫିସରଙ୍କୁ ଅସ୍ତରଙ୍ଗ ଥାନାରେ ନିଯୁକ୍ତି ଦିଆଯାଉ।” ୭ ଦିନ ଭିତରେ ଗୋଟିଏ ବି ଚୋର ନଧରାପଡିଲେ ମନ୍ଦିର କମିଟି ଓ ଜନସାଧାରଣ ଥାନା ଘେରାଉ ସହ ଅସ୍ତରଙ୍ଗ-କାକଟପୁର ମୁଖ୍ୟ ରାସ୍ତା ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି।

### ୫ ମାସରେ ଲୁଟ୍ ହୋଇଥିବା ମନ୍ଦିର ଓ ଅନୁଷ୍ଠାନ ତାଲିକା

୧. ଭେଢ଼ାବନ୍ଦ ମା' ଅମ୍ବିକା ମନ୍ଦିରଃ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା-ରୁପା ଅଳଙ୍କାର ଲୁଟ୍।

୨. ଆଙ୍ଗୁଅ ଶିବ ମନ୍ଦିରଃ ହୁଣ୍ଡି ଭାଙ୍ଗି ଦାନ ଟଙ୍କା ଓ ପିତଳ ସାମଗ୍ରୀ ଚୋରି। ୩. ବରଡ଼ି ଜଗନ୍ନାଥ ମନ୍ଦିରଃ ମୁକୁଟ, ଘଣ୍ଟ ଓ ପୂଜା ସାମଗ୍ରୀ ଲୁଟ୍।

୪. ପୋଟଳ ଛକ ରାଧାକୃଷ୍ଣ ମନ୍ଦିରଃ ରୂପା ମୁକୁଟ, ଘଣ୍ଟ, ଅଷ୍ଟ ପ୍ରହରୀ ସାମଗ୍ରୀ ଚୋରି।

୫. ଡେରୁଣିଆ ଅଙ୍ଗନବାଡି ଓ ପ୍ରାଥମିକ ବିଦ୍ୟାଳୟଃ ମଧ୍ୟାହ୍ନ ଭୋଜନ ସାମଗ୍ରୀ, ବାସନ ଚୋରି।

୬. ଶିଶୁଆ ଗ୍ରାମର ଅନ୍ୟ ଏକ ମନ୍ଦିରଃ ରାତି ଅଧରେ ତାଲା ଭାଙ୍ଗି ଲୁଟ୍।

୭. ସାନଗୋଲା ହରିସହଦେଓ୍ୱପୀଠ ମନ୍ଦିରଃ ସଦ୍ୟ ଚୋରି - ତାଲା ଭାଙ୍ଗି ଲୁଟ୍।

# ବେଡାରୀ ପଞ୍ଚାୟତରେ ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ



ଗରଦପୁର,୨୫।୬(ସଂଚାର ବ୍ୟୁରୋ)ଃ ରାଜ୍ୟ ସରକାରଙ୍କ ଜନମୁଖୀ ଅଭିଯାନ ‘ବିକାଶ ଧାରା ଓଡ଼ିଶା ସାରା’ କାର୍ଯ୍ୟକ୍ରମ ଅଧୀନରେ ଗରଦପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଉନ୍ନୟନମୂଳକ ଯୋଜନାର ସମୀକ୍ଷା ସହ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଗରଦପୁର ବ୍ଲକର ବେଡାରୀ ପଞ୍ଚାୟତରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି ଓ ହିତାଧିକାରୀମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ସରପଞ୍ଚ କୁଞ୍ଜଲତା ମିଶ୍ର,ପିଇଓ ସାବିତ୍ରୀ ପ୍ରଧାନ,ସମିତି ସଭ୍ୟା ଦିଲ୍ଲୀପ କୁମାର ସାହୁ, ନୋଡାଲ ପ୍ରଦୀପ୍ତ ସାମନ୍ତରାୟ, ଏଡିଇଓ ପବିତ୍ର ମହାନ୍ତି,ଓ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି,ପ୍ରଫୁଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଅନ୍ତ୍ୟୋଦୟ ଗୃହ ଯୋଜନା, ଆୟୁଷ୍ମାନ କାର୍ଡ, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ମିଶନ ଶକ୍ତି, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା, ଶୁଭଦ୍ରା ଶକ୍ତି ସମାବେଶ ଓ ଶୁଭଦ୍ରା ଶକ୍ତି ସମ୍ବାଦ ସମ୍ପର୍କରେ ହିତାଧିକାରୀ ମାନଙ୍କୁ ଅବଗତ କରାଯିବା ସହ ବିଭିନ୍ନ କ୍ଷେତ୍ରରେ ଯୋଗ୍ୟ ବ୍ୟକ୍ତିଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ଗ୍ରାମାଞ୍ଚଳରେ ଉନ୍ନୟନର ଧାରାକୁ ଆହୁରି ତ୍ୱରାନ୍ୱିତ କରିବା ଏବଂ ଜନସାଧାରଣଙ୍କ ଅଧିକ ଅଂଶଗ୍ରହଣ ସୁନିଶ୍ଚିତ କରିବା ଦିଗରେ ଏଭଳି କାର୍ଯ୍ୟକ୍ରମ ଫଳପ୍ରସୂ ହେବ ବୋଲି ଉପସ୍ଥିତ ଜନପ୍ରତିନିଧିମାନେ ମତ ପ୍ରକାଶ କରିଥିଲେ ।

## ମହିଳାଙ୍କ ପାଇଁ ଅପରିଚିତ ଯୁବକ ସାଜିଲେ ଦେବଦୂତ
# ପୁଲିସ ଉପସ୍ଥିତରେ ସୁନା, ରୁପା ଗହଣା, ଏଟିମ ଓ ଟଙ୍କା ଫେରାଇଲେ

ନୀଳଗିରି,୨୫।୬ (ସଂଚାର ବ୍ୟୁରୋ)ଃ ଜୈନିକ ମହିଳା ତାଙ୍କ ମାଆ ଅସୁସ୍ଥ ଥିବା ରୁ ତାଙ୍କୁ ନୀଳଗିରି ହସ୍ପିଟାଲ କୁ ଚିକିତ୍ସା ପାଇଁ ନେଉଥିବା ବେଳେଭ୍ୟାନିଟି ବ୍ୟାଗରେ ଥିବା ସୁନା, ରୁପା ଗହଣା, ଏଟିମ କାର୍ଡ ଓ ନଗଦ ଟଙ୍କା ବ୍ୟାଗ ଟି ରାସ୍ତା ରେ ଅ ଜାଣତରେ ଖସାଇ ପକାଇ ଥିଲେ। ଉକ୍ତ ବ୍ୟାଗଟିକୁ ଜଣେ ବିଦ୍ୟୁତ୍ ବିଭାଗର କର୍ମଚାରୀ ପାଇ ଦେବଦୂତ ସଦୃଶ୍ୟ ସାଜି ଆଜି ନୀଳଗିରି ପୋଲିସ ଙ୍କ ଉପସ୍ଥିତି ରେଉକ୍ତ ମହିଳାଙ୍କୁ ଫେରାଇଛନ୍ତି। ଯୁବକଙ୍କ ଏପରି ମାନବିକତାକୁ ନେଇ ନୀଳଗିରି ରେ ଚର୍ଚ୍ଚା ବିଷୟ ପାଲଟିଛି।



ସୂଚନାଯୋଗ୍ୟ ନୀଳଗିରି ଥାନା ଅଧିନସ୍ଥ ମଲ୍ଲିଆଣି ଗ୍ରାମର ମୁକ୍ତି କାନ୍ତ ବେହେରାଙ୍କ ସ୍ତ୍ରୀ ଶକୁନ୍ତଳା(୨୫) ଗତ୨୦ତାରିଖ ଦିନ ଅପରାହ୍ନ୨.୨୦ମିନିଟ ସମୟ ରେ ତାଙ୍କ ମାଆ ଝୁମୁରୀ ନାୟକଙ୍କ ଦେହ ଅସୁସ୍ଥ ଥିବାରୁ ତାଙ୍କୁ ନେଇ ନୀଳଗିରି ଡାକ୍ତରଖାନାକୁ ବ୍ୟସ୍ତ ହୋଇ ଯାଉଥିଲା ବେଳେ ଅସାବଧାନତା ହେତୁ ନୀଳଗିରି ଜଗନ୍ନାଥ ମନ୍ଦିର ନିକଟରେ ନିଜର ଭ୍ୟାନିଟି ବ୍ୟାଗକୁ ଅଜାଣତରେ ଖାସାଇ ପକାଇଥିଲେ। ମାଆଙ୍କୁ ହସ୍ପିଟାଲ ଏଡିମିଶନ ପରେ ତାଙ୍କର ବ୍ୟାଗ କଥା ମନେ ପଡିବାରୁ ଖୋଜା ଖୋଜି କରିଥିଲେ। କିନ୍ତୁ ଭ୍ୟାନିଟି ବ୍ୟାଗଟି ନପାଇବାରୁ ଶକୁନ୍ତଳା ଏନେଇ ନୀଳଗିରି ଥାନାରେ ଲିଖିତଅଭିଯୋଗ କରିଥିଲେ।

ଅପରପକ୍ଷରେ ବରମପୁର ବିଦ୍ୟୁତ୍ ସେକ୍ସନରେ ଲାଇନ ମ୍ୟାନ ଭାବେ କାର୍ଯ୍ୟରତ ଥିବା ଜଳେଶ୍ୱର ବ୍ଲକ ଅଧିନସ୍ଥ ଗଡ଼ସାହି ବାଲିଆ ଗ୍ରାମର ରାମଚନ୍ଦ୍ର ମହାଳିକଙ୍କ ପୁତ୍ରଶଙ୍କର(୩୯) କାର୍ଯ୍ୟ ସାରି ଭଡ଼ା ଘରକୁ ଫେରୁଥିଲା ବେଳେ ଭ୍ୟାନିଟି ବ୍ୟାଗଟି ପାଇ ସ୍ଥାନୀୟ ଲୋକଓ ଦୋକାନୀଙ୍କୁ ପଚାରି ଥିଲେ ବି କେହି କିଛି କହିପାରି ନ ଥିଲେ। ଶ୍ରୀ ମଲ୍ଲିକ ରହୁଥିବା ଭଡା ଘରକୁ ଯାଇ ଭ୍ୟାନିଟି ବ୍ୟାଗ ଖୋଲିଲା ବେଳକୁ ତାହା ଭିତରେ ୪ଟି ସୁନା ମୁଦି, ୫ଟି ରୂପା ମୁଦି, ୨ଟି ଏଟିମକାର୍ଡ ଓ ନଗଦ ୫ହଜାର ୧୦ଟଙ୍କା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ପରେ ଉକ୍ତ ଏଟିମରୁ ନମ୍ବର ବାହାର କରି ଉକ୍ତ ମହିଳା ଓ ସ୍ୱାମୀଙ୍କୁ ଯୋଗାଯୋଗ କରିବା ପରେ ଘଟଣା ସମ୍ପର୍କରେ ଶଙ୍କର ପୋଲିସକୁ ଜଣାଇ ଥିଲେ । ଆଜି ପୂର୍ବାହ୍ନ ୧୧ଟାଘଟିକା ସମୟରେ ଭାରପ୍ରାପ୍ତଏସ୍ ଡିପିଓ ତଥା ଅତିରିକ୍ତ ଏସପି ପ୍ରମୋଦ କୁମାର ମଲ୍ଲିକ, ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ ଉପସ୍ଥିତିରେ ବ୍ୟାଗ୍‌ଟି ଫେରାଇଥିଲେ।

# ଶ୍ରୀଅଙ୍ଗ ସୁରକ୍ଷା ପାଇଁ ସାକ୍ଷୀଗୋପାଳରୁ ଗଲା ବଉଳ କାଠ



ସତ୍ୟବାଦୀ,୨୫।୬ (ସଂଚାର ବ୍ୟୁରୋ)ଃ ପରମ୍ପରା ଅନୁଯାୟୀ ଆଜି ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ତଥା ପବିତ୍ର ନିର୍ଜ୍ଜଳା ଏକାଦଶୀ ଅବସରରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ସ୍ନାନଯାତ୍ରା, ରଥଯାତ୍ରା ଓ ନୀଳାଦ୍ରି ବିଜେ ପହଣ୍ଡି ସମୟରେ ଶ୍ରୀଅଙ୍ଗର ସୁରକ୍ଷା ନିମନ୍ତେ ଆବଶ୍ୟକ ସେନାପଟା ଓ ବାହୁଟ ସେବା ପାଇଁ ଆବଶ୍ୟକ ବଉଳ କାଠ ଆଜି ଶ୍ରୀକ୍ଷେତ୍ର ଅଭିମୁଖେ ମେଲାଣି ଦିଆଯାଇଛି। ଏହି ସେବା ନିମନ୍ତେ ଆବଶ୍ୟକ ବଉଳ ଗଛ ସ୍ଥାନୀୟ ଶ୍ରୀରାମଚନ୍ଦ୍ରପୁର ଗ୍ରାମ ପଂଚାୟତ ଅନ୍ତର୍ଗତ ପୁରୋହିତପୁର ନୂଆଗାଁ ନିକଟରେ ବିଶ୍ୱଜିତ ମିଶ୍ରଙ୍କ ବଗିଚା ମଧ୍ୟରେ ଚିହ୍ନଟ ହୋଇଥିଲା। ଶ୍ରୀମନ୍ଦିର ସେବାୟତ ଆଣିଥିବା ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଆଜ୍ଞାମାଳ ଓ ମହାପ୍ରସାଦ ସମର୍ପଣ କରି ବୃକ୍ଷ ବରଣ କରିଥିଲେ। ଶ୍ରୀମନ୍ଦିର ଭୋଇ ସେବକ ସର୍ଦ୍ଦାର ରବି ଭୋଇ ଏବଂ ସହଯୋଗୀ ମାନେ ବଉଳ ବୃକ୍ଷ ଛେଦନ କରିଥିଲେ। ୯ ଫୁଟ ଲମ୍ବ ତିନି ଖଣ୍ଡ ବଉଳ କାଠ କଟାଯାଇଥିଲା।

ଏହି କାଠକୁ ଏମାର ମଠ ଶଗଡ଼ରେ ପାଟବସ୍ତ୍ର ଆଚ୍ଛାଦିତ କରି ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଅଜା ରୂପେ ପରିଚିତ ସ୍ଥାନୀୟ ବକୁଳ ବନର ଅଧିଶ୍ୱର ଶ୍ରୀ ଶ୍ରୀ ସିଦ୍ଧ ବଳରାମ ଦେବଙ୍କ ମନ୍ଦିର ପ୍ରାଙ୍ଗଣକୁ ଅଣାଯାଇଥିଲା। ସେଠାରେ ସ୍ୱତନ୍ତ୍ର ଦେବନୀତି ଓ ପୂଜାର୍ଚ୍ଚନା ପରେ ବଉଳ କାଠ ଶଗଡ଼କୁ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ସତ୍ୟନାରାୟଣ ଆଚାର୍ଯ୍ୟ ନୀଳ ପତାକା ଦେଖାଇ ଶ୍ରୀକ୍ଷେତ୍ର ଅଭିମୁଖେ ମେଲାଣି ଦେଇଥିଲେ।

# ପ୍ରତିଷ୍ଠିତ ବ୍ୟବସାୟୀଙ୍କ ପରଲୋକ



ବୋରିଗୁମ୍ମା ,୨୫।୬ (ସଂଚାର ବ୍ୟୁର)ଃ କୋରାପୁଟ ଜିଲ୍ଲା ବୋରିଗୁମ୍ମା ସହରର ପ୍ରତିଷ୍ଠିତ ବ୍ୟବସାୟୀ ତଥା ସମାଜସେବୀ ତଥା କଟକ ହୋଟେଲର ମାଲିକ ଅଶୋକ ଦାସ (ମୁନ୍ନା) ବେଶ ପରିଚିତ ଚେହେରାଙ୍କ ପରଲୋକ ଘଟିଛି । ଗତକାଲି ବିଳମ୍ବିତ ରାତ୍ରରେ ବିଶାଖାପାଟଣା ସ୍ଥିତ ଏକଘରୋଇ ଚିକିତ୍ସାଳୟରେ ତାଙ୍କର ମୃତ୍ୟୁ ହୋଇଛି। ସେ ଦୀର୍ଘଦିନ ଧରି ଲିଭର ଜନିତ ରୋଗରେ ପୀଡିତ ଥିବାବେଳେ ଗତ ଦୁଇଦିନ ପୂର୍ବେ ତାଙ୍କର ଶରୀର ଅତ୍ୟନ୍ତ ଅସୁସ୍ଥ ହେବାରୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିଲା। ଗତକାଲି ଅପରାହ୍ନରେ ତାଙ୍କ ମୃତଦେହ ଦୋଳେଇସାହି ସ୍ଥିତ ନିଜ ବାସଭବନକୁ ଆଣିବା ପରେ ଅପରାହ୍ନ ୫ଟା ସମୟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ତାଙ୍କର ଦେହାନ୍ତରେ ସ୍ଥାନୀୟ ଅଞ୍ଚଳ ଓ ସାଙ୍ଗସାଥୀଙ୍କ ମଧ୍ୟରେ ଶୋକର ଛାୟା ଖେଳି ଯାଇଛି ।

# ସମାଜସେବୀ ବଂଶୀଧର ଲେଙ୍କାଙ୍କ ସ୍ମୃତିସଭା

ମାହାଙ୍ଗା:୨୫।୬(ସଞ୍ଚାର ବ୍ୟୁରୋ)ଃ ମାହାଙ୍ଗା ବ୍ଲକ ଅନ୍ତର୍ଗତ ଆନନ୍ଦପୁର ପଞ୍ଚାୟତ ସ୍ଥିତ ଖର୍ଡାଙ୍ଗ ଗ୍ରାମର ସମାଜସେବୀ ବଂଶୀଧର ଲେଙ୍କାଙ୍କ ଦ୍ୱାଦଶାହ ଅବସରରେ ଏକ ସ୍ମୃତି ସଭା ଖର୍ଡାଙ୍ଗ ଖେଳ ପଡ଼ିଆ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ପ୍ରାଧ୍ୟାପକ ଅଜୟ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥିଭାବେ ଶିକ୍ଷାବିତ ମାଧବ ଚନ୍ଦ୍ର ପଣ୍ଡା, ପ୍ରାକ୍ତନ ପ୍ରଧାନଶିକ୍ଷକ ପତିତପାବନ ଜେନା, ସମାଜସେବୀ ଶ୍ୟାମସୁନ୍ଦର ସ୍ୱାଇଁ, ଶିକ୍ଷାବିତ୍ ଅଭୟ ଚରଣ ପଣ୍ଡା, ସମାଜସେବୀ ଜଳଧର ପରିଡ଼ା, ଜୀବନବୀମା ମୁଖ୍ୟ ଉପଦେଷ୍ଟା ଜିତେନ୍ଦ୍ର ସାହୁ, ଜଗନ୍ନାଥ ସ୍ୱାଇଁ, ମନୋଜ କୁମାର ସାହୁ, ଆତ୍ରତ୍ରାଣ ବିଶ୍ୱାଳ, ଅଚ୍ୟୁତାନନ୍ଦ ସାମଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଲେଙ୍କାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିବା ସହ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ।



# ଯୁକ୍ତ ୩ ନାମଲେଖା ନିମନ୍ତେ ହେଲ୍ପ ଡେସ୍କ



ନବରଙ୍ଗପୁର,୨୫।୬ (ସଂଚାର ବ୍ୟୁରୋ)ଃ ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ୩ ଦିନ ଏକ ନୀଆରା ପ୍ରୟାସ ନବରଙ୍ଗପୁର ବିନୋଦ ବିହାରୀ ମାହାବିଦ୍ୟାଳୟ ଦେଖିବାକୁ ମିଳିଥିଲା। ନୂତନ ଭାବେ ମାହାବିଦ୍ୟାଳୟ ରେ ଯୋଗଦାନ କରୁଥିବାକୁ ଆସୁଥିବା ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସାହାଯ୍ୟ ର ହାତ ବଢ଼େଇ ଥିଲେ ବିଭିନ୍ନ ବିଷୟରେ ଯୋଗଦାନ ର ସଠିକ ବିବରଣୀ , ହଷ୍ଟେଲ ସ୍ଥାନ ସଂରକ୍ଷଣ ଓ ସଠିକ ଦସ୍ତାବିଜ ସମ୍ପର୍କିତ ତଥ୍ୟ ନିମନ୍ତେ ସହଯୋଗ କରିଥିଲେ। ବିସ୍କୁଟ, ଚକୋଲେଟ୍ ଓ ପାଣି ପିଇବା ବଣ୍ଟନ କରିଥିଲେ। ମହାବିଦ୍ୟାଳୟ ପରିସରରେ କର୍ତ୍ତୃପକ୍ଷ ବାରଣ ଯୋଗୁ ବେହେରା ହେଲ୍ପ ଡେକ୍ସ ଅନୁଷ୍ଠିତ ହୋଇଥିଲା। ୩ ଦିନ କାର୍ଯ୍ୟକ୍ରମରେ ନଗର ସଭାପତି ପ୍ରମୋଦ ରଥ,ଜିଲ୍ଲା ଯୁବ ସଭାପତି ଗୁପ୍ତ ପ୍ରସାଦ ଝାଙ୍କର , ଜିଲ୍ଲା ଛାତ୍ର ସଭାପତି ଇଂ ବାବୁଲା ନାୟକ, ରାଜ୍ୟ ଯୁବ ସମ୍ପାଦକ ନୀଳମାଧବ ପାତ୍ର , ରାଜ୍ୟ ଛାତ୍ର ସମ୍ପାଦକ ସୁମିତ୍ ପୂଜାରୀ, ସୁମିତ୍ ପାଲ,ପପୁ ହରିଜନ, ମହେନ୍ଦ୍ର ଦିଶାରୀ ଓ କ୍ଷୀରୋଦ ଜାନୀ ସହ ଅନ୍ୟ ମାନେ ଉପସ୍ଥିତ ଥିଲେ।

# ମାନସିକ ରୋଗୀ ଓ ବୌଦ୍ଧିକ ଅନଗ୍ରସର ବ୍ୟକ୍ତିଙ୍କୁ ଆଇନ ସହାୟତା ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ



ଫୁଲବାଣୀ,୨୫।୬ (ସଂଚାର ବ୍ୟୁରୋ)ଃ ଫୁଲବାଣୀ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୁଲ୍ୟରେ ଫୁଲବାଣୀ ମୁଳଗୁଦାରିସ୍ଥିତ ସାଧନ ଅନୁଷ୍ଠାନ ଠାରେ ତାଃ ୨୫/୦୬/୨୦୨୬ ରିଖରେ ଜାତୀୟ ଆଇନ ସେବା ପ୍ରାଧିକରଣ ଯୋଜନା ଅନ୍ତର୍ଗତ ମାନସିକ ରୋଗୀ ଓ ବୌଦ୍ଧିକ ଅନଗ୍ରସର ବ୍ୟକ୍ତିଙ୍କୁ ଆଇନ ସହାୟତା ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀଯୁକ୍ତ ରାମାକାନ୍ତ ମହାନ୍ତି, ଡି.ଏସ.ପି., ଫୁଲବାଣୀ ଶ୍ରୀଯୁକ୍ତ ବିବେକାନନ୍ଦ ସ୍ୱାଇଁ, ଜିଲ୍ଲା ଆଇନ ସେବା ସମ୍ମୁଖ କାର୍ଯ୍ୟାଳୟର ରିଟେନର ପୀତାମ୍ବର ସାହୁ, ସହକାରୀ ଲିଗାଲ ଏଡ ଡିଫେନ୍ସ କାଉନ୍ସେଲ ଶୁଭାଙ୍ଗୀ ହରିତସ୍ୟ, ପାରା ଲିଗାଲ ସ୍ୱେଚ୍ଛାସେବୀ, ସାଧନ ଅନୁଷ୍ଠାନର ସମ୍ପାଦକ ଓ ଅନ୍ତେବାସୀମାନେ ଯୋଗଦେଇଥିଲେ ।

ମାନସିକ ରୋଗରେ ପୀଡ଼ିତ ଓ ବୌଦ୍ଧିକ ଅନଗ୍ରସର ବ୍ୟକ୍ତିମାନଙ୍କ ପାଇଁ ଉପଲବ୍ଧ ନିଶୁଳ୍କ ଆଇନ ସେବା, ସେମାନଙ୍କ ସାମ୍ବିଧାନିକ ଓ ଆଇନଗତ ଅଧିକାର, ତଥା ବିଭିନ୍ନ ସରକାରୀ ସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ସମାଜର ମୁଖ୍ୟ ସ୍ରୋତରେ ଏହି ବର୍ଗର ବ୍ୟକ୍ତିମାନଙ୍କୁ ସାମିଲ କରିବା ସହ ସେମାନଙ୍କୁ ଆଇନଗତ ସୁରକ୍ଷା ଯୋଗାଇବା ଜାତୀୟ ଆଇନ ସେବା ପ୍ରାଧିକରଣ ଯୋଜନାର ମୂଳ ଲକ୍ଷ୍ୟ ବୋଲି ବିସ୍ତୃତ ଆଲୋଚନା ହୋଇଥିଲା ।

# ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶାଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି





କୋରାପୁଟ,୨୫।୬ (ସଂଚାର ବ୍ୟୁରୋ)ଃ କୋରାପୁଟ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱର୍ଗତ ସ୍ୱରାଜ୍ୟ ଶିଶାଙ୍କ ଅକାଳ ବିୟୋଗ ସମଗ୍ର ସୂଚନା ଓ ଲୋକସମ୍ପର୍କ ବିଭାଗ ସହ ଜିଲ୍ଲା ପ୍ରଶାସନକୁ ମର୍ମାହତ କରିଛି। ଜଣେ ଦକ୍ଷ, ନିଷ୍ଠାପର ଓ ମିଷ୍ଟଭାଷୀ ଅଧିକାରୀ ଭାବେ ପରିଚିତ ସ୍ୱରାଜ୍ୟ ଶିଶାଙ୍କ ବିୟୋଗରେ ସରକାରୀ ମହଲ ଓ ସାମ୍ବାଦିକ ଜଗତରେ ଗଭୀର ଶୋକର ଛାୟା ଖେଳିଯାଇଛି। ତାଙ୍କ ପାର୍ଥିବ ଶରୀର ନିକଟରେ ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ଏବଂ ସାମ୍ବାଦିକମାନେ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରି ଶେଷ ଦର୍ଶନ କରିଥିଲେ। ସମସ୍ତେ ଭାବବିହ୍ୱଳ ପରିବେଶ ମଧ୍ୟରେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନରେଶଚନ୍ଦ୍ର ଶବର, ଦକ୍ଷିଣାଞ୍ଚଳ ଉପ-ନିର୍ଦ୍ଦେଶକ ବସନ୍ତ କୁମାର ପ୍ରଧାନଙ୍କ ସମେତ ମାଲକାନଗିରି, ରାୟଗଡ଼ା, ଗଜପତି ଓ ନବରଙ୍ଗପୁର ଜିଲ୍ଲାର ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନେ ଯୋଗଦେଇଥିଲେ। ଏହାଛଡ଼ା କୋରାପୁଟ ଓ ଜୟପୁର ଉପଖଣ୍ଡର ଅଧିକାରୀ, ସାମ୍ବାଦିକ ବନ୍ଧୁ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ବକ୍ତାମାନେ ସ୍ୱର୍ଗତ ଶିଶାଙ୍କ କର୍ମନିଷ୍ଠା, ଦାୟିତ୍ୱବୋଧ ଓ ଜନସମ୍ପର୍କ କ୍ଷେତ୍ରରେ ତାଙ୍କ ଉଲ୍ଲେଖନୀୟ ଅବଦାନକୁ ସ୍ମରଣ କରିଥିଲେ। ସାମ୍ବାଦିକ ଓ ସାଧାରଣ ଲୋକଙ୍କ ସହ ତାଙ୍କର ସରଳ ଓ ସୁନ୍ଦର ବ୍ୟବହାର ସଦା ସ୍ମରଣୀୟ ରହିବ ବୋଲି ମତପ୍ରକାଶ ପାଇଥିଲା। ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିସରରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇ ସ୍ୱର୍ଗତ ସ୍ୱରାଜ୍ୟ ଶିଶାଙ୍କ ଅମର ଆତ୍ମାର ଚିରଶାନ୍ତି କାମନା କରାଯାଇଥିଲା।

# ଗଡ଼କଣ୍ଟୁଣିଆ ଲକ୍ଷ୍ମୀ ନାରାୟଣ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ବାଲିଅନ୍ତା,୨୫।୬ (ସଂଚାର ବ୍ୟୁରୋ)ଃ ବାଲିଅନ୍ତା ବ୍ଲକ ଅଧୀନ ଗଡ଼ କଣ୍ଟୁଣିଆ ଗ୍ରାମରେ ଲକ୍ଷ୍ମୀ ନାରାୟଣ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏନେଇ ୨୧ ତାରିଖ ଠାରୁ ୨୪ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ପୂଜାନୀତି ସମ୍ପର୍ଣ୍ଣ ହୋଇଥିଲା । ୨୧ ତାରିଖରେ ଅଧିବାସ, ଅଙ୍କୁରାରୋପଣ ଏବଂ କଳସଯାତ୍ରା ନୀତି କାନ୍ତି ଅନୁଷ୍ଠିତ ହୋଇଥିଲା । ୨୨ ତାରିଖରେ ପୀଠ ସଂସ୍କାର, ପଞ୍ଚକର୍ମ,ଅଗ୍ନିସ୍ଥାପନ ୱିଧି ସମ୍ପର୍ଣ୍ଣ ହୋଇଥିଲା । ୨୩ ତାରିଖ ପୂର୍ବାହ୍ନରେ ବିଗ୍ରହ ସ୍ନାନ,ମଣ୍ଡଳ ପୂଜା,ନ୍ୟାସ ହବନ ୱିଧି ସମ୍ପର୍ଣ୍ଣ ହୋଇଥିଲା । ୨୪ ତାରିଖରେ ମହାଜଞ୍ଜ, ଅପରାହ୍ନରେ ମନ୍ଦିର ସମ୍ମୁଖରେ



ଜୟ ବିଜୟ, ଚକ୍ରରାଜ, ନବଗ୍ରହ, ଗରୁଡ଼ ସ୍ତମ୍ଭ, ପାଶ୍ୱ୍ର ଦେବତା ବାମନ ଦେବ, ନୃସିଂହ ବରାହ,ଲକ୍ଷ୍ମୀ ନାରାୟଣ ମୂର୍ତ୍ତି ମନ୍ଦିରରେ ସ୍ଥାପନ ହୋଇଥିଲେ । ସନ୍ଧ୍ୟାରେ ପୂର୍ଣ୍ଣାହୂତି ପରେ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା ।

ରାତିରେ ହଜାର ହଜାର ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ । ଏହି ଅବସରରେ ଗଗନ ଗୁରୁଜୀ ଯୋଗ ଦେଇ ମନ୍ଦିର ପ୍ରତିଷ୍ଠା କରିବା ସହ ଆଗତ ଭବିଷ୍ୟତ ସମ୍ପର୍କରେ ଦିବ୍ୟ ବାଣୀ ଶୁଣାଇଥିଲେ । ଏହି ଅବସରରେ ଭକ୍ତି ସଙ୍ଗୀତ ପରିବେଷଣ ହୋଇଥିଲା।






# ସକାଳେ ଖାଲି ପେଟରେ ଆପଲ୍ ଭିନେଗାର ସ୍ୱାସ୍ଥ୍ୟ ପାଇଁ ହିତକର

ବର୍ତ୍ତମାନ ସମୟରେ ଖରାପ ଖାଦ୍ୟପେୟ ପାଇଁ ମୋଟାପଣ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏବେ କିନ୍ତୁ କିଛି ଲୋକ ଫିଟ୍ ରହିବାକୁ ଗୁରୁତ୍ୱ ଦେଉଛନ୍ତି। ଓଜନ କମାଇବା ପାଇଁ ଅନେକ ଲୋକ ଜିମ ଯାଉଛନ୍ତି ତ ଆଉ ପୁଣି ଏକ୍ସରସାଇଜ୍ ଏବଂ ଡାଏଟ୍ କରୁଛନ୍ତି। ଆଉ କିଛି ଲୋକ ବ୍ୟସ୍ତବହୁଳ ଜୀବନ ପାଇଁ ସର୍ଟକଟ ଉପାୟରେ ଓଜନ ହ୍ରାସ କରିବାକୁ ଚାହୁଁଛନ୍ତି। ତେଣୁ ସକାଳେ ଖାଲି ପେଟରେ ଆପଲ୍ ସାଇଡର୍ ଭିନେଗାର ପିଇଥାଆନ୍ତି। ହେଲେ ଆମ ଶରୀରରେ ଉପରେ କ'ଣ ପ୍ରଭାବ ପଡ଼େ ଆପଣ ଜାଣିଛନ୍ତି କି? ତେବେ ଏହାକୁ ଖାଲିପେଟରେ ଉଷୁମ ପାଣି ସହିତ ପିଇଲେ କ'ଣ ହୁଏ ସେ ସମ୍ପର୍କରେ ଆମେ ଆଜି ଆପଣଙ୍କୁ ଜଣାଇବୁ।

**ହଜମ ପ୍ରକ୍ରିୟାକୁ ଉନ୍ନତ କରେ:** ଅନେକ ଲୋକ ସକାଳେ କୋଷ୍ଠକାଠିନ୍ୟ ଏବଂ ହଜମ ପ୍ରକ୍ରିୟା ଭଳି ସମସ୍ୟା ଦେଖାଦେଇଥାଏ। ଏହି ସମସ୍ୟାକୁ ରୋକିବାରେ ଆପଲ୍ ସାଇଡର ଭିନେଗାର ସାହାଯ୍ୟ କରିଥାଏ। କିନ୍ତୁ ଏହା ସମସ୍ତଙ୍କ ପାଇଁ ଲାଭକାରୀ ହୋଇନଥାଏ।

**ଓଜନ ହ୍ରାସ କରେ:** ଅନେକ ଅଧ୍ୟୟନରୁ ଜଣାପଡିଛି ଯେ ଆସେଟିକ୍ ଏସିଡ୍ ମେଟାବୋଲେଜିମକୁ ବୃଦ୍ଧି କରିଥାଏ। ତେଣୁ ଏହାକୁ ପିଇବା ଦ୍ୱାରା ଅଧିକ ସମୟ ପର୍ଯ୍ୟନ୍ତ ଭୋକ ଲାଗିନଥାଏ। ଏହା ଆପଣଙ୍କୁ ସାରା ଦିନ କମ୍ କ୍ୟାଲୋରୀ ଗ୍ରହଣ କରିବାରେ ସାହାଯ୍ୟ କରେ, ଯାହା ଓଜନ ଏବଂ ପେଟର ଚର୍ବି ହ୍ରାସ କରିବାରେ ସାହାଯ୍ୟ କରିପାରେ। କିନ୍ତୁ କେବଳ ଭିନେଗାର ପିଇ ଓଜନ କମାଇବା ସମ୍ଭବ ନୁହେଁ। ଏଥିପାଇଁ ସୁସ୍ଥ ଖାଦ୍ୟ, ବ୍ୟାୟାମ ଏବଂ ଭଲ ଜୀବନଶୈଳୀ ମଧ୍ୟ ଆବଶ୍ୟକ।

**ବ୍ଲଡ୍ ସୁଗାରକୁ ନିୟନ୍ତ୍ରଣ କରେ:** ଏହା ମଧୁମେହ କିମ୍ବା ଇନସୁଲିନ୍ ପ୍ରତିରୋଧକତା ଥିବା ଲୋକଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ। କେତେକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଆପଲ୍ ସାଇଡର୍ ଭିନେଗାର ଶରୀରର ଇନସୁଲିନ୍ ପ୍ରତିକ୍ରିୟାରେ ସାମାନ୍ୟ ସୁଧାର ଆଣିପାରେ। ସକାଳେ ଖାଲି ପେଟରେ ACV ପିଇବା ଦ୍ୱାରା ଶରୀରର ଇନସୁଲିନ୍ ସମ୍ବେଦନଶୀଳତା ଉନ୍ନତ ହୁଏ, ଯାହା ଖାଇବା ପରେ ରକ୍ତ ଶର୍କରା ସ୍ପାଇକ୍ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ତଥାପି ଯେଉଁମାନଙ୍କର ଡାଇବେଟିସ୍ ସମସ୍ୟା ରହିଛି ସେମାନେ ଏହାକୁ ପିଇବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ୍।

**ହାର୍ଟ ସମସ୍ୟାକୁ ଦୂର କରେ:** ଆପଲସାଇଡ଼ର ଭିନେଗାରରେ ଅଧିକ ଲିପୋପ୍ରୋଟିନ ରହିଥାଏ। ଏଥିରେ ଟ୍ରାଇଗ୍ଲିସେରାଇଡ ମଧ୍ୟ ରହିଥାଏ। ଏହି ସବୁ ଉପାଦାନ ହାର୍ଟ ପାଇଁ ଅତ୍ୟନ୍ତ ହିତକର ବୋଲି ପ୍ରମାଣିତ ହୋଇ ଆସୁଛି। ତେଣୁ ଏହାକୁ ପିଇବା ଦ୍ୱାରା କୋଲେଷ୍ଟ୍ରୋଲର ମାତ୍ରାକୁ କମ୍ କରିଥାଏ। ଫଳରେ ହାର୍ଟ ଜନିତ ସମସ୍ୟାର ଆଶଙ୍କାକୁ କମ୍ କରିଥାଏ।

**ତ୍ୱଚା ସମସ୍ୟାକୁ ଦୂର କରେ:** ଶୁଷ୍କ ତ୍ୱଚା ଓ ଏକଜିମା ଭଳି ଚର୍ମ ରୋଗ ପାଇଁ ଆପଲ ସାଇଡ଼ର ଭିନେଗାରକୁ ବ୍ୟବହାର କରାଯାଇଥାଏ। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ଆପଲ ସାଇଡର ଭିନେଗାରକୁ ପାଣିରେ ମିଶାଇ ତ୍ୱଚାରେ ଲଗାନ୍ତୁ। ଯାହା ଆମ ଶରୀରର ନ୍ୟାଚୁରାଲ PHସ୍ତରକୁ ଠିକ ରଖିଥାଏ। କିନ୍ତୁ ଏହା ସମସ୍ତଙ୍କ କ୍ଷେତ୍ରରେ ସମାନ ହୋଇ ନଥାଏ। ତେଣୁ ପ୍ରଥମେ ଆପଣ ଏହାକୁ ପ୍ୟାଚ ଟେଷ୍ଟ କରି ହିଁ ବ୍ୟବହାର କରିବା ଆବଶ୍ୟକ ଏବଂ ଏହି ଭିନେଗାରକୁ ପାଣିରେ ମିଶାଇ ବ୍ୟବହାର କରିବା ଆବଶ୍ୟକ।

# ବର୍ଷା ଦିନେ କ୍ଷୀର ପିଇବା ସ୍ୱାସ୍ଥ୍ୟ ପାଇଁ ହୋଇଥାଏ ହାନିକାରକ



ବର୍ଷା ଦିନେ କ୍ଷୀର ପିଇବା ପାଇଁ ଘରର ବୟସ୍କ ବ୍ୟକ୍ତିମାନେ ମନା କରିଥାନ୍ତି। କିନ୍ତୁ ଆପଣ କେବେ ଭାବିଛନ୍ତି କି ଏଭଳି କାହିଁକି କୁହାଯାଇଥାଏ। ବର୍ଷା ଦିନେ କ୍ଷୀର ପିଇବା ଦ୍ୱାରା ପେଟ ସମ୍ବନ୍ଧୀୟ ଅନେକ ସମସ୍ୟା ଦେଖାଯାଇଥାଏ। ଏହା ବ୍ୟତୀତ କ୍ଷୀର ଆପଣଙ୍କ ଡାଇଜେଷ୍ଟିଭ ସିଷ୍ଟମକୁ ଖରାପ କରିଥାଏ। କ୍ଷୀର ଫୁଡ ପଏଜନିଙ୍ଗର କାରଣ ହୋଇପାରେ। କ୍ଷୀର ପିଇବା ଦ୍ୱାରା ଏସିଡିଟି ଏବଂ ପେଟ ଖରାପ ହେବାର ସମ୍ଭାବନା ଥାଏ। ଏହି ବର୍ଷା ଦିନରେ କ୍ଷୀର ପିଇବା ଦ୍ୱାରା ଶରୀରକୁ ଅନେକ କ୍ଷତି ପହଞ୍ଚିଥାଏ। ଆୟୁର୍ବେଦ ଅନୁଯାୟୀ, ବର୍ଷା ଋତୁରେ କ୍ଷୀର ପିଇବା ଉଚିତ ନୁହେଁ କାରଣ ଏହା ଶରୀରକୁ ଅନେକ ପ୍ରକାରର କ୍ଷତି ପହଞ୍ଚାଏ। ତେବେ ବର୍ଷା ଋତୁରେ କୀଟ ପତଙ୍ଗମାନଙ୍କର ମାତ୍ରା ଅଧିକ ବଢ଼ିଯାଏ। ଏପରି ପରିସ୍ଥିତିରେ ଗାଈ ଏବଂ ମଇଁଷି ମାନଙ୍କ ଘାସରେ ବିଷାକ୍ତ କୀଟ ପତଙ୍ଗ ରହିଥାନ୍ତି। ପଶୁ ମାନେ ସେହି ଘାସ ଖାଇବା ପରେ ସେମାନେ ସଂକ୍ରମିତ ହୋଇପାରନ୍ତି। ଯାହା ପରେ ଆପଣ କ୍ଷୀର ପିଇବା ଦ୍ୱାରା ଫୁଡ ପଏଜନିଙ୍ଗର ଶିକାର ହୋଇପାରନ୍ତି।

ଏହି ଋତୁରେ କ୍ଷୀର ପିଇବା ଦ୍ୱାରା ଆପଣଙ୍କ ହଜମ ପ୍ରକ୍ରିୟାରେ ସମସ୍ୟା ଦେଖାଯାଇ ପାରେ ଏବଂ ଡାଇଜେଷ୍ଟିଭ ଏନଜାଇମ୍ କୁ କ୍ଷତି ପହଞ୍ଚିଥାଏ। ଏହା ବ୍ୟତୀତ ଶରୀରରେ ଅନେକ ପ୍ରକାରର ପ୍ରତିକ୍ରିୟା ମଧ୍ୟ ହୋଇପାରେ। ଯଦି ଆପଣ କୌଣସି ଜିନିଷ ଖାଉଛନ୍ତି , ତେବେ ଏହା ହଜମ ହେବା ପାଇଁ ସମୟ ଲାଗିଥାଏ ଏବଂ ଏହା ଦ୍ୱାରା ସ୍ଲୋ ମେଟାବୋଲିଜିମ୍ ହୋଇଥାଏ।

ବର୍ଷା ଦିନରେ ପଶୁ ମାନଙ୍କୁ ରୋଗ ହେବାର ଆଶଙ୍କା ଅଧିକ ଥାଏ। ଏପରିସ୍ଥିତିରେ କ୍ଷୀର ପିଇବା ଆପଣଙ୍କ ଶରୀର ପାଇଁ ହାନିକାରକ ହୋଇପାରେ। ତେଣୁ ଏହି ଦିନରେ କ୍ଷୀର ପିଇବା ଠାରୁ ଦୂରେଇ ରୁହନ୍ତୁ। କ୍ଷୀର ପିଇବାକୁ ଚାହୁଁଥିଲେ ଏହାକୁ ଭଲ ଭାବେ ଫୁଟାଇବା ପରେ ଏଥିରେ ଅଳ୍ପ ହଳଦୀ ମିଶାଇ ପିଇ ପାରିବେ। ଏହି କ୍ଷୀର ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହେବ ନାହିଁ।

# ହାଡ଼କୁ ଦୁର୍ବଳ କରୁଛି ଅଧିକ ଲୁଣ

ସୁସ୍ଥ ରହିବାକୁ ସମସ୍ତେ ଚାହାଁନ୍ତି। ସେଥିପାଇଁ ଅନେକ କିଛି କରିଥାଆନ୍ତି। ନିଜକୁ ଫିଟ୍ ଏବଂ ହେଲଦି ରଖିବା ପାଇଁ ଡାଏଟ କରନ୍ତି ତ ଆଉ କିଏ ମର୍ଣ୍ଣିଂୱାକ୍ କରନ୍ତି ତ ଆଉ ପୁଣି କେହି କେହି ଜିମରେ ଜଏନ୍ ହୁଅନ୍ତି। ଏହା ସତ୍ତ୍ୱେ ମଧ୍ୟ ବେଳେ ବେଳେ ଆମ ହାଡ଼ ଦୁର୍ବଳ ହେବା ଭଳି ଅନୁଭବ ହୋଇଥାଏ। ଆମ ଜାଣତ ଅଜାଣତରେ ଆମ ଖରାପ ଖାଦ୍ୟପେୟ ଏହି ସବୁ ସମସ୍ୟାର କାରଣ ହୋଇଥାଏ। ଏମିତି କିଛି ଜିନିଷ ଅଛି ଯାହା ପାଟିକୁ ତ ସ୍ୱାଦ ଦେଇଥାଏ କିନ୍ତୁ ଆମକୁ ଅନେକ କ୍ଷତି ଆଡକୁ ଟାଣି ନେଇଥାଏ। ଦିନକୁ ଦିନ ବଦଳୁଥିବା ଖାଦ୍ୟ ପାନୀୟର ଭୁଲ୍ ଅଭ୍ୟାସ ଯୋଗୁଁ ଆଜି ପ୍ରତି ୫ ଜଣରେ ଜଣେ ବ୍ୟକ୍ତି କୌଣସି ନା କୌଣସି ସ୍ୱାସ୍ଥ୍ୟ ସମସ୍ୟାରେ ଶିକାର ହୋଇଥାନ୍ତି। ଯେପରି କି ଆଣ୍ଠୁ ଗଣ୍ଠି ଦରଜ। ପ୍ରଥମେ ଏଭଳି ସମସ୍ୟା କେବଳ ବୟସ୍କ ଲୋକଙ୍କ ନିକଟରେ ଦେଖିବାକୁ ମିଳୁଥିଲା। କିନ୍ତୁ ଆଜି ଅଳ୍ପ ବୟସରେ ମଧ୍ୟ ଏଭଳି ସମସ୍ୟା ଦେଖିବାକୁ ମିଳୁଛି। ଏମିତିରେ ଆବଶ୍ୟକ ଏଭଳି ଖାଦ୍ୟ ଖାଇବେ ଯେଉଁଥିରେ ସାରା ଜୀବନ ହାଡ ମଜଭୂତ ରହିବ। ଆଉ ହାଡକୁ ମଜଭୂତ କରିବା ପାଇଁ ଅତ୍ୟନ୍ତ ଜରୁରୀ କ୍ୟାଲସିୟମ୍ ଏବଂ ଭିଟାମିନ୍ ଡି। ଯଦି ଏହି ଦୁଇ ତତ୍ୱ ମଧ୍ୟରୁ ଯେ କୌଣସି ଗୋଟିଏର ମାତ୍ରା କମ୍ ହୁଏ ତେବେ ଆଣ୍ଠୁ ଗଣ୍ଠି ଦରଜ ଭଳି ସମସ୍ୟା ଦେଖାଦେଇଥାଏ। ହେଲେ କଣ ଆପଣ ଜାଣନ୍ତି ଆମେ ଦୈନନ୍ଦିନ ଜୀବନରେ ଏଭଳି କିଛି ଖାଦ୍ୟ ଖାଇଥାଉ ଯାହା ଦିନକୁ ଦିନ ଆମ ହାଡକୁ ଦୁର୍ବଳ କରିଥାଏ। ଆଜି ଆମେ ଆପଣଙ୍କୁ ସେ ସମ୍ପର୍କରେ ଜଣାଇବୁ।



**ଅଧିକ ଲୁଣ:** ଖାଦ୍ୟର ସ୍ୱାଦ ବଢାଇଥାଏ ଲୁଣ। କିନ୍ତୁ ଅଧିକ ଲୁଣ ଖାଇଲେ ହାଡ ଦୁର୍ବଳ ହୋଇଯାଇଥାଏ। ଲୁଣରେ ସୋଡିୟମର ମାତ୍ରା ଅଧିକ ଥାଏ। ଯାହା ଶରୀରରୁ ଯିବା ପରେ କ୍ୟାଲସିୟମକୁ ୟୁରିନ୍ ମାଧ୍ୟମରେ ବାହାରକୁ ବାହାର କରିଦେଇଥାଏ। ଯାହା ଫଳରେ ଶରୀରରେ କ୍ୟାଲସିୟମ ମାତ୍ରା କମିଯିବା ସହ ହାଡ ଦୁର୍ବଳ ହୋଇଯାଇଥାଏ।

**ଚକଲେଟ୍:** ଛୋଟ ହେଉ ବା ବଡ , ଚକଲେଟ୍ ସମସ୍ତଙ୍କ ପସନ୍ଦ। ଏହା ନା କେବଳ ମୁଡକୁ ଫ୍ରେସ୍ କରିଥାଏ ବରଂ ମୁହଁର ସ୍ୱାଦ ମଧ୍ୟ ବଢାଇଥାଏ। କିନ୍ତୁ ଆବଶ୍ୟକତାଠାରୁ ଅଧିକ ଚକଲେଟ୍ ଖାଇଲେ ଏହାର ସିଧା ପ୍ରଭାବ ହାଡ ଉପରେ ପଡିଥାଏ। ଅଧିକ ଚକଲେଟ୍ ଖାଇଲେ ଶରୀରରେ ସୁଗାର ଏବଂ ଓକ୍ସୋଲେଟର ମାତ୍ରା ବଢିଯାଇଥାଏ। ଯାହା ଫଳରେ ଶରୀରରେ କ୍ୟାଲସିୟମ ପ୍ରବେଶ କରି ପାରିନଥାଏ ଏବଂ ହାଡ ଧୀରେ ଧୀରେ ଦୁର୍ବଳ ହୋଇଯାଇଥାଏ।

**କୋଲ୍ଡ ଡ୍ରିଙ୍କ୍ସ:** ଖରାଦିନେ କୋଲ୍ଡ ଡ୍ରିଙ୍କ୍ସ ପ୍ରାୟ ସମସ୍ତଙ୍କର ଡାଏଟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଯାଏ। କିନ୍ତୁ ମନେ ରଖନ୍ତୁ କୋଲ୍ଡ ଡ୍ରିଙ୍କ୍ସରେ କାର୍ବଡାଇଅକ୍ସାଇଡ୍ ଏବଂ ଫସଫରସ୍ ଥାଏ। ଯାହା ଶରୀର ମଧ୍ୟକୁ ପ୍ରବେଶ କରି ହାଡକୁ ଦୁର୍ବଳ କରିଦେଇଥାଏ।

**ଚା ଏବଂ କଫି:** ଚା ହେଉ ବା କଫି, ଅଧିକାଂଶ ଲୋକ ନିଜ ଦିନର ଆରମ୍ଭ ଏଥିରୁ ହିଁ କରିଥାନ୍ତି। କିନ୍ତୁ ଏସବୁ ପିଇବା ପୂର୍ବରୁ ଏହାର କ୍ଷତି ବିଷୟରେ ଜାଣିବା ଆବଶ୍ୟକ। ଚା ଏବଂ କଫିରେ କଫିନ୍ ଭରପୁର ମାତ୍ରାରେ ଥାଏ। ଯଦି ଏହା ଅଧିକ ମାତ୍ରାରେ ଶରୀର ମଧ୍ୟକୁ ପ୍ରବେଶ କରେ ତେବେ ହାଡ ଧୀରେ ଧୀରେ ଦୁର୍ବଳ ହୋଇଯାଇଥାଏ।

# ରାମବାଣ ହେଉଛି ଭୂସି



ଆଧୁନିକ ଜୀବନଶୈଳୀ ଏବଂ ଖାଦ୍ୟପେୟ ଆମ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଥାଏ। ଆମ ଖାଦ୍ୟରେ ପୁଷ୍ଟିକରତା , ଫାଇବରର ଅଭାବ ଏବଂ ଫାଷ୍ଟ , ଜଙ୍କ୍ ଫୁଡ୍ ଭଳି ଖାଇବା, ଆମ ପାଚନ ପ୍ରକ୍ରିୟାକୁ ବହୁତ କ୍ଷତି ପହଞ୍ଚାଇଛି। ଫଳସ୍ୱରୂପ କୋଷ୍ଠକାଠିନ୍ୟ, ଗ୍ୟାସ୍, ଏସିଡିଟି, ବଦହଜମୀ ଏବଂ ପେଟ ଭାରୀ ହେବା ଭଳି ସମସ୍ୟା ସାଧାରଣ ହୋଇଗଲାଣି। ଏପରି ସମସ୍ୟା ଦେଖାଦେବା ମାତ୍ରେ ତୁରନ୍ତ ଆମେ ମେଡିସିନ୍ ଖାଇ ଦେଇଥାଉ। କିନ୍ତୁ ବାରମ୍ବାର ମେଡିସିନ୍ ଖାଇବା କ୍ଷତିକାରକ ହୋଇଥାଏ। ହେଲେ ଆମେ ଆଜି ଆପଣଙ୍କୁ ଗୋଟିଏ ଘରୋଇ ଉପଚାର ସମ୍ପର୍କରେ ଜଣାଇବୁ, ଯାହା ପେଟ ଥଣ୍ଡା ରଖିବା ସହ ଅନେକ ସମସ୍ୟାରୁ ମୁକ୍ତି ଦେବ।

ଭୁସି ନାଁ ବୋଧେ ସମସ୍ତେ ଶୁଣିଥିବେ ନିଶ୍ଚୟ। ଯାହାକୁ ପାଣିରେ ବତୁରାଇଦେବା ମାତ୍ରେ ଜେଲ ଭଳି ହୋଇଯାଇଥାଏ। କବ୍ଜ ଭଳି ସମସ୍ୟା ପାଇଁ ଭୁସି ପିଇବାକୁ ପରାମର୍ଶ ଦିଆଯାଇଥାଏ। ଯାହାକୁ ଆୟୁର୍ବେଦର ଏକ ଔଷଧ ଭାବେ ବିବେଚନା କରାଯାଏ। ଏଥିରେ ପ୍ରଚୁର ମାତ୍ରାରେ ଫାଇବର ରହିଛି। ଯାହା କୋଷ୍ଠକାଠିନ୍ୟ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରେ। ତେବେ କେବଳ କୋଷ୍ଠକାଠିନ୍ୟ ନୁହେଁ ଆହୁରି ଅନେକ ସମସ୍ୟାକୁ ମଧ୍ୟ ଦୂର କରିଥାଏ। ତେବେ ଆସନ୍ତୁ ଭୁସିର ଫାଇଦା ବିଷୟରେ ଜାଣିବା ।

ଭୁସିରେ ହାଇଗ୍ରୋସ୍କୋପିକ୍ ଗୁଣ ରହିଛି। ଯାହା ଡାଇଜେଷ୍ଟିବ ସିଷ୍ଟମ୍‌ରୁ ଅଧିକରୁ ଅଧିକ ଜଳ ଶୋଷିବାରେ ସାହାଯ୍ୟ କରେ। ଏଥିରେ ଥିବା ଫାଇବର କବ୍ଜକୁ ଶୀଘ୍ର ଭଲ କରିଥାଏ। ପେଟ ସମସ୍ୟା ଥିଲେ କ୍ଷୀର ସହ ୨ ଚାମଚ ଭୁସି ମିଶାଇ ପିଇପାରିବେ।

ଭୁସି ଅନ୍ତନଳୀକୁ ପରିଷ୍କାର କରେ। ଫଳରେ ପେଟରେ ହେଉଥିବା ସଂକ୍ରମଣକୁ ରୋକିବାରେ ସାହାଯ୍ୟ କରେ। ଡାଇରିଆ ବେଳେ ଆପଣ ଭୁସିକୁ ଦହିରେ ମିଶାଇ ଖାଇବା ଦ୍ୱାରା ଏହି ସମସ୍ୟାରୁ ରକ୍ଷା ମିଳିଥାଏ। ଉଭୟ ଦହି ଓ ଭୁସି ଡାଇରିଆକୁ ରୋକିବାରେ ସହାୟକ କରିଥାଆନ୍ତି।

ବ୍ଲଡ୍ ସୁଗାର ଲେବଲକୁ ନିୟନ୍ତ୍ରଣ କରିବାରେ ଭୁସି ସାହାଯ୍ୟ କରେ। କାରଣ ଏହା ଗ୍ଲୁକୋଜ୍‌କୁ ଅବଶୋଷଣ କରିଥାଏ। ଏହା ବ୍ୟତୀତ ଏଥିରେ ଥିବା ଜିଲୋଟିନ୍ ଆପଣଙ୍କ ବ୍ଲଡ୍ ସୁଗାରକୁ ମଧ୍ୟ କମ୍ କରିବାରେ ସାହାଯ୍ୟ କରେ।

ଭୁସି ପିତ୍ତ ଏସିଡ୍‌କୁ ବାନ୍ଧିଥାଏ ଓ ଏଲଡିଏଲ ଅର୍ଥାତ୍ ଖରାପ କୋଲୋଷ୍ଟ୍ରୋଲର ସ୍ତରକୁ କମ୍ କରିବାରେ ସାହାଯ୍ୟ କରେ। ଏହା ଏଚ୍‌ଡିଏଲ ଅର୍ଥାତ୍ ଉତ୍ତମ କୋଲୋଷ୍ଟ୍ରୋଲର ସ୍ତରକୁ ମଧ୍ୟ ବଢ଼ାଏ।

ଭୁସି ଶରୀରରେ ଟ୍ରାଇଗ୍ଲିସରାଇଡ୍ ଲେବଲକୁ କମ୍ କରେ। ଫଳରେ ହାର୍ଟ ସୁସ୍ଥ ରହେ। ଏହା ହାର୍ଟର ମାଂସପେଶୀକୁ ମଜଭୁତ କରେ, ଲିପିଡ୍ ସ୍ତରକୁ ବଢ଼ାଏ ଓ ବ୍ଲଡ୍ ପ୍ରେସରକୁ କମ୍ କରିଥାଏ।

ଭୁସି ଓଜନ କମ୍ କରିବାରେ ମଧ୍ୟ ସାହାଯ୍ୟ କରେ। ଏହାକୁ ୧ ଗ୍ଲାସ ପାଣିରେ କିମ୍ବା ଜୁସ୍‌ରେ ମିଶାଇ ପିଅନ୍ତୁ। ଆପଣ ଚାହିଲେ ଲେମ୍ବୁ ପାଣିରେ ମଧ୍ୟ ଭୁସି ମିଶାଇ ପିଇପାରିବେ। ଏହା ପେଟକୁ ଥଣ୍ଡା ରଖିବା ସହ ଓଜନ ମଧ୍ୟ ନିୟନ୍ତ୍ରଣରେ ରଖିଥାଏ।

# ଚାଉଳ କ୍ଷୀରି ଶରୀରକୁ ଯୋଗାଇଥାଏ ପୋଷଣ

ଚାଉଳ କ୍ଷୀରି ଓଡ଼ିଶା ସହିତ ଭାରତର ବିଭିନ୍ନ ଅଞ୍ଚଳରେ ଅତ୍ୟନ୍ତ ପ୍ରିୟ ଏକ ପାରମ୍ପରିକ ମିଠା ଖାଦ୍ୟ। ଏହା ଚାଉଳ, କ୍ଷୀର, ଚିନି କିମ୍ବା ଗୁଡ଼ ଏବଂ ବିଭିନ୍ନ ଡ୍ରାଏଫ୍ରୁଟ୍ସ ମିଶାଇ ପ୍ରସ୍ତୁତ କରାଯାଏ। ସ୍ୱାଦିଷ୍ଟ ହେବା ସହିତ ଏହା ଅନେକ ପୋଷକତତ୍ତ୍ୱରେ ଭରପୂର ଥିବାରୁ ଶରୀର ପାଇଁ ବହୁତ ଉପକାରୀ ହୋଇଥାଏ। ପ୍ରଥମେ, ଚାଉଳ କ୍ଷୀରି ଶରୀରକୁ ଶକ୍ତି ପ୍ରଦାନ କରେ। ଚାଉଳରେ ପ୍ରଚୁର ପରିମାଣର କାର୍ବୋହାଇଡ୍ରେଟ ଥାଏ, ଯାହା ଶରୀରର ପ୍ରମୁଖ ଶକ୍ତିର ଉତ୍ସ। କ୍ଷୀରି ଖାଇଲେ ଶରୀରକୁ ତୁରନ୍ତ ଶକ୍ତି ମିଳେ ଏବଂ ଦୁର୍ବଳତା କମିଯାଏ। ବିଶେଷକରି ଶିଶୁ, ଛାତ୍ରଛାତ୍ରୀ ଏବଂ ଶାରୀରିକ ପରିଶ୍ରମ କରୁଥିବା ବ୍ୟକ୍ତିମାନଙ୍କ ପାଇଁ ଏହା ବେଷ୍ଟ।

କ୍ଷୀରରେ ଥିବା କ୍ୟାଲସିୟମ୍ ହାଡ଼ ଏବଂ ଦାନ୍ତକୁ ମଜବୁତ କରେ। ଚାଉଳ କ୍ଷୀରିର ପ୍ରମୁଖ ଉପାଦାନ ହେଉଛି କ୍ଷୀର, ଯେଉଁଥିରେ କ୍ୟାଲସିୟମ୍, ପ୍ରୋଟିନ୍, ଭିଟାମିନ୍–ଡି ଓ ଅନ୍ୟାନ୍ୟ ଖଣିଜ ତତ୍ତ୍ୱ ରହିଥାଏ। ଏହି ସମସ୍ତ ପୋଷକତତ୍ତ୍ୱ ଶରୀରର ବୃଦ୍ଧି ଓ ବିକାଶରେ ସାହାଯ୍ୟ କରେ। ନିୟମିତ ଭାବେ ସୀମିତ ପରିମାଣରେ କ୍ଷୀରି ଖାଇଲେ ହାଡ଼ ଶକ୍ତିଶାଳୀ ହୁଏ। ଚାଉଳ କ୍ଷୀରି ଶରୀରକୁ ପୋଷଣ ଯୋଗାଇଥାଏ। ଏଥିରେ କାଜୁ, କିସମିସ, ବାଦାମ ଭଳି ଉପାଦାନ ମିଶାଇଲେ ଏହାର ପୋଷକମୂଲ୍ୟ ଆହୁରି ବଢ଼ିଯାଏ। ଏହି ଶୁଖିଲା ଫଳଗୁଡ଼ିକରେ ଭିଟାମିନ୍, ଖଣିଜ ଲବଣ ଓ ଆଣ୍ଟିଅକ୍ସିଡେଣ୍ଟ ଥାଏ, ଯାହା ରୋଗପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ଏହା ମନକୁ ଶାନ୍ତି ଏବଂ ଖୁସି ଦେଇଥାଏ। ମିଠା ଖାଦ୍ୟ ସାଧାରଣତଃ ମନକୁ ପ୍ରସନ୍ନ କରେ। ପର୍ବପର୍ବାଣୀ, ପୂଜାପାଠ ଓ ପାରିବାରିକ ଉତ୍ସବରେ ଚାଉଳ କ୍ଷୀରି ନିଶ୍ଚିତ ଭାବରେ ହୋଇଥାଏ। ଏହା ପରିବାର ସଦସ୍ୟମାନଙ୍କ ମଧ୍ୟରେ ସ୍ନେହ ଓ ଏକତା ବଢ଼ାଇବାରେ ମଧ୍ୟ ସହାୟକ ହୁଏ।

ଚାଉଳ କ୍ଷୀରି ସହଜପାଚ୍ୟ ଖାଦ୍ୟ ଭାବେ ମଧ୍ୟ ପରିଚିତ। ନରମ ଏବଂ ତରଳ ପ୍ରକୃତିର ହୋଇଥିବାରୁ ଏହାକୁ ଶିଶୁ ଓ ବୃଦ୍ଧମାନେ ସହଜରେ ଖାଇପାରନ୍ତି। ଅସୁସ୍ଥତା ପରେ ଶରୀରକୁ ଶକ୍ତି ଫେରାଇବା ପାଇଁ ମଧ୍ୟ କ୍ଷୀରି ଏକ ଭଲ ବିକଳ୍ପ ହୋଇପାରେ। ତେବେ ଏକଥା ମନେ ରଖିବା ଆବଶ୍ୟକ ଯେ, ଅତ୍ୟଧିକ ଚିନି ମିଶାଇ ଅଧିକ ପରିମାଣରେ କ୍ଷୀରି ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। ମଧୁମେହ ରୋଗୀ ଏବଂ ଓଜନ ନିୟନ୍ତ୍ରଣ କରୁଥିବା ବ୍ୟକ୍ତିମାନେ ସୀମିତ ପରିମାଣରେ ଏହା ସେବନ କରିବା ଉଚିତ।

ଚାଉଳ କ୍ଷୀରି ଏକ ସ୍ୱାଦିଷ୍ଟ, ପୌଷ୍ଟିକ ଓ ଶକ୍ତିବର୍ଦ୍ଧକ ଖାଦ୍ୟ। ଏହା ଶରୀରକୁ ଶକ୍ତି ଦେବା, ହାଡ଼କୁ ମଜବୁତ କରିବା, ପୋଷଣ ଯୋଗାଇବା ଓ ମାନସିକ ସନ୍ତୁଷ୍ଟି ପ୍ରଦାନ କରିବାରେ ସହାୟକ। ତେଣୁ ସନ୍ତୁଳିତ ପରିମାଣରେ ଚାଉଳ କ୍ଷୀରି ସେବନ କଲେ ଏହା ସ୍ୱାସ୍ଥ୍ୟ ପାଇଁ ଉପକାରୀ ପ୍ରମାଣିତ ହୋଇପାରେ।



ଶୁଣିଲାନି ବନ ବିଭାଗ

# ଗାଁ ଲୋକ ତିଆରି କଲେ ସୋଲାର ବାଡ଼



ଅନୁଗୋଳ,୨୫।୬(ସଂଚାର ବ୍ୟୁରୋ): ସରକାର ବନ୍ୟଜନ୍ତୁଙ୍କ ଦାଉରୁ ଲୋକଙ୍କ ଧନଜୀବନ ରକ୍ଷା କରିବା ପାଇଁ କୋଟିକୋଟି ଟଙ୍କାର ଯୋଜନା କରୁଛନ୍ତି। ଏହାର ଦାୟିତ୍ୱ ରହିଛି ବନ ବିଭାଗ ହାତରେ। ହେଲେ ବାସ୍ତବରେ ଏସବୁ ଯୋଜନା ସମ୍ପୂର୍ଣ୍ଣ ବିଫଳ। ବାରମ୍ବାର ଗୁହାରି ପରେ ବି ଯେତେବେଳେ କେହି ଶୁଣିଲେ ନାହିଁ, ଶେଷରେ ସରକାରଙ୍କ ଭରସାରେ ନବସି, ନିଜ ଗାଁ ଏବଂ ପଥଚାରୀଙ୍କ ଜୀବନ ବଞ୍ଚାଇବାକୁ ନିଜ ଟଙ୍କାରେ ତିଆରି କରୁଛନ୍ତି ସୋଲାର ବାଡ଼। ଅନୁଗୋଳ ଜିଲ୍ଲା ସାତକୋଶିଆ ଅଭୟାରଣ୍ୟ ଭିତରେ ଥିବା କୋଠଭୂଇଁ ପଞ୍ଚାୟତର ଲଇମୁଣ୍ଡା ଗାଁରେ ବସବାସ କରୁଥିବା ସମୁଦାୟ ୩୨ଟି ପରିବାରର ବିଭିନ୍ନ ପନିପରିବା ଚାଷ କରି ଗୁଜୁରାଣ ମେଣ୍ଟାନ୍ତି। ହେଲେ ଅଭୟାରଣ୍ୟ ଭିତରେ ଥିବାରୁ ଗାଁରେ ସବୁବେଳେ ଲାଗି ରହିଥାଏ ବନ୍ୟଜନ୍ତୁଙ୍କ ଉପଦ୍ରବ। କେତବେଳେ ବିଲରେ ବଶି ଫସଲ ନଷ୍ଟ କରନ୍ତି ତ' ଆଉ କେତବେଳେ ମଣିଷ ଉପରେ ଆକ୍ରମଣ। ଗାଁ ଓ ଫସଲର ସୁରକ୍ଷା ପାଇଁ ବନ ବିଭାଗକୁ ବାରମ୍ବାର ଅଭିଯୋଗ କରାଯାଇଥିଲା, ହେଲେ କୌଣସି ସୁଫଳ ନମିଳିବାରୁ ଏକଜୁଟ ହୋଇଛନ୍ତି ଗାଁ ଲୋକ। ଗାଁ ଓ ଚାଷ ଜମି ଚାରିପଟେ ସୋଲାର ବାଡ଼ ନିର୍ମାଣ କରୁଛନ୍ତି। ୪ କିମି ବାଡ଼ କାମ ଶେଷ ହୋଇଥିବା ବେଳେ, ଆହୁରି ୫ କିମି ବାଡ଼ ଭିଡ଼ିବାକୁ ଯୋଜନା ରହିଛି। ଏଥିପାଇଁ ପ୍ରତି ଘରୁ ୨ ହଜାର ଟଙ୍କା ଲେଖାଏଁ ଚାନ୍ଦା ଆଦାୟ କରାଯାଇଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୫୦ ହଜାର ଟଙ୍କାରେ ତାର, ଇନ୍ସୁଲେଟର ଏବଂ ସୋଲାର ମେସିନ ଭଳି ସାମଗ୍ରୀ କିଣାସରିଛି। ଗାଁର ପ୍ରତି ପରିବାରରୁ ଜଣେ ଲେଖାଏଁ ସଦସ୍ୟ ଆସି ଶ୍ରମଦାନ କରି କରୁଛନ୍ତି। ଯଦି କେହି କାମକୁ ନଆସେ, ତେବେ ମୂଳ ବାବଦକୁ ୪୦୦ ଟଙ୍କା ଦେବାର ନିୟମ ମଧ୍ୟ ହୋଇଛି। ବନ ବିଭାଗର ଅପାରଗତା ପରେ ଗାଁ ଲୋକଙ୍କ ଏଭଳି ଆତ୍ମନିର୍ଭରଶୀଳ ପ୍ରୟାସ ନିଶ୍ଚିତ ଭାବେ ପ୍ରଶଂସନୀୟ। ତେବେ ସରକାର କିମ୍ବା ବନ ବିଭାଗ ଯଦି ଏହି ଗାଁକୁ ସାହାଯ୍ୟର ହାତ ବଢ଼ାନ୍ତେ, ତେବେ ଗାଁ ଅଧିକ ସୁରକ୍ଷିତ ହୋଇପାରନ୍ତା।

ପୁଣି ମାଲକାନଗିରିରେ ଜନନୀ ଯନ୍ତ୍ରଣା

# ୪ କିମି ଚାଲିଲେ ଗର୍ଭବତୀ



ମାଲକାନଗିରି,୨୫।୬(ସଂଚାର ବ୍ୟୁରୋ): ପୁଣି ଜନନୀ ଯନ୍ତ୍ରଣା , ୪ କିଲୋମିଟର ଚାଲିଲେ ଗର୍ଭବତୀ । ମାଲକାନଗିରି ଜିଲା ଖଇରପୁଟ ବ୍ଲକ ସୀମାନ୍ତରେ ଥିବା ଗୋବିନ୍ଦପାଲି ପଞ୍ଚାୟତ ଅଧିନ ଅନ୍ଧାରୀ ଗାଁ ରୁ ସାମ୍ନାକୁ ଆସିଛି ଏପରି ଦୃଶ୍ୟ । ରାସ୍ତା ନ ଥିବା ରୁ ୪ କିଲୋମିଟର ଚଲାଇ ଚଲାଇ ଗର୍ଭବତୀ ମହିଳାଙ୍କୁ ଆଣିଲେ ଆଶାଦିଦି । ଗାଁର ପୂର୍ବ ପ୍ରଧାନୀଙ୍କ ସ୍ତ୍ରୀ ଲିଜା ପ୍ରଧାନୀ ଗର୍ଭ ଯନ୍ତ୍ରଣା ଆରମ୍ଭ ହୋଇଥିଲା । ଏତିକିବେଳେ ଆଶାଦିଦିଙ୍କୁ ଖବର ଦେବା ପରେ ତାଙ୍କୁ ଗାଁରୁ ଶୋଚନୀୟ ରାସ୍ତା ଥିବାରୁ ଗାଡି ଆସି ୪ କିଲୋମିଟର ଦୂରରେ ଥିବା କୋରାପୁଟ ଜିଲାର ଜବାଗଡ ଛକରେ ଅଟକି ରହିଥିଲା। ଶେଷରେ ଉପାୟଶୂନ୍ୟ ହୋଇ ଗାଁ ର ଆଶାଦିଦି ଏବଂ ପରିବାର ଲୋକେ ତାଙ୍କୁ ଚଲାଇ ଆଣିଥିଲେ। ପରେ ଆମ୍ବୁଲାନ୍ସ ଯୋଗେ ଖଇରପୁଟ ବ୍ଲକ ସ୍ୱାସ୍ଥ୍ୟକେନ୍ଦ୍ର ଭର୍ତ୍ତି କରାଯାଇଛି ।

# ଜିଲ୍ଲା ପ୍ରଶାସନ ଦ୍ୱାରା ନିଶାମୁକ୍ତ ଭାରତ ସଚେତନତା କାର୍ଯ୍ୟକ୍ରମ



ସୁବର୍ଣ୍ଣପୁର,୨୫।୬(ସଂଚାର ବ୍ୟୁରୋ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ରେଆର ର ଧୋବମୁଣ୍ଡା ସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ସୁବର୍ଣପୁର ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ ଅଧ୍ୟକ୍ଷତା କରି ନିଶା ମୁକ୍ତ ଭାରତ ଗଠନ ପାଇଁ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିବା ସହ ପ୍ରତିଭାଗୀ ମାନଙ୍କୁ ଏହି ସମ୍ପର୍କରେ ସମ୍ପର୍କୀୟ ମାନଙ୍କୁ ସଚେତନ କରିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ରେ ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ର ଭାଇ ବିକେ ଅରୁଣ ଓ ସଦାଶିବ, ଭଉଣୀ ବିକେ ଜୟଶ୍ରୀ ଓ ବିକେ ଶିବାନୀ ମାନେ ଯୋଗ ଦେଇ ନିଶା ସେବନ ର ନକାରାତ୍ମକ ଦିଗ ଓ ଏହାର ପାରିବାରିକ ତଥା ସାମାଜିକ ପ୍ରଭାବ ସମ୍ପର୍କରେ ପୋଷ୍ଟର ପ୍ରଦର୍ଶନ ମାଧ୍ୟମରେ ଉପସ୍ଥାପନ କରିଥିଲେ। ଏହା ସହ ଏକ ସୁସ୍ଥ ସମାଜ ଗଠନ ପାଇଁ ସୁସ୍ଥ ମନ ଓ ସୁସ୍ଥ ପରିବେଶ ର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ରେଆର ର ସାଧାରଣ ସମ୍ପାଦକ ଅନଙ୍ଗ ନେଗି ଜୀବନରେ ସୁସ୍ଥ ଶରୀର ର ଆବଶ୍ୟକତା ପାଇଁ ନିଶା ମୁକ୍ତ ଜୀବନ ଅପରିହାର୍ଯ୍ୟ ବୋଲି ଆଲୋଚନା କରିଥିଲେ। ପରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଙ୍କ ଦ୍ୱାରା ନିଶାମୁକ୍ତ ସମାଜ ଗଠନ ଦିଗରେ ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମ ରେ ବିଶ୍ୱଭାରତି ଚିନ୍ତନ ଶିକ୍ଷା ନିକେତନ, ଯଶୋଦା ଦେବୀ ନର୍ସିଙ୍ଗ ସେଣ୍ଟର, ହେଲ୍ଥ ଟୁ ଅଦର, ସିୟା ସଂଗଠନ, ବୁଢ଼ାରଜା ଯୁବ ଅନୁଷ୍ଠାନ, ଗୋଷ୍ଠୀ ମାନସିକ କାର୍ଯ୍ୟକ୍ରମ ର ସ୍ୱେଚ୍ଛାସେବୀ, କର୍ମକର୍ତ୍ତା ଓ ରେଆର ଅନୁଷ୍ଠାନ ର କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

ବୃନ୍ଦାବାହାଲ ଆରଆଇ ଅଫିସରେ ବେସରକାରୀ କର୍ମଚାରୀଙ୍କ ପ୍ରାଧାନ୍ୟ

# ସରକାରୀ କାର୍ଯ୍ୟ ବାଟବଣା, ଚରମସୀମାରେ ଦୁର୍ନୀତି



କଳାହାଣ୍ଡି,୨୫।୬(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ତହସିଲ ଅନ୍ତର୍ଗତ ବୃନ୍ଦାବାହାଲ ରାଜସ୍ୱ ନିରୀକ୍ଷକ (ଆରଆଇ)ଙ୍କ ଦପ୍ତରରେ ବେସରକାରୀ କର୍ମଚାରୀଙ୍କ ଅବାଧ ପ୍ରବେଶ ଏବଂ ପ୍ରାଧାନ୍ୟ ଯୋଗୁଁ ସରକାରୀ କାର୍ଯ୍ୟ ବାଟବଣା ହୋଇପଡ଼ିଛି। ଏହା ଫଳରେ ଏହି କାର୍ଯ୍ୟାଳୟ ରେ ଦୁର୍ନୀତି ଚରମସୀମାରେ ପହଞ୍ଚିଥିବା ଅଭିଯୋଗ ହେଉଛି। ସାଧାରଣ ଲୋକେ ସେମାନଙ୍କର କାର୍ଯ୍ୟ ପାଇଁ ଆରଆଇ ଅଫିସକୁ ଗଲେ ସେଠାରେ ସରକାରୀ କର୍ମଚାରୀଙ୍କ ବଦଳରେ ଏହି ବେସରକାରୀ ବ୍ୟକ୍ତିମାନଙ୍କୁ ସାମ୍ନା କରୁଛନ୍ତି। ଏହି ବେସରକାରୀ କର୍ମଚାରୀମାନେ ବିଭିନ୍ନ କାର୍ଯ୍ୟ ଯଥା ଜମିବାଡ଼ି ସମ୍ବନ୍ଧୀୟ ତଥ୍ୟ, ନକଲ ପ୍ରଦାନ, ଟିକସ ଆଦାୟ ଏବଂ ଅନ୍ୟାନ୍ୟ ପ୍ରଶାସନିକ କାର୍ଯ୍ୟରେ ସିଧାସଳଖ ହସ୍ତକ୍ଷେପ କରୁଛନ୍ତି। ଏମାନଙ୍କ ମାଧ୍ୟମରେ କାର୍ଯ୍ୟ କରାଇବା ପାଇଁ ସାଧାରଣ ଜନତାଙ୍କୁ ଅନେକ ସମୟରେ ଅଧିକ ଅର୍ଥ ଦେବାକୁ ପଡୁଛି। ଯେଉଁ କାର୍ଯ୍ୟ ସରକାରୀ ନିୟମ ଅନୁଯାୟୀ ବିନା ଅର୍ଥରେ କିମ୍ବା ସାମାନ୍ୟ ଶୁଳ୍କରେ ହେବା କଥା, ସେଥିପାଇଁ ମଧ୍ୟ ବେସରକାରୀ ବ୍ୟକ୍ତିମାନେ ମୋଟା ଅଙ୍କର ଟଙ୍କା ଦାବି କରୁଛନ୍ତି। ଏପରିକି, ସେମାନେ ଧମକଚମକ ଦେଇ ଲୋକଙ୍କଠାରୁ ଅର୍ଥ ଆଦାୟ କରୁଥିବା ଅଭିଯୋଗ ହେଉଛି। ଏହି ପରିସ୍ଥିତି ଯୋଗୁଁ ସରକାରୀ ବ୍ୟବସ୍ଥା ପ୍ରତି ଜନସାଧାରଣଙ୍କ ଆସ୍ଥା କମିବାରେ ଲାଗିଛି। ରାଜସ୍ୱ ନିରୀକ୍ଷକ ଙ୍କ କାର୍ଯ୍ୟାଳୟରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱର ଅଭାବ ପରିଲକ୍ଷିତ ହେଉଛି। ଉଚ୍ଚପଦସ୍ଥ ଅଧିକାରୀମାନେ ଏହି ବିଷୟରେ ଅବଗତ ଥିଲେ ମଧ୍ୟ କୌଣସି ଦୃଢ଼ ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ ହେଉଛି। ଏହି ସମସ୍ୟାର ତୁରନ୍ତ ସମାଧାନ କରା ନ ଗଲେ, ଏହା ଭବିଷ୍ୟତରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିବା ସହ ସରକାରୀ ସେବା ପ୍ରଦାନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ାଇ ଦେବାର ଆଶଙ୍କା ରହିଛି। ଏଣୁ, ତୁରନ୍ତ ଏହି ବେସରକାରୀ କର୍ମଚାରୀଙ୍କ ପ୍ରାଧାନ୍ୟକୁ ରୋକିବା ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଟ୍ରକକୁ ପଛପଟୁ ପିଟି ବାଇକ ଆରୋହୀ ଆହତ



ବୈଶିଙ୍ଗା,୨୫।୬ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଉପକଣ୍ଠ ହିରୋ ସୋରୁମ ନିକଟରେ ୧୮ ନଂ ଜାତୀୟ ରାଜପଥ ଉପରେ ଟ୍ରକକୁ ପଛପଟୁ ଧକ୍କା ଦେଇ ବାଇକ ଏବଂ ଚାଳକ ଗୁରୁତର ଆହତ। ପ୍ରାପ୍ତ ସୂଚନା ମୁତାବକ ଗୁରୁବାର ପୂର୍ବାହ୍ନ ସମୟରେ ବାଲେଶ୍ୱରରୁ ବାରିପଦା ଅଭିମୁଖେ ଯାଉଥିବା ଏମପି-୦୯ଜେଡ଼୍ୱାଇ-୦୩୮୪ ନମ୍ବର ବିଶିଷ୍ଟ ଏକ ଟ୍ରକକୁ ଓଡ଼ି-୦୧ଏଆର- ୮୨୮୦ ନଂ ବିଶିଷ୍ଟ ବାଇକ ପଛପଟୁ ଧକ୍କା ମାରିଥିଲା। ଫଳରେ ବାଇକ ଆରୋହୀ ଗୁରୁତର ଭାବେ ଆହତ ହୋଇ ରାସ୍ତା ଉପରେ ପଡ଼ି ରହିଥିଲେ। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଆହତଙ୍କୁ ଉଦ୍ଧାର କରି ବୈଶିଙ୍ଗା ଡାକ୍ତରଖାନାକୁ ନେଇଯାଇଥିଲେ। ଗୁରୁତର ଆହତ ହୋଇଥିବା ଜନୈକ ବାଇକ ଆରୋହୀ ଜଣକ ହେଲେ ବାଲେଶ୍ୱର ଜିଲ୍ଲା ଜଙ୍ଗରାଇ ଗ୍ରାମର ଜବାନ ହୁସେନ ବୋଲି ଜଣାପଡ଼ିଛି।ସ୍ଥାନୀୟ ଲୋକଙ୍କ କହିବା ମୁତାବକ ଟ୍ରକ ଆଗଦେଇ କିଛି ଗୋରୁ ହଠାତ୍ ରାସ୍ତା ପାରି ହେଉଥିବା ଦେଖି ଟ୍ରକ ଚାଳକ ଜଣକ ଗାଡିର ଗତି କମାଇଥିଲେ। ଏହା ଜାଣି ନପାରି ବାଇକ ଆରୋହୀ ଧକ୍କା ଦେଇ ଥିଲେ। ତେବେ ଖବରପାଇ ବୈଶିଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଟ୍ରକ ଓ ବାଇକକୁ ଜବତ କରି ତଦନ୍ତ କରିଥିବାର ଜଣାଯାଇଛି।

ଶୁଭମର ରୋଗ ପାଇଁ, ଚିନ୍ତିତରେ ମା'

# ଚିକିତ୍ସା ପାଇଁ ପ୍ରଶାସନକୁ କଲେ ଗୁହାରି



କଳାହାଣ୍ଡି,୨୫।୬(ସଂଚାର ବ୍ୟୁରୋ): ଜନ୍ମରୁ ବିଧାତା ଦେଇଛି ଦୁଃଖ, ଆଉ ଏବେ ଦାରିଦ୍ର୍ୟ ସାଜିଛି ବାଧକ।୯ ବର୍ଷର ଶିଶୁପୁତ୍ରର ବେକରେ ଛିଦ୍ର ହୋଇଥିବାରୁ ପାଣି ପିଇଲେ ତାହା ବେକ ବାଟେ ବାହାରକୁ ଚାଲିଆସୁଛି। ବୟସ ବଢ଼ିବା ସହିତ ଏହି ଛିଦ୍ର ମଧ୍ୟ ଧୀରେ ଧୀରେ ବଡ଼ ହେବାରେ ଲାଗିଛି। ଏଭଳି ଏକ ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି କୋକସରା ବ୍ଲକ ମୁଷାପାଲି ମୃଦୁଙ୍ଗିଆ ପଡ଼ାରେ। ଏହି ପଡ଼ାର ବିଧବା ମା' କୌଶଲ୍ୟା ବାଗଙ୍କ ସାନ ପୁଅ ସୁଭମ ବାଗ (୯) ଏବେ ଏଭଳି ରୋଗରେ ପୀଡ଼ିତ ହୋଇଛନ୍ତି। କୌଶଲ୍ୟାଙ୍କ ସ୍ୱାମୀଙ୍କ ମୃତ୍ୟୁପରେ ପରିବାରର ସମସ୍ତ ବୋଝ ତାଙ୍କ ଉପରେ ପଡ଼ିଛି। ବଡ଼ ପୁଅ ନମିସ (୧୫), ଝିଅ ବର୍ଷା (୧୨) ଓ ସାନ ପୁଅର ସୁଭମଙ୍କୁ ନେଇ ତାଙ୍କର ତେଲଲୁଣର ସଂସାର ଓ ସରକାରୀ ସହାୟତା କହିଲେ ମାସିକ ହଜାରେ ଟଙ୍କାର ବିଧବା ଭତ୍ତା ଏବଂ ରାସନ କାର୍ଡରେ କିଛି ଚାଉଳ ମିଳୁଛି ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଖଣ୍ଡିଏ ଘର ମିଳିଥିଲେ ମଧ୍ୟ ଦୈନିକ କୁଲି ମଜୁରୀ ନକଲେ ଚୁଲି ଜଳେନାହିଁ। ଏଭଳି ସ୍ଥିତିରେ କୌଶଲ୍ୟାଙ୍କ ପକ୍ଷେ ସ୍ୱପ୍ନ ପାଲଟିଛି। ଆଶ୍ଚର୍ଯ୍ୟର କଥା ଯେ, ପରିବାରର ୩ ଜଣ ସଦସ୍ୟଙ୍କ ନାମରେ ଆୟୁଷ୍ମାନ କାର୍ଡ ଆସିଥିବା ବେଳେ, ଯେଉଁ ରୋଗୀଣା ଶିଶୁ ପାଇଁ ଚିକିତ୍ସା ସବୁଠାରୁ ଜରୁରୀ, ସେହି ସୁଭମଙ୍କ ନାମରେ ଆୟୁଷ୍ମାନ କାର୍ଡ ଆସିନାହିଁ ଓ ଯାହାକୁ ନେଇ ମା' କୌଶଲ୍ୟା ଅତ୍ୟନ୍ତ କ୍ଷୋଭ ଓ ଦୁଃଖପ୍ରକାଶ କରିଛନ୍ତି। ପୁଅର ଜୀବନ ବଞ୍ଚାଇବା ପାଇଁ ସେ' ଏବେ ସରକାରୀ ସହାୟତା ନିମନ୍ତେ କାକୁତି ମିନତି ହୋଇ ଗୁହାରି କରିଛନ୍ତି। ଗ୍ରାମର ଦିଗାମ୍ବର ନାଗଙ୍କ ସମେତ ସ୍ଥାନୀୟ ପଡ଼ୋଶୀ ମାନେ ମଧ୍ୟ ଶିଶୁର ଉପଯୁକ୍ତ ଚିକିତ୍ସା ପାଇଁ ପ୍ରଶାସନ ତରଫରୁ ତୁରନ୍ତ ଆର୍ଥିକ ଓ ଚିକିତ୍ସା ସହ ଓ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ହିମାଞ୍ଚଳ ମାଝୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଆସନ୍ତାକାଲି ହିଁ ଗ୍ରାମକୁ ଏକ ମେଡିକାଲ ଟିମ୍ ପଠାଯିବ। ଶିଶୁର ସ୍ୱାସ୍ଥ୍ୟ ପରୀକ୍ଷ କରାଯିବା ସହ ସମସ୍ତ ପ୍ରକାର ସରକାରୀ ସୁବିଧା ଓ ଉଚ୍ଚକୋଟୀର ଚିକିତ୍ସା ବ୍ୟବସ୍ଥା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

● ଦିନରେ ଦୁଇଥର ବିଜୁଳି କାଟ

# ଅସହ୍ୟ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ

ବୈଶିଙ୍ଗା,୨୫।୬(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲାର ବୈଶିଙ୍ଗା ବିଦ୍ୟୁତ ସେକସନ୍ ଅଞ୍ଚଳରେ ଦିନକୁ ପ୍ରାୟ ୨୦ ଥର ପର୍ଯ୍ୟନ୍ତ ଅଘୋଷିତ ପାୱାର କଟ୍ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ପ୍ରତ୍ୟେକ ଦିନ ସକାଳ ୫ ଟା ଠାରୁ ୭.୩୦ ପର୍ଯ୍ୟନ୍ତ ବିଦ୍ୟୁତ କାଟ୍ ହେଉଥିବା ସହ ଦିନ ମଧ୍ୟରେ ଅତି କମରେ ପନ୍ଦର ଥର ବିଦ୍ୟୁତ



ସରବରାହ ବ୍ୟାହତ ହେଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଉପଭୋକ୍ତା। ତେବେ ଏ ସମ୍ପର୍କରେ ଟାଟା ପାୱାର ବେତନଟୀ ଉପଖଣ୍ଡ ଅଧିକାରୀ ଇଂ ଶୁଭଦୀପ୍ତ ମିଶ୍ରଙ୍କୁ ପଚାରିବାରୁ ଆବଶ୍ୟକୀୟ ମରାମତି କାର୍ଯ୍ୟ ପାଇଁ ପ୍ରତିଦିନ ଅନେକ ସମୟରେ ବିଦ୍ୟୁତ ସରବରାହ ସର୍ଟଡାଉନ୍ କରିବାକୁ ପଡୁଛି। ତେବେ ଉପଭୋକ୍ତା ମାନେ ଦିନରେ ୨୦ ଥରରୁ ଊର୍ଦ୍ଧ୍ୱ ପାୱାରକଟ୍ ହେଉଥିବା ଅଭିଯୋଗକୁ ସେ ଅସ୍ୱୀକାର କରିଥିଲେ।

# ସରକାରଙ୍କ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ କୃଷି ବିଭାଗର ତତ୍ପରତା



ଦାରିଙ୍ଗବାଡି,୨୫।୬(ସଂଚାର ବ୍ୟୁରୋ): ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଇବା ଓ ସଠିକ ଭାବେ କୃଷକଙ୍କ ନାମ ପଞ୍ଜିକୃତ କରାଇବାରେ କନ୍ଧମାଳ ଜିଲା ଦାରିଙ୍ଗବାଡି କୃଷି ବିଭାଗ ବଡ଼ ପଦକ୍ଷେପ ନେଇଛି । ଗୁରୁବାର କୃଷି କାର୍ଯ୍ୟାଳୟ ପରିସର ମଧ୍ୟରେ ବ୍ଲକ କୃଷି ଅଧିକାରୀ ସୀତାଂଶୁ କୁମାର ମଲିକଙ୍କ ଅଧ୍ୟକ୍ଷତାରେ ତହସିଲଦାର ଧୀରଜ ପାତ୍ର, ସହକାରୀ କୃଷି ଅଧିକାରୀ ଅସେଲେସା ରଥ ଉପସ୍ଥିତ ରହି ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ରହିଥିବା କମନ ସର୍ଭିସ ସେଣ୍ଟର (ସିଏସସି)ର ସମସ୍ତ ଭିଏଲଇ (ଭିଲେଜ ଲେଭେଲ ଇଂଟରେପ୍ରେନିୟୁର ବା ଉଦ୍ୟୋକ୍ତା)ଙ୍କୁ ତାଲିମ ପ୍ରଦାନ କରିଛନ୍ତି । ସରକାରଙ୍କ ଦ୍ୱାରା କୃଷକଙ୍କ ପାଇଁ ରହିଥିବା ଯୋଜନା ଓ ବୀମା ଗୁଡିକ ଅନଲାଇନରେ କିଭଳି ସଠିକ ତଥ୍ୟ ସହ ପଞ୍ଜିକୃତ କରାଯିବ ବିଶେଷ କରି ପିଏମ କିଶାନ, ସିଏମ କିଶାନ, ଫସଲ ବୀମା ଆଦି ସରକାରଙ୍କ ଯୋଜନାକୁ ପଞ୍ଜିକୃତ କରାଇବେ ଓ ତାକୁ ତ୍ୱରାନ୍ୱିତ କରାଇବେ ସେନେଇ ତାଲିମ ପ୍ରଦାନ କରାଯାଇଥିଲା । ସରକାରଙ୍କ ବିଭିନ୍ନ ଯୋଜନାଗୁଡିକ ପଞ୍ଜିକୃତ କୃଷକଙ୍କ ପାଇଁ ରହିଥିବା ବିଧିବ୍ୟବସ୍ଥା ଉପରେ ଏହି ତାଲିମ ଶିବିରରେ ଗୁରୁତ୍ୱ ଦିଆଯାଇଥିଲା।

ପ୍ରେମ ସାଜିଲା କାଳ

# ପଶ୍ଚିମବଙ୍ଗ ପ୍ରେମିକାଙ୍କୁ ଓଡ଼ିଶା ଆଣି ହତ୍ୟା



ହାଟଡିହୀ,୨୫।୬(ସଂଚାର ବ୍ୟୁରୋ): ପ୍ରେମର କରୁଣ ପରିଣତି। ପ୍ରେମ ପାଇଁ ଚାଲିଗଲା ଜଣେ ଯୁବତୀଙ୍କ ଜୀବନ। ସମ୍ପର୍କର ମଧୁରତା ଶେଷରେ ମୃତ୍ୟୁର କାରଣ ସାଜିଛି, ଯାହା ହାଟଡିହୀ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଏହି ହତ୍ୟାକାଣ୍ଡର ତାର ତିନୋଟି ରାଜ୍ୟ ସହ ଜଡ଼ିତ ଥିବା ବେଳେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପୋଲିସ ସୂଚନା ଦେଇଛି। ଗତ ଜୁନ୍ ୨୩ (ମଙ୍ଗଳବାର) ସନ୍ଧ୍ୟାରେ କେନ୍ଦୁଝର ଜିଲା ସୋସୋ ଥାନା ବାଲିଆ ଅଞ୍ଚଳର ଏକ ପାଣି-କାଦୁଅ ଭରା ବିଲରୁ ଜଣେ ଅଚିହ୍ନା ମହିଳାଙ୍କ ପଚି-ଫୁଲି ଯାଇଥିବା ମୃତଦେହ ଉଦ୍ଧାର କରାଯାଇଥିଲା। ପରଦିନ ବୁଧବାର ଥାନାଧିକାରିଣୀ କାନନ ସାହୁଙ୍କ ସହ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହକୁ ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ବ୍ୟବଚ୍ଛେଦ କରାଇଥିଲେ। ପୋଲିସ ପ୍ରଥମେ ଏକ ଅପମୃତ୍ୟୁ ମାମଲା (ୟୁଡ଼ି କେସ୍ ନଂ ୧୦/୨୦୨୬) ରୁଜୁ କରିଥିଲା। କେନ୍ଦୁଝର ଏସପି ନୀତିନ କୁଶଲକର ଦାଗୁଡୁଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଏସପି ପ୍ରତ୍ୟୁଷ ମହାପାତ୍ରଙ୍କ ନେତୃତ୍ୱରେ ପୋଲିସର ଏକାଧିକ ଟିମ୍ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଘଟଣାସ୍ଥଳରୁ ମିଳିଥିବା ମହିଳାଙ୍କ ଏକ ଭ୍ୟାନିଟ ବ୍ୟାଗ୍ରୁ ପୋଲିସକୁ ତାଙ୍କ ପରିଚୟ ଏବଂ ହତ୍ୟାକାଣ୍ଡର କିଛି ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ମିଳିଥିଲା।

ଗ୍ରାମ୍ୟ ଉନ୍ନୟନ ବିଭାଗ ଅମଣିଦା ଗାଁ ରାସ୍ତା ମରଣଯନ୍ତା

# ରାସ୍ତା ଅତିକ୍ରମ ବେଳେ ଦୁଇ ବସରେ ଯାନ୍ତ୍ରିକ ତ୍ରୁଟି

ବୈଶିଙ୍ଗା,୨୫।୬(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ପୁରିନ୍ଦା ପଞ୍ଚାୟତ ଅମଣିଦା ରୁ ଭୁରକୁଣ୍ଡି ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଦୀର୍ଘ ଦିନ ଧରି ମରଣଯନ୍ତା ହୋଇ ପଡ଼ିରହିଛି। ରାସ୍ତାଟି ଏତେ ଖରାପ ହୋଇଛି ଯେ ଗୁରୁବାର ଦିନ ସକାଳେ ସେହି ରାସ୍ତା ଦେଇ ପ୍ରତିଦିନ ଯାତାୟାତ କରୁଥିବା ଦୁଇଟି ଯାତ୍ରୀବାହୀ ବସର ଏକସେଲ ଭାଙ୍ଗିଯିବା ଯୋଗୁଁ ଯାନ୍ତ୍ରିକ ତ୍ରୁଟି ଦେଖା ଯାଇଥିଲା ଓ ବସକୁ ଗାଁ ମୁଣ୍ଡ ରାସ୍ତାରେ ବହୁ ସମୟ ପର୍ଯ୍ୟନ୍ତ ଠିଆ ହୋଇ ରହିଥିବା ଦେଖାଯାଇଥିଲା। ଗ୍ରାମବାସୀଙ୍କ କହିବା ଅନୁସାରେ ଏଥିଯୋଗୁଁ ଦୁଇଟି ଯାକ ଯାତ୍ରୀବାହୀ ବସ ବଡ଼ ଦୁର୍ଘଟଣାରୁ ବର୍ତ୍ତୀ ଯାଇଥିଲେ। ବାରମ୍ବାର ଗଣମାଧ୍ୟମରେ ଖବର ବାହାରିବା ପରେ ରାସ୍ତା ମରାମତି ଅତି ଶୀଘ୍ର ହୋଇଯିବା ନେଇ ଗ୍ରାମ୍ୟ ଉନ୍ନୟନ ଅଧିକାରୀଙ୍କ ନିକଟରୁ ପ୍ରତିଶ୍ରୁତି ମିଳିଥିଲା। ହେଲେ ସେହି ପ୍ରତିଶ୍ରୁତି ଦିନକୁ ଦିନ ପାଣିର ଗାରରେ ପରିଣତ ହୋଇଥିଲା। ଦୀର୍ଘ ଦିନ ଧରି ରାସ୍ତା ମରାମତି ହେଉ ନଥିବାରୁ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ହଜାର ହଜାର ଯାତ୍ରୀ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣାର ଶିକାର ହୋଇଥାନ୍ତି। ବହୁ ଦୁଇ ଚକିଆ ଓ ଚାରି ଚକିଆ ଯାନ ଏହି ରାସ୍ତାରେ ଯିବା ବେଳେ ଗାଡି ଖରାପ ହେବାର ନଜର ମଧ୍ୟ ଆସିଛି। ଅନେକ ସମୟରେ ଯାତ୍ରୀମାନେ ଦୁର୍ଘଟଣାର ଶିକାର ହେବା ସହ ବହୁ ହଇରାଣ ମଧ୍ୟ



ହୋଇଥାନ୍ତି। ୧୦୮ ଆମ୍ବୁଲାନ୍ସ ଯିବା ସମୟରେ ମଧ୍ୟ ରୋଗୀ ବହୁ ଅସୁବିଧାର ସମୁଖୀନ ହୋଇଥାନ୍ତି। ସୂଚନା ଅନୁସାରେ ଗୁରୁବାର ଦିନ ପ୍ରତିଦିନ ଭଳି ବେତନଟୀ ରୁ ଅମ୍ବାଗଡ଼ିଆ ଯାଉଥିବା ଯାତ୍ରୀବାହୀ ମୁଖ୍ୟମନ୍ତ୍ରୀ ବସ ସକାଳ ୧୦ଟା ବେଳେ ଅମଣିଦା ଛକ ଅତିକ୍ରମ କରୁଥିବା ବେଳେ ଖାଲ ଖମା ରାସ୍ତାରେ ବସର ହେଣ୍ଡେଲ ର ଏକସେଲ ଭାଙ୍ଗି ଯିବା ଯୋଗୁଁ ଦୁର୍ଘଟଣା ରୁ ବର୍ତ୍ତି ଯାଇଥିଲା, ଗାଡି ବହୁ ସମୟ ଧରି ଗାଁ ମୁଣ୍ଡ ରେ ଠିଆ ହୋଇ ରହିଥିଲା। ବସର ଯାତ୍ରୀମାନେ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତୀ ଯାଇଥିବା ବେଳେ ସେମାନେ ବସ ପରିବର୍ତ୍ତେ ଅନ୍ୟ ସବୁ ଗାଡ଼ିରେ ଗନ୍ତବ୍ୟ ସ୍ଥଳକୁ ଯାଇଥିଲେ। ସେହି ଭଳି ଅନ୍ୟ ଏକ ଘରୋଇ ଯାତ୍ରୀବାହୀ ବସ ଡୁକୁରା ରୁ ଧୂମସାହି ଯାଉଥିବା ବେଳେ ଗୁରୁବାର ସକାଳେ ସେହି ଅମଣିଦା ଗାଁର ଖାଲ ରାସ୍ତା ଅତିକ୍ରମ ବେଳେ ଗାଡିର ଚକ ଏକସେଲ ଭାଙ୍ଗିଯିବା ଯୋଗୁଁ ବହୁ ସମୟର ଧରି ବସ ଖରାପ ହୋଇ ଅମଣିଦା ଛକରେ ଠିଆ ହୋଇ ରହିଥିଲା। ଏଥିରେ ମଧ୍ୟ ବହୁ ଯାତ୍ରୀ ଦୁର୍ଘଟଣାରୁ ବର୍ତ୍ତୀ ଯାଇଥିଲେ। ତେବେ ପ୍ରଶ୍ନ ଉଠୁଛି ବାରମ୍ବାର ଦାବି ସତ୍ତ୍ୱେ ଏହି ରାସ୍ତା ମରାମତି କଣ ପାଇଁ ହୋଇପାରୁନି। ଯଦି ଏହି ଦୁଇଟି ବସ ର ଦୁର୍ଘଟଣା ବଡ ଧରଣର ହୋଇଥିବା ଏଥିପାଇଁ ସ୍ଥାନୀୟ ପ୍ରଶାସନ ଓ ସ୍ଥାନୀୟ ବିଧାୟକ ଦାୟୀ ରହିଥାନ୍ତେ କି? ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ବିଧାୟକଙ୍କ ବାରମ୍ବାର ଏହି ରାସ୍ତା ଦେଇ ଯିବା ଆସିବା ରହିଥିବା ବେଳେ ଏହି ରାସ୍ତା ପାଇଁ କଣ ପାଇଁ ମରାମତି ହେଉନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ। ଦୀର୍ଘ ଦିନ ଧରି ଏହି ରାସ୍ତା ପାଇଁ ଶତାଧିକ ଲୋକେ ଅସୁବିଧାରେ ସମୁଖୀନ ହେଉଛନ୍ତି। ଅଦରକାରୀ ଓ ଜନଶୂନ୍ୟ ସ୍ଥାନରେ ପ୍ରଶାସନ ଓ ନେତା ଙ୍କ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କାରେ ପୋଖରୀ ସୌନ୍ଦର୍ଯ୍ୟକରଣ, ପାର୍କ, ଜିମ୍, ସୋଲର ଆଲୁଅ ହୋଇ ପାରୁଥିବା ବେଳେ ଜନତା ଙ୍କ ସ୍ୱାର୍ଥରେ ଦୀର୍ଘ ଦିନ ଧରି ପଡ଼ି ରହିଥିବା ଦରକାରୀ ରାସ୍ତା କାର୍ଯ୍ୟ କରିବାକୁ କାହିଁକି ପ୍ରଶାସନ ଓ ନେତା ପଛାଉ ଛନ୍ତି ତାହା ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି।

● ଶଙ୍କରପୁର ହତ୍ୟା ମାମଲା

# ମୁଖ୍ୟ ଅଭିଯୁକ୍ତ ମୃଷା ଥାନାରେ ଆତ୍ମସମର୍ପଣ

ବୈଶିଙ୍ଗା,୨୫।୬(ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅନ୍ତର୍ଗତ ଚୁଆପଦା ଗ୍ରାମର ଲକ୍ଷ୍ମୀଧର ଦାସ ଓରଫ ମୃଷା ଶଙ୍କରପୁର ହତ୍ୟା ଘଟଣାରେ ବୈଶିଙ୍ଗା ଥାନାରେ ଆତ୍ମ ସମର୍ପଣ କରିଥିବା ଜଣାଯାଇଛି। ଏହି ଥାନା ସୀମାନ୍ତବର୍ତ୍ତୀ ଶଙ୍କରପୁର ଗ୍ରାମର ନଡିଆ ତୋଳା କୁ କେନ୍ଦ୍ରକରି ବଡଭାଇର ପ୍ରରୋଚନାରେ ସାନଭାଇ କୁ ହତ୍ୟା କରିଥିବା ମୃଷା ୪ ଦିନ ଧରି ଫେରାର ଥିବା ବେଳେ ଆଜି ଆତ୍ମ ସମର୍ପଣ କରିଥିଲା। ଯେହେତୁ ଘଟଣାଟି ବାଲେଶ୍ୱର ସଦର ଥାନା ଇଲାକା ରେ ହୋଇଥିଲା। ତେଣୁ ତାକୁ ବାଲେଶ୍ୱର ସଦର ପୋଲିସ ହାତରେ ଜିମା ଦିଆଯାଇଥିବା ଜଣା ଯାଇଛି। ତେବେ ବାଲେଶୂର ପୋଲିସ ମୃଷାର ଡାକ୍ତରୀ ମାଇନା କରି ସେ ହତ୍ୟାରେ ବ୍ୟବହାର କରିଥିବା ଧାରୁଆ ଅସ୍ତ୍ର ସହ ବାଲେଶ୍ୱର ନେଇ ଯାଇଛନ୍ତି। ଶୁକ୍ରବାର ପାଟଣା ସ୍ଥଳକୁ ଆଣି ଘଟଣାର ସିନ୍ ରିକ୍ରିଏସନ କରାଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି।

# ଆଦିବାସୀ ନୃତ୍ୟରେ ଦୁଲୁକିଲା ଜନଜାତି ବୈଠକ, ସମ୍ବର୍ଦ୍ଧିତ ହେଲେ ଛାତ୍ରୀ



ପାଟଣା,୨୫।୬( ସଂଚାର ବ୍ୟୁରୋ): କେନ୍ଦୁଝର ଜିଲା ପାଟଣା ପରିସରରେ ଗୁରୁବାର ବ୍ଲକ ସ୍ତରୀୟ ଜନ ଜାତି ସମ୍ବାଦ ବୈଠକ ଅନୁଷ୍ଠିତ ହୋଇଥିଲା । ଓଡିଶା ସରକାରଙ୍କ ୨ବର୍ଷ ପୂର୍ତ୍ତି ଅବସରରେ ଏହା ପାଳନ କରାଯାଇଛି । ଏଥିରେ କେନ୍ଦ୍ର ଓ ରାଜ୍ୟ ସରକାର ଜନଜାତି ବର୍ଗ ସଂସ୍କୃତି, କଳା, ଭାଷା, ଗୀତ, ନୃତ୍ୟ, ଉପାସନା ପୀଠ, କର୍ମ ନିଯୁକ୍ତି ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଆୟୋଜିତ ସଭା ପାଟଣା ବିଡ଼ିଓ ମାନସ କୁମାର ଦଣ୍ଡପାଟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଏମପି ଅନନ୍ତ ନାୟକ, ସମ୍ମାନୀତ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ମମିତା ନାଏକ, ବ୍ଲକ୍ ଅଧ୍ୟକ୍ଷା ବୀଣା ପାଣି ନାୟକ, ଏମଙ୍କ ବ୍ଲକ୍ ପ୍ରତିନିଧି ପ୍ରହଲ୍ଲାଦ ପଲେଇ, ପୂର୍ବତନ ପାଟଣା ବ୍ଲକ୍ ଅଧ୍ୟକ୍ଷବିଶ୍ୱନାଥ ନାୟକ, ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ, ଜିଲା ଭାଜପା ଆଦିବାସୀ ସଭାପତି ପ୍ରବୀର ନାଏକ ପ୍ରମୁଖ ଯୋଗ ଦେଇ ଜନଜାତିଙ୍କ ବିକାଶ ଏବଂ ସାମାଜିକ ସଶକ୍ତିକରଣ ଉପରେ ଆଲୋକପାତ କରିଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟରେ ବିଦ୍ୟା ପ୍ରବେଶ ଉତ୍ସବ, ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା



ଭଞ୍ଜନଗର,୨୫।୬ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲା ଭଞ୍ଜନଗର କେନ୍ଦ୍ରୀୟ ବିଦ୍ୟାଳୟରେ ଗୁରୁବାର ପ୍ରଥମ ଶ୍ରେଣୀର ବିଦ୍ୟା ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ପ୍ରଦୀପ କମାନୁ ସଭାପତିତ୍ୱ କରି କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ଇତିହାସ ଓ ଶିକ୍ଷା ପ୍ରଣାଳୀ ସଂପର୍କରେ କହିଥିଲେ। ଭଞ୍ଜନଗର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ଲୋପାମୁଦ୍ରା ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବାଗତ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବରିଷ୍ଠ ଶିକ୍ଷକ ଓଁକାର ଅଙ୍କିତ ସଭାକୁ ସଂଯୋଜନା କରିଥିଲେ। ଚଳିତ ବର୍ଷ ଷ୍ଟାଣ୍ଡାର୍ଡ ୧ ରେ ୪୦ ଜଣ ଛାତ୍ରୀ ଛାତ୍ର ନାମ ଲେଖାଇଥିବା ବେଳେ ଅନ୍ୟଜଣେ ବଦଳି ହୋଇ ଆସିଛନ୍ତି।